



# ୧
# ସଂସ୍କୃତି : ଏକ ପରିଚୟ

ଇଂରାଜୀ ଶବ୍ଦ 'culture' ଲାଟିନ ଶବ୍ଦ 'cult' ବା cultus ରୁ ଆସିଅଛି । ଏହାର ଅର୍ଥ tilling ବା cultivating (ଜମି ଚାଷ କରିବା) ବା ମାର୍ଜିତ ତଥା ସୁନ୍ଦର କରିବା (Refining) ଏବଂ ପୂଜା କରିବା । ମୋଟା ମୋଟି ଏହାର ଅର୍ଥ ହେଉଛି ଭୂମି ପ୍ରସ୍ତୁତ କରିବା ଏବଂ ଗୋଟିଏ ପଦାର୍ଥକୁ ଏତେ ମାର୍ଜିତ କରିବା ଯେ, ଶେଷରେ ତାହା ଯେପରି ଆମ ପ୍ରଶଂସା ଏବଂ ସମ୍ମାନର ଯୋଗ୍ୟ ବିବେଚିତ ହେବ । ସଂସ୍କୃତ ଭାଷାରେ ଏହାକୁ ସଂସ୍କୃତି କହନ୍ତି । ସଂସ୍କୃତି ଶବ୍ଦଟି ସଂସ୍କୃତ ମୂଳ ଶବ୍ଦ 'କ୍ରୀ' (କରିବା)ରୁ ଆସିଅଛି । ଏହି ମୂଳ ଶବ୍ଦରୁ ତିନୋଟି ଶବ୍ଦ ଆସିଅଛି । କ୍ରୀ; ପ୍ରକୃତି (ମୌଳିକ ପଦାର୍ଥ ବା ଅବସ୍ଥା); ସଂସ୍କୃତି (ମାର୍ଜିତ ବସ୍ତୁ ବା ଅବସ୍ଥା) ଏବଂ ବିକୃତି (ପରିବର୍ତ୍ତିତ ବା ନଷ୍ଟ ହୋଇଯାଇଥିବା ପଦାର୍ଥ ବା ଅବସ୍ଥା) । ଯେତେବେଳେ ପ୍ରକୃତି (ପଦାର୍ଥ) ମାର୍ଜିତ ହୁଏ ତାହା ସଂସ୍କୃତି ହୁଏ ଏବଂ ଯେତେବେଳେ ଭାଙ୍ଗିଯାଏ କିମ୍ବା ନଷ୍ଟ ହୋଇଯାଏ ତାହା ହୁଏ ବିକୃତି ।



## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେ ନିମ୍ନଲିଖିତ କଥା ଜାଣିପାରିବ :

- ସଂସ୍କୃତିର ଅର୍ଥ ଏବଂ ତତ୍ତ୍ୱ ତୁମେ ଜାଣିପାରିବ ।
- ମାନବ ସଭ୍ୟତା ଏବଂ ସଂସ୍କୃତି ମଧ୍ୟରେ ଥିବା ସମ୍ପର୍କ ବି ବୁଝିପାରିବ ।
- ସଂସ୍କୃତି ଏବଂ ପରମ୍ପରା ତଥା ଐତିହ କିପରି ସଂଯୁକ୍ତ ହୋଇଛି ତାହା ତୁମେ ଜାଣିପାରିବ ।
- ମଣିଷ ଜୀବନ ଉପରେ ସଂସ୍କୃତିର ପ୍ରଭାବ ଏବଂ ଭୂମିକା ସମ୍ବନ୍ଧରେ ଆଲୋଚନା କରିବା ।

## ସଂସ୍କୃତିର ଚିନ୍ତାକଳ୍ପ (Concept)

ସଂସ୍କୃତି ହେଉଛି ମଣିଷ ଜୀବନର ଏକ ଶୈଳୀ, ତୁମର ଖାଦ୍ୟ, ପୋଷାକ, କହୁଥିବା ଭାଷା, ତୁମେ ପୂଜା କରୁଥିବା ଠାକୁର – ଏହିସବୁ ସଂସ୍କୃତିର ଗୋଟିଏ ଗୋଟିଏ ରୂପ । ନିହାତି ସରଳ ଭାଷାରେ ଆମେ କହିପାରିବା ଯେ, ସଂସ୍କୃତି ହେଉଛି ଆମେ ଯେପରି ଚିନ୍ତାକରୁ ଏବଂ କାର୍ଯ୍ୟ କରୁ, ତାହାର ଏକ ପ୍ରତିରୂପ । ଆମେ ସମାଜର ଗୋଟିଏ ଗୋଟିଏ ଅଂଶ ହୋଇଥିବାରୁ ସମାଜରୁ କିଛି ପରିମାଣରେ ଆମେ ଏସବୁକୁ ପାଇଥାଉ । ସମାଜ ହେଉଛି ମଣିଷମାନଙ୍କର ଗୋଷ୍ଠୀ ଏବଂ ଆମେ ସେହି ଗୋଷ୍ଠୀ ଅନ୍ତର୍ଭୁକ୍ତ ଜଣେ ଜଣେ ବ୍ୟକ୍ତି । ଏହି କାରଣରୁ ଆମେ ଆମ ଜୀବନ ଶୈଳୀରେ ସମାଜର ଅନ୍ୟ ମଣିଷଙ୍କଠାରୁ କିଛି ଶିକ୍ଷାଲାଭ କରୁ, ଅନୁକରଣ କରୁ ଏବଂ ଗ୍ରହଣ କରୁ । ସେସବୁ ମିଶାମିଶି ହୋଇ ଆମ ସଂସ୍କୃତି ହୋଇଯାଏ । କଳା, ସଙ୍ଗୀତ, ସାହିତ୍ୟ, ନିର୍ମାଣ କଳା,

ସ୍ଥାପତ୍ୟ, ଦର୍ଶନ, ଧର୍ମ ଏବଂ ବିଜ୍ଞାନ – ଏ ସମସ୍ତ ହେଉଛି ସଂସ୍କୃତିର ଅନ୍ତର୍ଭୁକ୍ତ । ଆହୁରି ମଧ୍ୟ ଆମର ପ୍ରଚଳିତ ପ୍ରଥା, ପରମ୍ପରା, ପର୍ବପର୍ବାଣୀ, ଆମ ଜୀବନ ଶୈଳୀ ଓ ଜୀବନର ବିଭିନ୍ନ ଦିଗ ପ୍ରତି ଆମର ଦୃଷ୍ଟିଭଙ୍ଗୀ – ଏସବୁ ଆମ ସଂସ୍କୃତିରେ ଅନ୍ତର୍ଭୁକ୍ତ ।

ସଂସ୍କୃତିକୁ ମଣିଷ ତିଆରି କରିଥାଏ । ଏହା ମଣିଷର ଗୋଷ୍ଠୀ ଜୀବନରେ ଥିବା ସବୁ କଥାକୁ ବୁଝାଏ । ଏହା ପୁରୁଷାନୁକ୍ରମିକ ଭାବରେ ଗଡ଼ିଚାଲେ । ସମାଜ–ବିଜ୍ଞାନୀମାନେ ସ୍ୱୀକାର କରନ୍ତି ଯେ, ମଣିଷ ଆହରଣ କରିଥିବା ସମସ୍ତ ବିଦିତ ଏବଂ ଅବିଦିତ ଆଚରଣ ମଧ୍ୟ ସଂସ୍କୃତିର ଅନ୍ତର୍ଭୁକ୍ତ । ତାହା ଗୋଟିଏ ଗୋଷ୍ଠୀ ହାସଲ କରିଥିବା ସଫଳତାରେ ଏବଂ ମଣିଷ ନିର୍ମିତ ପ୍ରତ୍ନତାତ୍ତ୍ୱିକ ଦ୍ରବ୍ୟଗୁଡ଼ିକରେ ଥିବା ପ୍ରତୀକ ମାଧ୍ୟମରେ ପ୍ରେରିତ ହୁଏ । ଏହିପରି ଏକ ଗୋଷ୍ଠୀର ସୂକ୍ଷ୍ମ କଳ୍ପନା ହେଉଛି ସଂସ୍କୃତିର ମୌଳିକ ଉପାଦାନ ତଥା କେନ୍ଦ୍ରସ୍ଥଳ । ଏଗୁଡ଼ିକ ଇତିହାସରୁ ଉଦ୍ଭୂତ ହୋଇଥାଏ ଏବଂ ସେଗୁଡ଼ିକୁ ସେମାନେ ସେଗୁଡ଼ିକର ଅନ୍ତର୍ନିହିତ ମୂଲ୍ୟ ସହିତ ଚୟନ କରନ୍ତି । ସାମ୍ପ୍ରତିକ କାଳରେ ଇତିହାସରୁ ଉଦ୍ଭବ ହୋଇଥିବା ନମୁନାଗୁଡ଼ିକର ଅର୍ଥ, ସେହି ନମୁନାରେ ସନ୍ନିବେଶିତ ହୋଇଥାଏ । ଏହା ସାହାଯ୍ୟରେ ଲୋକମାନେ ଯୋଗାଯୋଗ କରିପାରନ୍ତି, କୌଣସି ଜିନିଷକୁ ସ୍ମରଣୀୟ କରିପାରନ୍ତି, ନିଜ ଜ୍ଞାନକୁ ଉନ୍ନତ କରିପାରନ୍ତି ଏବଂ ଜୀବନ ପ୍ରତି ଥିବା ମନୋଭାବକୁ ପ୍ରକାଶ କରିପାରନ୍ତି ।

ସଂସ୍କୃତି ହେଉଛି ଆମ ଜୀବନଯାପନ ଶୈଳୀରେ ଏବଂ ଆମ ଚିନ୍ତାଧାରାରେ ପ୍ରସ୍ଫୁଟିତ ହେଉଥିବା ଆମ ପ୍ରକୃତିର ପରିପ୍ରକାଶ । ଏହା ଆମ ସାହିତ୍ୟରେ, ଆଧ୍ୟାତ୍ମିକ ଅଭ୍ୟାସରେ, ଚିତ୍ତବିନୋଦନରେ ଏବଂ ଆନନ୍ଦ ଉଲ୍ଲାସରେ ପରିଦୃଷ୍ଟ ହୁଏ । ସଂସ୍କୃତିର ଦୁଇଟି ସ୍ୱତନ୍ତ୍ର ଉପାଂଶ ରହିଛି ଯଥା ବସ୍ତୁ ଏବଂ ଯାହା ବସ୍ତୁ ହୋଇନଥାଏ (ଅବସ୍ତୁ) । ବସ୍ତୁବାଦୀ ସଂସ୍କୃତିରେ, ଆମ ଜୀବନର ବସ୍ତୁବାଦୀ ଦିଗ ସହିତ ସମ୍ପୃକ୍ତ ଆମ ପୋଷାକ ପରିଚ୍ଛଦ, ଖାଦ୍ୟ ପାନୀୟ ଏବଂ ସମସ୍ତ ଗୃହ ଉପକରଣ ଆଦି ଯାବତୀୟ ଜଡ଼ ପଦାର୍ଥ ସନ୍ନିବେଶିତ ହୋଇଥାଏ । ସଂସ୍କୃତିର ଅନ୍ୟ ଅଂଶଟି ଆମ ଧାରଣା, ନୀତି, ଆଦର୍ଶ, ଚିନ୍ତାଧାରା ଏବଂ ବିଶ୍ୱାସକୁ ବୁଝାଇ ଥାଏ ।

ସ୍ଥାନକୁ ସ୍ଥାନ, ଦେଶକୁ ଦେଶ ସଂସ୍କୃତି ଭିନ୍ନ ଭିନ୍ନ ହୁଏ । ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ପୃଷ୍ଠଭୂମିରେ ଐତିହାସିକ ପ୍ରକ୍ରିୟା ନିର୍ବାହ କରିବାରେ ଏହି ସଂସ୍କୃତିର ବିକାଶ ପର୍ଯ୍ୟବେସିତ । ଉଦାହରଣ ସ୍ୱରୂପ ଆମର ଅନ୍ୟକୁ ସ୍ୱାଗତ ଜଣାଇବାର ଶୈଳୀ, ଆମ ପୋଷାକ, ଖାଦ୍ୟ, ସାମାଜିକ ଏବଂ ଧାର୍ମିକ ପ୍ରଥା ଓ କାର୍ଯ୍ୟାବଳୀ – ଏସବୁଥିରେ ଆମେ ପାଶ୍ଚାତ୍ୟ ଜଗତଠାରୁ ଭିନ୍ନ ହୋଇଥାଉ । ଅନ୍ୟ ଭାଷାରେ ଯେ କୌଣସି ଦେଶର ଲୋକମାନେ ସେମାନଙ୍କର ସ୍ୱତନ୍ତ୍ର ସାଂସ୍କୃତିକ ପରମ୍ପରା ଦ୍ୱାରା ଚିହ୍ନିତ ହୋଇଥାନ୍ତି ।

## ପାଠଗତ ପ୍ରଶ୍ନାବଳୀ ୧.୧

୧. ସଂସ୍କୃତି (culture) ଏବଂ ସଂସ୍କୃତ (Sanskrit), ଏହି ଦୁଇଟି ଶବ୍ଦର ଅର୍ଥ ସମାନ । ଏହା ତୁମେ କିପରି କହିପାରିବ ?

________________________________________

________________________________________

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ମଣିଷର ଏବଂ ଗୋଷ୍ଠୀର ସମସ୍ତ ଲକ୍ଷସାଧନକୁ . . . . . . . . . . . . କୁହାଯାଏ ।

(ଖ) ସଂସ୍କୃତିର ଦୁଇଟି ଉପାଦାନ ଥାଏ । ଯଥା ବସ୍ତୁ ଏବଂ . . . . . . . . . ।

## ୧.୨ ସଂସ୍କୃତି ଏବଂ ସଭ୍ୟତା

'ସଂସ୍କୃତି' ଓ 'ସଭ୍ୟତା' ସବୁବେଳେ ଦୁଇଟି ସମାର୍ଥ ବୋଧକ ଶବ୍ଦ ଭାବରେ ବ୍ୟବହୃତ ହୁଏ । କିନ୍ତୁ ପ୍ରକୃତରେ ସେ ଦୁଇଟିର ଭିନ୍ନ ଅର୍ଥ ସ୍ପଷ୍ଟ ଭାବରେ ବୁଝାଇବା ପାଇଁ ସଂଜ୍ଞା ନିରୂପିତ ହୋଇ ରହିଛି । ଜୀବନ ଯାପନ ପାଇଁ ଉତ୍ତମ ପନ୍ଥା ରହିଥିବାକୁ ସଭ୍ୟତା କୁହାଯାଏ ଏବଂ ସମୟ ଅନୁଯାୟୀ ନିଜ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ନୂତନ ଦିଗକୁ ଯିବାକୁ ସଭ୍ୟତା କୁହାଯାଏ । ରାଜନୈତିକ ଭାବରେ ଜୀବନର ଉତ୍ତମ ଅବସ୍ଥା ପାଇଁ ଏକତ୍ରୀତ ହୋଇ କାର୍ଯ୍ୟ କରୁଥିବା ଗୋଷ୍ଠୀ ଗଠନ କରିବା ମଧ୍ୟ ସଭ୍ୟତା । ଏହି ପରିପ୍ରେକ୍ଷୀରେ କେତେକ ଗୋଷ୍ଠୀ ନିଜକୁ ସଭ୍ୟ ମନେକରନ୍ତି ଏବଂ ଅନ୍ୟମାନଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି । କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସ୍ୱଭାବ ସଂଘର୍ଷର କାରଣ ହୁଏ ଏବଂ ଗଣବିଧ୍ୱଂସୀ ମଧ୍ୟ ହୁଏ ।

ଅନ୍ୟପକ୍ଷରେ ସଂସ୍କୃତି ମଣିଷର ଆଭ୍ୟନ୍ତରୀଣ ସ୍ଥିତି, ମସ୍ତିଷ୍କ ଏବଂ ହୃଦୟର ଉତ୍କର୍ଷ ସାଧନକୁ ଦର୍ଶାଏ । ଏଥିରେ କଳା, ବିଜ୍ଞାନ, ସଙ୍ଗୀତ, ନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟାବଳୀ ମଧ୍ୟ ଅନ୍ତର୍ଭୁକ୍ତ । ଜଣେ ମଣିଷ ଦରିଦ୍ର ହୋଇପାରେ, ସେ ଶସ୍ତା ପୋଷାକ ପିନ୍ଧିପାରେ ଏବଂ ଅନ୍ୟମାନେ ତାକୁ ଅସଭ୍ୟ ବୋଲି ଭାବି ପାରନ୍ତି । ତଥାପି ସେ ସବୁଠୁ ବେଶୀ ସୁସଂସ୍କୃତ ତଥା ମାର୍ଜିତ ମଣିଷଟିଏ ହୋଇଥାଇପାରେ । ଏକ ପ୍ରଚୁର ଧନଶାଳୀ ବ୍ୟକ୍ତି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରି ସଭ୍ୟ ଭାବରେ ପରିଗଣିତ ହୋଇପାରେ । କିନ୍ତୁ ସେ ଉଚ୍ଚ ସଂସ୍କୃତି ସମ୍ପନ୍ନ ତଥା ମାର୍ଜିତ ନ ହୋଇପାରେ ।

ତେଣୁ ସଂସ୍କୃତି ସଭ୍ୟତାଠାରୁ ଭିନ୍ନ । ସଂସ୍କୃତି ମଣିଷର ଆଭ୍ୟନ୍ତରୀଣ ସତ୍ତାର ଆଭ୍ୟନ୍ତରୀଣ ପରିଶୋଧନ ତଥା ଅଧିକ ଉତ୍କର୍ଷ ସାଧନ । ମଣିଷ କେବଳ ଏକ ଦେହଧାରୀ ସତ୍ତା ନୁହେଁ । ସେ ତିନୋଟି ସ୍ତରରେ ବାସକରେ ଏବଂ କାର୍ଯ୍ୟ କରେ । ଏହି ତିନୋଟି ସ୍ତର ହେଉଛି ଶାରିରୀକ, ମାନସିକ ଏବଂ ଆଧାତ୍ମିକ । ଏକ ଉତ୍ତମ ସାମାଜିକ ଏବଂ ରାଜନୈତିକ ଜୀବନର ପନ୍ଥା ଏବଂ ଆମ ଚାରିପାଖରେ ଥିବା ପ୍ରକୃତିର ଉତ୍ତମ ଉପଯୋଗ ସଭ୍ୟତା ନାମରେ ଅଭିହିତ ହୋଇପାରେ । କିନ୍ତୁ ସୁସଂସ୍କୃତ ହେବାପାଇଁ ଏହା ଯଥେଷ୍ଟ ନୁହେଁ । କେବଳ ଯେତେବେଳେ ଜଣେ ମଣିଷ ଅନ୍ତରର ଗଭୀରତମ ସ୍ତରରେ ଥିବା ବୋଧଶକ୍ତି ଏବଂ ଚେତନାର ପରିପ୍ରକାଶ ହୁଏ ସେତେବେଳେ ଆମେ ତାକୁ ସୁସଂସ୍କୃତ ସମ୍ପର୍ଣ୍ଣ ବୋଲି କହିପାରିବା ।

### ପାଠଗତ ପ୍ରଶ୍ନାବଳୀ ୧.୨

୧. ସଂସ୍କୃତି ଏବଂ ସଭ୍ୟତା ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

_______________________________________________

୨. ସଂସ୍କୃତି ଏବଂ ସଭ୍ୟତା ମଧ୍ୟରେ ଥିବା ଦୁଇଟି ସମାନତା ଦର୍ଶାଅ ।

_______________________________________________

## ୧.୩ ସଂସ୍କୃତି ଏବଂ ପରମ୍ପରା

ସାଂସ୍କୃତିକ ବିକାଶ ଏକ ଐତିହାସିକ ପ୍ରକ୍ରିୟା । ଆମ ପୂର୍ବପୁରୁଷମାନେ ସେମାନଙ୍କ ପୂର୍ବପୁରୁଷଙ୍କଠାରୁ ଅନେକ କିଛି ଶିକ୍ଷା ଲାଭ କରିଥିଲେ । ସମୟକ୍ରମେ ସେମାନେ ମଧ୍ୟ ନିଜ ଅନୁଭୂତିରୁ ସେଥିରେ କିଛି ମିଶାଇଲେ ଏବଂ ସେଥିରୁ କିଛି ଦରକାର ନହେଉଥିବା କଥା ପରିତ୍ୟାଗ କଲେ । ଆମେ ମଧ୍ୟ ଆମ ପୂର୍ବପୁରୁଷଙ୍କଠାରୁ ବହୁତ କିଛି





ଶିକ୍ଷାଲାଭ କରିଛୁ । ସମୟ ସ୍ରୋତରେ ଆମେ ମଧ୍ୟ ସେଥିରେ କିଛି ନୂଆ ଚିନ୍ତାଧାରା, ନୂଆ ତଥ୍ୟ ମିଶାଉଛୁ ଏବଂ ଆମ ବିଚାରରେ ଯାହା ଅଦରକାରୀ ତାହା ତ୍ୟାଗ କରୁଛୁ । ଏହିପରି ସଂସ୍କୃତି ଗୋଟିଏ ପିଢ଼ିରୁ ପରବର୍ତ୍ତୀ ପିଢ଼ି ପାଖରେ ପହଞ୍ଚି ପାରୁଛି । ଆମ ପୂର୍ବ ପୁରୁଷଙ୍କଠାରୁ ପାଇଥିବା ସଂସ୍କୃତିକୁ ଆମେ ସାଂସ୍କୃତିକ ପରମ୍ପରା ତଥା ଐତିହ ବୋଲି କହୁ । ଏହି ପରମ୍ପରା ବିଭିନ୍ନ ସ୍ତରରେ ତିଷ୍ଠି ରହେ । ମୋଟା ମୋଟି ଭାବରେ ମଣିଷ ସମାଜ ଉତ୍ତରାଧିକାର ସୂତ୍ରରେ ଏକ ସଂସ୍କୃତି ପାଇଥାଏ ଯାହାକୁ ମଣିଷର ଐତିହ କୁହାଯାଏ । ଗୋଟିଏ ଜାତି ତଥା ରାଷ୍ଟ୍ର ମଧ୍ୟ ଉତ୍ତରାଧିକାର ସୂତ୍ରରେ, ଯେଉଁ ସଂସ୍କୃତି ପାଇଥାଏ ତାକୁ 'ଜାତୀୟ ସଂସ୍କୃତି ଐତିହ' କୁହାଯାଏ ।

ସାଂସ୍କୃତିକ ଐତିହରେ ସଂସ୍କୃତିର ସମସ୍ତ ଦିଗ ଏବଂ ଏହାର ଉପଯୋଗିତା ସନ୍ନିବିଷ୍ଟ ହୋଇଥାଏ । ପୁରୁଷାନୁକ୍ରମିକ ଭାବରେ ମଣିଷମାନେ ଏହା ପୂର୍ବପୁରୁଷଙ୍କଠାରୁ ପାଇଥାଆନ୍ତି । ସେମାନେ ଏହାକୁ ଆଦର କରନ୍ତି, ଏହାକୁ ସୁରକ୍ଷା ଦିଅନ୍ତି, ଏହାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯତ୍ନ କରନ୍ତି ଏବଂ ସର୍ବୋପରି ସେମାନେ ଏଥିପାଇଁ ଗର୍ବ ଅନୁଭବ କରନ୍ତି ।

ଐତିହର ଧାରଣାକୁ ବୁଝିବା ପାଇଁ କେତେକ ଉଦାହରଣ ସାହଯ୍ୟ କରିବ । ଆଗ୍ରାର ତାଜମହଲ, ଗାନ୍ଧୀ ନଗରର ସ୍ୱାମୀନାରାୟଣ ମନ୍ଦିର, ଦିଲ୍ଲୀର ଲାଲକିଲା, କୁତବ ମୀନାର, ମହୀଶୂର ପ୍ୟାଲେସ, ଦିଲଓ୍ୱାରା (ରାଜସ୍ଥାନ)ର ଜୈନ ମନ୍ଦିର, ନିଜାମୁଦ୍ଦିନ ଅଭଲିଆର ଦରଘା (ପୀରଙ୍କ କବରଥିବା ପୂଣ୍ୟ ସ୍ଥାନ), ଅମୃତସରର ସ୍ୱର୍ଣ୍ଣ ମନ୍ଦିର, ଦିଲ୍ଲୀର ଗୁରୁଦ୍ୱାର ଶିଟାଗଞ୍ଜ, ସାଞ୍ଚିସ୍ତୁପ, ଗୋଆର ଖ୍ରୀଷ୍ଟିଆନ ଚର୍ଚ୍ଚ, ଇଣ୍ଡିଆ ଗେଟ ପ୍ରଭୃତି ସମସ୍ତେ ଆମ ଐତିହର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟନ୍ତି । ଯେକୌଣସି ଉପାୟରେ ଏଗୁଡ଼ିକ ସୁରକ୍ଷିତ ରହିବା ଆବଶ୍ୟକ । ସମସ୍ତ ପ୍ରତ୍ନତାତ୍ତ୍ୱିକ କଳାକୃତି, ସ୍ମାରକ ସ୍ତମ୍ଭ, ଐତିହାସିକ ସୌଧ, ମନ୍ଦିର ଗୃହ, ଦୁର୍ଗ ଆଦି ସହିତ ବୌଦ୍ଧିକ କୀର୍ତ୍ତୀ, ଦର୍ଶନ, ଜ୍ଞାନ ଭଣ୍ଡାର, ବୈଜ୍ଞାନିକ ଉଦ୍‌ଭାବନ ଓ ଆବିଷ୍କାରଗୁଡ଼ିକ ମଧ୍ୟ ଆମ ଐତିହର ଅଂଶ ବିଶେଷ । ଭାରତୀୟ ପୃଷ୍ଠଭୂମିରେ, ଗଣିତ, ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ରରେ ବୌଦ୍ଧାୟନ, ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ, ପଦାର୍ଥ ବିଜ୍ଞାନରେ କନଦ ଓ ବରାହମିହିର, ରସାୟନ ବିଜ୍ଞାନରେ ନାଗାର୍ଜୁନ, ଔଷଧରେ ସୁସ୍ରୁତ ଓ ଚରକ, ଯୋଗରେ ପାତଞ୍ଜଳୀ, ହେଉଛନ୍ତି ଭାରତୀୟ ସାଂସ୍କୃତିକ ଐତିହର ଗଭୀର ଜ୍ଞାନ ସମ୍ବଳିତ ସମ୍ପଦ । ସଂସ୍କୃତି ପରିବର୍ତ୍ତନଶୀଳ, କିନ୍ତୁ ଆମ ଐତିହ ଅପରିବର୍ତ୍ତନୀୟ ଅଟେ । ଆମେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣିଷମାନେ ଅନ୍ୟ ଦେଶବାସ୍ଥାନରେ ବାସ କରୁଥିବା ଲୋକଙ୍କର ସଂସ୍କୃତିରୁ କିଛି ବ୍ୟବହାର କରିପାରୁ । କିନ୍ତୁ ଆମର ନିଜସ୍ୱ ଭାରତୀୟ ସାଂସ୍କୃତିକ ଐତିହ ଅପରିବର୍ତ୍ତନୀୟ ରହେ । ଆମ ଐତିହ ଆମକୁ ଏକାଠି ବାନ୍ଧି ରଖେ । ସଠିକ ଜ୍ଞାନ, ସଠିକ୍ କାର୍ଯ୍ୟ, ସଠିକ୍ ଆଚରଣ ଏବଂ ଅଭ୍ୟାସ ଆଦିର ପନ୍ଥାଗୁଡ଼ିକୁ ପାଇବା ପାଇଁ ବେଦ, ଉପନିଷଦ, ଗୀତା ଏବଂ ଯୋଗ ପ୍ରଣାଳୀ ଆଦି ଭାରତୀୟ ସାହିତ୍ୟ ଏବଂ ଗ୍ରନ୍ଥଗୁଡ଼ିକର ଅପରିସୀମ ଅବଦାନ ରହିଛି ।

## ପାଠଗତ ପ୍ରଶ୍ନାବଳୀ ୧.୩

୧. ସାଂସ୍କୃତିକ ଐତିହ କ'ଣ ?

______________________________

______________________________

୨. ସାଂସ୍କୃତିକ ଐତିହର କେତୋଟି ଉଦାହରଣ ଦିଅ ।

______________________________

______________________________





## ୧.୪ ସଂସ୍କୃତିର ସାଧାରଣ ଗୁଣାବଳୀ

ଏଥର ଆମେ ସାରା ପୃଥିବୀର ସଂସ୍କୃତିଗୁଡ଼ିକ ମଧ୍ୟରେ ଥିବା ସମାନତା ସମ୍ବନ୍ଧରେ ଆଲୋଚନା କରିବା ।

୧. ସଂସ୍କୃତି ଶିକ୍ଷାଯାଏ ଏବଂ ଅର୍ଜନ କରାଯାଏ । ଆମର ଏପରି କିଛି ଆଚରଣ ଥାଏ, ଯାହା ଆମେ ବଂଶାନୁକ୍ରମେ ପ୍ରାପ୍ତ ହୋଇଥାଉ । ମଣିଷ ପିତାମାତାଙ୍କଠାରୁ କିଛି ଗୁଣ ପାଇଥାଏ । କିନ୍ତୁ ସାମାଜିକ ସଂସ୍କୃତି ଦାୟାଦ ଭାବରେ ଆମେ ପାଇ ନଥାଉ । ତାହା ଆମେ ଆମ ପରିବାରର ଲୋକଙ୍କଠାରୁ ଏବଂ ସମାଜରେ ବାସ କରୁଥିବା ଗୋଷ୍ଠୀ ତଥା ଲୋକମାନଙ୍କଠାରୁ ଶିଖିଥାଉ । ଏହିପରି ଯାହା ପ୍ରତୀୟମାନ ହୁଏ ମଣିଷର ସଂସ୍କୃତି, ପଦାର୍ଥିକ ଏବଂ ସାମାଜିକ ପରିବେଶ ଦ୍ୱାରା ପ୍ରଭାବିତ ହୁଏ ।

୨. ମଣିଷଙ୍କର ଗୋଟିଏ ଗୋଷ୍ଠୀ ବା ଦଳ ସଂସ୍କୃତିରେ ଅଂଶ ଗ୍ରହଣ କରନ୍ତି : ଯଦି ଗୋଟିଏ ଦଳ ବା ଗୋଷ୍ଠୀ ଗୋଟିଏ ଭାବନା ବା କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି ଓ ବିଶ୍ୱାସ କରନ୍ତି କିମ୍ବା ଅଭ୍ୟାସ କରନ୍ତି, ତାକୁ ସଂସ୍କୃତି କୁହାଯାଏ ।

୩. ସଂସ୍କୃତି କ୍ରମ ବର୍ଦ୍ଧନଶୀଳ ଅଟେ : ସଂସ୍କୃତିରେ ସନ୍ନିବେଶିତ ହୋଇଥିବା ବିଭିନ୍ନ ଜ୍ଞାନ ପୁରୁଷାନୁକ୍ରମିକ ଭାବରେ ପ୍ରସାରିତ ହୋଇଥାଏ । ସମୟ ସ୍ରୋତରେ ତାଳଦେଇ ଅଧିକରୁ ଅଧିକ ଜ୍ଞାନ ସେହି ନିର୍ଦ୍ଦିଷ୍ଟ ସଂସ୍କୃତିରେ ମିଶିଥାଏ । ତାହା ପୁରୁଷାନୁକ୍ରମିକ ଭାବରେ ଗଡ଼ି ଆସୁଥିବା ସମସ୍ୟାଗୁଡ଼ିକର ସମାଧାନ କରିପାରେ । ନିର୍ଦ୍ଦିଷ୍ଟ ସଂସ୍କୃତି ସହିତ ଏହି ପ୍ରକ୍ରିୟାର ପୁନାରାବୃତ୍ତି ସମୟ ସହିତ ସମତାଳ ଦେଇ ଘଟି ଚାଲିଥାଏ ।

୪. ସଂସ୍କୃତି ପରିବର୍ତ୍ତିତ ହୁଏ : ନୂଆ ସାଂସ୍କୃତିକ ଜ୍ଞାନର ପଦପାତ ଘଟିଲେ ପୁରୁଣା ଜ୍ଞାନ, ଚିନ୍ତାଧାରା ବା ପ୍ରଥାଗୁଡ଼ିକ ହଜିଯାଏ । ସମୟ ସ୍ରୋତରେ ସାଂସ୍କୃତିକ ପରିବର୍ତ୍ତନର ସମ୍ଭାବନା ଥାଏ ।

୫. ସଂସ୍କୃତି ହେଉଛି ଗତିଶୀଳ : ସଂସ୍କୃତି କୌଣସି ରାଜ୍ୟରେ ସ୍ଥାୟୀ ଭାବରେ ରହେ ନାହିଁ । ସମୟର ଗତି ଅନୁସାରେ ସଂସ୍କୃତିରେ ନୂଆ ଚିନ୍ତାଧାରା, ନୂଆ କୌଶଳମାନ ମିଶି ପୁରୁଣା ଚିନ୍ତାଧାରା ଏବଂ କୌଶଳଗୁଡ଼ିକର ଆଂଶିକ ପରିବର୍ତ୍ତନ ଘଟିଥାଏ । ଏହିପରି ସଂସ୍କୃତି ଅବିରତ ପରିବର୍ତ୍ତିତ ହେଉଥାଏ ।

୬. ସଂସ୍କୃତି ଆମକୁ ଏକ ଅନୁମୋଦିତ ଆଚରଣ ଶୈଳୀର ପରିସର ଦିଏ : ଗୋଟିଏ ବୃତ୍ତି କିପରି କାର୍ଯ୍ୟକାରୀ ହେବା ଉଚିତ, ଜଣେ ମଣିଷ କିପରି ଉପଯୁକ୍ତ ଭାବରେ କାର୍ଯ୍ୟ କରିବ, ଏହା ସେହି ଆଚରଣ ଶୈଳୀ ପର୍ଯ୍ୟାୟଭୁକ୍ତ ଅଟେ ।

୭. ସଂସ୍କୃତି ହେଉଛି ବିବିଧ ପ୍ରକାରର : ଏହା ଏପରି ଏକ କାର୍ଯ୍ୟ ପଦ୍ଧତି, ଯାହାର ପରସ୍ପର ଉପରେ ନିର୍ଭରଶୀଳ ଅଂଶମାନ ଥାଏ । ଯଦିଚ ଏହି ଅଂଶଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଆନ୍ତି, ତଥାପି ସେଗୁଡ଼ିକ ପରସ୍ପର ଉପରେ ନିର୍ଭର କରି ସମ୍ପୂର୍ଣ୍ଣ ସଂସ୍କୃତି ଗଠନ କରନ୍ତି ।

୮. ସଂସ୍କୃତିରେ ଆଦର୍ଶର ଧାରଣା ରହିଥାଏ : ସର୍ବଦା ଏହା ଏକ ଆଦର୍ଶ ସ୍ଥାନୀୟ ଆଚରଣ ଶୈଳୀ ଉପସ୍ଥାପନ କରିଥାଏ । ସମାନ ସଂସ୍କୃତିର ଲୋକମାନଙ୍କଠାରୁ ସାମାଜିକ ସ୍ୱୀକୃତି ପାଇବା ପାଇଁ ଏହି ଆଦର୍ଶ ସ୍ଥାନୀୟ ଆଚରଣ ଶୈଳୀ ଅନୁସରଣ କରିବାକୁ ମଣିଷମାନଙ୍କ ଠାରୁ ଆଶା କରାଯାଏ ।

## ପାଠଗତ ପ୍ରଶ୍ନାବଳୀ ୧.୪

୧. ଅନୁମୋଦନ ଆଚରଣ ଶୈଳୀ କ'ଣ ?

୨. ସଂସ୍କୃତି ଗତିଶୀଳ ବୋଲି ତୁମେ କିପରି କହିପାରିବ ?

## ୧.୫ ମଣିଷ ଜୀବନରେ ସଂସ୍କୃତିର ଗୁରୁତ୍ୱ

ସଂସ୍କୃତି ଅତି ନିବିଡ଼ ଭାବରେ ଜୀବନ ସହିତ ସଂଯୁକ୍ତ । ଏହା କେବଳ ଏକ ସଂଯୋଗିତ ଧାରା ନୁହେଁ, ଏହା ଏକ ଅଳଂକାର ଯାହାକୁ ମଣିଷ ହିସାବରେ ଆମେ ବ୍ୟବହାର କରିପାରୁ । ଏହା କେବଳ ମାତ୍ର ଏକ ରଙ୍ଗର ସ୍ପର୍ଶ ନୁହେଁ । ବରଂ ଏହା ଆମକୁ ମଣିଷ ଭାବରେ ଗଢ଼ି ତୋଳେ । ସଂସ୍କୃତି ବିନା ମଣିଷର ସ୍ଥିତି ନାହିଁ । ପରମ୍ପରା, ବିଶ୍ୱାସ, ଗଭୀର ଆଧ୍ୟାତ୍ମିକତାରୁ ଗଭୀର ବସ୍ତୁବାଦିତା – ଏ ସମସ୍ତଙ୍କ ସମ୍ମିଶ୍ରଣରେ ସଂସ୍କୃତି ତିଆରି ହୋଇଛି । ଏହା ଆମକୁ ଜୀବନର ଅର୍ଥ ବୁଝାଏ । ଜୀବନଯାପନ ନିମିତ୍ତ ଏହା ଆମର ମାର୍ଗ ଦର୍ଶନ କରେ । ମଣିଷମାନେ ହିଁ ସଂସ୍କୃତି ସୃଷ୍ଟି କରନ୍ତି । ଏହା ଆମକୁ ମଣିଷ କରେ ।

ଧର୍ମ ବିଶ୍ୱାସ ଏବଂ ଏହାର ପ୍ରତୀକାତ୍ମକ ଅଭିବ୍ୟକ୍ତି ହେଉଛି ସଂସ୍କୃତିର ଦୁଇଟି ମୌଳିକ ଉପାଦାନ । ଆମ୍ଭେମାନେ ଧାର୍ମିକ ପରିଚୟକୁ ମୂଲ୍ୟ ଦେବା ଉଚିତ ଏବଂ ଆଭ୍ୟନ୍ତରୀଣ ଆତ୍ମାର ଉନ୍ନତି ପାଇଁ କରୁଥିବା ପ୍ରଚେଷ୍ଟା ପ୍ରତି ଆମେ ସଚେତନ ରହିବା ଉଚିତ । ଏହି ଆଭ୍ୟନ୍ତରୀଣ ଆତ୍ମା ହେଉଛି ବାସ୍ତବରେ ଆନ୍ତଃ ସାଂସ୍କୃତିକ ଭାଷା ।

ଦିନକୁ ଦିନ ପୃଥିବୀ ଅଧିକରୁ ଅଧିକ ବ୍ୟାପକ ହେଉଛି ଏବଂ ଆମେ ଅଧିକ ବ୍ୟାପକ ସ୍ତରରେ ଏକତ୍ର ବାସ କରୁଛେ । ଏହି କାରଣରୁ ଏଠାରେ ବଞ୍ଚିବାର ଗୋଟିଏ ମାତ୍ର ଠିକଣା ବାଟ ଅଛି ଏବଂ ତାହା ନ୍ୟାୟସଙ୍ଗତ ବୋଲି ଆମେ ଭାବି ପାରିବା ନାହିଁ । ସହାବସ୍ଥାନ (ଏକାଠି ରହିବା)ର ଆବଶ୍ୟକତା ସଂସ୍କୃତିର ସହାବସ୍ଥାନ ଓ ବିଶ୍ୱାସକୁ ମଧ୍ୟ ଦରକାରୀ କରିଦିଏ । ଏହି ଭୁଲ ନକରିବା ପାଇଁ ଆମେ ଆମ ସଂସ୍କୃତିକୁ ଜାଣିବା ସହିତ ଅନ୍ୟମାନଙ୍କ ସଂସ୍କୃତିକୁ ମଧ୍ୟ ଜାଣିବା ଆବଶ୍ୟକ ।

ପ୍ରକୃତରେ ଆମେ ଆମ ନିଜ ସଂସ୍କୃତିକୁ ନ ଜାଣିଲେ କିପରି ଆମେ ଅନ୍ୟ ସଂସ୍କୃତିକୁ ଜାଣିପାରିବା ?

ସତ୍ୟ ସୁନ୍ଦର ଏବଂ ସଦ୍‌ଗୁଣର ତିନୋଟି ଶାଶ୍ୱତ ଓ ସାର୍ବଜନୀନ ମୂଲ୍ୟବୋଧ ସଂସ୍କୃତି ସହିତ ନିବିଡ଼ ଭାବରେ ସଂଯୁକ୍ତ । ଦର୍ଶନ ଏବଂ ଧର୍ମ ମାଧ୍ୟମରେ ସଂସ୍କୃତି ଆମକୁ ସତ୍ୟର ନିକଟତର କରାଏ । ଏହା କଳା ମାଧ୍ୟମରେ ଆମ ଜୀବନରେ ସୁନ୍ଦରତା ଆମେ ଏବଂ ଆମକୁ ସୁରୁଚି ସମ୍ପନ୍ନ କରାଏ । ଅନ୍ୟ ମଣିଷଙ୍କ ନିକଟ ସମ୍ପର୍କରେ ଆଣିଦିଏ ଏବଂ ଭଲପାଇବା, ସହନଶୀଳତା ଏବଂ ଶାନ୍ତିର ମୂଲ୍ୟ ଶିଖାଇ ସଂସ୍କୃତି ଆମକୁ ନୀତିବାନ୍ କରାଏ ।

## ପାଠଗତ ପ୍ରଶ୍ନାବଳୀ ୧.୫

୧. ଏକ ରୁଚି ସମ୍ପନ୍ନ ଜୀବନଯାପନ କରିବା ପାଇଁ ସଂସ୍କୃତି ଆମକୁ କ'ଣ ଦିଏ ?

୨. କେଉଁ ମଣିଷ, ସମାଜରେ, ସଂସ୍କୃତି ସମ୍ପନ୍ନ ନୁହେଁ ବୋଲି କୁହାଯିବ ?

## ତୁମେ କ'ଣ ଶିଖିଲ ?

- ଲାଟିନ ଶବ୍ଦ 'Cult' ବା 'Cuttus',ର ଯାହାର ଅର୍ଥ ମାର୍ଜନ କରିବା (Tilling or Refining) Culture ଶବ୍ଦ ଆସିଅଛି
- 'ସଂସ୍କୃତି' ମୂଳ ସଂସ୍କୃତ ଶବ୍ଦ (Kri) କ୍ରୀ (କରିବା)ରୁ ଆସିଛି ।
- ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଗୋଷ୍ଠୀ ଯେପରି ଜୀବନଯାପନ କରନ୍ତି, ସେମାନେ ଯେପରି ଜୀବିକା ନିର୍ବାହ କରନ୍ତି, ଚିନ୍ତା କରନ୍ତି, ଅନୁଭବ କରନ୍ତି ଏବଂ ଯେପରି ନିଜକୁ ଶୃଙ୍ଖଳିତ କରନ୍ତି, ଉତ୍ସବ ପାଳନ କରନ୍ତି ଏବଂ ଜୀବନର ଅଂଶ ଗ୍ରହଣ କରନ୍ତି – ଏସବୁକୁ ମିଶାଇ ସଂସ୍କୃତିର ଅର୍ଥ ବୁଝାଯାଏ ।
- ସଂସ୍କୃତିର ବିଭିନ୍ନ ଚରିତ୍ର ଥାଏ । ଏହାକୁ ଅର୍ଜନ କରାଯାଇପାରେ, ଏଥିରୁ ବିଚ୍ଛିନ୍ନ ହୋଇପାରେ, ଏଥିରେ ଅଂଶ ଗ୍ରହଣ କରିପାରେ । ଏହା କ୍ରମବର୍ଦ୍ଧନଶୀଳ । ଏହା ଗତିଶୀଳ, ନାନାବିଧ ଏବଂ ଏହା ଆମକୁ ଅନୁମୋଦିତ ଆଚରଣ ବିଧିର ଏକ ପରିସର ଦିଏ । ଏହା ପରିବର୍ତ୍ତନଶୀଳ, ଉଭୟ ପଦାର୍ଥ ଏବଂ ଯାହା ପଦାର୍ଥ ନୁହେଁ (ଅପଦାର୍ଥ) ଏହି ଦୁଇଟି ଉପାଦାନ ସଂସ୍କୃତିର ଅନ୍ତର୍ଭୁକ୍ତ ।
- ଗୁଢ଼ ଅର୍ଥରେ ସଂସ୍କୃତି ଉଦ୍ଭବ କରେ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ସ୍ଥାପତ୍ୟ, ଦୁର୍ଗ, ମନ୍ଦିର ସୌଧ, ସ୍ମୃତିସ୍ତମ୍ଭ, ରାଜପ୍ରାସାଦ ଆଦି ବିଭିନ୍ନ ବିଭିନ୍ନ ପ୍ରକାରର କଳାକୃତି, ଆହୁରି ମଧ୍ୟ ଏହା ସୃଷ୍ଟିକରେ ଅନେକ ସଂଗଠିତ ସଂସ୍ଥା ଏବଂ ଗଠନ ପ୍ରଣାଳୀ – ଯାହାଦ୍ୱାରା ସମାଜ ଶୃଙ୍ଖଳିତ ଭାବରେ, ସରଳ ଭାବରେ ଏବଂ ନିର୍ବିଘ୍ନ ଭାବରେ ଗତିକରେ ।
- ସଂସ୍କୃତି ଆମକୁ ଧାରଣା, କଳ୍ପନା, ନୀତି ଆଦର୍ଶ ଏବଂ ମୂଲ୍ୟବୋଧ ତଥା ଉପଯୋଗୀତା ଆଦି ଯୋଗାଇ ଦିଏ ।
- ଚରିତ୍ରରେ ଆତ୍ମ ସଂଯମ, ଅନ୍ୟ ହୃଦୟର ଭାବ ପ୍ରତି ବିଚାରଶୀଳତା, ଅନ୍ୟମାନଙ୍କ ଅଧିକାର ପ୍ରତି ସମ୍ମାନ ଏଗୁଡ଼ିକ ସଂସ୍କୃତିର ସର୍ବୋଚ୍ଚ ଚରିତ୍ର ଅଟେ ।
- ଉତ୍ତରାଧିକାର ସୂତ୍ରରେ ପୂର୍ବପୁରୁଷଙ୍କଠାରୁ ସଂସ୍କୃତିର ସବୁ ରୂପ, ସବୁ ବିଭବପର ପିଢ଼ିଙ୍କ ନିକଟକୁ ପ୍ରେରିତ ହେବା ହେଉଛି ସାଂସ୍କୃତିକ ଐତିହ ।
- ପ୍ରତ୍ନତାତ୍ତ୍ୱିକ କଳାକୃତୀ, ସ୍ମାରକ ସ୍ତମ୍ଭ, ନିର୍ମାଣ କୌଶଳଭିତ୍ତିକ ତଥ୍ୟାବଳୀ, ବୌଦ୍ଧିକ ଲକ୍ଷସାଧନ, ଦର୍ଶନ, ଜ୍ଞାନର ଆନନ୍ଦ, ବୈଜ୍ଞାନିକ ଉଦ୍‌ଭାବନ ଏବଂ ଆବିଷ୍କାର ପ୍ରଭୃତି ଐତିହର ଅଂଶ ବିଶେଷ ଅଟନ୍ତି ।

## ଅନ୍ତିମ ପ୍ରଶ୍ନାବଳୀ

୧. ସଂସ୍କୃତି ଧାରଣାର ସଂଜ୍ଞା କିପରି ନିରୂପଣ କରିବ ?

୨. ସଂସ୍କୃତି ଓ ସଭ୍ୟତା ମଧ୍ୟରେ କେଉଁ ସମାନତା ଅଛି ?

୩. ସାଂସ୍କୃତିକ ଐତିହ କ'ଣ ?





୪. ସଂସ୍କୃତିର ସାଧାରଣ ଚରିତ୍ରଗୁଡ଼ିକ କ'ଣ ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧.୧ ୧. ସଂସ୍କୃତି ଶବ୍ଦର ଆକ୍ଷରିକ ଅର୍ଥ ହେଉଛି କରିବା (To do) ଏବଂ ସଂସ୍କୃତ ଶବ୍ଦ 'ସଂସ୍କୃତି'ର ଆକ୍ଷରିକ ଅର୍ଥ ହେଉଛି କର୍ଷଣ ବା ମାର୍ଜନ କରିବା ବା ସୁନ୍ଦର କରିବା ବା ଶୋଧନ କରିବା ।

୨. (କ) ସଂସ୍କୃତି

(ଖ) ଯାହା ପଦାର୍ଥ ନୁହେଁ

୧.୨ ୧. ଆମେ କିପରି ଅଟୁ – ଏହା ହିଁ ସଂସ୍କୃତି । ଆମର ଯାହା ଅଛି ବା ଆମେ ଯାହା ବ୍ୟବହାର କରୁ, ତାହା ସଭ୍ୟତା ।

୨. ଉଭୟ ସଂସ୍କୃତି ଓ ସଭ୍ୟତା ପରିବର୍ତ୍ତନଶୀଳ ଅଟେ । ସଭ୍ୟତା ହେଉଛି ସଂସ୍କୃତିର ପ୍ରଗତି କରିଥିବା ଅବସ୍ଥା ।

୧.୩ ୧. ଆମ ପୂର୍ବ ପୁରୁଷଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଯେଉଁ ସଂସ୍କୃତି ଆମପାଖକୁ ଆସିଥାଏ ତାହାକୁ ସାଂସ୍କୃତିକ ଐତିହ୍ୟ କୁହାଯାଏ ।

୨. ତାଜମହଲ, ଦିଲ୍ଲୀର ଲାଲକିଲା, ବେଦ, ଉପନିଷଦ, ଗୀତା (ପ୍ରତ୍ନତାତ୍ତ୍ୱିକ ସ୍ମୃତିସ୍ତମ୍ଭ, ଜ୍ଞାନର ଗନ୍ତାଘର, ବୈଜ୍ଞାନିକ ଏବଂ ବୌଦ୍ଧିକ ଲକ୍ଷସାଧନ)

୧.୪ ୧. ସଂସ୍କୃତି ଏକ ଆଦର୍ଶ ଆଚରଣ ବିଧି ସୃଷ୍ଟି କରେ, ଯାହାକୁ ଅନୁସରଣ କରିବା ପାଇଁ ମନୁଷ୍ୟଠାରୁ ଆଶା କରାଯାଏ ।

୨. ସଂସ୍କୃତି ଅବିରତ ବଦଳୁଥାଏ । ସମୟ କ୍ରମେ ସେଥିରେ ନୂଆ ଧାରଣା ଏବଂ ନୂଆ କୌଶଳ ମିଶୁଥାଏ ।

୧.୫ ୧. ସଂସ୍କୃତି ଆମକୁ ଏକ ମାର୍ଜିତ ଏବଂ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ଧାରଣା, ନୀତି ଆଦର୍ଶ ଏବଂ ମୂଲ୍ୟବୋଧ ଯୋଗାଇ ଦିଏ ।

୨. ଯାହାର ଚିନ୍ତାରେ, ଅନୁଭବରେ ଏବଂ କର୍ମ କରିବାରେ ଆତ୍ମ ସଂଯମ ନଥାଏ, ତାକୁ ଏକ ଅସଭ୍ୟ ବା ବିକୃତ ମଣିଷ କୁହାଯାଇପାରେ ।

# ୨
# ଭାରତୀୟ ସଂସ୍କୃତି

ତୁମେ କେବେ ଭାବିଛ ଯେ, ମଣିଷ ଭାବରେ ଆମେ, ଭାଷା, ସାହିତ୍ୟ, କଳା ଓ ସ୍ଥାପତ୍ୟ, ବିଜ୍ଞାନ ଓ ଧର୍ମ ଆଦି ଜୀବନର ବିଭାଗରେ କେତେ ବିସ୍ମୟକର ଅଭିବୃଦ୍ଧି ଆଣିଛେ ? ଏହା କିପରି ସମ୍ଭବ ହେଲା ଭାବିଲେ ଆମେ ବିସ୍ମିତ ହେଉ । ଏହା ସମ୍ଭବ ହେଲା କାରଣ ପ୍ରତିଥର ଆମକୁ ନୂଆକରି ଆରମ୍ଭ କରିବାକୁ ପଡ଼େ ନାହିଁ । ବରଂ ଆମେ ପୂର୍ବପୁରୁଷଙ୍କ କାମକୁ ବ୍ୟବହାର କରିଥାଉ କିମ୍ବା ସେହିକାମ ଉପରେ କିଛି କରିଥାଉ । ଆମକୁ ଲେଖିବା ପାଇଁ ନିଜର ନୂଆ ପଦ୍ଧତି ତିଆରି କରିବାକୁ କିମ୍ବା ନିଜର ନୂଆ ଭାଷା ପ୍ରୟୋଗ କରିବାକୁ ପଡ଼େ ନାହିଁ । ଏହା ଆମକୁ ପୂର୍ବରୁ ଦିଆଯାଇଛି ଯାହାକୁ ଆମେ ସମାଜର ସଭ୍ୟ ଭାବରେ ଉପଭୋଗ କରୁ ଏବଂ ବ୍ୟବହାର କରୁ । ଆମେ ଏହା ଉପରେ କିଛି ତିଆରି କରୁ ଏବଂ ଏହା ଆଗାମୀ ପିଢ଼ି ପାଇଁ ଆମର ଅବଦାନ ତଥା ଆବଶ୍ୟକୀୟ ପଦାର୍ଥ ହୋଇ ରହେ । ଏହା ଏକ ଅଖଣ୍ଡିତ ଏବଂ ଶେଷହୀନ ପ୍ରକ୍ରିୟା । ଏହା ଏକ ଅମୂଲ୍ୟ ସମ୍ପଦ ଏବଂ ମଣିଷ ପାଇଁ ଅଦ୍ୱିତୀୟ, ଏହାକୁ କୁହାଯାଏ ସଂସ୍କୃତି । ସଂସ୍କୃତି ଜୀବନର ପନ୍ଥା । ତୁମର ଏବଂ ତୁମ ପରିବାରର ଏକ ସଂସ୍କୃତି ଥାଏ; ସେହିପରି ଥାଏ ତୁମ ଅଞ୍ଚଳର ଏବଂ ତୁମ ଦେଶର । ତୁମେ ଭାରତୀୟ ସଂସ୍କୃତିର ଏହି ଅସାଧାରଣତା ଜାଣିବାକୁ, ଏବଂ ତାର ବୈଶିଷ୍ଟ୍ୟ ଖୋଜିବାକୁ ଉଦ୍‌ବିଗ୍ନ ହେଉଥିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିବା ପରେ ତୁମେ,

- ଭାରତୀୟ ସଂସ୍କୃତିର ବିଶିଷ୍ଟ ଗୁଣଗୁଡ଼ିକର ବର୍ଣ୍ଣନା କରିପାରିବ ।
- ଭାରତୀୟ ସଂସ୍କୃତିର କେନ୍ଦ୍ରସ୍ଥଳ ଏବଂ ବୈଶିଷ୍ଟ୍ୟକୁ ଚିହ୍ନି ପାରିବ ।
- ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକତାର ଗୁରୁତ୍ୱକୁ ଆଲୋଚନା କରିପାରିବ ।
- ଏଥିରେ ଥିବା ବିଭିନ୍ନତା ଏବଂ ସମାନତାକୁ ବୁଝାଇ ପାରିବ ।
- ଭାରତୀୟ ସଂସ୍କୃତି ଅନ୍ୟ ସଂସ୍କୃତିର ଉପାଦାନ ଦ୍ୱାରା ପ୍ଲାବିତ ହେବା ଏବଂ ଏକୀଭୂତ ହେବାର ପ୍ରକ୍ରିୟାକୁ ଲକ୍ଷ୍ୟ କରିପାରିବ ।

## ୨.୧ ଭାରତୀୟ ସଂସ୍କୃତିର ବିଶେଷ ଗୁଣ

ଜୀବନ ପରି ଭାରତୀୟ ସଂସ୍କୃତିର ଅନେକ ପାର୍ଶ୍ୱ ରହିଅଛି । ଯେ କୌଣସି ମଣିଷର ବୌଦ୍ଧିକ ଏବଂ ସାମାଜିକ ଦିଗଗୁଡ଼ିକ ଏହାର ଅନ୍ତର୍ଗତ । ମଣିଷର ନୀତି ପ୍ରବଣତା ଏବଂ ଆଧ୍ୟାତ୍ମିକ ଉଦ୍ଦୀପନାକୁ ମଧ୍ୟ ଏହା ବିଚାରକୁ ନିଏ । ଫଳ ସ୍ୱରୂପ ଚରିତ୍ର ଗଠନ ପାଇଁ ମଣିଷର ଅବଚେତନ ସ୍ତରକୁ ଏକ ଶକ୍ତିପରି ନିବେଦନ କରିଥାଏ ।





ଭାରତର ମାନଚିତ୍ର ଉପରେ ଦୃଷ୍ଟି ପକାଇଲେ ଆମେ ଦେଖିବାକୁ ପାଉ ଯେ ଭାରତ ଏକ ବିଶାଳ ଦେଶ । ଏହାର ଭୌଗୋଳିକ ଏବଂ ସାମାଜିକ ପରିବେଶରେ ଅନେକ ବିଭିନ୍ନତା ପରିଲକ୍ଷିତ ହୁଏ । ଏଠାରେ ବାସ କରୁଥିବା ଲୋକମାନେ ବିଭିନ୍ନ ଭାଷା କୁହନ୍ତି । ଏମାନଙ୍କର ଧର୍ମ ଭିନ୍ନ ଭିନ୍ନ ହୋଇଥାଏ ଏବଂ ଭିନ୍ନ ଭିନ୍ନ ବିଧି ବିଧାନ ଏବଂ ସମାରୋହ ପାଳନ କରନ୍ତି । ସେମାନଙ୍କ ଖାଦ୍ୟ ପୋଷାକରେ ମଧ୍ୟ ବିବିଧତା ରହିଛି । ଆହୁରି ମଧ୍ୟ ଆମ ଦେଶର ସହସ୍ର ପ୍ରକାରର ନୃତ୍ୟ ଏବଂ ସଙ୍ଗୀତ ଆମ ଦେଶରେ ରହିଛି । କିନ୍ତୁ ଏତେ ସବୁ ବିଭିନ୍ନତା ଭିତରେ ମଧ୍ୟ ଏକ ସମତା ରହିଛି, ଯାହା ଏକ ଦୃଢ଼ ସଂଯୋଜକ ପରି କାମ କରେ । ଭାରତରେ କାହିଁ କେତେ ଯୁଗରୁ ଲୋକମାନଙ୍କ ମଧ୍ୟରେ ମିଳାମିଶା ଅପରିବର୍ତ୍ତନୀୟ ରହିଛି । ବିଭିନ୍ନ ଜାତି ଓ ସଂପ୍ରଦାୟ, ବିଭିନ୍ନ ସଂସ୍କୃତି ଏବଂ ବିଭିନ୍ନ ଧର୍ମର ଲୋକମାନେ ଏହି ଭାରତରେ ବସବାସ କରନ୍ତି । ଭାରତୀୟ ସଂସ୍କୃତି ହେଉଛି ଯୌଗିକ, ଶକ୍ତି ସମ୍ପନ୍ନ ଏବଂ ଗତିଶୀଳ । ଭାରତୀୟ ସଂସ୍କୃତିର ଏହି ବିବିଧାତ୍ମକ ଚରିତ୍ର ପ୍ରତି ଏହି ଦେଶରେ ଥିବା ବିଭିନ୍ନତାର ପ୍ରଭୂତ ଅବଦାନ ରହିଛି । ଭାରତୀୟ ସଂସ୍କୃତିର ଏହି ସ୍ୱାତନ୍ତ୍ର୍ୟ ଏବଂ ଏହାର ବୈଶିଷ୍ଟ୍ୟ ପ୍ରତ୍ୟେକ ଭାରତୀୟଙ୍କର ଅମୂଲ୍ୟ ସମ୍ପଦ ଅଟେ ।

## ୨.୧.୧ ଅବିଚ୍ଛିନ୍ନତା ଏବଂ ପରିବର୍ତ୍ତନ

ପୃଥିବୀରେ ଥିବା ବିଭିନ୍ନ ଦେଶରେ ଏବଂ ବିଭିନ୍ନ ଅଞ୍ଚଳରେ ଅନେକ ବଡ଼ ବଡ଼ ସଂସ୍କୃତିମାନ ବିକଶିତ ହୋଇଛି । ସେଥିରୁ ଅନେକ ବିଲୁପ୍ତ ହୋଇଗଲେଣି କିମ୍ବା ଅନ୍ୟ ସଂସ୍କୃତି ଦ୍ୱାରା ଅଧିକୃତ ହୋଇଗଲେଣି । କିନ୍ତୁ ଭାରତୀୟ ସଂସ୍କୃତି ସେହିପରି ଅକ୍ଷୁର୍ଣ୍ଣ ରହିଛି । ଏକ ବଡ଼ ଧରଣର ବୈପ୍ଳବିକ ପରିବର୍ତ୍ତନ ସତ୍ତ୍ୱେ ସମୁଦାୟ ଭାରତ ଇତିହାସରେ ଏକ ଉଲ୍ଲେଖ ଯୋଗ୍ୟ ଅବିଚ୍ଛିନ୍ନତା ଆଜି ପର୍ଯ୍ୟନ୍ତ ପରିଲକ୍ଷିତ ହୁଏ ।

ତୁମେ ହୁଏତ ହରପ୍ପା ସଭ୍ୟତା ସମ୍ବନ୍ଧରେ ପଢ଼ିଥିବ ଯାହା ୪୫୦୦ ବର୍ଷ ପୂର୍ବେ ଭାରତୀୟ ଉପମହାଦେଶରେ ଅପୂର୍ବ ସଫଳତାର ସହିତ ମୁଣ୍ଡ ଟେକିଥିଲା । ହରପ୍ପା ସଭ୍ୟତା ପୂର୍ଣ୍ଣ ବିକଶିତ ହେବା ପୂର୍ବରୁ ମଧ୍ୟ ଏଠାରେ ସଂସ୍କୃତି ରହିଥିଲା । ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହାର ପ୍ରମାଣ ପାଇଛନ୍ତି । ଏଥିରୁ ଜଣାପଡ଼େ ଯେ ଆମର ଏକ ଅତି ଦୀର୍ଘ ଇତିହାସ ଆମ ପଛରେ ରହିଛି ଏବଂ ଏହା ଅତି ଆଶ୍ଚର୍ଯ୍ୟର କଥା ଯେ ଏବେ ମଧ୍ୟ ଭାରତୀୟ ଗାଁରେ ଥିବା ଘରର ଶୈଳୀ ହରପ୍ପା ସଭ୍ୟତାର ପରଠାରୁ ବେଶୀ ଅଲଗା ନୁହେଁ । ହରପା ସଂସ୍କୃତି ଆଜି ମଧ୍ୟ କିଛିକାଂଶରେ କାର୍ଯ୍ୟକାରୀ ହେଉଛି, ଯେପରିକି ଦେବୀ ଓ ପଶୁପତିଙ୍କ ପୂଜା । ସେହିପରି ବୈଦିକ, ବୌଦ୍ଧ, ଜୈନ ଏବଂ ଆହୁରି ଅନେକ ପଦ୍ଧତି ଆଦି ମଧ୍ୟ ଅନୁସୃତ ହେଉଛି । ଆହୁରି ମଧ୍ୟ ମୁମ୍ବାଇ, ଦିଲ୍ଲୀ ପରି ମହାନଗରମାନଙ୍କରେ ନିର୍ମିତ ହୋଇଥିବା ବହୁତଳ ପ୍ରସାଦମାନଙ୍କ ନିର୍ମାଣରେ ଘଟିଥିବା ପରିବର୍ତ୍ତନକୁ ଆମେ ଅଣଦେଖା କରିପାରିବା ନାହିଁ । ଏଗୁଡ଼ିକ ହରପ୍ପା ସମୟର ମାତ୍ର ଏକ ମହଲା ବିଶିଷ୍ଟ ଘର ପରି ନୁହେଁ । ଆମ ସଭ୍ୟତରେ ଅବିଚ୍ଛିନ୍ନତା ଏବଂ ପରିବର୍ତ୍ତନ ଏକା ସାଙ୍ଗରେ ଘଟି ଚାଲିଛି । ଭାରତୀୟ ସଂସ୍କୃତିରେ ଏହା ଏକ ଉଲ୍ଲେଖନୀୟ ଗୁଣ । ଆମ ସଂସ୍କୃତିର ଅବିଚ୍ଛିନ୍ନତା ସ୍ଥିର ରହେ; ଏବଂ ମୂଳ ନୈତିକ ପ୍ରକୃତି ଅପରିବର୍ତ୍ତିତ ରହେ । ଆଧୁନିକ ଯୁଗରେ ଯାହା ଅଦରକାରୀ ଏବଂ ଯୁକ୍ତି ସଙ୍ଗତ ନୁହେଁ, ଏହା ସେଗୁଡ଼ିକୁ ବହିଷ୍କାର କରିଥାଏ । ଆମ ସଂସ୍କୃତିର ଦୀର୍ଘ ଇତିହାସରେ କେତେ ଉତ୍‌ଥାନ ପତନର ସମୟ ରହିଛି । ଫଳତଃ କେତେ ବିପ୍ଳବ ମୁଣ୍ଡ ଟେକିଛି ଏବଂ ଏଥିରେ କେତେ ସଂସ୍କାର ଅଣାଯାଇଛି । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଜୈନ ଏବଂ ବୌଦ୍ଧ ଧର୍ମ ଦ୍ୱାରା ବୈଦିକ ଧର୍ମରେ ସଂସ୍କାରମୂଳକ ଆନ୍ଦୋଳନ ମୁଣ୍ଡ ଟେକି ଥିଲା । ୧୮୦୦ ଏବଂ ୧୯୦୦ ଶତାବ୍ଦୀରେ ଆଧୁନିକ ଭାରତର ଧାର୍ମିକ ଏବଂ ସାମାଜିକ ପରିବେଶରେ ଆସିଥିବା ଜାଗରଣ ଫଳରେ ଭାରତୀୟ ଚିନ୍ତାଧାରା ଏବଂ ପ୍ରତିଷ୍ଠିତ ପଦ୍ଧତିଗୁଡ଼ିକରେ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା ।

ତଥାପି ଭାରତୀୟ ସଂସ୍କୃତିରେ ଥିବା ମୌଳିକ ଦର୍ଶନର ଅବିଚ୍ଛିନ୍ନ ବିସ୍ତାର ଦୃଢ଼ ରହିଥିଲା । ଏହିପରି ଅବିଚ୍ଛିନ୍ନତା ଏବଂ ପରିବର୍ତ୍ତନ ପ୍ରକ୍ରିୟା ହେଉଛି ଭାରତୀୟ ସଂସ୍କୃତିର ପ୍ରଧାନ ବୈଶିଷ୍ଟ୍ୟ । ଏହା ତାହାର ଗତିଶୀଳତାକୁ ଦର୍ଶାଏ ।

## ୨.୧.୨ ବିଭିନ୍ନତା ଏବଂ ସମତା

> ଭାରତୀୟ ସଂସ୍କୃତି ବିଗତ ୩ ହଜାର ବର୍ଷଧରି ଅନ୍ୟାନ୍ୟ ଧର୍ମରେ ଥିବା ଗ୍ରହଣଯୋଗ୍ୟ ଉପାଦାନଗୁଡ଼ିକୁ ଧୀରେ ଧୀରେ ସଫଳତାର ସହିତ ନିଜ ଭିତରେ ସମାହିତ କରିଚାଲିଛି ।

ପ୍ରକୃତରେ ସାରା ପୃଥିବୀରେ ଏଭଳି ବହୁତ କମ୍ ସଂସ୍କୃତି ଅଛି, ଯେଉଁଥିରେ ଭାରତୀୟ ସଂସ୍କୃତି ପରି ବିବିଧ ବିଭିନ୍ନତା ପୂର୍ଣ୍ଣ ହୋଇଛି । ତୁମେ ଜାଣି ଆଶ୍ଚର୍ଯ୍ୟ ହୋଇପାର ଯେ, କେରଳର ଲୋକେ ନଡ଼ିଆ ତେଲକୁ ଏବଂ ଉତ୍ତର ପ୍ରଦେଶର ଲୋକ ଶୋରିଷ ତେଲକୁ କାହିଁକି ଖାଦ୍ୟ ରାନ୍ଧିବାରେ ବ୍ୟବହାର କରନ୍ତି । କାରଣ କେରଳ ଏକ ସମୁଦ୍ରତଟବର୍ତ୍ତୀ ପ୍ରଦେଶ ଏବଂ ସେଠାରେ ପ୍ରଚୂର ପରିମାଣରେ ନଡ଼ିଆ ଉତ୍ପାଦିତ ହୁଏ । କିନ୍ତୁ ଉତ୍ତର ପ୍ରଦେଶ ଏକ ସମତଳ ଅଞ୍ଚଳ ହୋଇଥିବାରୁ ସେଠାରେ ପ୍ରଚୁର ପରିମାଣରେ ଶୋରିଷ ଉତ୍ପାଦିତ ହୁଏ । ସେହିପରି ପଞ୍ଜାବର ଭାଙ୍ଗଡ଼ା ନାଚ କିମ୍ବା ତାମିଲନାଡୁର ପୋଙ୍ଗଲ, ଆସାମର ବିହୁ ପର୍ବ ମଧରେ କି ସାମଞ୍ଜସ୍ୟ ରହିଛି ? ସେହିସବୁ ଅଞ୍ଚଳରେ ପ୍ରଚୁର ପରିମାଣର ଶସ୍ୟ ଅମଳ ପରେ ହିଁ ଏହି ସବୁ ପର୍ବ ପାଳିତ ହୁଏ । ଭାରତ ବର୍ଷରେ ଲୋକମାନେ ଓଡ଼ିଆ, ବଙ୍ଗଳା, ତାମିଲ, ତେଲୁଗୁ, ଗୁଜୁରାଟୀ ଓ ଆସାମୀ ପ୍ରଭୃତି ବିଭିନ୍ନ ଭାଷା ବ୍ୟବହାର କରନ୍ତି । ଭାରତ ହେଉଛି ଅନେକ ପ୍ରକାରର ନୃତ୍ୟ ସଙ୍ଗୀତର ଗନ୍ତାଘର ଯାହାକୁ ଆମେ ବିଭିନ୍ନ ପର୍ବ ପର୍ବାଣୀ ବିବାହ ବ୍ରତ, ଜନ୍ମଦିନ ଆଦି ବିଭିନ୍ନ ମେଳା ମଉଛବରେ ବ୍ୟବହାର କରିଥାଉ । ଆମ ଦେଶରେ ଅନେକ ପ୍ରକାରର ଭାଷା, ଉପଭାଷା କୁହାଯାଏ ଏବଂ ସେଥିରୁ ଅନେକ ପ୍ରକାରର ସାହିତ୍ୟ ସୃଷ୍ଟି ହୁଏ । ପୃଥିବୀର ଆଠଟି ମୁଖ୍ୟ ଧର୍ମର ଲୋକ ଏଠାରେ ଏକାଠି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ବାସ କରନ୍ତି । ହିନ୍ଦୁ, ଜୈନ, ବୌଦ୍ଧ, ଶିଖ ଆଦି ବହୁ ଧର୍ମର ଜନ୍ମଭୂମି ହେଉଛି ଆମ ଭାରତ । ଅସଂଖ୍ୟ ପ୍ରକାରର ନିର୍ମାଣ କୌଶଳ, କଳା ସ୍ଥାପତ୍ୟ ଏବଂ ଚିତ୍ରକଳା ଆମ ଦେଶରେ ବିକଶିତ ହୋଇଛି । ଉଭୟ ପଲ୍ଲୀ ଏବଂ ଶାସ୍ତ୍ରୀୟ ଶୈଳୀରେ ବିଭିନ୍ନ ନୃତ୍ୟ ସଙ୍ଗୀତ ଆମ ଦେଶରେ ରହିଛି । ସେହିପରି ଅନେକ ମେଳା, ମଉଛବ, ପର୍ବ ପର୍ବାଣୀ ଏବଂ ପ୍ରଥାଗୁଡ଼ିଏ ମଧ୍ୟ ରହିଛି । ଏହି ଅପରିସୀମା ବିଭିନ୍ନତା ଭାରତୀୟ ସଂସ୍କୃତିକୁ ଏକାଧାରରେ ଯୌଗିକ, ମୂଲ୍ୟବାନ ଏବଂ ସୁନ୍ଦର କରିଛି । ଆମ ସଂସ୍କୃତିରେ ରହିଥିବା ଏତେ ସବୁ ବିବିଧତାର କାରଣ କଅଣ ? ଆମ ଦେଶର ବିଶାଳତା, ଏହାର ଭୌଗୋଳିକ ଅବସ୍ଥିତି ଏବଂ ଜଳବାୟୁ ଅବସ୍ଥା ଏହି ବିଭିନ୍ନତାର ସୁସ୍ପଷ୍ଟ କାରଣ ଅଟେ ।

ଆମ ସଂସ୍କୃତିରେ ବିଭିନ୍ନତାର ଦ୍ୱିତୀୟ କାରଣ ହେଲା ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ମଧରେ ମିଳାମିଶା । କେଉଁ ବିସ୍ମୃତ ହୋଇଥିବା କାଳରୁ ଦେଶ ଦେଶାନ୍ତରର ଲୋକମାନେ ଆମ ଦେଶକୁ ଆସିଛନ୍ତି ଏବଂ ଏଠାରେ ବସତି ସ୍ଥାପନ କରିଛନ୍ତି (Proto-Australoid) ଅଷ୍ଟ୍ରେଲିଆର ଆଦିମ ଅଧିବାସୀ, କୃଷ୍ଣକାୟ ନିଗ୍ରୋ (Negroids) ଏବଂ ମଙ୍ଗୋଲୀୟ (Mongoloid)ଙ୍କ ପରି ବିଭିନ୍ନ ସମ୍ପ୍ରଦାୟର ଲୋକ ଆମ ଦେଶରେ ବାସ କରନ୍ତି । ଇରାନୀ, ଗ୍ରୀକ୍, କୁଶାଣ, ଶକ, ହୁଣ (ହୁନ), ଆରବୀୟ, ତୁର୍କୀ, ମୋଗଲ ଏବଂ ଇଉରୋପୀୟ ଆଦି ବିଭିନ୍ନ ସାଂସ୍କୃତିକ ସମ୍ପ୍ରଦାୟଗୁଡ଼ିକ ଆମ ଦେଶରେ ବସତି ସ୍ଥାପନ କରିଛନ୍ତି ଏବଂ ସ୍ଥାନୀୟ ଅଧିବାସୀଙ୍କ ସହ ମିଶିଯାଇଛନ୍ତି । ସେମାନଙ୍କର ଭାବନା, ଚିନ୍ତା ଅଭ୍ୟାସ ବ୍ୟବହାର ଓ ସଂସ୍କୃତି ଆମ ସଂସ୍କୃତି ସହ ମିଶିଯାଇଛି । ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ବେଳକୁ ମାତ୍ର ସାଲଓ୍ୱାର କୁର୍ତ୍ତା, ଟୋପୀ ପ୍ରଭୃତି ସିଲେଇ ହୋଇଥିବା ପୋଷାକପତ୍ର କୁଶାଣ, ଶକ ଆଦିଙ୍କ ଦ୍ୱାରା ଭାରତକୁ ଆସିଲା । ଏହା ପୂର୍ବରୁ ଭାରତୀୟମାନେ ସିଲେଇ ନ



ଟିପ୍ପଣୀ

ହୋଇଥିବା ପୋଷାକ ପିନ୍ଧୁଥିଲେ । ସାର୍ଟ, ଟ୍ରାଉଜର, ସୁଟ ପ୍ରଭୃତି ସବୁଠାରୁ ପଛରେ ଇଉରୋପୀୟମାନଙ୍କ ଦ୍ୱାରା ଭାରତକୁ ଅଷ୍ଟାଦଶ ଶତାବ୍ଦୀରେ ଆସିଲା । ଯୁଗ ଯୁଗ ଧରି ଭାରତ ନିଜ ଭିତରେ ଅନେକ ଧାରଣା ମିଶାଇ ଦେବାର କ୍ଷମତା ଦେଖାଇ ଆସିଛି । ଆମ ସଂସ୍କୃତିର ବିବିଧତା ଏବଂ ଅମୂଲ୍ୟ ସମ୍ପଦ ପ୍ରତି ଏହି ଅବଧାରଣ କ୍ଷମତାର ଯଥେଷ୍ଟ ଅବଦାନ ରହିଛି ।

ବାହାର ସଂସ୍କୃତି ସହିତ ସମ୍ପର୍କ ଏବଂ ଭିନ୍ନ ଭିନ୍ନ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ଅଦଳ ବଦଳ ମଧ୍ୟ ସବୁବେଳେ ଲାଗି ରହିଛି । ଲକ୍ଷ୍ନୌର ଚିକ୍‌ନ କାମ, ପଞ୍ଜାବର ଫୁଲକାରୀ ଏମ୍ବ୍ରୟୋଡରୀ, ବଙ୍ଗଳାର କନ୍ଥା ଏମ୍ବ୍ରୟୋଡରୀ, ଓଡ଼ିଶାର ପାଟ ପ୍ରଭୃତିରୁ ଏକ ସ୍ୱତନ୍ତ୍ର ଆଞ୍ଚଳିକ ସୁଗନ୍ଧ ମିଳିଥାଏ । ଦକ୍ଷିଣରେ କେନ୍ଦ୍ର ହୋଇଥିଲେ ମଧ୍ୟ, ଭାରତର ଉତ୍ତର, ପୂର୍ବ ଏବଂ ପଶ୍ଚିମ ଭାଗରେ ସେମାନଙ୍କର ବିଶେଷ ପ୍ରକାରର ସଂସ୍କୃତି ରହିଛି । ତଥାପି ଏଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପୃଥକ ନୁହେଁ । ନାନା ବାଧାବିଘ୍ନ ସତ୍ତ୍ୱେ ଦେଶରେ ଗୋଟିଏ ଭାଗରୁ ଅନ୍ୟ ଭାଗକୁ ବ୍ୟବସାୟ କରିବାକୁ କିମ୍ବା ତୀର୍ଥ କରିବାକୁ ଭାରତୀୟମାନେ ଯାତ୍ରା କରୁଥିଲେ । ରାଜା ବା ଶାସକମାନେ କିଛି ଅଞ୍ଚଳକୁ ଜୟକରି କିମ୍ବା ବନ୍ଧୁତା ସ୍ଥାପନ କରି ଏକତ୍ର ମିଶାଇ ଥିଲେ । ଫଳରେ ସାଂସ୍କୃତିକ ଅଭ୍ୟାସ ଏବଂ ଚିନ୍ତାଧାରା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହେଉଥିଲା । ସାମରିକ କାର୍ଯ୍ୟ କଳାପ ଦ୍ୱାରା ମଧ୍ୟ ଲୋକମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହେଉଥିଲେ । ଏହି ପ୍ରକ୍ରିୟା ଭାବର ଆଦାନ ପ୍ରଦାନରେ ସହାୟକ ହେଉଥିଲା । ଏହି ସଂଯୋଗ ସ୍ଥାପନ ଦ୍ୱାରା ଭାରତୀୟ ସଂସ୍କୃତିରେ ସମାନତା ଦେଖାଯାଉଥିଲା । ଜଳବାୟୁ ମଧ୍ୟ ଆମଦେଶରେ ସମାନତା ଆଣିବାର ଆଉଏକ ସ୍ୱାଭାବିକ କାରଣ । ଭୌଗୋଳିକ ଅସମାନତା ଏବଂ ଜଳବାୟୁର ବିଭିନ୍ନତା ସତ୍ତ୍ୱେ ଭାରତରେ ଆଉ ଏକ ସମାନତା ଦେଖାଯାଏ । ତାହା ହେଉଛି ମୌସୁମୀ ପ୍ରବାହ । ଭାରତୀୟ ଜଳବାୟୁରେ ମୌସୁମୀ ପ୍ରବାହ ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଯାହାକି ସାରା ଦେଶରେ ସମାନତା ଆଣେ । ମୌସୁମୀର ଆଗମନ ଜଣାଇ ଦିଏ ଯେ କୃଷି ହେଉଛି ଭାରତୀୟଙ୍କର ମୁଖ୍ୟ ଜୀବିକା । ଅନ୍ୟ ପକ୍ଷରେ ପ୍ରକୃତି ସଂକ୍ରାନ୍ତ ପାର୍ଥକ୍ୟ ଭାରତୀୟଙ୍କ ଖାଦ୍ୟାଭ୍ୟାସ, ପୋଷାକ, ବାସଗୃହ, ଅର୍ଥନୈତିକ କାର୍ଯ୍ୟାବଳୀ ଉପରେ ପ୍ରଭାବ ପକାଇଥାଏ । ଏଥିରୁ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଅନୁଷ୍ଠାନମାନ ତିଆରି ହୁଏ । ପ୍ରତିବଦଳରେ ଏହା ମଣିଷର ଚିନ୍ତା ଶକ୍ତି ଏବଂ ଦର୍ଶନ ଉପରେ ପ୍ରଭାବ ପକାଇଥାଏ । ଭାରତର ଭିନ୍ନ ଭିନ୍ନ ପ୍ରାକୃତିକ ପରିବେଶ ଏବଂ ଜଳବାୟୁ ବିଭିନ୍ନ ଅଞ୍ଚଳରେ ଏହିପରି ଅନେକ ପ୍ରକାରର ସଂସ୍କୃତି ସୃଷ୍ଟି କରିଥାଏ । ପ୍ରକାର ଭେଦରେ ବିଭିନ୍ନ ଅଞ୍ଚଳ ସେଠାକାର ସଂସ୍କୃତିର ପରିଚୟ ଦେଇଛି ।

ଆମ ସଂସ୍କୃତି ଯୌଗିକ ଅଟେ । ଏହା ଆମ ସଙ୍ଗୀତ, ନୃତ୍ୟ, ନାଟକ, ଚିତ୍ରକଳା, ସ୍ଥାପତ୍ୟ, ସୌଧ ଅଟ୍ଟାଳିକା, ପ୍ରାସାଦ, ସ୍ମୃତି ସ୍ତମ୍ଭ ପ୍ରଭୃତିରେ ପ୍ରତିଫଳିତ ହୋଇଛି । ବିଭିନ୍ନ ଭାଷାରେ ଲେଖାହୋଇଥିବା ଆମ ସାହିତ୍ୟ ପୁସ୍ତକ, ଗ୍ରନ୍ଥଗୁଡ଼ିକ ମଧ୍ୟ ଆମ ସଂସ୍କୃତିର ମିଶ୍ରିତ ଗୁଣକୁ ପ୍ରତିଫଳିତ କରନ୍ତି ।

ଆମ ରାଜନୀତି କ୍ଷେତ୍ରରେ ମଧ୍ୟ ବିଭିନ୍ନତାରେ ଏକତା ପ୍ରଦର୍ଶିତ ହୋଇଥାଏ । ବୈଦିକ ଯୁଗର ପ୍ରଥମ ଭାଗରେ ସମାଜ ପଲ୍ଲୀ ଜୀବନ ଭିତ୍ତିକ ଥିଲା । ଅର୍ଥାତ ଲୋକମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଚାରଣଭୂମି ଅନ୍ୱେଷଣରେ ଭ୍ରମଣ କରୁଥିଲେ । କିନ୍ତୁ ସେହିଲୋକମାନେ କୃଷିକାର୍ଯ୍ୟ ଆରମ୍ଭ କରିବା ପରେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କଲେ । ଏହି ସ୍ଥାୟୀ ବସତି ସ୍ଥାପନରୁ ଗୋଷ୍ଠୀ ତିଆରି ହେଲା । କ୍ରମଶଃ ସହରମାନ ଗଢ଼ି ଉଠିବାରୁ ନୀତି ନିୟମର ଆବଶ୍ୟକତା ଉପଲବ୍ଧ ହେଲା । ଏହିପରି ରାଜନୈତିକ ସଂଗଠନମାନ ତିଆରି ହେଲା । ରାଜନୈତିକ ସଭ୍ୟମାନଙ୍କ ଦ୍ୱାରା ସଭା, ସମିତିମାନ ଗଠିତ ହେଲା । ସେଗୁଡ଼ିକ ମାଧ୍ୟମରେ ଲୋକେ ଶାସନ କାର୍ଯ୍ୟରେ ଅଂଶ ଗ୍ରହଣ କରୁଥିଲେ । ସମୟକ୍ରମେ ରାଷ୍ଟ୍ର ଗଠନର ଚିନ୍ତାକଳ୍ପ ଜନ୍ମ ନେଲା ଏବଂ କ୍ଷେତ୍ର

ଅଧିକାର ଦ୍ୱାରା କ୍ଷମତା ମପାଗଲା । କେତେକ ସ୍ଥାନରେ ପ୍ରଜାତନ୍ତ୍ର ପ୍ରତିଷ୍ଠିତ ହେଲା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ସମୟକୁ ଭାରତରେ 'ମହାଜନ ପଦଯୁଗ' କୁହାଯାଏ । ସେହି ରାଜ୍ୟଗୁଡ଼ିକରେ ରାଜାମାନେ ଅଧିକ କ୍ଷମତାଶାଳୀ ଥିଲେ । ପରବର୍ତ୍ତୀ କାଳରେ ବଡ଼ ବଡ଼ ସାମ୍ରାଜ୍ୟ ମଧ୍ୟ ପ୍ରତିଷ୍ଠିତ ହେଲା । ସେଥିରେ ସମ୍ରାଟଗଣ ନିରଙ୍କୁଶ କ୍ଷମତା ଉପଯୋଗ କଲେ । ଅଶୋକ, ସମୁଦ୍ରଗୁପ୍ତ, ହର୍ଷବର୍ଦ୍ଧନଙ୍କ ପରି ପ୍ରାଚୀନ ଶାସକମାନଙ୍କ ସମ୍ବନ୍ଧରେ ତୁମ୍ଭେମାନେ ଜାଣିବା ଆବଶ୍ୟକ । ମୋଗଲମାନେ ମଧ୍ୟ ଭାରତରେ ଏକ ବିଶାଳ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ଇଂରେଜମାନେ ମଧ୍ୟ ଭାରତରେ ବସତି ସ୍ଥାପନ କଲେ । ୧୮୫୮ ଖ୍ରୀଷ୍ଟାବ୍ଦରେ ଭାରତ ବ୍ରିଟିଶ ସାମ୍ରାଜ୍ୟ ଦ୍ୱାରା ଅଧିକୃତ ହେଲା । ଯାହାହେଉ ଏକ ଦୀର୍ଘକାଳର ସଂଘର୍ଷ ପରେ ୧୯୪୭ ମସିହାରେ ଆମେ ଆମ ସ୍ୱାଧୀନତା ଫେରିପାଇଲୁ । ଆଜି ଆମ ଦେଶ ଏକ ସାର୍ବଭୌମ, ସାମ୍ୟବାଦୀ, ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଆମର ସମଗ୍ର ଦେଶରେ ସମାନ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଶାସନ ପଦ୍ଧତି କାର୍ଯ୍ୟକାରୀ ହେଉଛି ।

## ପାଠଗତ ପ୍ରଶ୍ନାବଳୀ ୨.୧

୧. 'ଭାଙ୍ଗଡ଼ା' କେଉଁ ରାଜ୍ୟର ନୃତ୍ୟ ଶୈଳୀ ?

---

୨. ଆସାମ ନୃତ୍ୟ ଶୈଳୀର ନାମ କ'ଣ ?

---

୩. ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ବେଳକୁ କେଉଁମାନେ ଭାରତକୁ ସାଲୱାର କୁର୍ତ୍ତା ଓ ଟୋପୀ ଆଣିଥିଲେ ?

---

୪. ପାଟବସ୍ତ୍ର (ପାଟୋଲା) ପାଇଁ କେଉଁ ଅଞ୍ଚଳ ପ୍ରସିଦ୍ଧ ଅଟେ ?

---

## ୨.୧.୩ ଧର୍ମନିରପେକ୍ଷ ଦୃଷ୍ଟିଭଙ୍ଗୀ

ଦୀର୍ଘକାଳ ଧରି ବିଭିନ୍ନ ସଂସ୍କୃତିର ଲୋକମାନଙ୍କର ଭାରତୀୟଙ୍କ ସହିତ ମିଳାମିଶା ଯୋଗୁଁ ଭାରତୀୟ ସଂସ୍କୃତିରେ ଧର୍ମନିରପେକ୍ଷତା ପ୍ରବେଶ କରିଛି । ସେମାନଙ୍କ ମଧ୍ୟରେ ସାମୟିକ ମତଭେଦ ଦେଖା ଦେଉଥିଲେ ମଧ୍ୟ ଅଧିକାଂଶ ଲୋକେ ଏଠାରେ ଯୁଗଯୁଗ ଧରି ଏକାଠି ଶାନ୍ତିପୂର୍ଣ୍ଣ ବାତାବରଣ ଭିତରେ ବାସ କରନ୍ତି । ଭାରତର ଲୋକପ୍ରିୟ ସାଂସ୍କୃତିକ ପରମ୍ପରାଗୁଡ଼ିକ ହେଉଛି ସାଂସ୍କୃତିକ ସମ୍ମିଶ୍ରଣର ଉତ୍ତମ ଉଦାହରଣ ଅଟେ । ଏଥିରେ ବିଭିନ୍ନ ଧାର୍ମିକ ଗୋଷ୍ଠୀର ଲୋକମାନେ ଏକତ୍ରିତ ହୁଅନ୍ତି ।

ଆମ ଦେଶର ଲୋକମାନଙ୍କଠାରେ ବିଭିନ୍ନ ପ୍ରକାରର ଭାବନା ଏବଂ ଅଭ୍ୟାସ ରହିଛି । ସେହି ବିଭିନ୍ନତା ମଧ୍ୟରୁ କୌଣସି ଗୋଟିଏ ଭାବନାର ପ୍ରାଧାନ୍ୟ ରହିବା ସମ୍ଭବ ହୁଏ ନାହିଁ । ଭାରତରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ, ବୌଦ୍ଧ, ଜୈନ, ପାର୍ସି, ଯିହୁ ଆଦି ସବୁ ଧର୍ମର ଲୋକେ ବାସ କରନ୍ତି । ଭାରତୀୟ ସମ୍ବିଧାନ ଘୋଷଣା କରିଛି ଯେ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଏଠାରେ ପ୍ରତ୍ୟେକ ମଣିଷ ନିଜ ରୁଚି ଅନୁଯାୟୀ ଯେ କୌଣସି ଧର୍ମ ଗ୍ରହଣ କରିପାରେ, ପାଳନ କରିପାରେ ଏବଂ ପ୍ରଚାର କରିପାରେ । ଦେଶର ନିଜର କୌଣସି ଧର୍ମ ନାହିଁ ଏବଂ ସବୁ ଧର୍ମ ଆମ ଦେଶରେ ସମାନ ବ୍ୟବହାର ପାଇବେ । ଧର୍ମ ଭିତ୍ତିରେ ଏଠି କାହାକୁ ହୀନ ଦୃଷ୍ଟିରେ





ଦେଖାଯିବ ନାହିଁ । ଭାରତବାସୀଙ୍କ ମନୋଭାବ ଖୁବ ପ୍ରଶସ୍ତ । 'ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚିବାକୁ ଦେବା' – ଏହି ନୀତିରେ ଭାରତବାସୀ ବିଶ୍ୱାସ ରଖନ୍ତି ।

ଧର୍ମରେ ସ୍ୱାଧୀନତାର ଅଧିକାର ଆମ ଦେଶର ଧର୍ମନିରପେକ୍ଷତାକୁ ଦର୍ଶାଏ । ପାଶ୍ଚାତ୍ୟ ପୃଷ୍ଠଭୂମିରେ ଧର୍ମନିରପେକ୍ଷତାର ଅର୍ଥହେଉଛି ଗୀର୍ଜା ଏବଂ ରାଜ୍ୟ ପରସ୍ପରଠାରୁ ସମ୍ପୂର୍ଣ୍ଣ ପୃଥକ ରହିବେ । କିନ୍ତୁ ଭାରତରେ ଧର୍ମନିରପେକ୍ଷତାର ଅର୍ଥ ସକାରାତ୍ମକ ଅଟେ । ଭାରତରେ ଏକ ମିଶ୍ରିତ ସାମାଜିକ ଅବସ୍ଥାରେ ସମସ୍ତଙ୍କ ସ୍ୱାର୍ଥ ରକ୍ଷା ପାଇଁ (ବିଶେଷ କରି ନିମ୍ନବର୍ଗର ସ୍ୱାର୍ଥ ରକ୍ଷା ପାଇଁ) ଏହି ସକାରାତ୍ମକ ଧର୍ମନିରପେକ୍ଷତା ଉଦ୍ଦିଷ୍ଟ ।

## ୨.୧.୪ ସାର୍ବଜନୀନତା

ସହାବସ୍ଥାନର ଚିନ୍ତାକଳ୍ପ କେବଳ ଦେଶର ଭୌଗୋଳିକ ଏବଂ ରାଜନୈତିକ ପରିସୀମା ଭିତରେ ଆବଦ୍ଧ ନୁହେଁ । ଭାରତ ଏକ ସାର୍ବଜନୀନ ଦୃଷ୍ଟିଭଙ୍ଗୀ ପୋଷଣ କରିଛି ଏବଂ ଶାନ୍ତି ଓ ଐକ୍ୟର ବାର୍ତ୍ତା ସାରାବିଶ୍ୱରେ ପ୍ରଚାର କରିଛି । ଭାରତ ସାମ୍ପ୍ରଦାୟିକତା ଏବଂ ଉପନିବେଶବାଦ ବିରୁଦ୍ଧରେ ଦୃଢ଼ ଭାବରେ ସ୍ୱର ଉତ୍ତୋଳନ କରିଛି । ଏହା ପୃଥିବୀର ଯେକୌଣସି ରାଷ୍ଟ୍ର ନିକଟରେ ଅପରିସୀମ କ୍ଷମତା କେନ୍ଦ୍ରୀଭୁତ ହୋଇ ରହିବାକୁ ବିରୋଧ କରେ । ପ୍ରକୃତ ପକ୍ଷେ ଭାରତ ଗୋଷ୍ଠୀ ନିରପେକ୍ଷତାର ଭିତ୍ତିଭୂମି ସୃଷ୍ଟି କରିଥିଲା । ଅନ୍ୟ ଅନୁନ୍ନତ ରାଷ୍ଟ୍ରଗୁଡ଼ିକର ଉନ୍ନତି ପାଇଁ ଭାରତ ପ୍ରତିଶୃତିବଦ୍ଧ ହୋଇଛି । ଏହିପରି ବିଶ୍ୱଭାତୃତ୍ୱ ପ୍ରତି ନିଜ ଦାୟୀତ୍ୱ ସମ୍ପନ୍ନ କରୁଛି । ସାରା ପୃଥିବୀର ଉନ୍ନତିରେ ତାର ଅବଦାନ ରହିଛି ।

> ଏହା ମନେରଖିବା ଉଚିତ ଯେ, ଭାରତୀୟ ଉପମହାଦେଶ ଯୁଗଯୁଗ ଧରି ଶାସନତନ୍ତ୍ର ପରିସୀମା ଅତିକ୍ରମ କରି ସଂସ୍କୃତିର ଏକ ସମ୍ପୂର୍ଣ୍ଣ ଏକକ ହୋଇରହିଛି ।

## ୨.୧.୫ ବସ୍ତୁବାଦୀତା ଏବଂ ଆଧ୍ୟାତ୍ମିକତା

> ଗୋଟିଏ ଜାତି କିମ୍ବା ଦେଶର ମନରେ, ଆଗ୍ରହରେ, ଚରିତ୍ରରେ, ଚିନ୍ତାଧାରାରେ, କଳାସ୍ଥାପତ୍ୟରେ, ଦକ୍ଷତାରେ ଏବଂ ସଭ୍ୟତାରେ ଆଧ୍ୟାତ୍ମିକତାରେ ବିକାଶ ହିଁ ସଂସ୍କୃତି ।

ପୃଥିବୀରେ ତଥା ପାଶ୍ଚାତ୍ୟ ଜଗତରେ ଭାରତ ଆଧ୍ୟାତ୍ମିକତାର ଦେଶ ଭାବରେ ସୁପରିଚିତ । ଯାହାହେଉ ପ୍ରାଚୀନକାଳରୁ ଆଜି ପର୍ଯ୍ୟନ୍ତ ଭାରତ ଇତିହାସ ଉଭୟ ବସ୍ତୁବାଦୀ ଏବଂ ଯାହା ବସ୍ତୁବାଦୀ ନୁହେଁ, ସେହି ସଂସ୍କୃତିର ବିକାଶ ସମାନ୍ତରାଳ ଗତିରେ ଘଟି ଚାଲିଛି । ହରପ୍ପା ସଭ୍ୟତା ଏକ ସହରୀ ସଭ୍ୟତା ଥିଲା । ଏହି ସୁଶୃଙ୍ଖଳିତ ସହର ନିର୍ମାଣ କରିବା ପାଇଁ ଏକ ନକ୍ସା ତିଆରି ହୋଇଥିଲା । ଯେଉଁଥିରେ ରାସ୍ତାଗୁଡ଼ିକ ପରସ୍ପର ପ୍ରତି ସମକୋଣ ଥିଲେ । ସେମାନଙ୍କର ଗଣିତ, ଓଜନ ଓ ମାପରେ ପ୍ରଗାଢ଼ ଜ୍ଞାନ ଥିଲା । ଏକ ବୈଜ୍ଞାନିକ ପଦ୍ଧତିରେ ସେମାନେ ତାଙ୍କ ସହର ନିର୍ମାଣ କରିଥିଲେ ଏବଂ ଜଳାଦିର ନିଷ୍କାସନ ପାଇଁ ଉନ୍ନତ ଧରଣର ନଳା ବ୍ୟବସ୍ଥା କରିଥିଲେ । ବହିର୍ବାଣିଜ୍ୟ ସେମାନଙ୍କର ବୃତ୍ତିଥିଲା ଏବଂ ସୁମେରିଆନଙ୍କ ସହିତ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ସେମାନେ ସମୁଦ୍ର ପଥରେ ଯାତ୍ରା କରୁଥିଲେ ।

ସେ ସମୟରେ ଚିକିତ୍ସା ଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର ଏବଂ ବୃକ୍ଷଲତା ପ୍ରଭୃତି ଉପରେ ଉତ୍ତମ ପୁସ୍ତକମାନ ଲେଖାଯାଇଥିଲା । ଇଉରୋପୀୟମାନେ ଗ୍ରହଣ କରିବାର ଯଥେଷ୍ଟ ପୂର୍ବରୁ 'ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରୁଥାଏ', 'ପୃଥିବୀ ଗୋଲ' – ଏହି ତଥ୍ୟଗୁଡ଼ିକୁ ଭାରତୀୟମାନେ ଆବିଷ୍କାର କରିଥିଲେ । ସେହିପରି ଗଣିତ, ଚିକିତ୍ସା ବିଜ୍ଞାନ ଏବଂ ଅନ୍ୟାନ୍ୟ ବୈଜ୍ଞାନିକ କ୍ଷେତ୍ରରେ ପ୍ରାଚୀନ କାଳରୁ ଭାରତୀୟମାନେ ହାସଲ କରିଥିବା ସଫଳତା ଉଲ୍ଲେଖଯୋଗ୍ୟ ଅଟେ ।





ଏହି ଜ୍ଞାନଗୁଡ଼ିକୁ ଅନୁସନ୍ଧାନ କରିବାରେ ସେମାନେ ସେତେବେଳେ ଧର୍ମ କିମ୍ବା ଅନ୍ୟ କୌଣସି ଚିନ୍ତାଧାରା ଦ୍ୱାରା କୌଣସି ବାଧାବିଘ୍ନ ବିରୋଧର ସମ୍ମୁଖୀନ ହେଉନଥିଲେ । ଏପରିକି ଭାରତୀୟ ଦର୍ଶନରେ ସେତେବେଳେ ନାସ୍ତିକତା ମଧ୍ୟ ବିକଶିତ ହୋଇଥିଲା । ଜୈନଧର୍ମ ଏବଂ ବୌଦ୍ଧଧର୍ମ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ନୀରବ ରହନ୍ତି । ଏଥିରୁ ଜଣାଯାଏ ଯେ ଭାରତୀୟ ସଂସ୍କୃତି ଉଭୟ ବସ୍ତୁବାଦୀ ଏବଂ ଆଧ୍ୟାତ୍ମବାଦୀ ମଧ୍ୟ ।

ଭାରତୀୟ ସଂସ୍କୃତି ହେଉଛି ଭାରତୀୟଙ୍କ ସରଳତା ଏବଂ ଗଭୀର ଜ୍ଞାନର ଜୀବନ୍ତ ପ୍ରକାଶ ।

## ୨.୨ ସାଂସ୍କୃତିକ ପରିଚୟ, ଧର୍ମ, ନିର୍ଦ୍ଦିଷ୍ଟ ଭୂଭାଗ ଏବଂ ନୈତିକତା

ଆମ ସଂସ୍କୃତିର ପରିଚୟ ଆମ ଧର୍ମ, ଆମ ଭୂଭାଗ ଆଦି ବିଭିନ୍ନ ଉପାଦାନ ଉପରେ ପର୍ଯ୍ୟବସିତ । ଫଳରେ ପ୍ରତ୍ୟେକ ଭାରତୀୟ ଏକାଧିକ ପରିଚୟ ଅଧିକାର କରନ୍ତି । ସେହି ପରିଚିତିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ ନିଜକୁ ସାବ୍ୟସ୍ତ କରନ୍ତି, ଅନ୍ୟ ଉପରେ ପ୍ରଭାବ ବିସ୍ତାର କରନ୍ତି ଏବଂ ରାଜନୈତିକ, ସାମାଜିକ ଅଥବା ଅର୍ଥନୈତିକ ପୃଷ୍ଠଭୂମି ଉପରେ ନିର୍ଭର କରି ନିଜେ ସ୍ୱୀକୃତି ପାଆନ୍ତି । ଏହିପରି ପ୍ରତ୍ୟେକ ମଣିଷର ଅନ୍ୟ ଜଣକ ସହିତ କିଛି ସମତା ଥାଇପାରେ, ପୁଣି ସେହି ମଣିଷଟିଠାରୁ ଅନ୍ୟ ପରିପ୍ରେକ୍ଷୀରେ ସେ ବହୁତ ବେଶୀ ଭିନ୍ନ ହୋଇପାରେ ମଧ୍ୟ । ଉଦାହରଣ ସ୍ୱରୂପ, ସାରାଦେଶରେ ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ରଖିଥିବା ଲୋକମାନଙ୍କ ପୂଜା ପଦ୍ଧତି ଓ ବିଧି ବିଧାନ ପ୍ରାୟ ସମାନ ପ୍ରକାରର ହୋଇଥାଇ ପାରେ । ଏପରିକି ପୂଜା ପଦ୍ଧତିରେ ସାମ୍ପ୍ରଦାୟିକ ଏବଂ ଆଞ୍ଚଳିକ ବିଭିନ୍ନତା ରହିଥାଏ ।

ଏହିପରି ସଂସ୍କୃତି ପରିପ୍ରେକ୍ଷୀରେ ସବୁ ହିନ୍ଦୁ ପୁରା ସମାନ ନୁହନ୍ତିକି, ସବୁ ମୁସଲମାନ ସମାନ ନୁହଁନ୍ତି । ତାମିଲନାଡୁ ବ୍ରାହ୍ମଣମାନେ କାଶ୍ମିରୀ ବ୍ରାହ୍ମଣଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେହିପରି କେରଳ ମୁସଲମାନ ଓ ଉତ୍ତର ପ୍ରଦେଶର ମୁସଲମାନଙ୍କ ସଂସ୍କୃତିରେ ଅନେକ ପାର୍ଥକ୍ୟ ରହିଛି । ଆଞ୍ଚଳିକ ପରିଚୟ ଅଧିକ ବାସ୍ତବ ଅଟେ । ବିଭିନ୍ନ ଧର୍ମ ଓ ଜାତିର ଲୋକମାନଙ୍କ ପାଖରେ ଆଞ୍ଚଳିକ ସାଂସ୍କୃତିକ ଚିହ୍ନମାନ ଥାଇପାରେ । ଯେପରି ଭାଷା, ଖାଦ୍ୟ, ପୋଷାକ, ମୂଲ୍ୟବୋଧ ଏବଂ ପୃଥିବୀ ପ୍ରତି ଦୃଷ୍ଟିଭଙ୍ଗୀ । ବଙ୍ଗଳାରେ ଉଭୟ ହିନ୍ଦୁ ଓ ମୁସଲମାନ ବଙ୍ଗାଳୀ ହୋଇଥିବାରୁ ଗର୍ବ ଅନୁଭବ କରନ୍ତି । ଅନ୍ୟ କେଉଁଠାରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନମାନେ ଆଞ୍ଚଳିକ ସଂସ୍କୃତିର ଅନେକ ଉପାଦାନରେ ଅଂଶ ଗ୍ରହଣ କରନ୍ତି ।

ନୀତି ନିୟମରେ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ସେମାନଙ୍କ ଧର୍ମତତ୍ତ୍ୱ ପ୍ରତି ଆନୁଗତ୍ୟ ଥାଏ । ଉଦାହରଣ ସ୍ୱରୂପ ବେଦଶାସ୍ତ୍ରଗୁଡ଼ିକ ହିନ୍ଦୁମାନଙ୍କ ପାଇଁ, କୋରାନ ଓ ହାଦିସ୍ ମୁସଲମାନଙ୍କ ପାଇଁ ଏବଂ ବାଇବେଲ ଖ୍ରୀଷ୍ଟିଆନଙ୍କ ପାଇଁ ପ୍ରେରଣାର ଉତ୍ସ ଅଟନ୍ତି । ଯାହା ହେଉ, ବିଭିନ୍ନ ଧର୍ମର ଲୋକମାନଙ୍କ ବିଧିବିଧାନ, ପରମ୍ପରା ଏବଂ ଜୀବନଯାପନ ଶୈଳୀରେ ଅନେକ ମିଶାମିଶି ଉପାଦାନ ରହିଛି ।

ପାରମ୍ପରିକ ସଂସ୍କୃତି ଆଦିବାସୀ ସମ୍ପ୍ରଦାୟରେ ଅତି ମଜଭୁତ । ଉଦାହରଣ ସ୍ୱରୂପ, ନାଗାଲାଣ୍ଡପରି ଏକ ଛୋଟିଆ ପ୍ରଦେଶରେ ଏକ ଡର୍ଜନରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବାସକରନ୍ତି ଏବଂ ସେମାନଙ୍କ ବେଶ ପୋଷାକ, କଥାବାର୍ତ୍ତା ଏବଂ ବିଶ୍ୱାସରେ ଅନେକ ପାର୍ଥକ୍ୟ ଦେଖାଯାଏ । ଛତିଶଗଡ଼ର ବସ୍ତର ଜିଲ୍ଲାରେ ରହୁଥିବା ବିଭିନ୍ନ ଗୋଷ୍ଠୀ ଅଲଗା ଅଲଗା ସମ୍ପ୍ରଦାୟରୁ ଆସିଛନ୍ତି ବୋଲି ଦାବି କରନ୍ତି ।

**ସାଂସ୍କୃତିକ ପ୍ରଭାବ :** ଆଧୁନିକ ଯୁଗରେ ଆମ ସଂସ୍କୃତି ଉପରେ ତିନୋଟି ଉଲ୍ଲେଖଯୋଗ୍ୟ ପ୍ରଭାବ ପରିଲକ୍ଷିତ ହୁଏ । ସେଗୁଡ଼ିକ ହେଉଛନ୍ତି, ପାଶ୍ଚାତ୍ୟ ଭାବଧାରା ଦ୍ୱାରା ଅନୁପ୍ରାଣିତ ହେବା, ଜାତୀୟ ସାଂସ୍କୃତିକ ଶୈଳୀର

ଆବିର୍ଭାବ, ଏବଂ ଲୋକପ୍ରିୟ ସଂସ୍କୃତି । ସ୍ୱାଧୀନତା ପୂର୍ବରୁ କିଛି ସମ୍ଭ୍ରାନ୍ତ ଲୋକ, କିଛି ବେସାମାରିକ ପ୍ରଶାସନିକ ସଂସ୍କାର ସଭ୍ୟ ପାଶ୍ଚାତ୍ୟ ରୀତିନୀତିକୁ ଆପଣାଇଥିଲେ । ବର୍ଷ ବର୍ଷ ଧରି ଏହି ପ୍ରଭାବ ମଧ୍ୟବିତ୍ତ ଶ୍ରେଣୀ ଓ ଗାଁ ଗୁଡ଼ିକର ଲୋକଙ୍କ ଉପରେ ମଧ୍ୟ ବିସ୍ତାରିତ ହୋଇଥିଲା । ଗାଁ ଗୁଡ଼ିକରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପାଇଁ ଦାବୀ ଏହାର ପ୍ରମାଣ ଦିଏ ।

ସ୍ୱାଧୀନତା ସଂଗ୍ରାମ ଚାଲିଥିବା ସମୟ ମଧ୍ୟରେ ଗୋଟିଏ ନୂଆ ଫେସନ ଆସିଲା । ତାହା ଜାତୀୟ ଫେସନରେ ପରିଣତ ହେଲା । ଉଦାହରଣ ସ୍ୱରୂପ 'ଗାନ୍ଧୀ ଟୋପି ଓ ଖଦୀ' ସେତେବେଳେ ବହୁଳ ପରିମାଣରେ ବ୍ୟବହୃତ ହେଉଥିଲା । କିନ୍ତୁ ଆଜିକାଲି ତାହା କେବଳ କୌଣସି ସମାରୋହରେ ପ୍ରତୀକ ଭାବରେ ବ୍ୟବହୃତ ହେଉଛି । କିନ୍ତୁ ଦେଶର ଏକତା ପ୍ରତି ଏହାର ବିଶେଷ ଅବଦାନ ରହିଥିଲା । ଏହା ଆମ ସଂସ୍କୃତିରେ ସମାନତା ଆଣିଥିଲା ।

ଟେଲିଭିଜନ, ଖରବକାଗଜ, ରେଡ଼ିଓ ଆଦି ଦ୍ୱାରା ସମ୍ବାଦ ଯୋଗାଯୋଗ ବ୍ୟବସ୍ଥାରୁ ଲୋକପ୍ରିୟ ସଂସ୍କୃତି ଉତ୍ପନ୍ନ ହୋଇଛି । ଲୋକମାନଙ୍କ ଉପରେ ଚଳଚିତ୍ରର ପ୍ରଭାବ ଅତି ଚମତ୍କାର । ରେଡ଼ିଓ ଏବଂ ଟେଲିଭିଜନ୍ ମଧ୍ୟ ମଣିଷର ଭାବମୂର୍ତ୍ତି ଏବଂ ମନୋଭାବର ପୁନର୍ଗଠନ କରିଥାନ୍ତି । ଆମ ଉପରେ ସେଗୁଡ଼ିକର ପ୍ରଭାବକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଆଧୁନିକ ଯୋଗାଯୋଗ ବ୍ୟବସ୍ଥା ଉଭୟ ପାରମ୍ପରିକ ଏବଂ ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରୋତ୍ସାହନ ଦେଇଛି ।

## ପାଠଗତ ପ୍ରଶ୍ନାବଳୀ ୨.୨

୧. ବାହାରୁ ଆସିଥିବା ଏବଂ ଭାରତରେ ବସବାସ କରିଥିବା ଲୋକମାନଙ୍କ ମଧ୍ୟରୁ ଦୁଇଟି ଉଦାହରଣ ଦିଅ ।

___________________________________________

୨. ଜଳବାୟୁରେ ଥିବା କେଉଁ ଉପାଦାନ ଭାରତକୁ ସମତା ଦେଇଛି ?

___________________________________________

୩. ହରପ୍ପା ସଭ୍ୟତାରେ ଲୋକମାନେ କେଉଁ ସଭ୍ୟତା ସହିତ ବାଣିଜ୍ୟ ବ୍ୟବସାୟ କରିବାକୁ ସମୁଦ୍ର ପଥରେ ଯାତ୍ରା କରୁଥିଲେ ?

___________________________________________

## ତୁମେ କ'ଣ ଶିଖିଲ ?

- ସଂସ୍କୃତିର ଅର୍ଥ ଖୁବ୍ ପ୍ରଶସ୍ତ ଏବଂ ବ୍ୟାପକ । ଏହା ଏକ ଅବିଚ୍ଛିନ୍ନ, ସୁଶିକ୍ଷିତ ଚରିତ୍ରର ସମଷ୍ଟି ଅଟେ । ଏହା ସମାଜରେ ବାସକରୁଥିବା ଲୋକମାନଙ୍କର ଜୀବନ ଯାପନ ପ୍ରଣାଳୀକୁ ସୂଚିତ କରେ ।
- ଜ୍ଞାନ, ବିଶ୍ୱାସ, କଳା, ନୀତି ନିୟମ, ଆଇନ୍, ପ୍ରଥା ପ୍ରଭୃତି ସଂସ୍କୃତି ଦ୍ୱାରା ଗଠିତ ହୁଅନ୍ତି ।

- ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ଚଳିବାର କ୍ଷମତା ଏବଂ ବ୍ୟାପକତା ଯୋଗୁଁ ଭାରତୀୟ ସଂସ୍କୃତି ଯୁଗଯୁଗ ଧରି ବଞ୍ଚି ରହିଛି ।
- ବିଭିନ୍ନତାରେ ଏକତା ଭାରତୀୟ ସଂସ୍କୃତିର ବିଶେଷ ଗୁଣମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ଏହା ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ।
- ଯୁଗ ଯୁଗ ଧରି ବିଭିନ୍ନ ସଂସ୍କୃତିର ସଂଶ୍ଲେଷଣ (ସଂଯୋଗ) ଭାରତୀୟ ସଂସ୍କୃତିକୁ ବର୍ତ୍ତମାନର ରୂପ ପ୍ରଦାନ କରିଛି ।
- ଆଧ୍ୟାତ୍ମିକତା ଏବଂ ଉପଯୋଗୀତା ଭିତିକ ଜୀବନ ଶୈଳୀ ଭାରତୀୟ ସଂସ୍କୃତିର ପ୍ରାଣ କେନ୍ଦ୍ର ପୁଣି ଏହାର ଏକ ବୈଜ୍ଞାନିକ ସ୍ୱଭାବ ମଧ୍ୟ ରହିଛି ।

## ଅନ୍ତିମ ପ୍ରଶ୍ନାବଳୀ

୧. ସଂସ୍କୃତିର ବିଭିନ୍ନ ଉପାଦାନଗୁଡ଼ିକ କ'ଣ ?

୨. ବସ୍ତୁବାଦୀ ସଂସ୍କୃତି ଏବଂ ବସ୍ତୁବାଦୀ ନ ହୋଇଥିବା ସଂସ୍କୃତିର ଅର୍ଥ କ'ଣ ?

୩. ଭାରତୀୟ ସଂସ୍କୃତିର ଧର୍ମ ନିରପେକ୍ଷତାକୁ ବୁଝାଅ ।

୪. ଭାରତୀୟ ସଂସ୍କୃତିର ପ୍ରଭେଦ ସୂଚକ ଉପାଦାନଗୁଡ଼ିକୁ ବର୍ଣ୍ଣନା କର ।

୫. ସଂକ୍ଷେପରେ ବୁଝାଅ –

(କ) ସାଂସ୍କୃତିକ ସଂଶ୍ଲେଷଣ (ସଂଯୋଗ) (ଖ) ଆଧ୍ୟାତ୍ମିକତା

(ଗ) ଭାରତୀୟ ସଂସ୍କୃତିରେ ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ଚଳିବାର କ୍ଷମତା

୬. ଭାରତୀୟ ସଂସ୍କୃତି ପରିପ୍ରେକ୍ଷୀରେ 'ବିଭିନ୍ନତାରେ ଏକତା'କୁ ବୁଝାଅ

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧.୧ ୧. ପଞ୍ଜାବ

୨. ବିହୁ

୩. କୁଶାଣ, ଶକ ଏବଂ ପାର୍ଥିଆନ

୪. ଓଡ଼ିଶା

୨.୨ ୧. କୁଶାଣ ଓ ମୋଗଲ

୨. ମୌସୁମୀ

୩. ସୁମେରିଆନ

# ୩
# ପ୍ରାଚୀନ ଭାରତ

ତମେ ଭାବୁଛ କି ଭାରତୀୟ ଲୋକଙ୍କର ସଂସ୍କୃତି ଆରମ୍ଭରୁ ସେଇ ସମାନ ରହି ଆସିଛି ? ଏହାର ଉତ୍ତର – 'ନାଁ' । କୌଣସି ସଂସ୍କୃତି ସବୁଦିନେ ସମାନ ରହେ ନାହିଁ । ଆଉ, ଏହା ଭାରତ ପାଇଁ ମଧ୍ୟ ସତ୍ୟ । ଏହା ବହୁ ବିଭିନ୍ନ ସମୟରେ ବିଭିନ୍ନ ରକମର ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଛି । କାହିଁକି ଏପରି ପରିବର୍ତ୍ତନ ହୋଇଛି ତୁମେ ଜାଣ ? ଏହାର କାରଣ ହେଉଛି, ଏ ଦେଶକୁ ଆସିଥିବା ଓ ଏଠାରେ ବସବାସ କରୁଥିବା ପ୍ରତ୍ୟେକ ବଂଶ, ପ୍ରତ୍ୟେକ ଆକ୍ରମଣକାରୀ ସେ ଦେଶମାନଙ୍କର ଚିହ୍ନ ଏ ଦେଶର ସଂସ୍କୃତି ଉପରେ ଛାଡ଼ି ଦେଇଥାନ୍ତି । ଭାରତୀୟମାନଙ୍କର ବର୍ତ୍ତମାନର ସଂସ୍କୃତିକୁ ବୁଝିବା ପାଇଁ ହେଲେ, ଅତୀତରେ ଏହା କେଉଁ କେଉଁ ଧାରା ମଧ୍ୟଦେଇ ଗତି କରିଛି, ତାହା ବୁଝିବା ଆବଶ୍ୟକ । ଏହିପରି ଭାବରେ, ଏହି ବିଷୟଟିରେ ଆମେ ପ୍ରାଚୀନ ଭାରତୀୟମାନଙ୍କର ଜୀବନ ଶୈଳୀ ଉପରେ କିଛି ଜାଣିବାକୁ ଉଦ୍ୟମ କରିବା । ତୁମେ ହରପ୍ପା ସଭ୍ୟତାରୁ ଆରମ୍ଭ କରି ବୈଦିକ, ମୌର୍ଯ୍ୟ ଓ ଗୁପ୍ତ ସମୟ ମଧ୍ୟ ଦେଇ ଗତି କରିଥିବା ପ୍ରାଚୀନ ଭାରତ ଇତିହାସର ବିଭିନ୍ନ ସ୍ତର ବିଷୟରେ ପଢ଼ିବ । ସମାଜ ଓ ସଂସ୍କୃତିର ପରିବର୍ତ୍ତନରେ ଭାରତୀୟ ସମାଜ ଓ ସଂସ୍କୃତିର ଅନୁରୂପ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯିବ । ଦୀର୍ଘ ଶତାବ୍ଦୀ ଶତାବ୍ଦୀ ଧରି ବିକାଶ ବା କ୍ରମବୃଦ୍ଧିରୁ ଆଧୁନିକ ପୃଥିବୀ କିପରି ତିଆରି ହୋଇଛି ତାହା ଇତିହାସ ପଢ଼ିଲାବେଳେ ଆମେ ବୁଝିପାରୁ । ଅତୀତରେ ଆମେ ଯାହା ଫଳ ଲାଭ କରିଛୁ, ତାକୁହିଁ ନେଇ ଆମର ଭବିଷ୍ୟତକୁ ମୂଲ୍ୟବାନ କରିବାକୁ ହେବ ବୋଲି ଉପଲବ୍ଧି କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ ।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ିବା ପରେ ତୁମେ–

- ଇତିହାସ ପଢ଼ିବାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଉପଲବ୍ଧି କରିପାରିବ ।
- ହରପ୍ପା ସଂସ୍କୃତିକୁ ଭାରତର ଏକ ଜଣାଶୁଣା ପୌର ସଂସ୍କୃତି ବୋଲି ଚିହ୍ନି ପାରିବ ।
- ବୈଦିକ ସମାଜ, ଧର୍ମ ଓ ଦର୍ଶନର ସ୍ୱଭାବ–ଧର୍ମକୁ ପରୀକ୍ଷା କରିପାରିବ ।
- ଜୈନ ଓ ବୌଦ୍ଧ ଧର୍ମର ଉତ୍ଥାନର କାରଣଗୁଡ଼ିକୁ ବ୍ୟାଖ୍ୟା କରିପାରିବ ।
- ଏହି ସମୟ ମଧ୍ୟରେ ଦକ୍ଷିଣ ଭାରତର ସମୟୋଚିତ ଇତିହାସର ସନ୍ଧାନ କରିପାରିବ ।
- କ୍ରମିକ ରାଜତ୍ୱଗୁଡ଼ିକର ଶାସନକାଳରେ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ବିକାଶର ସମୀକ୍ଷା କରିପାରିବ ।
- ପ୍ରାଚୀନ ଭାରତରେ ସାଧାରଣ ଭାବରେ କ୍ରୀୟାଶୀଳ ସାଂସ୍କୃତିକ ବିକାଶର ପରୀକ୍ଷା କରପାରିବ ।



ଟିପ୍ପଣୀ

## ୩.୧ ଇତିହାସ ପଢ଼ିବାର ଗୁରୁତ୍ୱ

ମୁଁ ନିଶ୍ଚିତ ଯେ, ତୁମେମାନେ ଅନେକ ସମୟରେ ନିଜକୁ ପଚାରିବ, ତୁମେ ଇତିହାସ ପଢୁଛ କାହିଁକି ? ଇତିହାସ ପଢ଼ିବା ହେଉଛି ଅତୀତକୁ ଜାଣିବାର ଏକ ଉପାୟ । ଆମର ପୂର୍ବପୁରୁଷମାନେ ଯେପରି ଭାବରେ ରହୁଥିଲେ, କାହିଁକି ଓ କିପରି ଭାବେ ସେମିତି ରହୁଥିଲେ, କ'ଣ କ'ଣ ଅସୁବିଧାର ସମ୍ମୁଖୀନ ହେଉଥିଲେ ଓ କେଉଁ ଉପାୟରେ ସେଗୁଡ଼ିକୁ ଜୟ କରୁଥିଲେ ସେସବୁକୁ ଜାଣିବା ପାଇଁ ଇତିହାସ ଏକ ଉଦ୍ୟମ । ଭାରତବର୍ଷରେ ଆଜି କ'ଣ ଘଟୁଛି ତାହା ଭଲରେ ବୁଝିବା ପାଇଁ ଅତୀତ ବିଷୟରେ ଅବଗତ ହେବା ତୁମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ବିଷୟଟିକୁ ପଢ଼ିବା ପରେ ଅନେକ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଥିବା ତୁମ ଦେଶର କାହାଣୀକୁ ତୁମେ ଜାଣିପାରିବ ।

ଇତିହାସ କେବଳ ଗୁଡ଼ିଏ ତାରିଖ, ଘଟଣା ଓ ବିଶେଷ କରି ରାଜନୈତିକ ଘଟଣାବଳୀର ଏକ ବିଦ୍ୟା ଭାବରେ ଆଉ ଗଣା ଯାଉନାହିଁ । ଏହାର ବିସ୍ତୃତି ଜୀବନର ଅନେକ ଦିଗକୁ ଅନ୍ତର୍ଭୁକ୍ତ କରିଛି । ଜୀବନର ଆଦର୍ଶ ବା ନମୁନାର ଅନୁଶୀଳନ, ଯାହାକୁ ଆମେ ସଂସ୍କୃତି କହୁ, ଏହି ଦିଗଗୁଡ଼ିକର ଅନ୍ତର୍ଭୁକ୍ତ । ଏକଦା ସଂସ୍କୃତିର ସଜ୍ଞାଥିଲା କଳା, ସ୍ଥାପତ୍ୟ, ସାହିତ୍ୟ ଓ ଦର୍ଶନ ସହିତ ଯାହା ସମ୍ପର୍କିତ । ବର୍ତ୍ତମାନ ଗୋଟିଏ ସମାଜର ସମସ୍ତ କାର୍ଯ୍ୟକଳାପ ବା କ୍ରିୟାଶୀଳତା ଏହାର ଅନ୍ତର୍ଭୁକ୍ତ । ତେଣୁ, ଇତିହାସର ଗୁରୁତ୍ୱ କେବଳ ସମାଜର ଉପରସ୍ତରର ଅନୁଶୀଳନରୁ ସମାଜର ସମସ୍ତ ଶ୍ରେଣୀର ଅନୁଶୀଳନକୁ ସ୍ଥାନାନ୍ତରିତ ହୋଇଛି । ବର୍ତ୍ତମାନ ଏହା ଇତିହାସ ରଚିଥିବା ରାଜା, ପ୍ରଭାବଶାଳୀ ଜନନାୟକ ଓ ସାଧାରଣ ଲୋକମାନଙ୍କ ବିଷୟରେ ମଧ୍ୟ ଅବଗତ କରାଉଛି । କଳା ଓ ଶିଳ୍ପର ଅନୁଶୀଳନ ଏହାର ଅନ୍ତର୍ଭୁକ୍ତ । ବର୍ତ୍ତମାନ ଆମେ ସମାଜର କେବଳ ଆଭିଜାତ୍ୟ ସଂପ୍ରଦାୟ ସ୍ତରରେ କ'ଣ ଘଟୁଥିଲା ତାହା ଦେଖୁନାହୁଁ । ଆମେ ତଳସ୍ତରରେ ଥିବା ଲୋକମାନଙ୍କର ସ୍ୱାର୍ଥ ଓ ସଂପୃକ୍ତିକୁ ମଧ୍ୟ ପୁନର୍ଗଠନ କରିବାକୁ ଚେଷ୍ଟା କରୁଛୁ । ଏହା ଇତିହାସକୁ ଅଧିକତର ଚିତ୍ତାକର୍ଷକ କରାଏ ଓ ଆମର ସମାଜକୁ ମଙ୍ଗଳ ନିମିତ୍ତ ବୁଝିବାରେ ସାହାଯ୍ୟ କରେ ।

ଇତିହାସ ରଚିଥିବା ଉଭୟ ଆଭିଜାତ୍ୟ ସମ୍ପନ୍ନ ଓ ସାଧାରଣ ସ୍ତରର ବ୍ୟକ୍ତିଗଣ ସମସ୍ତେ ସ୍ୱଦେଶୀ ନଥିଲେ । ଅନେକ ଅନ୍ୟାନ୍ୟ ଅଞ୍ଚଳରୁ ଆସିଥିଲେ ଓ ଭାରତବର୍ଷରେ ଥଇଥାନ ହୋଇଥିଲେ । ସେମାନେ ସ୍ଥାନ ବିଶେଷରେ ବିବାହ କଲେ, ସେଠାରେ ରହିଥିବା ଲୋକଙ୍କ ସହିତ ମିଶିଲେ ଓ ଭାରତୀୟ ସମାଜର ଏକ ଅଂଶ ବିଶେଷ ହେଲେ । ତେଣୁ, ବିଭିନ୍ନ ପ୍ରକାର ଲୋକଙ୍କର ଏକ ସଙ୍ଗତିସମ୍ପନ୍ନ ପରମ୍ପରା ଆମ ସମାଜର ଅଛି । ଏହି ବହୁ ପ୍ରକାରର ଲୋକମାନଙ୍କ ହେତୁ ସମାନ ଭାବରେ ବହୁ ପ୍ରକାରର ଧର୍ମ, ଭାଷା ଓ ପ୍ରଥା ଆମ ଦେଶରେ ରହିଛି ।

ଇତିହାସକୁ ସଠିକ୍ ଭାବରେ ବୁଝିବା ଦୁଇଟି ଜିନିଷ ଉପରେ ନିର୍ଭର କରେ । ଗୋଟିଏ ହେଉଛି କେତେକ ନିର୍ଦ୍ଦିଷ୍ଟ ଉକ୍ତିକୁ ଯୁକ୍ତିଦ୍ୱାରା ସମର୍ଥନ କରି ଐତିହାସିକମାନଙ୍କ ଦ୍ୱାରା ଆମକୁ ଦିଆଯାଇଥିବା ଉତ୍ସବସ୍ତୁର ଯତ୍ନଶୀଳ, ଗୁରୁତର ଏବଂ ସମାଲୋଚନାମୂଳକ ଉପଯୋଗ । ଦ୍ୱିତୀୟତଃ, ଐତିହାସିକ ଘଟଣାବଳୀର ଗୁଡ଼ିଏ କାରଣ ଥାଏ ଓ ଏହି କାରଣଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପରଖିବା ଉଚିତ । ସର୍ବୋପରି, ଏପରିକି ଅତୀତର ମଧ୍ୟ ଏକ ସମାଲୋଚନା ମୂଳକ ବିଶ୍ଳେଷଣ ନିଶ୍ଚୟ ଆବଶ୍ୟକ । କେବଳ ଏହି ଉପାୟରେ ଐତିହାସିକ ଜ୍ଞାନ ବଢ଼ିବ ।

ଭାରତର ଅତୀତ କେତେ ସହସ୍ର ବର୍ଷ ତଳର । ଆମର ପୂର୍ବପୁରୁଷମାନେ ରଖିଯାଇଥିବା ପ୍ରମାଣଗୁଡ଼ିକରୁ ଆମେ ଏହା ବିଷୟରେ ଜାଣୁ । ନିକଟ ଅତୀତ ପାଇଁ ଆମେ ନଥିପତ୍ର ଲେଖିଛୁ ଓ ଛାପିଛୁ । ଯେଉଁ ସମୟରେ ଛାପିବା ଜଣାନଥିଲା ନଥିପତ୍ର, କାଗଜ ଉପରେ ହାତରେ ଲେଖାଯାଇ ରଖାଯାଇଛି । କିନ୍ତୁ, ଆହୁରି ପୂର୍ବରୁ ଯେତେବେଳେ କାଗଜ ତିଆରି ହୋଇନଥିଲା, ନଥିପତ୍ରଗୁଡ଼ିକ ଶୁଖିଲା ତାଳପତ୍ର ଉପରେ, ଭୁର୍ଜଗଛର ବକଳ ଉପରେ ଓ ତାମ୍ର





ଫଳକ ବା ଚଦର ଉପରେ ଲେଖା ଯାଉଥିଲା ଏବଂ କେତେକ ସ୍ଥଳରେ ସେଗୁଡ଼ିକ ବଡ଼ ବଡ଼ ପଥର ଉପରେ, ସ୍ତମ୍ଭ ଉପରେ, ପଥର କାନ୍ଥରେ କିମ୍ବା କାଦୁଅ ଓ ପଥର ବା ଗୋଡ଼ିରେ ତିଆରି ଛୋଟ ଛୋଟ ଫଳକ ଉପରେ ଖୋଦିତ ହେଉଥିଲା । ଆହୁରି ପୂର୍ବରୁ ଏମିତି ଏକ ସମୟ ଥିଲା, ଯେତେବେଳେ ଲେଖିବା ମଧ୍ୟ ଜଣା ନଥିଲା, ସେହି ପୁରାତନ ସମୟର ମଣିଷମାନଙ୍କର ଜୀବନଶୈଳୀ ବିଷୟରେ ସେମାନେ ଛାଡ଼ି ଯାଇଥିବା ପଦାର୍ଥଗୁଡ଼ିକରୁ ଆମେ ଜାଣିବାକୁ ପାଉ । ଉଦାହରଣ ସ୍ୱରୂପ ସେମାନଙ୍କର ମାଟିର ପାତ୍ର କିମ୍ବା ହାତ ହତିଆର ଓ ଯନ୍ତ୍ରପାତି । ଏଗୁଡ଼ିକ କଠିନ ପଦାର୍ଥମାନ, ତୁମେ ଏହାକୁ ଦେଖିପାରିବ, ଛୁଇଁପାରିବ ଏବଂ ଏଗୁଡ଼ିକୁ ଅନେକ ସମୟରେ ମାଟିରୁ ଖୋଳି ବାହାର କରାଯାଏ । ଏସବୁ ଐତିହାସିକ-ରତ୍ନ-ଶୀକାର ଖେଳରେ ଉଦ୍‌ଘାଟନର ଖିଅ ବା ସୂତ୍ର ଗୁଡ଼ିଏ; କିନ୍ତୁ, ଆମ ସଂସ୍କୃତିର ଏକ ଅଂଶବିଶେଷ । ଏହି ଖିଅ ବା ସୂତ୍ରଗୁଡ଼ିକ ନାନା ପ୍ରକାରର ହୋଇପାରନ୍ତି । ଅତି ସାଧାରଣ ଭାବରେ ବ୍ୟବହାର ହେଉଥିବା ସୂତ୍ରଗୁଡ଼ିକ ହେଉଛି - ପାଣ୍ଡୁଲିପିମାନ । ପାଣ୍ଡୁଲିପିଗୁଡ଼ିକ ହେଉଚି, ଶୁଖିଲା ତାଳପତ୍ର ଉପରେ କିମ୍ବା ଭୁର୍ଜଗଛର ମୋଟା ବକଳ ଉପରେ ନତୁବା କାଗଜ ଉପରେ ଲେଖା ଯାଇଥିବା ପ୍ରାଚୀନ ଗ୍ରନ୍ଥମାଳା । ଯଦିଓ କାଗଜ ଉପରେ ଲେଖାଯାଇଥିବା ବହିଗୁଡ଼ିକ ଅନ୍ୟ ଗ୍ରନ୍ଥଭଳି ସେତେ ପୁରୁଣା ନୁହଁ, ତଥାପି ଏହା ଅଧିକ ଦିନ ତିଷ୍ଠି ରହିଛି । ଅତି ପ୍ରାଚୀନ ବହିଗୁଡ଼ିକ ଲେଖା ଯାଇଥିବା ଭାଷାରୁ କିଛି ଭାଷା ଭାରତରେ ଆମେ ନିତିଦିନିଆଁ ଜୀବନରେ ଆଉ ବ୍ୟବହାର କରୁନାହୁଁ, ଯଥା - ପାଲି ଓ ପ୍ରାକୃତ । ଅନ୍ୟାନ୍ୟ କିଛି ସଂସ୍କୃତ ଓ ଆରବୀୟ ଭାଷାରେ ଲିଖିତ ଯେଉଁଗୁଡ଼ିକୁ କି ଆମେ ଆଜି ବି ଅଧ୍ୟୟନ କରୁଛୁ ଓ ଆମର ଧାର୍ମିକ ଉତ୍ସବମାନଙ୍କରେ ବେଳେବେଳେ ବ୍ୟବହାର କରୁଛୁ । ଯଦିଓ ସେଗୁଡ଼ିକୁ ଆମେ ଘରେ ବ୍ୟବହାର କରୁନାହୁଁ । ଆଉ ଏକ ଭାଷା ହେଉଛି 'ତାମିଲ୍' । ଏହା ଦକ୍ଷିଣ ଭାରତରେ କଥିତ । ଏହାର ସାହିତ୍ୟ ବହୁ ପୁରୁଣା ଓ ଏହା ଆଜିବି ବ୍ୟବହୃତ ହେଉଛି । ଏଗୁଡ଼ିକୁ 'ଶାସ୍ତ୍ରୀୟ' ବା 'ଉଚ୍ଚକୋଟୀର ଭାଷା' କୁହାଯାଏ ଓ ପୃଥିବୀର ଅନେକ ଭାଗର ଇତିହାସ ବିଭିନ୍ନ ରକମର ଶାସ୍ତ୍ରୀୟ ଭାଷାରେ ଲିପିବଦ୍ଧ ହୋଇଛି । ଇଉରୋପରେ ପ୍ରାଚୀନ ଗ୍ରନ୍ଥଗୁଡ଼ିକ ଅନେକ ସମୟରେ ଗ୍ରୀକ୍ ଓ ଲାଟିନ ଭାଷାରେ ଲେଖା ଯାଉଥିଲା । ପଶ୍ଚିମ ଏସିଆରେ ସେଗୁଡ଼ିକ ଆରବୀୟ ଓ ହିବ୍ରୁ ଭାଷାରେ ଓ ଚୀନ୍‌ରେ ଶାସ୍ତ୍ରୀୟ ଚିନା ଭାଷାରେ ଲେଖା ଯାଉଥିଲା ।

## ୩.୨ ପ୍ରାଚୀନ ଭାରତ

ଭାରତର ଏକ ଅତି ଲମ୍ବା ସମୟ ଧରି ନିରବିଚ୍ଛିନ୍ନ ଇତିହାସ ରହିଛି । ପ୍ରାୟ ଖ୍ରୀ:ପୂ: ୭୦୦୦ ସମୟର ନୂତନ ପ୍ରସ୍ତର ଯୁଗରେ ବସତି ସ୍ଥାପନର ପ୍ରମାଣଗୁଡ଼ିକ ବାଲୁଚିସ୍ତାନର ମେହେରଗଡ଼ରେ ମିଳିଛି । ସେ ଯାହାହେଉନା କାହିଁକି, ଖ୍ରୀ:ପୂ: ୨୭୦୦ ବେଳକୁ ଦୃଷ୍ଟିରେ ପଡ଼ିଲା ଭଳି ଭାରତର ପ୍ରଥମ ସଭ୍ୟତା ଏହି ଉପମହାଦେଶର ଉତ୍ତର-ପଶ୍ଚିମ ଭାଗରେ ଏକ ବିରାଟ ଅଞ୍ଚଳରେ ଗଢ଼ି ଉଠିଥିଲା । ଏହି ସଭ୍ୟତାକୁ 'ହରପ୍ପା ସଭ୍ୟତା' ବୋଲି କୁହାଯାଏ । ଏହି ସଭ୍ୟତାର ଅନେକ ସ୍ଥାନ ସିନ୍ଧୁ, ଘାଗରା ଓ ଏଗୁଡ଼ିକର ଉପନଦୀମାନଙ୍କର କୂଳେ କୂଳେ ଗଢ଼ି ଉଠିଥିଲା ।

ହରପ୍ପା ସଭ୍ୟତା ସହିତ ସଂପୃକ୍ତ ସଂସ୍କୃତି ଭାରତର ପ୍ରଥମ ଜଣାଶୁଣା ନଗର ସଭ୍ୟତା । ହରପ୍ପାର ଅଧିବାସୀମାନେ ଯୋଜନାବଦ୍ଧ ନଗରୀରେ ପରିଚ୍ଛନ୍ନତା, ନିଷ୍କାସନ ଓ ସୁପ୍ରଶସ୍ତ ରାସ୍ତା ତିଆରି କରି ପ୍ରଥମ ସହରଗୁଡ଼ିକ ଗଢ଼ିଥିଲେ । ସେମାନେ ପୋଡ଼ା ଇଟାର ଦୁଇମହଲା ବିଶିଷ୍ଟ ଘରଗୁଡ଼ିକ କରିଥିଲେ । ପ୍ରତ୍ୟେକ ଘରେ ଗୋଟିଏ ଗାଧୁଆଘର, ରୋଷେଇ ଘର ଓ ଗୋଟିଏ କୂଅ ଥିଲା । ପାଚେରୀଘେରା ସହରରେ ବିଶାଳ ସମୁହ-ସ୍ନାନାଗାର, ଶସ୍ୟାଗାର ଓ ସାମୁହିକ ଆଲୋଚନା ପାଇଁ ବଡ଼ ବଡ଼ କୋଠରୀ ସବୁ ପରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କୋଠାଘର ମଧ୍ୟ ଥିଲା ।





ଗ୍ରାମାଞ୍ଚଳରେ ରହୁଥିବା ଉରପ୍ପାର ଅଧିବାସୀମାନଙ୍କର କୃଷି ଥିଲା ପ୍ରଧାନ ଜୀବିକା । ସହରରେ ରହୁଥିବା ଅଧିବାସୀମାନେ ଅନ୍ତଃ ଓ ବହିର୍ବାଣିଜ୍ୟ କରୁଥିଲେ ଓ ମେସୋପଟାମିଆ ଭଳି ଅନ୍ୟାନ୍ୟ ସଭ୍ୟତା ସହିତ ସମ୍ପର୍କ ରଖୁଥିଲେ । ସେମାନେ ଅତି ଉତ୍ତମ ମାଟିପାତ୍ରର କାରୀଗର ବା କୁମ୍ଭାର ଥିଲେ । ବିଭିନ୍ନ ରକମର ବାସନ, କଣ୍ଢେଇ, ମୋହର, ମୂର୍ତ୍ତି ଇତ୍ୟାଦି ବିଭିନ୍ନ ସ୍ଥାନରୁ ଖୋଳା ହୋଇ ବାହାର କରାଯାଇଛି । ହରପ୍ପାର ଅଧିବାସୀମାନଙ୍କର ଧାତବ ଓ ବିଭିନ୍ନ ମିଶ୍ରଧାତୁର କୁଶଳୀ ଜ୍ଞାନ ମଧ୍ୟ ଥିଲା । ମହେନ୍‌ଜୋଦାରୋରୁ ମିଳିଥିବା ଗୋଟିଏ ନର୍ତ୍ତକୀର ବ୍ରୋଞ୍ଜ ମୂର୍ତ୍ତି ହରପ୍ପାର ଅଧିବାସୀମାନଙ୍କର ସ୍ଥାପତ୍ୟ କୌଶଳ ଓ ସୌନ୍ଦର୍ଯ୍ୟ ଜ୍ଞାନର ପରିଚୟ ଦିଏ । ଶାମୁକା, ହାତୀଦାନ୍ତ, ଅସ୍ଥି ଓ faience ବିଭିନ୍ନ ଶିଳ୍ପ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା । ଗୁଜୁରାଟର ଅହମଦାବାଦରେ ଥିବା ଢ଼ୋଲକ ତାଲୁକରେ ଲୋଥାଲ୍ ନାମକ ଏକ ପୋତ ନିର୍ମାଣ ଓ ସଂସ୍କାରସ୍ଥଳୀ ଥିଲା । ଏହା ମଧ୍ୟ ଏକ ସୁପରିକଳ୍ପିତ ପ୍ରାଚୀର ଘେରା ସହର । ବିଶ୍ୱର ପଶ୍ଚିମଭାଗ ସହିତ ସାମୁଦ୍ରିକ ବାଣିଜ୍ୟ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ଗୁଜୁରାଟର ଧଉଳବୀର ଓ ରାଜସ୍ଥାନର କାଳୀବଂଗା ଅନ୍ୟ କେତୋଟି ଗୁରୁତ୍ୱପୂର୍ଣ୍ଣ ସହର ଥିଲା ।

ଏକଶିଙ୍ଗିଆ ଗଣ୍ଡା, ଅଶ୍ୱତଥ ପତ୍ର ଓ ଦେବତାମାନଙ୍କର ଛାପ ଥିବା ଅସଂଖ୍ୟ ମୋହର ହରପ୍ପାର ଅଧିବାସୀମାନଙ୍କର ଧର୍ମ-ବିଶ୍ୱାସ ଉପରେ ଆଲୋକପାତ କରେ । ଯାହା ଜଣାଯାଏ ସେମାନେ ଉଦ୍ଭିଦ, ପ୍ରାଣୀ ଓ ପ୍ରାକୃତିକ ଶକ୍ତିକୁ ପୂଜା କରୁଥିଲେ । ପରବର୍ତ୍ତୀ ସମୟରେ ଅନ୍ୟ ଦେବଦେବୀଙ୍କ ମଧ୍ୟରେ ଭଗବାନ ଶିବଙ୍କ ସହିତ ସାମଞ୍ଜସ୍ୟ ଥିବା ଜଣେ ଦେବତା ଓ ଜଣେ ମାତୃଦେବୀଙ୍କୁ ସେମାନେ ଆରାଧନା କରୁଥିଲେ । ବୋଧହୁଏ ସେମାନେ ମୃତ୍ୟୁ ପରେ ଜୀବନକୁ, ଯାଦୁବିଦ୍ୟା ଓ ମନ୍ତ୍ରଶକ୍ତିକୁ ମଧ୍ୟ ବିଶ୍ୱାସ କରୁଥିଲେ । ମୋହରଗୁଡ଼ିକରେ ଖୋଦିତ ହୋଇଥିବା କୁବ୍ଜବିଶିଷ୍ଟ ଷଣ୍ଢ, ହସ୍ତୀ ଓ ଗଣ୍ଡାର ଆକୃତିରୁ ଏହି ଜୀବଗୁଡ଼ିକ ପବିତ୍ର ଭାବେ ଗଣା ହେଉଥିଲେ ବୋଲି ଜଣାପଡ଼େ । ଅନେକ ମୋହରରେ ଅଶ୍ୱସ୍ଥ ଚିତ୍ରିତ ତଥା ବର୍ଣ୍ଣିତ ହୋଇଛି ।

ହରପ୍ପାର ଅଧିବାସୀମାନେ କିପରି ଲେଖିବାକୁ ହୁଏ ଜାଣିଥିଲେ ଓ ସେମାନଙ୍କର ଅଧିକାଂଶ ମୋହରରେ କିଛି ନାଁ କିଛି ଲିପି ଥାଏ । କିନ୍ତୁ ଦୁର୍ଭାଗ୍ୟବଶତଃ ସେ ଲିପିଗୁଡ଼ିକୁ ବ୍ୟାଖ୍ୟା କରିବାକୁ ଆଜିଯାଏ କେହି ସମର୍ଥ ହୋଇନାହାନ୍ତି । ଯାହା ଫଳରେ କି, ଆମର ହରପ୍ପା ସଭ୍ୟତା ବିଷୟକ ଜ୍ଞାନ କେବଳ ପ୍ରତ୍ନତାତ୍ତ୍ୱିକ ପ୍ରମାଣକୁ ଭିତ୍ତି କରିଛି । ଖନନ ଦ୍ୱାରା ବାହାରିଥିବା ବିଭିନ୍ନ ମୋହରର ପୁରୁଷ ଓ ସ୍ତ୍ରୀ ଆକୃତିମାନ ଜଣାଇଦିଏ ଯେ, ଲୋକମାନେ ସୂତା କାଟିବା ଓ ବୁଣିବାର କଳା ଜାଣିଥିଲେ । ବୋଧହୁଏ କପାଚାଷ କରିବାର ପ୍ରଥମ ମଣିଷ ସେଇମାନେ ଥିଲେ । ମେସୋପଟାମିଆରେ ମିଳିଥିବା ବହୁଳ ପରିମାଣର ସିନ୍ଧୁ ସଭ୍ୟତାର ମୋହରରୁ ସିନ୍ଧୁ ଉପତ୍ୟକା ଓ ମେସୋପଟାମିଆ ସଭ୍ୟତା ମଧ୍ୟରେ ବାଣିଜ୍ୟ କାରବାର ସମ୍ଭାବନାର ସୂଚନା ମିଳେ ।

ଖ୍ରୀ.ପୂ. ୧୮୦୦ ସୁଦ୍ଧା ହରପ୍ପା ସଭ୍ୟତାର କ୍ଷୟ ଆରମ୍ଭ ହେଲା । ସେ ଯାହାହେଉ, ଏହା କାହିଁକି ଯେ ଘଟିଲା ତାହା ଆମେ ଜାଣୁନାହୁଁ ।

## ୩.୩ ବୈଦିକ ସଂସ୍କୃତି

ହରପ୍ପା ସଭ୍ୟତା କ୍ଷୟ ହେବାର କେତେ ଶତାବ୍ଦୀ ପରେ ସେହି ସମାନ ଅଞ୍ଚଳରେ ଏକ ନୂଆ ସଂସ୍କୃତିର ଉଦ୍‌ଥାନ ହେଲା ଓ କ୍ରମଶଃ ଗଙ୍ଗାଯମୁନାର ସମତଳ ଅଞ୍ଚଳରେ ବ୍ୟାପକ ହେଲା । ଏହି ସଂସ୍କୃତିକୁ ଆର୍ଯ୍ୟ-ସଂସ୍କୃତି କୁହାଗଲା । ଏ ସଂସ୍କୃତି ଓ ଏହା ପୂର୍ବରୁ ଥିବା ସଂସ୍କୃତି ଭିତରେ ଆଖିଦୃଷ୍ଟିଆ ପାର୍ଥକ୍ୟମାନ ଥିଲା ।

ସିନ୍ଧୁନଦୀ ଓ ସରସ୍ୱତୀ ନଦୀ (ଆଜିକାଲି ଏହାର ଅସ୍ତିତ୍ୱ ନାହିଁ)ର କୂଳେ କୂଳେ ଆର୍ଯ୍ୟମାନେ ବସତି ସ୍ଥାପନ କଲେ । ସେମାନେ ଆରାଧନା କରୁଥିବା ଦେବାଦେବୀମାନଙ୍କର ସମ୍ମାନାର୍ଥେ ଅନେକ ସ୍ତବ ରଚନା କଲେ ।





ଏଗୁଡ଼ିକ ଚାରୋଟି ବେଦ ଯଥା :– ଋକ୍‌ବେଦ, ଶାମବେଦ, ଯଯୁର୍ବେଦ ଓ ଅଥର୍ବବେଦରେ ସଂକଳନ କରାଗଲା । ବେଦ ଶବ୍ଦର ଅର୍ଥ ପବିତ୍ର ଆଧାତ୍ମିକ–ଜ୍ଞାନର ଜ୍ଞାନ । ଉଚ୍ଚତମ ଆଧାତ୍ମିକ ଜ୍ଞାନ ପ୍ରଦାନ କରୁଥିବାରୁ ଏହି ବେଦଗୁଡ଼ିକୁ ନିର୍ଭୁଲ ଓ ଅମୋଘ ବୋଲି ବିବେଚନା କରାଗଲା । ପ୍ରାଥମିକ ଅବସ୍ଥାରେ ବେଦଗୁଡ଼ିକ ମୌଖିକ ଭାବରେ ପ୍ରସାରିତ ହେଉଥିଲା । ଆଦି ଆର୍ଯ୍ୟମାନଙ୍କ ଉପରେ ଆମର ଜ୍ଞାନ ଏହି ବେଦଗୁଡ଼ିକର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହି ସମୟର ସଂସ୍କୃତିକୁ ବୈଦିକ–ସଂସ୍କୃତି ବୋଲି କୁହାଯାଏ । ଅଧ୍ୟୟନାର୍ଥୀମାନେ ବୈଦିକ କାଳକୁ ଆଦ୍ୟ ଓ ଉତ୍ତର ବୈଦିକ କାଳରେ ବିଭକ୍ତ କରିଛନ୍ତି । ଋକ୍‌ବେଦ ଆଦ୍ୟ ବୈଦିକକାଳର ପ୍ରତିନିଧିତ୍ୱ କରେ ଓ ପରବର୍ତ୍ତୀ କାଳକୁ ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ସମେତ ଅନ୍ୟ ସମସ୍ତ ବୈଦିକ ସାହିତ୍ୟ ପ୍ରତିନିଧିତ୍ୱ କରନ୍ତି । ରାମାୟଣ ଓ ମହାଭାରତ ମହାକାବ୍ୟ ଦୁଇଟି ଓ ପୁରାଣମାନ ବହୁତ ପରେ ସଂକଳିତ ହୋଇଥିଲେ ମଧ୍ୟ ଏକ ପ୍ରାଚୀନ ସମୟର ଜୀବନଶୈଳୀ ଓ ସମାଜ ଉପରେ ଆଲୋକପାତ କରନ୍ତି । ଉତ୍ତର ପ୍ରଦେଶର କେତେକ ଅଞ୍ଚଳରେ ଏଇ ସମୟର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସବୁ ମଧ୍ୟ ମିଳିଛି ।

> ଇନ୍ଦ୍ରଙ୍କୁ ନଗରଗୁଡ଼ିକର ଧ୍ୱଂସକାରୀ ରୂପେ ବର୍ଣ୍ଣନା କରାଯାଇ ତାଙ୍କର ସ୍ତୁତିରେ ପ୍ରାୟ ୨୫୦ ସ୍ତବ ଓ ଅଗ୍ନି ଦେବତାଙ୍କ ସ୍ତୁତିରେ ୨୦୦ଟି ସ୍ତବ ଋକ୍ ବେଦରେ ଅଛି । ତୁମେ ଜାଣକି ଅଗ୍ନିଙ୍କୁ ଦେବତା ଓ ମାନବଙ୍କର ମଧ୍ୟବର୍ତ୍ତୀ ବୋଲି ବିବେଚନା କରାଯାଏ ?

## ସମାଜ ଓ ଧର୍ମ

ଆର୍ଯ୍ୟ ସମାଜ ପିତୃକେନ୍ଦ୍ରିକ ହେଲେ ମଧ୍ୟ, ନାରୀମାନେ ଗୌରବ ଓ ସମ୍ମାନର ସହିତ ବିବେଚିତ ହେଉଥିଲେ । ପରିବାର କ୍ଷୁଦ୍ରତମ ସାମାଜିକ ଏକକ ଥିଲା । କେତେଗୁଡ଼ିଏ ପରିବାର (କୁଳ) ମିଶି ଗୋଟିଏ ଗ୍ରାମ ଓ କେତେଗୁଡ଼ିଏ ଗ୍ରାମ ମିଶି ଗୋଟିଏ 'ବିସ' ଗଢୁଥିଲେ । ଅନେକ ଗୁଡ଼ିଏ ଗ୍ରାମ ମିଶି ଗୋଟିଏ ଜାତି ବା ଜନ ଗଢୁଥିଲେ ଓ ଏହାକୁ ଶାସନ କରୁଥିବା ମୁଖ୍ୟଙ୍କୁ ରାଜନ କୁହାଯାଉଥିଲା । ଆଇନ୍ କାନୁନ୍ ବଜାୟ ରଖିବା ଓ ଜାତିକୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସଭା ଓ ସମିତି ନାମକ ଦୁଇଟି ପରିଷଦର ସଭ୍ୟମାନେ ତାଙ୍କୁ ସାହାଯ୍ୟ କରୁଥିଲେ । ଧାର୍ମିକ କାର୍ଯ୍ୟଗୁଡ଼ିକ ପୁରୋହିତ ଓ ସାମରିକ କାର୍ଯ୍ୟ ସେନାନୀ ତୁଲାଉଥିଲେ । ଏହି ଅବସ୍ଥାରେ ରାଜ୍ୟ ବା ସାମ୍ରାଜ୍ୟର ଧାରଣା ନଥିଲା । ରାଜନଙ୍କ ସ୍ଥାନଟି ବଂଶାନୁକ୍ରମିକ ହୋଇଥିଲେ ବି ଦୁର୍ବଳ ଅପାରଗ ବା ନିଷ୍ଠୁର ଜଣାଗଲେ ସେ ବିତାଡ଼ିତ ହୋଇପାରୁଥିଲେ ।

ପରବର୍ତ୍ତୀ ବୈଦିକ–କାଳ ଆଡ଼କୁ ସମାଜ ଚାରିଟି ବର୍ଣ୍ଣରେ ବିଭକ୍ତ ହେଲା – ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର । ଏହାକୁ ବର୍ଣ୍ଣ–ବ୍ୟବସ୍ଥା ମଧ୍ୟ କୁହାଗଲା । ଅରମ୍ଭରେ ବିଭିନ୍ନ କାର୍ଯ୍ୟ କରୁଥିବା ଲୋକମାନଙ୍କର ବିଭାଗକୁ ଏହା ସୂଚିତ କରୁଥିଲା । କିନ୍ତୁ କାଳକ୍ରମେ ଏହି ବିଭାଜନ ବଂଶାନୁକ୍ରମିକ ଓ ଦୃଢ ହୋଇଗଲା । ଶିକ୍ଷକମାନେ ବ୍ରାହ୍ମଣ, ଶାସକ ଶ୍ରେଣୀ କ୍ଷତ୍ରୀୟ, କୃଷକ, ବଣିକ ଓ ସାହୁକାରମାନେ ବୈଶ୍ୟ ଏବଂ କାରୀଗର ଶିଳ୍ପୀ ଓ ଶ୍ରମିକମାନେ ଶୁଦ୍ର ବୋଲେଇଲେ । ଗୋଟିଏ ବୃତ୍ତିରୁ ଆଉ ଗୋଟିକୁ ଯିବା କଷ୍ଟକର ଥିଲା । ଏକକାଳୀନ ଭାବରେ ବ୍ରାହ୍ମଣମାନେ ମଧ୍ୟ ସମାଜରେ ଏକ ମୁଖ୍ୟ ସ୍ଥାନ ଅଧିକାର କରିନେଲେ ।

'ଚତୁରାଶ୍ରମ' ବା ଜିବୀତାବସ୍ଥାକୁ ସ୍ପଷ୍ଟ ଭାବରେ ଚାରିଟି ଭାଗରେ ଯଥା – ବ୍ରହ୍ମଚର୍ଯ୍ୟ (ଗୁରୁଙ୍କ ଆଶ୍ରମରେ କୌମାର୍ଯ୍ୟ, ଶିକ୍ଷା ଓ ଶୃଙ୍ଖଳିତ ଜୀବନ କାଳ), ଗୃହସ୍ଥ (ପାରିବାରିକ ଜୀବନ କାଳ), ବାନପ୍ରସ୍ଥ (କ୍ରମଶଃ ଅନାସକ୍ତିର କାଳ) ଓ ସନ୍ୟାସ (ପାର୍ଥିବ ଜଗତରୁ ଦୂରେଇ ଯାଇ ଆଧାତ୍ମିକତାର ଅନୁସନ୍ଧାନରେ ଉତ୍ସର୍ଗୀକୃତ ଜୀବନ କାଳ) ବିଭକ୍ତ କରିବାର ପ୍ରଥା ସେତେବେଳର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଅନୁଷ୍ଠାନ ଥିଲା । ସେ ଯାହା ହଉ ଏହା

ଉଲ୍ଲେଖନୀୟ ଯେ, ଏହି ଭାଗ ଗୁଡ଼ିକ ମହିଳା ଓ ନିମ୍ନବର୍ଣ୍ଣର ଲୋକଙ୍କ ପାଇଁ ପ୍ରଯୁଜ୍ୟ ନଥିଲା । ମହିଳାମାନେ ସମାଜ ଦ୍ୱାରା ସମ୍ମାନିତ ହେଉଥିଲେ, ସ୍ୱାଧୀନତା ଉପଭୋଗ କରୁଥିଲେ, ଶିକ୍ଷାକୁ ସେମାନଙ୍କର ପ୍ରବେଶ ଥିଲା ଓ ସ୍ୱୟଂବର ଦ୍ୱାରା ଜୀବନସାଥି ବାଛିବାର ସ୍ୱାଧୀନତା ମଧ୍ୟ ଥିଲା । ପର୍ଦ୍ଦା ଓ ସତୀପ୍ରଥାର ପ୍ରାଧାନ୍ୟ ନଥିଲା । ଧର୍ମ, ଅର୍ଥ ଓ କାମର ଅନୁସନ୍ଧାନରେ ମୋକ୍ଷ ବା ନିର୍ବାଣପ୍ରାପ୍ତି ଜୀବନର ଅନ୍ତିମ ଲକ୍ଷ୍ୟ ଥିଲା । କୌଣସି ଫଳପ୍ରାପ୍ତିର ଆଶା ନରଖି କର୍ମ ବା କର୍ତ୍ତବ୍ୟ କରିଯିବାକୁ ଭଗବତ ଗୀତାରେ ଉପଦେଶ ଦିଆଯାଇଛି ।

ମଡ୍ୟୁଲ – ୨

ବିଭିନ୍ନ ଯୁଗରେ ଇତିହାସ ଓ ସଂସ୍କୃତି



ଟିପ୍ପଣୀ

ଆଦ୍ୟ ବୈଦିକ ଯୁଗର ଲୋକମାନେ ପ୍ରାକୃତିକ ଶକ୍ତିମାନଙ୍କୁ ଆରାଧନା କରୁଥିଲେ ଓ ସେମାନଙ୍କଠାରେ ଦେବାଦେବୀଙ୍କର ବ୍ୟକ୍ତିତ୍ୱ ଆରୋପଣ କରୁଥିଲେ । ଇନ୍ଦ୍ର, ଅଗ୍ନି, ବରୁଣ, ମରୁତ ସେମାନଙ୍କର ଦେବତାମାନଙ୍କ ମଧ୍ୟରେ ଓ ଉଷା, ଅଦିତି, ପୃଥିବୀ ଦେବୀମାନଙ୍କ ମଧ୍ୟରେ କେତେକ ଥିଲେ । ଋକ୍‌ବେଦରେ ବର୍ଣ୍ଣିତ କେତେକ ସୌର ଦେବାଦେବୀ ହେଉଛନ୍ତି ସୂର୍ଯ୍ୟ, ସାବିତ୍ରୀ ଓ ପୁଷୌ । ବୈଦିକ ସ୍ତୁତି ବା ମନ୍ତ୍ର ଉଚ୍ଚାରଣ କରି ଯଜ୍ଞ କରାଯାଉଥିଲା । ଦେବତାମାନଙ୍କର ଆଶୀର୍ବାଦ ପାଇବା ପାଇଁ ଲୋକମାନେ ନିଆଁରେ ଘିଅ ଓ ଅନ୍ୟାନ୍ୟ ଦ୍ରବ୍ୟ ଢାଳୁଥିଲେ । ଅଗ୍ନି ବା ନିଆଁ ଦେବତା ଓ ମାନବଙ୍କର ମଧ୍ୟବର୍ତ୍ତୀ ଭାବରେ ଗଣା ଯାଉଥିଲେ । ବୈଦିକ ଯୁଗର ଲୋକମାନେ ବ୍ୟକ୍ତିଗତ ଭାବରେ ଓ ସାମୁହିକ ଭାବରେ ମଧ୍ୟ ଜନର ମଙ୍ଗଳ ପାଇଁ ପ୍ରାର୍ଥନା କରୁଥିଲେ ।

ପରବର୍ତ୍ତୀ ବୈଦିକ ଯୁଗରେ ଧର୍ମୀୟ ଅଭ୍ୟାସଗୁଡ଼ିକରେ ପରିବର୍ତ୍ତନ ହେଲା । ଇନ୍ଦ୍ର, ଅଗ୍ନି ଓ ବରୁଣଙ୍କ ପରି ଆଦ୍ୟ ବୈଦିକ ଯୁଗର ପ୍ରଧାନ ଦେବତାମାନେ ସେମାନଙ୍କର ପ୍ରାଧାନ୍ୟ ଓ ଲୋକପ୍ରିୟତା ହରାଇଲେ । ସେମାନଙ୍କର ସ୍ଥାନ ଦେବତାମାନଙ୍କର ଏକ ନୂଆ 'ତ୍ରିମୂର୍ତ୍ତି' ନେଲେ, ଯେଉଁଥିରେ କି ବ୍ରହ୍ମା ଚୂଡ଼ାନ୍ତ ସ୍ଥାନ ଉପଭୋଗ କଲେ, ବିଷ୍ଣୁ ପାଳନ କର୍ତ୍ତା ହେଲେ ଓ ଶିବ ତ୍ରିମୂର୍ତ୍ତିକୁ ସଂପୂର୍ଣ୍ଣ କଲେ । ଧର୍ମ ଅତିଶୟ ବିଧିବିଧାନ ବିଶିଷ୍ଟ ହୋଇଗଲା । ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ଥିବା ସଂସ୍କୃତ ମନ୍ତ୍ରଗୁଡ଼ିକ ସମସ୍ତ ଧର୍ମୀୟ କାର୍ଯ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇଗଲା । ଏହା ବ୍ରାହ୍ମଣମାନଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ଓ ଯଜ୍ଞଗୁଡ଼ିକୁ ଅତ୍ୟନ୍ତ ବ୍ୟୟସାପେକ୍ଷ କରିଦେଲା । ସେଥିରେ ଅଂଶ ଗ୍ରହଣ କରିବା ତିନିଟି ଶ୍ରେଣୀ ପାଇଁ ସୀମିତ ଥିଲା । ରାଜାମାନେ ସେମାନଙ୍କ ସ୍ଥିତି ପ୍ରତିଷ୍ଠା ପାଇଁ ଅଶ୍ୱମେଧ, ରାଜସୂୟ ଓ ବାଜପେୟ ଯଜ୍ଞମାନ କରୁଥିଲେ । ଅତ୍ୟନ୍ତ କୌତୁହଳର ବିଷୟ ଯେ ବୈଦିକ ଯୁଗର ସଂସ୍କୃତିର କିଛି ମୂଳତତ୍ତ୍ୱ ୩୦୦୦ରୁ ଉର୍ଦ୍ଧ୍ୱକାଳ ଧରି ତିଷ୍ଠି ରହିଛି ଓ ଆଜି ମଧ୍ୟ ଭାରତୀୟ ସଂସ୍କୃତିର ଏକ ଅଂଶ ଭାବେ ଚଳି ଆସୁଛି । ପରବର୍ତ୍ତୀ ବୈଦିକ ଯୁଗର ଶେଷ ଆଡ଼କୁ ସମାଜରେ ପରିବର୍ତ୍ତନ ହେବାକୁ ଆରମ୍ଭ କଲା । ପ୍ରଥମଥର ପାଇଁ ଲୋକମାନେ ବ୍ରହ୍ମାଣ୍ଡର ସୃଷ୍ଟି, ମୃତ୍ୟୁ ପରେ ଜୀବନ ଓ ଜୀବନର ସାରତତ୍ତ୍ୱ ଇତ୍ୟାଦି ବିଶ୍ୱାସଗୁଡ଼ିକ ଉପରେ ଆଲୋଚନା କରିବାକୁ ଆରମ୍ଭ କଲେ । ଉପନିଷଦରେ ଏହି ପ୍ରଶ୍ନଗୁଡ଼ିକ ଉପରେ ତନ୍ନ ତନ୍ନ ଭାବରେ ଆଲୋଚନା କରାଯାଇଥିଲା ।

## ଭୌତିକ ଜୀବନ ଓ ମିତାଚାର

ଆର୍ଯ୍ୟମାନେ ମୁଖ୍ୟତଃ ପଶୁପାଳକ ଓ କୃଷକ ଥିଲେ । ଗାଈ, ଘୋଡ଼ା, ମେଣ୍ଢା, ଛେଳି ଓ କୁକୁର ଭଳି ପଶୁମାନଙ୍କୁ ସେମାନେ ଘରେ ରଖି ପାଳୁଥିଲେ । ଶସ୍ୟ ଜାତୀୟ, ଡାଲି ଜାତୀୟ, ଫଳ, ପରିବା, କ୍ଷୀର ଓ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ସରଳ ଖାଦ୍ୟ ସେମାନେ ଖାଉଥିଲେ । 'ସୋମ' ନାମକ ଏକ ପାନୀୟ ସେମାନେ ପିଉଥିଲେ । ପଶା (ସତରଞ୍ଜ), ରଥଦୌଡ଼ ଇତ୍ୟାଦି ସେମାନଙ୍କର ମନୋରଞ୍ଜନ ଥିଲା ।

ଆଦ୍ୟରେ ପଇସା କିମ୍ବା କର କାରବାର ନଥିଲା । ବଳି ବା ସ୍ୱତଃ ପ୍ରଦାନ କରିବାର ପ୍ରାଧାନ୍ୟ ଥିଲା । ଗାଈମାନେ ସମ୍ପତ୍ତିର ମାପ ଥିଲେ । ସମୟକ୍ରମେ ଲୁହାର ବିସ୍ତୃତ ବ୍ୟବହାର ସେମାନଙ୍କର ଭୌତିକ ଜୀବନରେ ବିରାଟ





ପରିବର୍ତ୍ତନ ସବୁ ଆଣିଲା । ଲୁହାର କୁରାଢ଼ୀମାନ ଜଙ୍ଗଲ ସଫାକରି ସାରା ଗାଙ୍ଗେୟ ସମତଳରେ କୃଷିକୁ ବିସ୍ତାର କରିବାରେ ସେମାନଙ୍କୁ ସମର୍ଥ କଲା । ଲୌହ ଯନ୍ତ୍ରପାତି ଫଳରେ ବିଭିନ୍ନ ଶିଳ୍ପ ଓ କାରୀଗରୀ କାର୍ଯ୍ୟ ହେଲା । ଯୁଦ୍ଧ କରିବା ଓ ନିଜକୁ ଶତ୍ରୁଠାରୁ ଉତ୍ତମରୂପେ ରକ୍ଷା କରିବାରେ ଲୌହ ଅସ୍ତ୍ରଶସ୍ତ୍ର ଓ ଘୋଡ଼ାମାନେ ସେମାନଙ୍କୁ ସମର୍ଥ କରେଇଲେ । ଶିଳ୍ପର ବୃଦ୍ଧି, ଯଥେଷ୍ଟ ଖାଦ୍ୟପ୍ରାପ୍ତି ଓ ଲୋକସଂଖ୍ୟା ବୃଦ୍ଧି କୌଶଳରେ ସ୍ୱତନ୍ତ୍ରତା ଓ ନଗରୀକରଣକୁ ବାଟ କଢ଼େଇଲା । ନଗର ଓ ସହରମାନ ବଢ଼ିଲା ଓ ପ୍ରାଦେଶିକ ରାଜ୍ୟ ସବୁ ବାହାରି ପଡ଼ିଲା । 'ଚିତ୍ରିତ ଧୂସର ପାତ୍ର' ଓ 'ଉତ୍ତରାଞ୍ଚଳର କଳା ଚକ୍‌ଚକିଆ ପାତ୍ର' ନାମକ ଉଚ୍ଚକୋଟୀର ମାଟିର ପାତ୍ର ଅନେକ ସ୍ଥାନରେ ମିଳିଛି । ମୁଦ୍ରାର ଚଳଣୀ ହେଲା । ଭୌତିକ ଉନ୍ନତିର ବୃଦ୍ଧି ଘଟାଇ ଉଭୟ ସ୍ଥଳ ଓ ଜଳ ଭାଗରେ ବାଣିଜ୍ୟ କାରବାର ଚାଲିଲା ।

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ସୁଦ୍ଧା ଉତ୍ତର ଭାରତ ଓ ଦାକ୍ଷିଣାତ୍ୟର ଉପରିଭାଗରେ ମହାଜନପଦ ନାମରେ ପ୍ରାୟ ୧୬ଟି ବଡ଼ ବଡ଼ ପ୍ରାଦେଶିକ ରାଜ୍ୟ ରହିଥିଲା । ସେଗୁଡ଼ିକ ମଧ୍ୟରେ ଅଙ୍ଗ, ମଗଧ, କୋଶଳ, କାଶୀ, କୁରୁ ଓ ପାଞ୍ଚାଳ ଗୁରୁତ୍ୱପୂର୍ଣ୍ଣ ଥିଲେ ।

## ୩.୪ ଲୋକପ୍ରିୟ ଧର୍ମୀୟ ସଂସ୍କାର

ଏହି ସମୟ (ଖ୍ରୀ.ପୂ. ୬୦୦ ରୁ ଖ୍ରୀ.ପୂ. ୨୦୦) କେବଳ ଦେଶର ରାଜନୈତିକ ଏକତା ପାଇଁ ନୁହେଁ, ସାଂସ୍କୃତିକ ଏକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଜୀବନ ଓ ସଂସ୍କୃତି ଉପରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥିବା ଦୁଇଟି ଅତି ଗୁରୁତ୍ୱପୂର୍ଣ୍ଣ ଧର୍ମ – ଜୈନ ଓ ବୌଦ୍ଧର ଉତ୍ଥାନ ପ୍ରାଚୀନ ଭାରତ ଦେଖିଲା । ବ୍ରାହ୍ମଣମାନେ ପ୍ରଧାନ ଭୂମିକା ନେଉଥିବାରୁ ବୈଦିକ ଧର୍ମକୁ ପୂର୍ବରୁ ବ୍ରାହ୍ମଣ୍ୟ ବୋଲି ମଧ୍ୟ କୁହାଯାଉଥିଲା । ପରବର୍ତ୍ତୀ ସମୟରେ ଏହା ହିନ୍ଦୁ ଧର୍ମ ବୋଲାଇଲା । ବ୍ରାହ୍ମଣମାନେ ବଳୀ (ଯଜ୍ଞ) ଶେଷରେ ବଡ଼ ଆକାରରେ ଦାନ ଦାବୀ କରି ଏକ ନ୍ୟସ୍ତ ସ୍ୱାର୍ଥ ବଢ଼େଇଲେ । ଯାହା ଫଳରେ, ଯଜ୍ଞଗୁଡ଼ିକ ଅତି ବ୍ୟୟସାପେକ୍ଷ ହୋଇପଡ଼ିଲା । ଆହୁରି ମଧ୍ୟ ବ୍ରାହ୍ମଣମାନେ ଅନ୍ୟ ବର୍ଣ୍ଣଗୁଡ଼ିକଠାରୁ ନିଜକୁ ଉଚ୍ଚ ବିଚାର କଲେ ଓ ଅହଙ୍କାରୀ ହୋଇପଡ଼ିଲେ । ଏହା ବ୍ରାହ୍ମଣ୍ୟ ଧର୍ମର ଲୋକପ୍ରିୟତା ହ୍ରାସ କଲା ଓ ସଂସ୍କାର ଆବଶ୍ୟକତା ଅନୁଭୂତ ହେଲା ।

ଏହାଛଡ଼ା, କ୍ଷତ୍ରୀୟମାନଙ୍କର ବ୍ରାହ୍ମଣମାନଙ୍କ ପ୍ରତି ପ୍ରତିକ୍ରିୟା ପରି ଅନ୍ୟ ଉପାଦାନଗୁଡ଼ିକ ଉଚ୍ଚତମ ସ୍ଥିତି ଦାବି କଲା ଓ ବୈଶ୍ୟମାନେ ଏକ ଉନ୍ନତ ସାମାଜିକ ସ୍ଥିତି ଦାବି କଲେ । ବୈଦିକ ଧର୍ମ ଅତି ଜଟିଳ ଓ ବିଧିବିଧାନଯୁକ୍ତ ହୋଇପଡ଼ିଲା । କ୍ଷତ୍ରୀୟମାନଙ୍କ ନେତୃତ୍ୱରେ ଓ ଦରିଦ୍ରତର ଲୋକ ଯେଉଁମାନେ କି ଯଜ୍ଞଗୁଡ଼ିକର ବ୍ୟୟସାପେକ୍ଷତା ତୁଲେଇ ପାରୁନଥିଲେ, ସେମାନଙ୍କ ସାହାଯ୍ୟରେ ହୋଇଥିବା ସଂସ୍କାରଗୁଡ଼ିକର ଫଳରେ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ ବେଳକୁ ଜୈନଧର୍ମ ଓ ବୌଦ୍ଧଧର୍ମର ଉଦ୍ରେକ ହେଲା । ଏହି ଜୈନ ଓ ବୌଦ୍ଧ ନୂତନ ଧର୍ମ ଦୁଇଟି ହିନ୍ଦୁଧର୍ମର ଧାର୍ମିକ ବିଶ୍ୱାସ ଓ ଅନେକ ପ୍ରୟୋଗକୁ ପ୍ରଭାବିତ କଲା ।

ଚବିଶଜଣ ତୀର୍ଥଙ୍କରଙ୍କ ମଧ୍ୟରୁ ପ୍ରଥମ ତୀର୍ଥଙ୍କର 'ଋଷଭଦେବ' ଜୈନଧର୍ମର ପ୍ରତିଷ୍ଠାତା ବୋଲି ବିଶ୍ୱାସ କରାଯାଏ । ଶେଷ ତୀର୍ଥଙ୍କର 'ମହାବୀର' ଏହାର ବିକାଶ ଓ ଜୈନତତ୍ତ୍ୱକୁ ଶେଷ ରୂପରେଖ ଦେଇଥିଲେ । କଠୋର ପ୍ରାୟଶ୍ଚିତ ଓ ସନ୍ୟାସ ଉପରେ ଜୈନମାନେ ପ୍ରବଳ ଗୁରୁତ୍ୱ ଦିଅନ୍ତି । ଭଗବାନ ମହାବୀର ସେମାନଙ୍କୁ ପାଞ୍ଚଟି ଶପଥ ନେବାକୁ କହୁଥିଲେ – ମିଥ୍ୟା ନକହିବା; ଜୀବନକୁ କ୍ଷତ ବିକ୍ଷତ ନକରିବା; ସମ୍ପତ୍ତି ନରଖିବା; ଚୋରୀ ନକରିବା ଓ ବ୍ରହ୍ମଚର୍ଯ୍ୟ (କୌମାର୍ଯ୍ୟ) ରକ୍ଷା କରିବା । ତିନିଅଙ୍ଗ ବିଶିଷ୍ଟ ପନ୍ଥା – ଯଥାର୍ଥ ବିଶ୍ୱାସ, ଯଥାର୍ଥ ଆଚରଣ ଓ ଯଥାର୍ଥ ଜ୍ଞାନ ଅନୁସରଣ କରିବାକୁ ମଧ୍ୟ ସେ ଜୈନମାନଙ୍କୁ କହୁଥିଲେ ।

ପରବର୍ତ୍ତୀ କାଳରେ ଜୈନମାନେ ଶ୍ୱେତାମ୍ବର (ଶ୍ୱେତବସ୍ତ୍ର ପିନ୍ଧୁଥିବା) ଓ ଦିଗମ୍ବର (ଉଲଗ୍ନ ରହୁଥିବା) ନାମରେ ଦୁଇଟି ସମ୍ପ୍ରଦାୟରେ ବିଭକ୍ତ ହେଲେ । ଅଧିକାଂଶ ଜୈନଧର୍ମାବଲମ୍ବୀ ହେଉଛନ୍ତି ବ୍ୟବସାୟୀ ଗୋଷ୍ଠୀର ।

ଗୌତମ ବୁଦ୍ଧ (୫୬୩–୪୮୩ ଖ୍ରୀ.ପୂ.) ନାମକ ମହାବୀରଙ୍କର ଜଣେ ସମସାମୟିକ ମାତ୍ର ବୟସରେ ସାନ ବ୍ୟକ୍ତିଙ୍କ ନେତୃତ୍ୱରେ ଅନ୍ୟ କାର୍ଯ୍ୟାନୁଷ୍ଠାନ ଆଗେଇଲା । ସେ ଚାରି–ମହତ୍–ସତ୍ୟ ଶିକ୍ଷା ଦେଲେ । ତାଙ୍କର ପନ୍ଥା ଥିଲା ମଧ୍ୟମପନ୍ଥା । ସେ ବିଶ୍ୱାସ କରୁଥିଲେ ଯେ, ଏ ପୃଥିବୀରେ ଦୁଃଖ ଅଛି ଓ ସେ ଦୁଃଖ କାରଣ ହେଉଛି କାମନା ଏବଂ ଅଷ୍ଟାଙ୍ଗିକ ମାର୍ଗ ଅନୁସରଣ କରି ଏହାକୁ ଜୟ କରାଯାଇପାରିବ । ଏହି ଅଷ୍ଟାଙ୍ଗିକ ମାର୍ଗର ଅଙ୍ଗଗୁଡ଼ିକ ହେଲେ –

୧. ଯଥାର୍ଥ ବୁଝାମଣା
୨. ଯଥାର୍ଥ ଚିନ୍ତନ
୩. ଯଥାର୍ଥ କଥନ
୪. ଯଥାର୍ଥ କର୍ମ
୫. ଯଥାର୍ଥ ଜୀବିକା
୬. ଯଥାର୍ଥ ଉଦ୍ୟମ
୭. ଯଥାର୍ଥ ମନନ (ମନଯୋଗ)
୮. ଯଥାର୍ଥ ଏକାଗ୍ରତା

ମୂଳତଃ ଏହି ଉଭୟ କାର୍ଯ୍ୟାନୁଷ୍ଠାନ ପ୍ରାଚୀନ ମତାବଲମ୍ବୀ ଓ ବିଧିବିଧାନ କର୍ମ ମାନୁଥିବା ବ୍ରାହ୍ମଣ୍ୟ ଧର୍ମ ବିରୁଦ୍ଧରେ ଥିଲା । ଉଭୟ ସଂସ୍କାରକ ଏକ ଉତ୍ତମ ନୈତିକ ଜୀବନ ଓ ନୀତିଶାସ୍ତ୍ରର ଗୁରୁତ୍ୱ ଉପରେ ଯୋର ଦେଉଥିଲେ । ସେମାନେ ଉଭୟ ସନ୍ୟାସୀମାନଙ୍କର ଏକ କ୍ରମ ପ୍ରତିଷ୍ଠା କଲେ, ଜୈନଧର୍ମରେ 'ସ୍ଥାନକ' ଓ ବୌଦ୍ଧଧର୍ମରେ 'ବିହାର' ବୋଲି ମଠମାନ ପ୍ରତିଷ୍ଠା କଲେ ।

ପରବର୍ତ୍ତୀ ସମୟରେ ବୌଦ୍ଧଧର୍ମ ମଧ୍ୟ 'ହୀନଯାନ' ଓ 'ମହାଯାନ' ବୋଲି ଦୁଇଭାଗରେ ବିଭକ୍ତ ହେଲା । ପୁଣି 'ବଜ୍ରଜାନ' ବୋଲି ତୃତୀୟଟି ମଧ୍ୟ 'ମହାଯାନ' ସହିତ କ୍ରମଶଃ ମିଶିଲା । ବୌଦ୍ଧଧର୍ମ ପୃଥିବୀର ଏକ ବିଶାଳ ଭାଗକୁ ପ୍ରସାରିତ ହେଲା – ଶ୍ରୀଲଙ୍କା, ମିଆଁମାର, କାମ୍ବୋଡିଆ, ଭିଏତ୍‌ନାମ, ଚୀନ୍, ଜାପାନ, ଥାଇଲାଣ୍ଡ, କୋରିଆ, ମଙ୍ଗୋଲିଆ ଓ ଆଫଗାନିସ୍ଥାନ । ଏପରିକି ଆଜି ମଧ୍ୟ ଏହି ଦେଶଗୁଡ଼ିକର ବେଶ କିଛି ଲୋକସଂଖ୍ୟା ବୌଦ୍ଧ ।

ହିନ୍ଦୁଧର୍ମ ଇତିହାସରେ ଅନେକ ପରିବର୍ତ୍ତନ ଦେଇ ଗତି କରିଥିଲା । ଏହା ବିଭିନ୍ନ ବିଶ୍ୱାସ ଓ ପ୍ରୟୋଗ ଥିବା କେତେକ ଧାର୍ମିକ ସମ୍ପ୍ରଦାୟକୁ ନିଜ ଭିତରେ ଜନ୍ମ ଦେଲା । ବୌଦ୍ଧଧର୍ମ ପରି ହିନ୍ଦୁଧର୍ମର କେତେକ ସଂପ୍ରଦାୟ ଭାରତ ବାହାରେ ମଧ୍ୟ ପ୍ରସାର ଲାଭ କଲା, ବିଶେଷକରି ଦକ୍ଷିଣ–ପୂର୍ବ ଏସିଆର ଦେଶଗୁଡ଼ିକରେ । ଏପରିକି, ପରବର୍ତ୍ତୀ କାଳରେ ହିନ୍ଦୁପ୍ରଥା ବୁଦ୍ଧଙ୍କୁ ବିଷ୍ଣୁଙ୍କର ଅନ୍ୟତମ ଅବତାର ବୋଲି ଗ୍ରହଣ କଲା ।

## ପାଠଗତ ପ୍ରଶ୍ନାବଳୀ ୩.୧

ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

୧. ହରପ୍ପା ସଭ୍ୟତା କେଉଁ କେଉଁ ସ୍ଥାନରେ ଅଧିକ ମିଳିଥିଲା ?

___

୨. ହରପ୍ପା ସଭ୍ୟତାର ଲୋକମାନଙ୍କର ମୁଖ୍ୟ ବୃତ୍ତି କ'ଣ ଥିଲା ?

___

୩. ନୂତନ ପ୍ରସ୍ତର ଯୁଗର ବାସସ୍ଥଳୀ କେଉଁଠାରେ ତୁମେ ପାଅ ?

୪. ହରପ୍ପା ସଭ୍ୟତାରେ ଏକ ଭାଷାର ସ୍ଥିତି ଥିଲା ବୋଲି ତୁମେ କିପରି କହିବ ?

୫. ହରପ୍ପାର ଅଧିବାସୀମାନଙ୍କର ଭାସ୍କର୍ଯ୍ୟକଳା ଥିଲା ବୋଲି ତୁମେ କିପରି ଜାଣିବ ?

୬. ଆର୍ଯ୍ୟମାନଙ୍କର କେତୋଟି ବୈଦିକ ସାହିତ୍ୟର ନାମ ଲେଖ ?

୭. ମନୁଷ୍ୟ କିପରି ନିର୍ବାଣ ବା ମୋକ୍ଷପ୍ରାପ୍ତ ହୁଏ ?

୮. ପ୍ରଥମେ ବୈଦିକ ଯଜ୍ଞ କିପରି ଅନୁଷ୍ଠିତ ହେଉଥିଲା ?

୯. ନିଜର ସ୍ଥିତି ପ୍ରତିଷ୍ଠା କରିବାକୁ ରାଜାମାନଙ୍କ ଦ୍ୱାରା କେଉଁ କେଉଁ ଯଜ୍ଞମାନ ଅନୁଷ୍ଠିତ ହେଉଥିଲା ?

୧୦. ପରବର୍ତ୍ତୀ ବୈଦିକ ଯୁଗରେ କେଉଁ କେଉଁ ପରିବର୍ତ୍ତନଗୁଡ଼ିକ ସେମାନଙ୍କର ଧାର୍ମିକ ଉତ୍ସବରେ ପ୍ରୟୋଗ କରାଗଲା ?

୧୧. ଆର୍ଯ୍ୟମାନଙ୍କର ମନୋରଞ୍ଜନର ରୀତି କ'ଣ ସବୁ ଥିଲା ?

୧୨. ୬ଷ୍ଠ ଶତାବ୍ଦୀରେ ଉତ୍ତର ଭାରତ ଓ ଉପର ଦାକ୍ଷିଣାତ୍ୟର କେତେକ ମହାଜନପଦର ନାମ ଲେଖ ?

୧୩. ଜୈନଧର୍ମ କେତୋଟି ସମ୍ପ୍ରଦାୟରେ ବିଭକ୍ତ ହେଲା ?

୧୪. ଅଷ୍ଟାଙ୍ଗିକର କେତୋଟି ମାର୍ଗ ଅଛି ?

୧୫. ଜୈନଧର୍ମ ଓ ବୌଦ୍ଧଧର୍ମରେ ମଠଗୁଡ଼ିକୁ କ'ଣ କୁହାଯାଉଥିଲା ?

୧୬. ବୌଦ୍ଧଧର୍ମର ତିନିଭାଗର ନାମ ଲେଖ ।

---

## ୩.୫ ପାର୍ଶୀମାନଙ୍କର ଆକ୍ରମଣ ଓ ଭାରତୀୟ ସଂସ୍କୃତି ଉପରେ ଏହାର ପ୍ରଭାବ

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଉତ୍ତର-ପଶ୍ଚିମ ଭାରତରେ କେତେଗୁଡ଼ିଏ ଛୋଟ ଛୋଟ ଆଦିବାସୀ ରାଜ୍ୟ ଥିଲା । ଏହି ଯୋଦ୍ଧା ଜାତିକୁ ଏକଯୁଟ କରିବା ପାଇଁ ସାର୍ବଭୌମ ଶକ୍ତି ନଥିଲା । ପର୍ସିଆ ବା ଇରାନ୍‌ର ଆକେମେନିଡ୍ ଶାସକମାନେ ଏହି ଅଞ୍ଚଳର ରାଜନୈତିକ ଅନୈତିକତାର ଫାଇଦା ନେଲେ । ଆକେମେନିଡ୍ ବଂଶର ପ୍ରତିଷ୍ଠାତା ସାଇରସ୍ ଓ ତାଙ୍କ ପରବର୍ତ୍ତୀ ଡାରିଅସ୍-୧ ପଞ୍ଜାବ ଓ ସିନ୍ଧର ଅଂଶଗୁଡ଼ିକୁ ଯୋଗ କଲେ । ଆକେମେନିଡ୍ ସାମ୍ରାଜ୍ୟର ଏହା ସବୁଠାରୁ ଅଧିକ ଉର୍ବର ଓ ଜନବହୁଳ ଅଂଶ ବୋଲି ବିଶ୍ୱାସ କରାଯାଏ । ଭାରତୀୟମାନଙ୍କୁ ମଧ୍ୟ ଆକେମେନିଡ୍ ସେନାବାହିନୀରେ ସାମିଲ କରାଗଲା ।

ଉତ୍ତର ପଶ୍ଚିମ ଭାରତରେ ପାର୍ସି ଶାସନ ପାଖାପାଖି ଦୁଇ ଶତାବ୍ଦୀ ଧରି ସ୍ଥାୟୀ ହୋଇଥିଲା । ଏହି ସମୟ ମଧ୍ୟରେ ଦୁଇ ଅଞ୍ଚଳ ଭିତରେ ନିୟମିତ ସମ୍ପର୍କ ନିଶ୍ଚୟ ରହିଥିବ । ସ୍କାଏଲାକ୍ସର ସାମୁଦ୍ରିକ ଯାତ୍ରା ସମ୍ଭବତଃ ପର୍ସିଆ ଓ ଭାରତ ମଧ୍ୟରେ ବ୍ୟବସାୟ ବାଣିଜ୍ୟକୁ ଉତ୍ସାହିତ କରିଥିଲା । କେତେକ ପ୍ରାଚୀନ ପାର୍ସି ସୁନାରୂପାର ମୁଦ୍ରା ପଞ୍ଜାବରେ ମିଳିଛି ।

ଉତ୍ତର ପଶ୍ଚିମ ସୀମାନ୍ତରେ ପାର୍ବତ୍ୟ ରାସ୍ତାଗୁଡ଼ିକ ଯଦିଓ ଅତି ପ୍ରାଚୀନ ଦିନରୁ ବ୍ୟବହୃତ ହେଉଥିଲା ଡାରିଅସ୍ ଭାରତ ଭିତରକୁ ପ୍ରଥମଥର ପାଇଁ ଏହି ରାସ୍ତା ଦେଇ ପ୍ରବେଶ କରିଥିଲେ ବୋଲି ଜଣାଯାଏ । ପରବର୍ତ୍ତୀ ସମୟରେ ଯେତେବେଳେ ଆଲେକ୍‌ଜାଣ୍ଡର ପଞ୍ଜାବ ଆକ୍ରମଣ କଲେ, ତାଙ୍କ ସେନାବାହିନୀର ଗୋଟେ ଭାଗ ସେହି ରାସ୍ତା ଦେଇ ଯାତ୍ରା କରିଥିଲେ । ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ବ୍ୟବସ୍ଥାର ଗଠନ ପ୍ରଣାଳୀ ପର୍ସିଆର ଆକେମେନିଡ୍ ଶାସକମାନଙ୍କ ଦ୍ୱାରା କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା । ଏହିଠାରେ ଏହା କୁହାଯାଇପାରେ ଯେ, ପାର୍ସି ସଂଜ୍ଞା 'ସତ୍ରପ' (ରାଜ୍ୟପାଳ ବା ଶାସନକର୍ତ୍ତା) ଭାରତୀୟ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କ ଦ୍ୱାରା କ୍ଷତ୍ରପ ନାମରେ ଅନେକ ଦିନ ଧରି ବ୍ୟବହୃତ ହୋଇ ଆସୁଥିଲା ।

ପାର୍ସିମାନଙ୍କ ସହିତ ସମ୍ପର୍କର ସାଂସ୍କୃତିକ ପ୍ରଭାବମାନ ମଧ୍ୟ ବେଶ୍ ଅର୍ଥବୋଧକ ଥିଲା । ପାର୍ସିଗ୍ରନ୍ଥ ଲେଖକମାନେ ଭାରତକୁ ଏକ ନୂଆ ଢଙ୍ଗର ଲେଖା ଆଣିଲେ । ଏହାକୁ 'ଖରୋଷ୍ଠୀ' କୁହାଯାଏ । ଡାହାଣକୁ ବାମକୁ ଲେଖାଯାଉଥିବା ଆରମାଇକ ଲିପିରୁ ଏହା ଉଦ୍ଧୃତ ହୋଇଥିଲା । ଉତ୍ତରପଶ୍ଚିମ ଭାରତରେ ମିଳିଥିବା ଅଶୋକଙ୍କର ଅନେକ ଶିଳାଲିପି ଏହି 'ଖରୋଷ୍ଠୀ'ରେ ଲେଖାଯାଇଛି । ପ୍ରାୟ ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍ତର ପଶ୍ଚିମ ଭାରତରେ ଏହି ଲିପି ବ୍ୟବହୃତ ହୋଇ ଆସୁଥିଲା । ଅଶୋକଙ୍କ ଅନୁଶାସନଗୁଡ଼ିକର ମୁଖବନ୍ଧରେ ମଧ୍ୟ ପାର୍ସିପ୍ରଭାବ ଦେଖାଯାଇପାରେ । ମୌର୍ଯ୍ୟକଳା ଓ ଭାସ୍କର୍ଯ୍ୟ ମଧ୍ୟ ପାର୍ସିକଳା ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିଲା । ଅଶୋକଙ୍କର ଏକପ୍ରସ୍ତର ସ୍ତମ୍ଭ-ଅନୁଶାସନଗୁଡ଼ିକ ସେଗୁଡ଼ିକର ଘଣ୍ଟ ଆକୃତିର ଉପରିଭାଗ ସହିତ କିଛି ମାତ୍ରାରେ ପର୍ସେପୋଲିସ୍‌ରେ ମିଳିଥିବା ଆକେମେନିଡ୍ ସମ୍ରାଟ୍‌ମାନଙ୍କର ବିଜୟ ସ୍ତମ୍ଭ ଭଳି । ପାର୍ସି ପ୍ରଭାବରେ ତାଙ୍କ ସମ୍ରାଟଙ୍କ ଜନ୍ମଦିନ ଉତ୍ସବରେ ହେଉଥିବା ମୁଣ୍ଡଧୋଇ ଗାଧୋଇବା ବିଧି ଭଳି ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦରବାରରେ ମଧ୍ୟ ଦେଖାଯାଉଥିଲା । ଏହା ସାଧାରଣତଃ ପାର୍ସି ପଦ୍ଧତିରେ ଥିଲା । 'ଅର୍ଥଶାସ୍ତ୍ର'ରେ ଲେଖାଯାଇଛି, ଯେତେବେଳେ ରାଜା ଚିକିତ୍ସକ ବା ସନ୍ୟାସୀଙ୍କ ସହିତ ପରାମର୍ଶ କରୁଥିଲେ, ପବିତ୍ର ଅଗ୍ନି ରଖାଯାଉଥିବା କୋଠରୀରେ ତାଙ୍କୁ ବସିବାକୁ ପଡୁଥିଲା । ଏହା ଯୋରାଷ୍ଟ୍ରୀୟ ବା ପ୍ରାଚୀନ ଇରାନୀ ଧର୍ମ ପ୍ରଭାବର ସଂକେତ ଦିଏ ।



ଟିପ୍ପଣୀ

## ୩.୬ ଗ୍ରୀକ୍ (ମାସେଡୋନିଅନ୍) ଆକ୍ରମଣ ଓ ଭାରତୀୟ ସଂସ୍କୃତି ଉପରେ ଏହାର ପ୍ରଭାବ

ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ ସମୟରେ ପଶ୍ଚିମ ଏସିଆ ଉପରେ ଉଚ୍ଚତମ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଗ୍ରୀକ୍ ଓ ପାର୍ସିମାନେ ଯୁଦ୍ଧ କଲେ । ମାସେଡୋନ୍‌ର ଆଲେକ୍‌ଜାଣ୍ଡରଙ୍କ ନେତୃତ୍ୱରେ ଗ୍ରୀକ୍‌ମାନଙ୍କ ଦ୍ୱାରା ଆକେମେନିଡ୍ ସାମ୍ରାଜ୍ୟ ଶେଷରେ ଧ୍ୱଂସ ହେଲା । ସେ ଏସିଆ ମାଇନର, ଇରାକ୍ ଓ ଇରାନ୍‌କୁ ଜୟ କଲେ ଓ ତା'ପରେ ଭାରତ ଆଡ଼କୁ ଅଗ୍ରସର ହେଲେ । ଗ୍ରୀକ୍ ଐତିହାସିକ ହେରୋଡଟସ୍‌ଙ୍କ ଅନୁସାରେ ଆଲେକ୍‌ଜାଣ୍ଡର ଭାରତର ଅତ୍ୟଧିକ ସମ୍ପତ୍ତି ପାଇଁ ତା'ଆଡ଼କୁ ଅତିମାତ୍ରାରେ ଆକୃଷ୍ଟ ହୋଇଥିଲେ । ଆଲେକଜାଣ୍ଡରଙ୍କ ଆକ୍ରମଣର ପୂର୍ବ ସନ୍ଧ୍ୟାରେ ଉତ୍ତରପଶ୍ଚିମ ଭାରତ ଅନେକ ଗୁଡ଼ିଏ ଛୋଟ ଛୋଟ ସାମନ୍ତରାଜ୍ୟରେ ବିଭକ୍ତ ହେଲା । ସେମାନଙ୍କ ମଧ୍ୟରେଏକତାର ଅଭାବ ଏହି ସାମନ୍ତରାଜ୍ୟଗୁଡ଼ିକୁ ଗୋଟିକ ପରେ ଗୋଟିଏ ଜୟ କରିବାରେ ଗ୍ରୀକ୍‌ମାନଙ୍କୁ ସାହାଯ୍ୟ କଲା । ଯାହାହେଉ, ଆଲେକଜାଣ୍ଡରଙ୍କ ସୈନ୍ୟବାହିନୀ ଯେତେବେଳେ ମଗଧର ନନ୍ଦମାନଙ୍କର ଶକ୍ତି ଓ ବିଶାଳ ସୈନ୍ୟବାହିନୀ ବିଷୟରେ ଶୁଣିଲେ, ଅଗ୍ରସର ହେବାକୁ ମନା କଲେ । ଆଲେକ୍‌ଜାଣ୍ଡରଙ୍କୁ ଫେରିବାକୁ ପଡ଼ିଲା । ମାସେଡୋନ୍ ଫେରିବା ବାଟରେ ବେବିଲୋନ୍‌ଠାରେ ମାତ୍ର ୩୨ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ ।

ଆଲେକ୍‌ଜାଣ୍ଡର ତାଙ୍କର ବିଜିତ ରାଜ୍ୟଗୁଡ଼ିକର ପୁନଃ ସଂଗଠନ କରିବାକୁ ସମୟ ପାଇଲେନି । ଅଧିକାଂଶ ବିଜିତ ରାଜ୍ୟଗୁଡ଼ିକ ତାଙ୍କର ପ୍ରଭୁତ୍ୱ ପାଖରେ ସମର୍ପଣ କରିଥିବା ସେଗୁଡ଼ିକର ଶାସକମାନଙ୍କୁ ଫେରାଇ ଦିଆଗଲା । ସେ ତାଙ୍କ ଭୂଖଣ୍ଡର ଅଧିକାରରେ ଥିବା ପୂର୍ବଇଉରୋପର ଅଂଶଗୁଡ଼ିକ ଓ ପଶ୍ଚିମ ଏସିଆର ଏକ ବିଶାଳ ଅଂଶକୁ ତିନିଭାଗରେ ବିଭକ୍ତ କଲେ ଓ ସେଗୁଡ଼ିକୁ ତିନିଜଣ ଗ୍ରୀକ୍ ରାଜ୍ୟପାଳଙ୍କ ଅଧିନରେ ରଖିଲେ । ତାଙ୍କ ସାମ୍ରାଜ୍ୟର ପୂର୍ବଭାଗ ସେଲ୍ୟୁକସ ନିକାଟରଙ୍କୁ ଦିଆଗଲା, ଯେ'କି ତାଙ୍କର ପ୍ରଭୁ ଆଲେକଜାଣ୍ଡରଙ୍କ ମୃତ୍ୟୁ ପରେ ନିଜକୁ ରାଜା ବୋଲି ପ୍ରଚାର କଲେ ।

ମାସେଡେନ୍‌ର ଲୋକ ଓ ପ୍ରଚୀନ ଭାରତୀୟମାନଙ୍କ ମଧ୍ୟରେ ଏକ ସଂକ୍ଷିପ୍ତ ସମୟ ପାଇଁ ସମ୍ପର୍କ ଥିଲେ ମଧ୍ୟ ଏହାର ପ୍ରଭାବ ବେଶ୍ ପ୍ରଶସ୍ତ ଥିଲା । ଭାରତ ଓ ପଶ୍ଚିମ ଦେଶ ମଧ୍ୟରେ ଜଳ ଓ ସ୍ଥଳପଥ ସବୁ ଖୋଲି ଯିବାରୁ ଆଲେକ୍‌ଜାଣ୍ଡରଙ୍କ ଆକ୍ରମଣ ପ୍ରଥମଥର ପାଇଁ ଇଉରୋପକୁ ଭାରତର ନିକଟ ସମ୍ପର୍କକୁ ଆଣିଲା । ଏକ ଅନ୍ତରଙ୍ଗ ବାଣିଜ୍ୟିକ ସଂପର୍କ ମଧ୍ୟ ପ୍ରତିଷ୍ଠିତ ହେଲା । ବ୍ୟବସାୟୀ ଓ କାରୀଗରମାନେ ଏହି ପଥଗୁଡ଼ିକୁ ସାଧାରଣତଃ ଅନୁସରଣ କରୁଥିଲେ । ବନ୍ଦର ଖୋଜିବା ଉଦ୍ଦେଶ୍ୟରେ ସିନ୍ଧୁ ଓ ଇଉଫ୍ରେଟ୍‌ସ୍ ନଦୀ ମୁହାଣରୁ ସମୁଦ୍ର କୂଳକୁ ତନ୍ନତନ୍ନ କରି ଅନୁସନ୍ଧାନ କରିବାକୁ ଆଲେକ୍‌ଜାଣ୍ଡର ତାଙ୍କର ବନ୍ଧୁ ନିଅରକସ୍‌ଙ୍କୁ କହିଥିଲେ । ଗ୍ରୀକ୍ ଲେଖକମାନେ ଏହି ଅଞ୍ଚଳର ନାନା ମୂଲ୍ୟବାନ୍ ଭୌଗୋଳିକ ବିବୃତ୍ତି ଆମ ପାଇଁ ରଖିଯାଇଛନ୍ତି ।

ଉତ୍ତରପଶ୍ଚିମ ଭାରତର ଯୋଦ୍ଧାଜାତିକୁ ଜୟ କରି ରାଜନୈତିକ ଏକତ୍ରୀକରଣ ପାଇଁ ଆଲେକ୍‌ଜାଣ୍ଡରଙ୍କ ଆକ୍ରମଣ ପଥ ପରିଷ୍କାର କରିଦେଲା । ଏହା ଜଣାପଡ଼େ ଯେ, ଆଲେକ୍‌ଜାଣ୍ଡର ତାଙ୍କ ଅଭିଯାନ ଦ୍ୱାରା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଏହି ଅଞ୍ଚଳକୁ ଏକାଠି କରିବାର କାମଟିକୁ ସହଜ କରିଦେଲେ । ଆଲେକ୍‌ଜାଣ୍ଡରଙ୍କର ବିଦାୟ ନେବାର ପରେ ପରେ, ଚନ୍ଦ୍ରଗୁପ୍ତ ତାଙ୍କର ଜଣେ ସେନାପତି ସେଲ୍ୟୁକସ୍ ନିକାଟରଙ୍କୁ ପରାସ୍ତ କଲେ ଓ ଆଫଗାନିସ୍ଥାନ ପର୍ଯ୍ୟନ୍ତ ସମଗ୍ର ଉତ୍ତରପଶ୍ଚିମ ଭାରତକୁ ନିଜ ନିୟନ୍ତ୍ରଣାଧୀନ କଲେ ।

ଭାରତୀୟ ଭାସ୍କର୍ଯ୍ୟର ବିକାଶରେ ମଧ୍ୟ ଗ୍ରୀକ୍ କଳାର ପ୍ରଭାବ ଦେଖିବାକୁ ମିଳେ । ଗ୍ରୀକ୍ ଓ ଭାରତୀୟ ଢଙ୍ଗର ମିଶ୍ରଣ ଗାନ୍ଧାର କଳା ଶୈଳୀ ତିଆରି କରିଥିଲା । ଗ୍ରୀକ୍‌ମାନଙ୍କଠାରୁ ଭାରତୀୟମାନେ ମଧ୍ୟ ସୁଆକୃତି ଓ ସୁନ୍ଦର





ଗଢ଼ଣର ସୁନା ଓ ରୂପାର ମୁଦ୍ରାମାନ ତିଆରି କରିବାର କଳା ଶିଖିଲେ । ଭାରତୀୟ ଜ୍ୟୋତିଷଶାସ୍ତ୍ର ଉପରେ ମଧ୍ୟ ଗ୍ରୀକ୍‌ମାନଙ୍କର କିଛି ପ୍ରଭାବ ପଡ଼ିଥିଲା ।

ଆରିଆନ୍, ପ୍ରଧାନ ନୌସେନାଧ୍ୟକ୍ଷ ନିଅର୍‌କସ୍ ଓ ମେଗାସ୍ଥିନିସ ରଖାଯାଇଥିବା ଗ୍ରୀକ୍ ଲିଖିତ ବିବୃତିରୁ ଉତ୍ତର ଓ ଉତ୍ତରପଶ୍ଚିମ ଭାରତର ସେତେବେଳର ସାମାଜିକ ଓ ଆର୍ଥିକ ଅବସ୍ଥା ବିଷୟରେ ନାନା ମୂଲ୍ୟବାନ ବାର୍ତ୍ତା ମିଳେ । ଅନେକ ଶିଳ୍ପର ବିକଶିତ ଅବସ୍ଥା ବିଷୟରେ, ବାହ୍ୟପୃଥିବୀ ସହିତ ଏକ କ୍ଷିପ୍ର ବାଣିଜ୍ୟର ସ୍ଥିତି ବିଷୟରେ ଓ ଦେଶର ସାଧାରଣ ସମୃଦ୍ଧି ବିଷୟରେ ସେଗୁଡ଼ିକ ଆମକୁ କହନ୍ତି । କାଠ କାରିଗରୀକୁ ଏକ ଉନ୍ନତିମୂଳକ ବାଣିଜ୍ୟ ଭାବେ ଏହି ବିବୃତିଗୁଡ଼ିକରେ ବହୁତ କରି କୁହାଯାଇଛି । ଆଲେକ୍‌ଜାଣ୍ଡର ଯେଉଁ ପୋତ ସମୁହ ନିଅରକସ୍‌ଙ୍କ ଅଧୀନରେ ଭାରତର ପଶ୍ଚିମ ଉପକୂଳେ କୂଳେ ପଠାଇଥିଲେ, ସେଗୁଡ଼ିକ ଭାରତରେ ନିର୍ମିତ ହୋଇଥିଲା ବୋଲି ଜଣାଯାଏ ।

ଆଲେକ୍‌ଜାଣ୍ଡରଙ୍କର ଦୁଃସାହସିକ କାର୍ଯ୍ୟ ଭାରତୀୟମାନଙ୍କର ଜୀବନ ଓ ଭାବନା ବିଷୟରେ ପଶ୍ଚିମବାସୀଙ୍କୁ କିଛି ଜଣେଇବାରେ ମଧ୍ୟ ସାହାଯ୍ୟ କରିଥିଲା । ରୋମୀୟ ସାମ୍ରାଜ୍ୟକୁ ଝରିଯାଇଥିବା ଭାରତୀୟ ଦର୍ଶନ ଓ ଧର୍ମର ଭାବ ତଥା କାଳ୍ପନିକ ଧାରଣା ସବୁ ଆଲେକ୍‌ଜାଣ୍ଡରଙ୍କ ଦ୍ୱାରା ଖୋଲାଯାଇଥିବା ରାସ୍ତା ଦ୍ୱାରା ହିଁ ପ୍ରବାହିତ ହୋଇଛି ବୋଲି କୁହାଯାଇଛି ।

ଗ୍ରୀକ୍ ଲେଖକମାନେ ଆଲେକ୍‌ଜାଣ୍ଡରଙ୍କ ଅଭିଯାନର ନିର୍ଦ୍ଦିଷ୍ଟ ଦିବସର ନଥିପତ୍ର ରଖିଯାଇଥିବାରୁ ଏହା ପ୍ରାଚୀନ ଭାରତ ଇତିହାସର ଘଟଣାକ୍ରମ ତିଆରି କରିବାରେ ଆମକୁ ବହୁତ ସାହାଯ୍ୟ କରିଥିଲା । ଆଲେକ୍‌ଜାଣ୍ଡରଙ୍କ ଆକ୍ରମଣର ତାରିଖଟି ଖ୍ରୀ.ପୂ. ୩୨୬ ଭାରତରେ ଐତିହାସିକ ଘଟଣାବଳୀର ପର୍ଯ୍ୟାୟକ୍ରମ ସଜାଡ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ସଙ୍କେତ ଯୋଗାଇଦିଏ ।

## ୩.୭ ଅଶୋକ – ମହାନ୍ : ଭାରତୀୟ ସଂସ୍କୃତିର ଚରମ ଉନ୍ନତିର ପ୍ରତିନିଧି

ଭାରତର ଇତିହାସରେ ଅଶୋକ ଏକ ଅନନ୍ୟ ସ୍ଥାନ ଅଧିକାର କରିଛନ୍ତି । ତାଙ୍କର ବିଶ୍ୱଶାନ୍ତିର କର୍ମପଦ୍ଧତି, ଅହିଂସା ଓ ଧର୍ମୀୟ ସମନ୍ୱୟତାର ସମତୁଲ ପୃଥିବୀର ସମ୍ରାଟମାନଙ୍କ ମଧ୍ୟରେ କେହି ନାହାନ୍ତି ।

ଆଶୋକ ଏକ ସଫଳ ରାଜତ୍ୱ ସହିତ ଆଦର୍ଶବାଦ ଓ ଦର୍ଶନର ମିଶ୍ରଣରେ ଜଣେ ସମ୍ରାଟ ଭାବରେ ଦଣ୍ଡାୟମାନ । ଅନ୍ୟ ଶାସକମାନଙ୍କ ପରି ସେ ମଧ୍ୟ କଳିଙ୍ଗ ବିଜୟର ଯୁଦ୍ଧ ସହିତ ତାଙ୍କର ରାଜୁତି ଆରମ୍ଭ କରିଥିଲେ । ଯାହାହେଉ, ଏହି ଯୁଦ୍ଧରେ ଧନଜୀବନର ନିର୍ବୋଧ ଧ୍ୱଂସ ତାଙ୍କ ମନକୁ ଏତେ ପରିମାଣରେ ଖଣ୍ଡବିଖଣ୍ଡିତ କରିଦେଲା ଯେ, ସେ ପୁଣିଥରେ କୌଣସି ଯୁଦ୍ଧ ସଞ୍ଚାର ନକରିବା ପାଇଁ ଶପଥ ଦେଲେ । ପ୍ରତିବଦଳରେ ସେ 'ଧମ୍ମବିଜୟ' ବା 'ଧମ୍ମ' ମାଧ୍ୟମରେ ବିଜୟ ହାସଲ କରିବାର କର୍ମ ପଦ୍ଧତିକୁ ଆପଣେଇନେଲେ । ତାଙ୍କର ମୁଖ୍ୟ ତ୍ରୟୋଦଶ ପ୍ରସ୍ତର ଅନୁଶାସନରେ ଅଶୋକ କହିଛନ୍ତି, ଧର୍ମପରାୟଣତା ଓ ସୁଗୁଣ ଦ୍ୱାରା ହିଁ ପ୍ରକୃତ ବିଜୟ ହୁଏ । ସବୁ ଶକ୍ତି ଭିତରେ ସାମରିକ ଶକ୍ତି ମୁଖ୍ୟ ହୋଇଥିବା ଗୋଟିଏ ଯୁଗରେ ରହିଥିବା ଜଣେ ରାଜାଙ୍କ ଦ୍ୱାରା ଏପରି ଏକ ସିଦ୍ଧାନ୍ତ ନେବା, ତାଙ୍କୁ ଇତିହାସରେ ଏକ ଅନନ୍ୟ ସ୍ଥାନ ହେଲା ।

ଅଶୋକ ଜଣେ ପ୍ରକୃତ ମାନବବାଦୀ ଥିଲେ । ତାଙ୍କର କର୍ମପଦ୍ଧତି ତାଙ୍କ ଜନତାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା । ତାଙ୍କର 'ଧମ୍ମ' ସାମାଜିକ ଦାୟିତ୍ୱର ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ବ୍ରାହ୍ମଣ ଓ ଭୃତ୍ୟମାନଙ୍କୁ ସମ୍ମାନ ଦେବାକୁ ଗୁରୁତ୍ୱ ଦେବା, ଗୁରୁଜନଙ୍କୁ ମାନିବା, ଜୀବହତ୍ୟାରୁ ନିବୃତ୍ତ ରହିବା ବ୍ୟତୀତ ଧର୍ମୀୟ ସମତା ରକ୍ଷା କରିବାକୁ ମଧ୍ୟ ଜନସମାଜକୁ 'ଧମ୍ମ' କହୁଥିଲା । ସବୁ ସଂପ୍ରଦାୟର ଭଲପଣିଆଗୁଡ଼ିକୁ ସେ ନିଜ ଭିତରେ ମିଶାଇଥିଲା । ଅଶୋକ

ଜଣେ ସହିଷ୍ଣୁ ସମ୍ରାଟର ପ୍ରମାଣ ଦେଇଥିଲେ ଯେ କି, ନିଜେ ଜଣେ ବୌଦ୍ଧ ହେଲେ ମଧ୍ଯ ତାଙ୍କର ବ୍ୟକ୍ତିଗତ ଧର୍ମ କେବେହେଲେ ତାଙ୍କ ଲୋକମାନଙ୍କ ଉପରେ ଜବରଦସ୍ତ ଲଦି ନଥିଲେ । ତାଙ୍କର ଦ୍ୱାଦଶ ମୁଖ୍ୟ ପ୍ରସ୍ତର–ଅନୁଶାସନରେ, ସେ କହିଛନ୍ତି ଯେ, ଅନ୍ୟ ସଂପ୍ରଦାୟଗୁଡ଼ିକୁ ସମ୍ମାନ ଦେବାରେ ନିଜ ସଂପ୍ରଦାୟର ସମ୍ମାନ ଥାଏ ।

ରାଜା ହିସାବରେ ଅଶୋକ ନିଜ ପାଇଁ ଅତି ଉଚ୍ଚ ଆଦର୍ଶ ରଖିଥିଲେ । ସେ ନିଜକୁ ଜଣେ ପିତା ଓ ପ୍ରଜାମାନଙ୍କୁ ତାଙ୍କର ସନ୍ତାନ ପରି ଦେଖୁଥିଲେ । ପ୍ରସ୍ତର ସ୍ତମ୍ଭ ଓ ପ୍ରସ୍ତର ଚଟାଣ ଉପରେ ତାଙ୍କର ଭାବନା ଓ ଦର୍ଶନକୁ ଲେଖି ସେ ତାଙ୍କର ଲୋକମାନଙ୍କୁ ଜଣାଉଥିଲେ । ଏହି ଅନୁଶାସନଗୁଡ଼ିକ ମୌର୍ଯ୍ୟ ସ୍ଥାପତ୍ୟ ଓ ପୂର୍ତ୍ତବିଦ୍ୟା କୌଶଳର ମଧ୍ୟ ସ୍ପଷ୍ଟ ଉଦାହରଣ ଗୁଡ଼ିଏ । ସେଗୁଡ଼ିକ ତାଙ୍କ ସମୟର ଜୀବନ୍ତ ସ୍ମୃତିସ୍ତମ୍ଭ ଗୁଡ଼ିଏ ।

ବ୍ୟୟସାପେକ୍ଷ ବିଧିବିଧାନର ନଷ୍ଟକାରୀତାକୁ ନିର୍ଦ୍ଦେଶ କରି ଅଶୋକ ତାଙ୍କ ପ୍ରଜାମାନଙ୍କୁ ଶିକ୍ଷା ଦେବାକୁ ଉଦ୍ୟମ କରିଥିଲେ । ଅହିଂସା ଅଭ୍ୟାସ କରିବାକୁ ସେ ଲୋକମାନଙ୍କୁ କହିଥିଲେ । ସେ ନିଜେ ରାଜକୀୟ ପାରିଧି ଓ ଆନନ୍ଦ ଯାତ୍ରାର ଅଭ୍ୟାସକୁ ତ୍ୟାଗ କରିଥିଲେ ଓ ବଦଳରେ 'ଧମ୍ମ'ର ଉନ୍ନତି ସାଧନ ପାଇଁ 'ଧମ୍ମଯାତ' ପର୍ଯ୍ୟଟନ ଗୁଡ଼ିକୁ ଆରମ୍ଭ କରିଥିଲେ । ସେ ତାଙ୍କର ସାମ୍ରାଜ୍ୟକୁ ଏକ ସାଧାରଣ 'ଧମ୍ମ', ଏକ ସାଧାରଣ ଭାଷା ଓ କାର୍ଯ୍ୟକ୍ଷେତ୍ରରେ ଗୋଟିଏ ଲିପି (ବ୍ରାହ୍ମୀ) ଦେଇ ଆହୁରି ରାଜନୈତିକ ଏକୀକରଣ ଆଣିପାରିଲେ । ବୌଦ୍ଧ ସମୟରୁ ଭାରତ ଏକ ଧର୍ମ ନିରପେକ୍ଷ ଦେଶ ହୋଇ ରହିଆସିଛି । ଯଦିଓ ସେ ନିଜେ ଜଣେ ବୌଦ୍ଧ ଥିଲେ ସେ ଅନ୍ୟମାନଙ୍କ ଉପରେ ଏହା ଲଦି ଦେଇ ନଥିଲେ, କିନ୍ତୁ ଏକ ସହିଷ୍ଣୁ ଧାର୍ମିକ କର୍ମପଦ୍ଧତି ଅନୁସରଣ କରିଥିଲେ । ସେ ଅଣବୌଦ୍ଧ ଓ ବୌଦ୍ଧବିରୋଧୀମାନଙ୍କୁ ମଧ୍ୟ ଉପହାର ଓ ସନନ୍ଦ ଦେଉଥିଲେ । ପୃଥିବୀର ବିଭିନ୍ନ ଅଞ୍ଚଳରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବା ପାଇଁ ଅଶୋକ ଯେଉଁସବୁ ଉପାୟ ଅବଲମ୍ବନ କରିଥିଲେ ସେଥିରେ ତାଙ୍କର ଖ୍ୟାତି ରହିଥିଲା । ପଶ୍ଚିମ ଅଞ୍ଚଳ ଓ ଗ୍ରୀକ୍ ରାଜ୍ୟଗୁଡ଼ିକୁ ସେ ରାଜଦୂତମାନଙ୍କୁ ପଠାଇଥିଲେ । ଭାରତୀୟ ସଂସ୍କୃତି ଦୂର ଦେଶମାନଙ୍କୁ ପ୍ରସରି ଗଲା । ଶ୍ରୀଲଙ୍କା ଓ କେନ୍ଦ୍ରୀୟ ଏସିଆ ପରି ଅଞ୍ଚଳଗୁଡ଼ିକୁ ଅଶୋକ ବୌଦ୍ଧ ପ୍ରଥାନୁସାରେ ବୌଦ୍ଧ ଧର୍ମ ପ୍ରଚାରକଙ୍କୁ ପଠାଇଥିଲେ । ପୃଥିବୀର ବିଭିନ୍ନ ଭାଗକୁ ବୌଦ୍ଧଧର୍ମ ପ୍ରସାର ହେଲା ଓ ଯଦିଓ ଆଜି ଏହା ଆଉ ଭାରତର ଏକ ମୁଖ୍ୟ ଶକ୍ତି ହୋଇନାହିଁ, ତଥାପି ଏହା ଶ୍ରୀଲଙ୍କା ଓ ସୁଦୂର ପୂର୍ବଦେଶଗୁଡ଼ିକରେ ଲୋକପ୍ରିୟ ହୋଇ ରହିଆସିଛି ।

ବୈଦିକ ଯୁଗରେ ଉଦ୍ରେକ ହୋଇଥିବା ବର୍ଣ୍ଣ ପ୍ରଥା, ଯାହା ଜାତିପ୍ରଥା ବୋଲି ଲୋକପ୍ରିୟ ହୋଇ ଆଜି ସୁପ୍ରତିଷ୍ଠିତ ହୋଇଗଲାଣି ଓ କ୍ରମଶଃ ସମଗ୍ର ଭାରତବର୍ଷରେ ସାମାଜିକ ସଂଗଠନର ମୁଖ୍ୟରୂପ ନେଇଗଲାଣି । ନୂତନ ଧର୍ମ, ଦର୍ଶନ ସହିତ ସହର, ଶିଳ୍ପ ଓ ବାଣିଜ୍ୟର ବୃଦ୍ଧି ଆମ ଦେଶରେ ସାଂସ୍କୃତିକ ଏକତାର ଧାରାକୁ ଅଧିକନ୍ତୁ ଆଗେଇ ନେଲା । ଅଶୋକ ସମଗ୍ର ଦେଶକୁ ଗୋଟିଏ ସାମ୍ରାଜ୍ୟର ଅଧିନରେ ଏକତ୍ର କରିଥିଲେ ଓ ଯୁଦ୍ଧକୁ ରାଜ୍ୟର ଶାସନ ପ୍ରଣାଳୀ ରୂପେ ପ୍ରୟୋଗ କରିବାକୁ ପରିତ୍ୟାଗ କରିଥିଲେ । ଅପର ପକ୍ଷରେ ସେ କହୁଥିଲେ ଯେ, ସମସ୍ତ ଜୀବମାନଙ୍କ ପ୍ରତି ଦାୟୀଥିବା ଋଣ ପରିଶୋଧ କରିବା ପାଇଁ ସେ ବଞ୍ଚି ରହିଛନ୍ତି ।

## କଳା ଓ ସ୍ଥାପତ୍ୟ : ମୌର୍ଯ୍ୟମାନଙ୍କର ଆରମ୍ଭ

କଳା ଓ ସ୍ଥାପତ୍ୟକୁ ମୌର୍ଯ୍ୟମାନଙ୍କର ଅବଦାନ ସୁସ୍ପଷ୍ଟ । ବୁଦ୍ଧଙ୍କ ଜୀବନର ବିଭିନ୍ନ ଘଟଣାବଳୀର ସ୍ମୃତି ରକ୍ଷା କରିବା ପାଇଁ ଅଶୋକ ୮୪,୦୦୦ ସ୍ତୁପ ଗଢ଼ିଥିଲେ ବୋଲି ଜଣାଅଛି । ମେଗାସ୍ଥିନିସ୍‌ଙ୍କ ଅନୁସାରେ ପାଟଳୀପୁତ୍ରର ଆଡ଼ମ୍ବର ପର୍ସିଆର ସହରମାନଙ୍କର ସମତୁଲ ।

ଚିକ୍କଣ କରାହୋଇଥିବା ବାଲିପଥରର ଗୋଟିକିଆ ସ୍ତମ୍ଭ ଓ ତାର ଶୀର୍ଷରେ ମସ୍ତକ ଥାଇ ପଥର ସ୍ତମ୍ଭଗୁଡ଼ିକ ଉପରେ ଅଶୋକଙ୍କର ଅନୁଶାସନଗୁଡ଼ିକ ଲିପିବଦ୍ଧ ହୋଇଥିଲା । ଲଉଡିଆ ନନ୍ଦନଗଡ଼(ବିହାର)ରେ ସର୍ବୋତ୍ତମ





ସୁରକ୍ଷିତ ଅଶୋକଙ୍କର ଅନୁଶାସନଗୁଡ଼ିକ ଅଛି । ଏହି ବତିଶ ଫୁଟ ଉଚ୍ଚତା ବିଶିଷ୍ଟ ସ୍ତମ୍ଭର ଉପରିଭାଗରେ ପ୍ରାୟ ପଚାଶଟନ ଓଜନର ଥିବା ସିଂହ ମସ୍ତକ ପୂର୍ତ୍ତବିଦ୍ୟାର ଏକ ପ୍ରଶଂସନୀୟ ଆଶ୍ଚର୍ଯ୍ୟ ଓ ଅଦ୍ଭୁତ କୃତି । ରାମପୁରର ବୃଷଭ ମସ୍ତକ ବିଶିଷ୍ଟ ସ୍ତମ୍ଭ ମୌର୍ଯ୍ୟ ଭାସ୍କର୍ଯ୍ୟର ଅନ୍ୟ ଏକ ସୁନ୍ଦର ଉଦାହରଣ । ସାରନାଥରେ ଥିବା ସ୍ତମ୍ଭର ଶୀର୍ଷ ଯେଉଁଥିରେ କି ଚାରିଟି ସିଂହ ଓ ଧର୍ମଚକ୍ର ଦେଖାଯାଇଛି ସବୁଠାରୁ ପ୍ରସିଦ୍ଧ । ଭାରତର ସାଧାରଣତନ୍ତ୍ରରେ ଏହାକୁ ଜାତୀୟ ପ୍ରତୀକ ରୂପେ ଗ୍ରହଣ କରାଯାଇଥିବାରୁ ତୁମେ ଏଥିରେ ନିଶ୍ଚୟ ସୁପରିଚିତ ଥିବ ।

ସ୍ତମ୍ଭଗୁଡ଼ିକ ବ୍ୟତୀତ କିଛି ମୌର୍ଯ୍ୟ ପ୍ରତିକୃତି ମଧ୍ୟ ଆଲୋକକୁ ଆସିଛି । ଏଗୁଡ଼ିକ ମଧ୍ୟରେ ସବୁଠୁ ଅଧିକ ଜଣାଶୁଣା ହେଉଛି ଦିଦାରଗଞ୍ଜର 'ଯାକ୍ଷୀ' । ଏହି ପ୍ରତିମୂର୍ତ୍ତିଗୁଡ଼ିକର ସୌନ୍ଦର୍ଯ୍ୟ ସେଗୁଡ଼ିକର କାର୍ଯ୍ୟକୁଶଳତାର ସଠିକତାରେ ହିଁ ନିହିତ ଏବଂ ସେଗୁଡ଼ିକ ପ୍ରକୃତରେ ଗୋଟିଏ ପଥରରୁ ତିଆରି ହେବା ପରି ଜଣାପଡ଼େ । ସ୍ତମ୍ଭଗୁଡ଼ିକ ପରି ଏହି ପ୍ରତିମୂର୍ତ୍ତି ଗୁଡ଼ିକ ଏକ ଅନନ୍ୟ ପୃଷ୍ଠଦେଶ ଚିକ୍କଣ କରିବାର ପଦାର୍ଥ (ବର୍ତ୍ତମାନ ମୌର୍ଯ୍ୟ ପଲିସ୍ ବୋଲି କୁହାଯାଉଛି) ରେ ଚିକ୍କଣ କରାଯାଇଛି । ତୁମେ ଜାଣି ଅବାକ୍ ହେବ ଯେ, ଏତେଗୁଡ଼ିଏ ଶତାବ୍ଦୀ ପରେ ମଧ୍ୟ ଏହି ମସୃଣତା ଏହାର ଉଜ୍ଜ୍ୱଳତା ହଜେଇ ନାହିଁ । ପାଖାପାଖି ସବୁ ଶିଳାଲିପିରେ ବ୍ୟବହୃତ ହୋଇଥିବା ଭାଷା ବ୍ୟତୀତ ଏବଂ ଦେଶର ସାଧାରଣ ଭାଷା ହେବା ପରି ଲାଗୁଥିବା ପ୍ରାକୃତ ଓ ବ୍ରାହ୍ମୀ ଲିପି ଅତି ପୂର୍ବର ପ୍ରାଚୀନ ଭାରତୀୟ ଲିପି ବୋଲି ଜଣାଯାଇଛି ।

ମୌର୍ଯ୍ୟ ସ୍ଥାପତ୍ୟର ଆଉ ଗୋଟିଏ ଉଲ୍ଲେଖନୀୟ ଦିଗ ହେଉଛି ପଥରକୁ କଟାଯାଇ ଗୁମ୍ଫାମାନ ନିର୍ମାଣ । ଲୋମଶ ଋଷି (ଏହାର ମନକୁ ପାଇଲା ଭଳି ପ୍ରବେଶ ପଥ ସହିତ) ଓ ସୁଦାମ ଗୁମ୍ଫାମାନ ଏହିପରି ସ୍ଥାପତ୍ୟର ଉଦାହରଣ । କଠିନ, ନିଦା ପଥରରେ ନିର୍ମିତ ଏହି ଗୁମ୍ଫାଗୁଡ଼ିକ ଅଣବୌଦ୍ଧ ସନ୍ୟାସୀମାନଙ୍କ ପାଇଁ ଅଶୋକଙ୍କ ଦ୍ୱାରା ଯୋଗାଇଦିଆଯାଇଥିଲା । ଏହି ଗୁମ୍ଫାଗୁଡ଼ିକ ପଥରକାଟି ଗୃହନିର୍ମାଣ କରିବା ବିଦ୍ୟାର ଆରମ୍ଭକୁ ସୂଚାଏ ଓ ପରବର୍ତ୍ତୀ ଶାସକମାନେ ମଧ୍ୟ ଏହାର ପୃଷ୍ଠପୋଷକତା କଲେ । ତାଙ୍କର ପ୍ରସ୍ତର ଅନୁଶାସନଗୁଡ଼ିକ ସ୍ଥାନୀୟ ଭାଷା ଓ ସ୍ଥାନୀୟ ଲିପିରେ ଖୋଦିତ ହୋଇଥିଲା ।

## ୩.୯ ମୌର୍ଯ୍ୟ ପରବର୍ତ୍ତୀ ସାଂସ୍କୃତିକ ବିକାଶ

ଯଦିଓ ଗ୍ରୀକ୍, ଶକ, ପାର୍ଥୀୟାନ୍ ଓ କୁଶାଣମାନେ ବିଦେଶୀ ଥିଲେ, ଧିରେ ଧିରେ ସେମାନେ ସ୍ଥାନୀୟ ଜନତାଙ୍କ ଭିତରେ ମିଶିଗଲେ । ସେମାନେ ଯୋଦ୍ଧା ହୋଇଥିବାରୁ, ବିଧି ପ୍ରଣେତାମାନେ ସେମାନଙ୍କୁ କ୍ଷତ୍ରୀୟମାନଙ୍କର ମର୍ଯ୍ୟାଦା ଦେଲେ । ଏହା ଉଲ୍ଲେଖନୀୟ ଯେ, ବିଦେଶୀମାନଙ୍କୁ ଏତେ ବିଶାଳ ପରିମାଣରେ ଭାରତୀୟ ସମାଜରେ ସଂପୂର୍ଣ୍ଣ ଗ୍ରହଣ କେବଳ ମୌର୍ଯ୍ୟ – ପରବର୍ତ୍ତୀ ସମୟରେ ହୋଇଥିଲା । ପ୍ରାୟ ଖ୍ରୀ.ପୂ. ୨୦୦ ରୁ ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀ ପର୍ଯ୍ୟନ୍ତ ଆମ ଦେଶର ଅର୍ଥନୈତିକ ଓ ରାଜନୈତିକ ଜୀବନରେ ଓ ଆମ ଦେଶର ସାଂସ୍କୃତିକ ଜୀବନର ବିଭିନ୍ନ ଦିଗ ଯଥା : ଧର୍ମ, କଳା, ବିଜ୍ଞାନ ତଥା ପ୍ରଯୁକ୍ତିବିଜ୍ଞାନର ଅତି ଗୁରୁତ୍ୱପୂର୍ଣ୍ଣ ବିକାଶରେ ଗଭୀର ପରିବର୍ତ୍ତନ ଆସିଲା ବୋଲି ଆମେ ମୋଟାମୋଟି କହିପାରିବା । ବିଭିନ୍ନ ଶିଳ୍ପର ଉତ୍ଥାନ ବ୍ୟତୀତ ଉଭୟ ଜଳପଥ ଓ ସ୍ଥଳପଥରେ ବୈଦେଶିକ ବାଣିଜ୍ୟର ସାର୍ଥକ ଉନ୍ନତି ଘଟିଲା ।

ଅନେକ ବିଦେଶୀ ଶାସକ ବୈଷ୍ଣବ ଧର୍ମ ଗ୍ରହଣ କଲେ । ବେଶନଗର ସ୍ତମ୍ଭରେ ଖୋଦିତ ଶିଳାଲିପିରେ ହେଲିଓଡରସ (ଭାରତ-ଗ୍ରୀକ୍ ରାଜା ଆନ୍ତିଆଲକିଦାସଙ୍କର ଗ୍ରୀକ୍ ରାଷ୍ଟ୍ରଦୂତ) ନିଜକୁ ଭାଗବତ, ଅର୍ଥାତ୍ ବିଷ୍ଣୁ ଉପାସକ ବୋଲି ବର୍ଣ୍ଣନା କରିଛନ୍ତି । ସେହିପରି କନିଷ୍କଙ୍କର କିଛି ମୁଦ୍ରାରେ ଶିବଙ୍କର ପ୍ରତିକୃତି ଦେଖାଯାଏ । ତୁମେ ମନେ ପକାଇବ ଯେ, ବସୁଦେବ ନାମକ ଜଣେ କୁଶାଣ ଶାସକ ସ୍ପଷ୍ଟ ଭାବରେ ନିଜର ବୈଷ୍ଣବ ବିଶ୍ୱାସ ଦେଖାଇଛନ୍ତି । କନିଷ୍କଙ୍କର





ରାଜ୍ୟପ୍ରାପ୍ତିର ବର୍ଷ ଅର୍ଥାତ ୭୮ ଖ୍ରୀଷ୍ଟାବ୍ଦ ସହିତ ସମ୍ପର୍କିତ ଗୁରୁତ୍ୱ ବିଷୟରେ ତୁମେ ଜାଣକି ? ଠିକ୍ ଅଛି, ଏହା ଶକାବ୍ଦ ଆରମ୍ଭକୁ ଚିହ୍ନିତ କରେ ।

ମାନବ ଜାତିତତ୍ତ୍ୱ ଓ ଧର୍ମ ସମ୍ବନ୍ଧରେ ଜ୍ଞାନ ଲାଭ କରୁଥିବା ବିଭିନ୍ନ ବିଦେଶୀ ଗୋଷ୍ଠୀ ଓ ଭାରତୀୟଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ସେମାନଙ୍କର ଗୋଟିଏ ବା ଅନ୍ୟ ଏକ ଭାରତୀୟ ଧର୍ମ ବାଛିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା । କିଛି ବିଦେଶୀ ଶାସକ ବୌଦ୍ଧଧର୍ମ ଆଡ଼କୁ ମଧ୍ୟ ମୁହାଁଇଲେ, ଯେହେତୁ ଜାତିପ୍ରଥାରେ ଖାପ ଖୁଆଇବା ପାଇଁ ଏହା କୌଣସି ସମସ୍ୟା ସୃଷ୍ଟି କଲା ନାହିଁ । ମେନାନ୍ଦର ବୌଦ୍ଧଧର୍ମକୁ ପରିବର୍ତ୍ତିତ ହେଲେ । କନିଷ୍କ ମଧ୍ୟ ଏହି ଧର୍ମ ପ୍ରତି ତାଙ୍କର ସେବା ପାଇଁ ସ୍ମରଣୀୟ ହୋଇ ରହିଛନ୍ତି । ଯାହାହେଉ, ବୌଦ୍ଧଧର୍ମର ଏହି ବର୍ଦ୍ଧିଷ୍ଣୁ ଲୋକପ୍ରିୟତା, ଧର୍ମରେ ଏକ ମୁଖ୍ୟ ପରିବର୍ତ୍ତନ ଆଣିଲା । ବିଦେଶୀମାନଙ୍କ ପାଇଁ ବୌଦ୍ଧଧର୍ମ ଏହାର ମୌଳିକ ରୂପରେ ଅତି ସାରତତ୍ତ୍ୱ ବିଶିଷ୍ଟ ଥିଲା । ତେଣୁ ସେମାନେ ସେମାନଙ୍କର ବଳବତୀ ଧାର୍ମିକ ଇଚ୍ଛାକୁ ସନ୍ତୁଷ୍ଟ କରିବା ପାଇଁ ଏକ ସରଳତର ରୂପକୁ ସମର୍ଥନ କଲେ । ସେହି ସମାନ ସମୟରେ ବୌଦ୍ଧଧର୍ମ ଦୁଇଟି ଭାଗରେ ବିଭକ୍ତ ହେଲା : 'ମହାଯାନ ବା ବିଶାଳ ଚକ୍ର ଓ 'ହୀନଯାନ' ବା କ୍ଷୁଦ୍ର ଚକ୍ର । ପ୍ରଥମଟି ମୂର୍ତ୍ତିପୂଜା, ବିଧିବିଧାନ, ବୋଧିସତ୍ତ୍ୱ (ବୁଦ୍ଧଙ୍କର ଅବତାର)ଙ୍କୁ ବିଶ୍ୱାସ କରିବା ବେଳେ ଦ୍ୱିତୀୟଟି ପ୍ରାଥମିକ / ମୌଳିକ ବୋଦ୍ଧଧର୍ମର ପ୍ରୟୋଗକୁ ଚାଲୁ ରଖିଲା ।

କନିଷ୍କ, ଯେକି ବୁଦ୍ଧଙ୍କର ଉପଦେଶାବଳୀର ଉପସଂହାର ପାଇଁ ଚତୁର୍ଥ ବୌଦ୍ଧ ସମ୍ମିଳନୀ ଡାକିଥିଲେ । 'ମହାଯାନ' ତାଙ୍କରିଠାରୁ ରାଜକୀୟ ପୃଷ୍ଠପୋଷକତା ଗ୍ରହଣ କଲା । ବୁଦ୍ଧଙ୍କର ସ୍ମୃତିରେ ସେ ଅନେକ ସ୍ତୁପ ପ୍ରତିଷ୍ଠା କରିଥିଲେ ।

## କଳା ଓ ଭାସ୍କର୍ଯ୍ୟ

କେନ୍ଦ୍ରୀୟ ଏସିୟ ଆକ୍ରମଣ ଭାରତୀୟ କଳା ଓ ଭାସ୍କର୍ଯ୍ୟର ଆହୁରି ଅଧିକ ବିକାଶକୁ ବାଟ କଢ଼େଇଲା । ପୃଥିବୀର ପଶ୍ଚିମ ଗୋଲାର୍ଦ୍ଧ ସହିତ ଅନ୍ତରଙ୍ଗ ସମ୍ପର୍କ ଭାରତୀୟ କଳାରେ ଅନେକ ନୂତନ ରୂପ ପ୍ରବର୍ତ୍ତନ କରାଇଲା । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ବିକାଶ ଥିଲା ଗାନ୍ଧାର ସ୍କୁଲ ଅଫ୍ ଆର୍ଟର ''କଳା ପାଇଁ ଗାନ୍ଧାର ବିଦ୍ୟାଳୟ''ର ବୃଦ୍ଧି । ଉଭୟ ଗ୍ରୀସୀୟ ଓ ରୋମାନ କଳାର ଆକୃତିରୁ ଏହି ଗାନ୍ଧାର ଶୈଳୀର ଲକ୍ଷଣ ସବୁ ବା ଆକୃତିର ଗଠନ ଶୈଳୀ ଉଧାର ଆଣିଲା । କୁଶାଣ ଯୁଗର ଅନେକ ବୁଦ୍ଧ ମୂର୍ତ୍ତିର ଆପୋଲୋବାସୀଙ୍କର ମୁହଁ, ସେମାନଙ୍କ କେଶ ବିନ୍ୟାସ ଗ୍ରୀସୀୟ–ରୋମୀୟ ଢ଼ଙ୍ଗରେ ଓ ସେମାନଙ୍କର ବସ୍ତ୍ର ରୋମୀୟ 'ତଗା' ଢଙ୍ଗରେ ସଜ୍ଜିତ । ବିଭିନ୍ନ ଦେଶର ବିଭିନ୍ନ ବିଦ୍ୟାଳୟରେ ତାଲିମପ୍ରାପ୍ତ କାରୀଗରମାନେ କୁଶାଣ ଶାସନରେ ଏକାଠି ହୋଇଥିବାରୁ ବୋଧହୁଏ କଳାତ୍ମକ ଅବୟବ ଗଠନର ଏପରି ସଂପୂର୍ଣ୍ଣ ଗ୍ରହଣ ହୋଇଥିଲା ।

ସ୍ୱଦେଶୀ କଳା ବିଦ୍ୟାଳୟର କେନ୍ଦ୍ରସ୍ଥଳୀ ଥିବା ମଥୁରା ମଧ୍ୟ ଆକ୍ରମଣଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥିଲା । ନିଶ୍ଚିତ ଭାବରେ ଶକ–କୁଶାଣର ପ୍ରଭାବ ଥିବା ଟେରାକୋଟା ଓ ଲାଲ ପଥରର ଅସଂଖ୍ୟ ମୂର୍ତ୍ତି ଆଜି ବି ତିଷ୍ଠି ରହିଛି । ମଥୁରାର କନିଷ୍କଙ୍କର ମସ୍ତକହୀନ ପ୍ରସ୍ତରମୂର୍ତ୍ତି ସର୍ବ ପ୍ରସିଦ୍ଧ । ପ୍ରାଥମିକ ବୌଦ୍ଧ ଧର୍ମାବଲମ୍ବୀମାନେ ବୁଦ୍ଧଙ୍କୁ ବର୍ଣ୍ଣନା କରିବା ପାଇଁ ଯେତେବେଳେ କେବଳ ଚିହ୍ନଗୁଡ଼ିଏ ବ୍ୟବହାର କରିଥିଲେ, ମଥୁରାଗୋଷ୍ଠୀ ବୁଦ୍ଧଙ୍କର ମୁଖ ଓ ଅବୟବ ଗଢ଼ିବାରେ ପ୍ରଥମ ହେଲେ । 'ଜାତକମାଳା' ପରି ଲୋକକଥା ମାନ ଲମ୍ବା ତାଲିକାରେ ପ୍ରସ୍ତର ମୁଖରେ ଲିଖିତ ହୋଇ ରହିଲେ । ବହୁତ ସଂଖ୍ୟାରେ ତିଆରି ହୋଇଥିବା ବୁଦ୍ଧଙ୍କର ପ୍ରତିମୂର୍ତ୍ତି ବ୍ୟତୀତ ମହାବୀରଙ୍କର ପଥର ମୂର୍ତ୍ତି ଗୁଡ଼ିଏ ମଧ୍ୟ ତିଆରି ହୋଇଥିଲା ।

## ଦାକ୍ଷିଣାତ୍ୟ ଓ ଦକ୍ଷିଣ ଭାରତ

ମୌର୍ଯ୍ୟଙ୍କ ଅଧୀନରେ 'ଶୀତବାହନ'ମାନେ ଦାକ୍ଷିଣାତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଧାରଣ କରିଥିଲେ । ଅଶୋକଙ୍କ ମୃତ୍ୟୁ ପରେ ସେମାନେ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି ମନେ କରିନେଲେ । ସେମାନେ ଅତି ଶକ୍ତିଶାଳୀ ହୋଇଗଲେ ଓ ଗୋଦାବରୀ ନଦୀର ପାଇଥାନ ବା ପ୍ରତିଷ୍ଠାନରେ ତାଙ୍କର ରାଜଧାନୀ ତିଆରି କଲେ । ଶୀତବାହନମାନଙ୍କର ବିଦେଶୀ ଶତ୍ରପ, ବିଶେଷକରି ଶକମାନଙ୍କ ସହିତ ଅତି ଶୀଘ୍ର ଦ୍ୱନ୍ଦ୍ୱ ହେଲା । ଗୌତମୀପୁତ୍ର ଓ ତାଙ୍କ ପୁତ୍ର ବଶିଷ୍ଠୀପୁତ୍ର ଶତକର୍ଣ୍ଣୀଙ୍କ ଅଧିନରେ ଶତବାହନମାନେ ଅତି ଶକ୍ତିଶାଳୀ ହୋଇ ଉଠିଲେ । ସେମାନେ ତାଙ୍କର ରାଜ୍ୟକୁ ବିସ୍ତୃତ କଲେ, ଜଙ୍ଗଲ ସଫା କଲେ, ରାସ୍ତା ତିଆରି କଲେ ଓ ତାଙ୍କ ରାଜ୍ୟକୁ ବେଶ୍ ଭଲରୂପେ ଶାସନ କଲେ । ନୂଆ ସହରମାନ ଗଢ଼ି ଉଠିଲା ଓ ପର୍ସିଆ, ଇରାକ ଏବଂ କାମ୍ବୋଡ଼ିଆ ପରି ଦୂର ଦେଶମାନଙ୍କ ସହିତ ବାଣିଜ୍ୟ କାରବାର ଚାଲିଲା ।

## କଳିଙ୍ଗର ଖାରବେଳ

ମୌର୍ଯ୍ୟଙ୍କ ପରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଉଠିଥିବା ଅନ୍ୟ ଏକ ରାଜ୍ୟ ହେଉଛି କଳିଙ୍ଗ । ଆଧୁନିକ ଓଡ଼ିଶା ଓ ଉତ୍ତର ଆନ୍ଧ୍ରର ଅଂଶଗୁଡ଼ିକ କଳିଙ୍ଗର ଅନ୍ତର୍ଭୁକ୍ତ । ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶାସକ ଥିଲେ ଖାରବେଳ । ଉଦୟଗିରି ପର୍ବତମାଳାରେ ଥିବା ଏକ ଜୈନ ଗୁମ୍ଫାରେ ହାତୀଗୁମ୍ଫା ଶିଳାଲିପି ତାଙ୍କ ଶାସନର ଏକ ସବିଶେଷ ବିବରଣୀ ଦେଇଥା'ନ୍ତା, କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସହଜରେ ବୋଧଗମ୍ୟ ନୁହେଁ । ସେ ଜଣେ ବଡ଼ ବା ମହାନ୍ ଶାସକ ଓ ସେଥିସହିତ ଜଣେ ସାହସୀ ଯୋଦ୍ଧା ବୋଲି ନିଶ୍ଚିତ ଭାବରେ ଜଣାଅଛି । ସେ ଧର୍ମପରାୟଣତା ଓ ସର୍ବସାଧାରଣ ଉପଯୋଗୀତା ପାଇଁ ରାସ୍ତା ଓ ଉଦ୍ୟାନ ନିର୍ମାଣ ପରି କାର୍ଯ୍ୟମାନ କରିଥିଲେ ।

## ଦକ୍ଷିଣ ଭାରତ

କୃଷ୍ଣା ଓ ତୁଙ୍ଗଭଦ୍ରା ନଦୀର ଦକ୍ଷିଣକୁ ଥିବା ଅଞ୍ଚଳକୁ ଦକ୍ଷିଣଭାରତ କୁହାଯାଏ । ପରସ୍ପର ମଧ୍ୟରେ ଅବିରତ ଭାବରେ ଯୁଦ୍ଧ କରୁଥିବା ଚୋଳ, ଚେର ଓ ପାଣ୍ଡ୍ୟମାନଙ୍କର ଏହି ଅଞ୍ଚଳ ଥିଲା ।

### ଉତ୍ସ

ସଙ୍ଗମ ସାହିତ୍ୟ ଏହି ରାଜ୍ୟଗୁଡ଼ିକ ଓ ଏହାର ଅଧିବାସୀଙ୍କର ଜୀବନ ବିଷୟରେ ବିଦିତ କରିବାର ମୁଖ୍ୟ ଉତ୍ସ । ସେଥିପାଇଁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ଆରମ୍ଭରୁ ଖ୍ରୀଷ୍ଟାବ୍ଦ ୨ୟ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ସମୟକୁ ଦକ୍ଷିଣ ଭାରତ ଇତିହାସର ସଙ୍ଗମ ସମୟ ବୋଲି କୁହାଯାଏ ।

## ଚୋଳଗଣ

କାରିକାଳ ଏହି ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶାସକ ଥିଲେ । ଚେର ଓ ପାଣ୍ଡ୍ୟଗଣଙ୍କର ମିଳିତ ଶକ୍ତିକୁ ସେ ପରାସ୍ତ କରିଥିଲେ । ଶ୍ରୀଲଙ୍କାରୁ ଏକ ଆକ୍ରମଣକୁ ଉତ୍ସାହିତ କରି ଆଗେଇ ନେବାରେ ସେ ସଫଳ ହୋଇଥିଲେ । କାରିକାଳ ଅନେକ ମଙ୍ଗଳକର କାର୍ଯ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି । କାବେରୀ ନଦୀରୁ ଆସୁଥିବା ପାଣି ଜଳସେଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବା ପାଇଁ ସେ ଅନେକ କେନାଲ ଖୋଳାଇଥିଲେ । କାରିକାଳ ସାହିତ୍ୟ ଓ କଳାର କାର୍ଯ୍ୟାବଳୀର ପୃଷ୍ଠପୋଷକତା କରିଥିଲେ । ସେ ବୈଦିକ ଧର୍ମର ଜଣେ ଅନୁଗାମୀ ଥିଲେ ।





## ପାଣ୍ଡ୍ୟଗଣ

ପାଣ୍ଡ୍ୟ ସାମ୍ରାଜ୍ୟ ଜଣେ ମହିଳା–ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସେ ଏକ ବିରାଟ ସେନାବାହିନୀ ଚଳାଇଥିଲେ । ସେ ବାଣିଜ୍ୟକୁ ଉତ୍ସାହିତ କରୁଥିଲେ ଓ କଳା ତଥା ସାହିତ୍ୟର ପୃଷ୍ଠପୋଷକତା କରୁଥିଲେ ।

## ଜୀବନ ଶୈଳୀ ଓ ସଂସ୍କୃତି

ଏହି ସମୟରେ ଲୋକମାନେ ଏକ ସରଳ ଜୀବନଯାପନ କରୁଥିଲେ । ସେମାନେ ସଙ୍ଗୀତ, ନୃତ୍ୟ ଓ କବିତାକୁ ଭଲ ପାଉଥିଲେ । ଢ଼ୋଲ (ଡ୍ରମ), ବଂଶୀ, ତୁରୀ ଆଦି ପରି ଅନେକ ବାଦ୍ୟଯନ୍ତ୍ର ଲୋକପ୍ରିୟ ଥିଲା ।

ଅଧିକାଂଶ ଲୋକ ଉପତ୍ୟକାମାନଙ୍କରେ ବାସ କରୁଥିଲେ ଓ ସେଥିରୁ ମୁଖ୍ୟଭାଗ କୃଷକ ଥିଲେ । ଅନ୍ୟମାନେ ପଶୁପାଳକ ଥିଲେ । ଶିଳ୍ପୀ ଓ କାରୀଗରମାନେ ମଧ୍ୟ ଥିଲେ ଓ ମୁଖ୍ୟତଃ ସହରରେ ରହୁଥିଲେ । ବଣିକମାନେ ବିଶେଷକରି ଉପକୂଳ ଅଞ୍ଚଳରେ ଥିଲେ ଓ ସମୁଦ୍ର ପଥରେ ବାଣିଜ୍ୟ କାରବାର ହେଉଥିଲା ।

## ସମାଜ

ଗ୍ରୀକ୍, କୁଶାଣ, ଶକ ଓ ପାର୍ଥୀଆନମାନଙ୍କୁ ଯବନ କୁହାଯାଉଥିଲା । ସେମାନେ ଶିଘ୍ର ଭାରତୀୟ ସମାଜରେ ମିଶିଗଲେ ଓ ଭାରତୀୟ ନାମଗୁଡ଼ିକୁ ନିଜର କରିନେଲେ ଏବଂ ପରସ୍ପରକୁ ବିବାହ କଲେ । ଏପରିକି ସେମାନଙ୍କର ମୁଦ୍ରାରେ ମଧ୍ୟ ବିଷ୍ଣୁ, ଗଣେଶ ଓ ମହେଶଙ୍କ ପରି ଭାରତୀୟ ଦେବତାଙ୍କର ପ୍ରତିମା ରହିବାକୁ ଆରମ୍ଭ କଲା । ସେମାନେ ଯେ ସହଜରେ ଭାରତୀୟ ସମାଜ ସହିତ ଖାପ ଖୁଆଇ ପାରିଥିଲେ, ସେହି ବିଷୟରୁ ବିଦେଶୀ ଶାସକମାନେ କାହିଁକି ବୌଦ୍ଧଧର୍ମର ପୃଷ୍ଠପୋଷକତା କଲେ ତାହା ବୁଝାଯାଇ ପାରିବ ।

## ହର୍ଷବର୍ଦ୍ଧନଙ୍କ ଯୁଗ

ରାଜା ହର୍ଷବର୍ଦ୍ଧନ ସ୍ଥିର କଲେ ଯେ, ଛୋଟ ଛୋଟ ଯୁଦ୍ଧକାରୀ ଶାସକମାନଙ୍କୁ ସେ ନିଶ୍ଚୟ ଜୟ କରିବେ ଓ ସେମାନଙ୍କୁ ନିଜ ପରିସର ଅଧୀନକୁ ଆଣିବେ । ସେ ନିଜର ଛଅଟି ଗୁରୁତ୍ୱପୂର୍ଣ୍ଣ ବର୍ଷ ଏହି କାର୍ଯ୍ୟ କରିବାରେ ନିୟୋଜନ କଲେ । ହ୍ୟୁଏନ୍ ସାଂ ନାମକ ଜଣେ ଚିନା ପରିବ୍ରାଜକ ଓ ବାଣଭଟ୍ଟ ନାମକ ତାଙ୍କ ଦରବାରର କବି ହର୍ଷଙ୍କ ଶାସନର ବିସ୍ତୃତ ବିବରଣୀ ଦେଇଛନ୍ତି । ହ୍ୟୁଏନ୍ ସାଂଙ୍କ ଅନୁସାରେ, ରାଜା ହର୍ଷବର୍ଦ୍ଧନଙ୍କର ଏକ ସମର୍ଥ ଶାସନତନ୍ତ୍ର ବା ସରକାର ଥିଲା । ସେ ଆହୁରି ମଧ୍ୟ ଆମକୁ କହନ୍ତି ଯେ, ପରିବାରଗୁଡ଼ିକ ପଞ୍ଜିକାଭୁକ୍ତ ହେଉନଥିଲା ଓ ବଳପୂର୍ବକ ଶ୍ରମ ନଥିଲା ।

## ହର୍ଷଙ୍କର ଧାର୍ମିକ କାର୍ଯ୍ୟକଳାପ

ତୁମେ ଜାଣିଛ କି ହର୍ଷ ଅନେକ ଚିକିତ୍ସାଳୟ ଓ ବିଶ୍ରାମାଗାର ନିର୍ମାଣ କରାଇଥିଲେ ? ଅନେକ ଧର୍ମ ବିଶେଷ କରି ବୌଦ୍ଧ ଓ ବ୍ରାହ୍ମଣ୍ୟଧର୍ମକୁ ସେ ମଧ୍ୟ ଅର୍ଥ ମଞ୍ଜୁର କରିଥିଲେ । ତାଙ୍କ ଜୀବନର ପରବର୍ତ୍ତୀ ସମୟରେ ସେ ବୌଦ୍ଧଧର୍ମ ଆଡ଼କୁ ବେଶୀ ଢଳି ପଡ଼ିଲେ ।

ହର୍ଷଙ୍କର ସାହିତ୍ୟିକ କାର୍ଯ୍ୟକଳାପ ଭିତରେ 'ନାଗାନନ୍ଦ ରତ୍ନାବଳୀ' ଓ 'ପ୍ରିୟଦର୍ଶୀତା' ଭଳି କିଛି ଗୁରୁତ୍ୱପୂର୍ଣ୍ଣ ନାଟକ ଥିଲା । ହ୍ୟୁଏନ୍ ସାଂ ଓ ବାଣଭଟ୍ଟଙ୍କ ବିବରଣୀରୁ ସେ ତାଙ୍କ ଚାରିପଟେ ଜ୍ଞାନୀ ଲୋକମାନଙ୍କୁ ସଂଗ୍ରହ କରି ରଖୁଥିବାର ପ୍ରମାଣ ମିଳେ । ବାଣ ହର୍ଷଙ୍କର ପ୍ରସିଦ୍ଧ ଜୀବନୀ 'ହର୍ଷଚରିତ' ଓ ସାହିତ୍ୟ ଖଣ୍ଡ 'କାଦମ୍ବରୀ' ମଧ୍ୟ ଲେଖିଥିଲେ ।

## ଦାକ୍ଷିଣାତ୍ୟ ଓ ଦକ୍ଷିଣର ରାଜ୍ୟ ସମୂହ

ଶତବାହନ, ଯେଉଁମାନେ କି ଦୀର୍ଘଦିନ ଧରି ଦାକ୍ଷିଣାତ୍ୟକୁ ଅଧିକାର କରିଥିଲେ । ସେମାନଙ୍କ ବିଷୟରେ ତୁମେ ପଢ଼ିଛ । ସେମାନଙ୍କ ପତନ ପରେ ଅନେକ ଛୋଟ ଛୋଟ ରାଜ୍ୟ ଦାକ୍ଷିଣାତ୍ୟରେ ସୃଷ୍ଟି ହେଲା । ସେଗୁଡ଼ିକ ମଧ୍ୟରେ ବକଟକମାନଙ୍କର ହେଉଛି ପ୍ରଥମ, ଯେକି ଏକ ଶକ୍ତିଶାଳୀ ରାଜ୍ୟ ଗଢ଼ିବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାହା ଦୀର୍ଘସ୍ଥାୟୀ ହେଲା ନାହିଁ ।

ବକଟକମାନଙ୍କ ପରେ ବାତାପି ଓ କଲ୍ୟାଣୀର ଚାଲୁକ୍ୟମାନେ ଆସିଲେ । ପୁଲକେଶୀ ଚାଲୁକ୍ୟବଂଶର ଜଣେ ଶକ୍ତିଶାଳୀ ଶାସକ ଥିଲେ । ଚାଲୁକ୍ୟମାନେ ରାଷ୍ଟ୍ରକୂଟ (ଉତ୍ତର ଆଡ଼କୁ) ଓ ପଲ୍ଲବ (ଦକ୍ଷିଣ ଆଡକୁ)ମାନଙ୍କ ସହିତ ଯୁଦ୍ଧ କରିବାରେ ଲାଗି ରହିଲେ । ରାଷ୍ଟ୍ରକୂଟମାନଙ୍କଠାରୁ ପରାସ୍ତ ହୋଇ ଖ୍ରୀଷ୍ଟାବ୍ଦ ୭୫୩ରେ ଚାଲୁକ୍ୟ ଶାସନର ସମାପ୍ତି ଘଟିଲା ।

ବାତାପିର ରାଜଧାନୀ ସହରଟି ଏକ ସମୃଦ୍ଧ ସହର ଥିଲା । ପଶ୍ଚିମରେ ଆରବ, ଇରାନ ଓ ଲୋହିତ ସାଗରର ବନ୍ଦର ସହିତ, ଦକ୍ଷଣପୂର୍ବ ଏସିଆ ସହିତ ମଧ୍ୟ ବାଣିଜ୍ୟ ସଂପର୍କ ଥିଲା । ପର୍ସିଆର ରାଜା 'ଖୁସରାଓ ୨' ପୁଲକେଶୀନ–୨ଙ୍କ ପାଖକୁ ଜଣେ ରାଷ୍ଟ୍ରଦୂତ ପଠାଇଥିଲେ । ଚାଲୁକ୍ୟମାନେ କଳା ପରି ଧର୍ମର ମଧ୍ୟ ପୃଷ୍ଠକୋଷକତା କରୁଥିଲେ । ସେମାନେ ଦାକ୍ଷିଣାତ୍ୟ ପର୍ବତମାଳାରେ ମନ୍ଦିର ଓ ଗୁମ୍ଫା ପୀଠସ୍ଥଳୀମାନ ନିର୍ମାଣ କରିଥିଲେ । ଚାଲୁକ୍ୟ ଓ ରାଷ୍ଟ୍ର କୂଟମାନଙ୍କର ପୃଷ୍ଠପୋଷକତାରେ ଏଲୋରା ଗୁମ୍ଫାର ଭାସ୍କର୍ଯ୍ୟଗୁଡ଼ିକ ମଧ୍ୟରୁ ଅନେକ ଏହି ସମୟରେ ସୃଷ୍ଟି ହୋଇଥିଲା ।

### ପାଠଗତ ପ୍ରଶ୍ନାବଳୀ ୩.୨

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

୧. ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରେ ଉତ୍ତର ଓ ଉତ୍ତର–ପଶ୍ଚିମ ଭାରତର ଅଧିବାସୀମାନଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥା ବିଷୟରେ କେଉଁଥିରୁ ସବୁ ଜଣାପଡ଼ିବ ? (ଜାଣିବା ପାଇଁ ଉତ୍ସମାନ କ'ଣ କ'ଣ ଥିଲା ?)

___

୨. ରାଜା ଅଶୋକଙ୍କ ଅନୁସାରେ ଧମ୍ମ ବିଜୟ କ'ଣ ?

___

୩. ଅଶୋକଙ୍କର ମତ ତାଙ୍କ ଦ୍ୱାଦଶ ମୁଖ୍ୟ ପ୍ରସ୍ତର ଅନୁଶାସନରେ କ'ଣ ଲେଖ ?

___

୪. ଅଶୋକଙ୍କର ଅନୁଶାସନଗୁଡ଼ିକ ତୁମେ କେଉଁଠି ପାଅ ?

___

୫. ଭାରତର ଜାତୀୟ ଚିହ୍ନ କେଉଁଠାରୁ ଆସିଛି ?

___

୬. ଗ୍ରୀସୀୟ ଓ ରୋମୀୟ କଳାର ଆକୃତିଗୁଡ଼ିକରୁ ଗାନ୍ଧାର କଳା ବିଦ୍ୟାଳୟ ଦ୍ୱାରା ଉଦ୍ଧାର ଅଣାଯାଇଥିବା ମୁଖର ଗଠନଗୁଡ଼ିକ କ'ଣ କ'ଣ ?

___

୭. ମଥୁରା କଳା ବିଦ୍ୟାଳୟର ଅନନ୍ୟତା ବର୍ଣ୍ଣନା କର ?

___

## ୩.୧୦ ଗୁପ୍ତ ସମୟରେ ସାଂସ୍କୃତିକ ବିକାଶ

ପ୍ରାଚୀନ ଭାରତ ଇତିହାସର ଶେଷ ପର୍ଯ୍ୟାୟ ଖ୍ରୀଷ୍ଟାବ୍ଦ ଆଦ୍ୟ ଚତୁର୍ଥ ଶତାବ୍ଦୀରେ ଆରମ୍ଭ ହୋଇଛି ଓ ପ୍ରାୟ ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀରେ ଶେଷ ହୋଇଛି । ଗୁପ୍ତମାନେ ଏକ ବଳବାନ ଓ ଶକ୍ତିଶାଳୀ ରାଜ୍ୟ ଗଢ଼ିଥିଲେ ଓ ସେମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ରାଜନୈତିକ ଏକତା ଏବଂ ରାଜ୍ୟ ପ୍ରାଦେଶିକ ପୃଷ୍ଠପୋଷକତା ଅଧୀନରେ ସାଂସ୍କୃତିକ କାର୍ଯ୍ୟ ବହୁ ପ୍ରକାରରେ ବଢ଼ିଗଲା । ତୁମେମାନେ ମନେ ପକାଇବ ଯେ, ଗ୍ରୀକ୍ ଆକ୍ରମଣ ପରେ ଭାରତରେ ବିବିଧ କଳାରୂପ ଗ୍ରୀସୀୟ–ରୋମୀୟ ଢ଼ାଞ୍ଚା ଦ୍ୱାରା ଆଖିଦୃଶିଆ ଭାବେ ପ୍ରଭାବିତ ହୋଇଥିଲା । ଏହି କଳା ମୁଖ୍ୟତଃ ବୁଦ୍ଧ କିମ୍ବା ବୌଦ୍ଧଭାବକୁ ବର୍ଣ୍ଣନା କରିଥିଲା । କିନ୍ତୁ ଗୁପ୍ତମାନଙ୍କ ସମୟରେ କଳା ଅଧିକତର ସୃଜନଶୀଳ ହେଲା ଏବଂ ହିନ୍ଦୁ ଦେବଦେବୀମାନେ ମଧ୍ୟ ଚିତ୍ରିତ ହେବାକୁ ଲାଗିଲେ ।

ସେ ସମୟର କଳାତ୍ମକ ସାଫଲ୍ୟ ଗୁପ୍ତ ମୁଦ୍ରାଗୁଡ଼ିକରେ ଦେଖାଯାଇଥିବା ସୂକ୍ଷ୍ମ କର୍ମକୁଶଳତା ଓ ବିଭିନ୍ନ ପ୍ରକାରର ନକ୍ସାରେ ପ୍ରଦର୍ଶିତ ହୋଇଛି । ଅନୁସରଣ କରାଯାଇଥିବା ସାଧାରଣ ଶୃଙ୍ଖଳିତ ବ୍ୟବସ୍ଥା ଥିଲା ମୁଦ୍ରାର ଏକ ପାର୍ଶ୍ୱରେ ରାଜାଙ୍କର କିମ୍ବା ଜଣେ ଉପଯୁକ୍ତ ଦେବୀଙ୍କର ଚିତ୍ର ଓ ଅପର ପାର୍ଶ୍ୱରେ ତାଙ୍କ ସହିତ ସଂପର୍କିତ ଚିହ୍ନମାନର ପ୍ରଦର୍ଶନ । ରାଜା ଅନେକ ଗୁଡ଼ିଏ ସ୍ଥିତିରେ ଦେଖାଯାଇଥା'ନ୍ତି – ଏକ ସିଂହ ବା ବ୍ୟାଘ୍ର ଶିକାର କରୁଥିବା, ଏକ ଉଚ୍ଚ ପୃଷ୍ଠଥିବା ଚୌକୀରେ ବସି ଏକ ବାଦ୍ୟଯନ୍ତ୍ର ବଜାଉଥିବା ଇତ୍ୟାଦି । ଅପରପାର୍ଶ୍ୱରେ ଅଧିକାଂଶ ସ୍ଥଳେ ଧନର ଦେବୀ ଲକ୍ଷ୍ମୀ ଥିଲେ ଓ କେତେକ ସ୍ଥଳରେ ଜ୍ଞାନ ଓ କଳାର ଦେବୀ ସରସ୍ୱତୀ ।

ମୁଦ୍ରା ବ୍ୟତୀତ, ସ୍ମୃତିସ୍ତମ୍ଭ ଓ ଭାସ୍କର୍ଯ୍ୟରେ ଗୁପ୍ତକଳା ଯଥେଷ୍ଟ ପ୍ରକାଶିତ ହୋଇଛି । ଏହି ସମୟର କୁଶଳୀ ଶିଳ୍ପୀଗଣ ବିଭିନ୍ନ କଳାକୃତୀ ମାଧମରେ ଭାରତର ଆଦର୍ଶ ଓ ଦାର୍ଶନିକ ପ୍ରଥାକୁ ପ୍ରକାଶ କରିବା ପାଇଁ ସେମାନଙ୍କର ଯନ୍ତ୍ରପାତି ଓ କୌଶଳ ବ୍ୟବହାର କରିଥିଲେ । ଦେବଦେବୀମାନଙ୍କର ପଥରମୂର୍ତ୍ତିରେ ସେମାନେ ଧର୍ମସ୍ଥଳୀଗୁଡ଼ିକର କୋଣ ଅନୁକୋଣ ଠଣାଗୁଡ଼ିକୁ ମଧ୍ୟ ସଜାଇଥିଲେ । ଦେବତାମାନଙ୍କର ପ୍ରତିମୂର୍ତ୍ତିଗୁଡ଼ିକୁ ସେମାନଙ୍କ ସହିତ ସଂପର୍କିତ ସ୍ୱାଭାବିକ ଧର୍ମର ପ୍ରତିନିଧିତ୍ୱ କରୁଥିବା ଚିହ୍ନମାନଙ୍କ ପରି ବ୍ୟବହାର କରାଯାଉଥିଲା । ଅତଏବ, ଦେବତାମାନେ ଯଦିଓ ମାନବ ରୂପରେ ବର୍ଣ୍ଣିତ ହେଉଥିଲେ, ସେମାନଙ୍କର ଚାରି ବା ଆଠ ବାହୁ ପ୍ରତ୍ୟେକଟି ଗୋଟିଏ ଗୋଟିଏ ଚିହ୍ନ ବା ଆୟୁଧ (ଅସ୍ତ୍ର) ଧରିଥିବା ଦେଖାଉଥିଲେ । ପଥର, ଟେରାକୋଟା ଓ ଅନ୍ୟାନ୍ୟ ପଦାର୍ଥଗୁଡ଼ିକ ଦେବଦେବୀଙ୍କର ବାସସ୍ଥାନ ଗଢ଼ିବାରେ ବ୍ୟବହାର କରାଯାଉଥିଲା ।

ଦେଓଗଡ଼ର ଦଶାବତାର ମନ୍ଦିର ଓ ଉଦୟଗିରି ପାହାଡ଼ଗୁଡ଼ିକର ଗୁମ୍ଫା ମନ୍ଦିରରେ ଗୁପ୍ତ କଳାର ଉଦାହରଣଗୁଡ଼ିକ ଦେଖାଯାଇ ପାରିବ । ଯାହାହେଉ ଗୁପ୍ତକଳାର ସବୁଠାରୁ ପ୍ରସିଦ୍ଧ ଉଦାହରଣଗୁଡ଼ିକ ଆଜି ବି ହେଉଛି, ସାରନାଥର ଅସଂଖ୍ୟ ବସିଥିବା ଓ ଠିଆ ହୋଇଥିବା ବୁଦ୍ଧଙ୍କର ପ୍ରତିମୂର୍ତ୍ତିଗୁଡ଼ିକ ।

ସାରନାଥରେ ତିଷ୍ଠି ରହିଥିବା କଳା ବିଦ୍ୟାଳୟ ଆମକୁ ବୁଦ୍ଧଙ୍କର କେତେକ ଅତି ଆନନ୍ଦ ଦାୟକ ଓ ଲାବଣ୍ୟମୟ ପ୍ରତିମୂର୍ତ୍ତି ଯୋଗାଇଦିଏ । ପ୍ରସ୍ତର ବ୍ୟତୀତ ଗୁପ୍ତ କାରିଗରମାନେ ବ୍ରୋଞ୍ଜରେ ମଧ୍ୟ କୁଶଳୀ ଥିଲେ । ସୁଲତାନଗଞ୍ଜ (ବିହାରର ଭାଗଲପୁର ନିକଟବର୍ତ୍ତୀ)ରେ ଗୋଟିଏ ଦୁଇମିଟର ଉଚ୍ଚତା ବିଶିଷ୍ଟ ବୁଦ୍ଧଙ୍କର ବ୍ରୋଞ୍ଜ ପ୍ରତିମୂର୍ତ୍ତି ଆବିଷ୍କୃତ ହୋଇଛି । ଏହି ସମୟରେ ଗୁମ୍ଫାମାନଙ୍କରେ ସୃଷ୍ଟି କରାଯାଇଥିବା ଭାସ୍କର୍ଯ୍ୟର ନମୁନାଗୁଡ଼ିକ ପ୍ରସିଦ୍ଧ ଏଲୋରା ଗୁମ୍ଫାରୁ ମିଳିଛି ।

## ସ୍ଥାପତ୍ୟ

ଗୁପ୍ତ ସ୍ଥାପତ୍ୟ ଅଳ୍ପ କେତେକ ଧର୍ମପୀଠ, ପଥର କଟା ହୋଇ ତିଆରି ହୋଇଥିବା ଗୁମ୍ଫା (ଅଜନ୍ତା) ଓ ଦେଓଗଡ଼ର ଦଶାବତାର ମନ୍ଦିର ଭଳି କେତେକ ମନ୍ଦିରରେ ତିଷ୍ଠି ରହିଛି । ଏହି ନିର୍ମାଣଗୁଡ଼ିକ ମୁଖ୍ୟତଃ ଇଟା ଓ ପଥରରେ ତିଆରି ହୋଇଥିଲା । କାଳୀଦାସଙ୍କ ରଚନାରେ କିଛି ସମ୍ବନ୍ଧ ଗୁପ୍ତ ସ୍ଥାପତ୍ୟର ଏକ କ୍ଷଣିକ ଆଭାସ ଆମକୁ ଦିଏ । କବି ରାସ୍ତାଘାଟ, ବଜାରସ୍ଥାନ, ବିରାଟ ଆକାଶଛୁଆଁ ପ୍ରାସାଦମାନ ଓ ବଡ଼ଛାତ ଥିବା ଅଟ୍ଟାଳିକାଗୁଡ଼ିକର ଜାଲିକାମ ଥିବା ଏକ ସୁଯୋଜନାବଦ୍ଧ ସହରର ସୁସ୍ପଷ୍ଟ ଛବି ଦେଇଛନ୍ତି । ପ୍ରାସାଦଗୁଡ଼ିକର ଅନେକ ଅନ୍ତଃପୁର ଥିଲା । ସେଗୁଡ଼ିକର ପ୍ରାଙ୍ଗଣ, ବନ୍ଦୀଶାଳା, ଦରବାର ଓ ସଭାଗୃହ ଥିଲା । ସେଗୁଡ଼ିକର ବାରଣ୍ଡାଗୁଡ଼ିକ ରାତିରେ ଚନ୍ଦ୍ରକିରଣରେ ଆଲୋକିତ ହେଉଥିବା ଛାତରେ ଖୋଲା ଥିଲା । ପ୍ରାସାଦ ସହିତ ସଂଲଗ୍ନ ଆନନ୍ଦ ବାଟୀକାରେ ସବୁ ରକମର ଋତୁକାଳୀନ ପୁଷ୍ପ ଓ ବୃକ୍ଷମାନ ଥିଲା ।

ସେ ଯାହାହେଉ ନାଁ କାହିଁକି, ଗୁପ୍ତ ସ୍ଥାପତ୍ୟ ବିଷୟରେ ପ୍ରତ୍ନତାତ୍ତ୍ୱିକ ପ୍ରମାଣଗୁଡ଼ିକ ଦୁର୍ବଳ ଥିଲା । ଯାହାହେଉ, ଗୁପ୍ତ ଧର୍ମସ୍ଥଳୀଗୁଡ଼ିକର ଉଦାହରଣମାନ କେନ୍ଦ୍ରୀୟ ଭାରତର ଜଙ୍ଗଲ, ବିଶେଷ କରି ବୁନ୍ଦେଲଖଣ୍ଡ ଅଞ୍ଚଳରେ ଆବିଷ୍କୃତ ହୋଇଛି । କାନପୁର ଜିଲ୍ଲାର ଭିତରଗାଁରେ ଥିବା ଗୋଟିଏ, ଏଗୁଡ଼ିକର ଅନ୍ତର୍ଭୁକ୍ତ ।

## ଚିତ୍ର

ଗୁପ୍ତ ସମୟରେ ଏକ କଳାର ରୂପ ଭାବରେ ଚିତ୍ର ଏକ ଚରମ ଉତ୍କର୍ଷ ଲାଭ କଲା । ଅଜନ୍ତା ଗୁମ୍ଫାର (ଅଉରଙ୍ଗାବାଦ) କାନ୍ଥରେ ଚିତ୍ର ଆଙ୍କିବା ପ୍ରଣାଳୀ ଓ ବାଘ ଗୁମ୍ଫା (ଗ୍ୱାଲିଅର ନିକଟରେ) ଥିବା ଗୋଟିଏ ଏହାର ପ୍ରମାଣ ବହନ କରିଛନ୍ତି । ଯଦିଓ ଅଜନ୍ତାର ଚିତ୍ରଗୁଡ଼ିକ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ମଧ୍ୟରେ ଅଛନ୍ତି ତଥାପି ଏହାର ଅଧିକାଂଶ ଗୁପ୍ତ ସମୟରେ ସୃଷ୍ଟି ହୋଇଥିଲେ । ବୁଦ୍ଧଙ୍କ ଜୀବନର ବିଭିନ୍ନ ଦୃଶ୍ୟାବଳୀ ଏହି ଚିତ୍ରଗୁଡ଼ିକ ବର୍ଣ୍ଣନା କରନ୍ତି । ଯେଉଁ କୌଶଳରେ ମଣିଷ ପଶୁ ଓ ଉଦ୍ଭିଦର ଆକୃତିଗୁଡ଼ିକୁ ଅଙ୍କା ଯାଇଛି, ତାହା ଗୁପ୍ତ କଳାର ପରିମାର୍ଜିତ ଓ ସ୍ୱର୍ଣକାତର ସ୍ୱଭାବକୁ ଦେଖାଇଦିଏ । ସୌନ୍ଦର୍ଯ୍ୟର ଧାରଣା ଗୁପ୍ତକଳାର ଏକ ମୌଳିକ ସ୍ୱଭାବ ଥିଲା । ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତିର ଏକ ଉପାୟ ଭାବରେ ଚିତ୍ର ମାଧ୍ୟମରେ ପ୍ରକାଶକୁ ଗ୍ରହଣ କରାଯାଉଥିବାରୁ ଏହାକୁ ଗୁରୁତ୍ୱ ଦିଆଯାଉଥିଲା ।

# ୩.୧୧ ପଲ୍ଲବ ଓ ଚୋଳଗଣ

ପଲ୍ଲବ ଓ ଚୋଳ ନାମକ ଦକ୍ଷିଣ ଭାରତର ଦୁଇଟି ବଂଶ ଓ କଳା, ସ୍ଥାପତ୍ୟ, ଶାସନ ତଥା ବିଜୟକୁ ସେମାନଙ୍କର ଅବଦାନ ବିଷୟଗୁଡ଼ିକୁ ସମ୍ପର୍କିତ ନକଲେ ପ୍ରାଚୀନ ଭାରତର ବ୍ୟାଖ୍ୟା ଅସଂପୂର୍ଣ୍ଣ ରହେ । ଖ୍ରୀଷ୍ଟାବ୍ଦର ଆଦ୍ୟ ଶତାବ୍ଦୀଗୁଡ଼ିକରୁ ଦକ୍ଷିଣରେ ଅଳ୍ପ କେତେକ ବଂଶର ଉତ୍‌ଥାନ ହୋଇଥିଲା । ସେମାନଙ୍କ ମଧ୍ୟରେ ପଲ୍ଲବମାନେ କଳା ଓ ସ୍ଥାପତ୍ୟର ମହାନ୍ ପୃଷ୍ଠପୋଷକ ଥିଲେ । ସେମାନଙ୍କ ଦ୍ୱାରା ନିର୍ମିତ ମହାବଳୀପୁରମ୍ ମନ୍ଦିର ତାଞ୍ଜୋରେ

'ରଥ' ପଥର କଟା ଯାଇ ନିର୍ମିତ ହୋଇଥିବା ମନ୍ଦିରର ସୁନ୍ଦର ଉଦାହରଣ ଗୁଡ଼ିଏ । କୈଳାଶନାଥ ଓ କାଞ୍ଚିପୁରମ୍‌ରେ ଥିବା ବୈକୁଣ୍ଠପେରୁମାଲ ମନ୍ଦିର ପରି ଛାଞ୍ଚ ଗଠନମୂଳକ ମନ୍ଦିର ସବୁ ମଧ୍ୟ ପଲ୍ଲବମାନେ ଗଢ଼ିଥିଲେ । ହଜାର ହଜାର ପ୍ରତିମୂର୍ତ୍ତି ଥିବା କାଶୀନାଥ ମନ୍ଦିର ଏକ ବିରାଟ ନିର୍ମାଣ ଓ "ଭାରତରେ କେବେ ହୋଇନଥିବା ବୃହତ୍ତମ ଏକକ କାର୍ଯ୍ୟ" ବୋଲି କୁହାଯାଏ । ମହାବଳୀପୁରମ୍‌ରେ (ମାମଲ୍ଲପୁରମ୍) ତଳୁ ସାମନ୍ୟ ଉପରକୁ ଉଠିଥିବା ଭାସ୍କର୍ଯ୍ୟର ଏକ ଗୁଚ୍ଛ ମଧ୍ୟ ମିଳିଥିଲା ଯାହାକି ପଲ୍ଲବ ସମୟର ସ୍ୱାଭାବିକ ଗୁଣଧର୍ମ ବୋଲି ଗଣାଯାଇଛି । ମହାବଳୀପୁରମ୍‌ରେ ଗଢ଼ାଯାଇଥିବା ପାଗୋଡ଼ାଗୁଡ଼ିକ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀର ।



ଚେନ୍ନାଇ ନିକଟରେ ମହାବଳୀପୁରମ ମନ୍ଦିର

ଖ୍ରୀଷ୍ଟାବ୍ଦ ୫ମ ଶତାବ୍ଦୀର ଆଗକୁ ଆଗକୁ ଭାରତରେ ମନ୍ଦିର ନିର୍ମାଣ କାର୍ଯ୍ୟ ଉନ୍ନତ ହେଲା । ଉତ୍ତର ଭାରତର ମନ୍ଦିରଗୁଡ଼ିକ ଶିକାରା (ମୋଡ଼ି ମୋଡ଼ି ହୋଇଥିବା ଛାତ)ରେ ତିଆରି ନାଗରା ଢାଞ୍ଚାରେ, ଗର୍ଭଗୃହ (ପବିତ୍ର ନିଭୃତ ସ୍ଥାନ) ଓ ମଣ୍ଡପ (ସ୍ତମ୍ଭ ବିଶିଷ୍ଟ ସୁବୃହତ୍ କକ୍ଷ) ନିର୍ମାଣ କରାଯାଇଥିବା ବେଳେ, ଦକ୍ଷିଣରେ ମନ୍ଦିରଗୁଡ଼ିକ ବିମାନ ବା ଶିଖର, ଉଚ୍ଚ କାନ୍ଥ ଓ ଉପରେ ଗୋପୁରମ୍ ବସିଥିବା ଫାଟକରେ ସଂପୂର୍ଣ୍ଣ ହୋଇଥିବା ଦ୍ରାବିଡ଼ ଢ଼ାଞ୍ଚାରେ ନିର୍ମିତ ହୋଇଥିଲା । ପଲ୍ଲବମାନଙ୍କ ପରେ (ଖ୍ରୀଷ୍ଟାବ୍ଦ ୬ଷ୍ଠ ରୁ ୮ମ ଶତାବ୍ଦୀ) ମନ୍ଦିର ନିର୍ମାଣ ପ୍ରଥା ଚୋଳମାନଙ୍କ ଦ୍ୱାରା (ଖ୍ରୀଷ୍ଟାବ୍ଦ ଦଶମ-ଦ୍ୱାଦଶ ଶତାବ୍ଦୀ) ଅଧିକ ବିକଶିତ ହେଲା ।



ସୂର୍ଯ୍ୟ ମନ୍ଦିର, କୋଣାର୍କ, ଓଡ଼ିଶା

ତୁମେ ଜାଣିଛ କି ମନ୍ଦିର ଗ୍ରାମର କେନ୍ଦ୍ରସ୍ଥଳୀ ଥିଲା ? ଏହା ଗ୍ରାମବାସୀମାନଙ୍କର ଏକାଠି ହେବାର ଏକ ସ୍ଥାନ, ସେମାନେ ପ୍ରତିଦିନ ଏଠାକୁ ଆସନ୍ତି ଓ ଭାବର ଆଦାନପ୍ରଦାନ କରନ୍ତି ଏବଂ ସାଧାରଣ ସ୍ୱାର୍ଥର ସମସ୍ତ ବିଷୟ ଆଲୋଚନା କରନ୍ତି । ଏହା ଏକ ବିଦ୍ୟାଳୟ ପରି ମଧ୍ୟ କାର୍ଯ୍ୟ କରେ । ପର୍ବପର୍ବାଣି ଦିନମାନଙ୍କରେ ନାଟକ ଓ ନାଚ ମଧ୍ୟ ମନ୍ଦିର ପ୍ରାଙ୍ଗଣରେ କରାଯାଏ ।

ଚୋଳମାନଙ୍କର ସଫଳତା ମଧ୍ୟ ସାଗର ଆରପାରିରେ ବିଜୟ ଓ ଗ୍ରାମସ୍ତରରେ ଶାସନ ପାଇଁ ଗଣତାନ୍ତ୍ରିକ ଅନୁଷ୍ଠାନମାନ ଗଢ଼ିବାରେ ମିଳିଛି । 'ସାହା' କି 'ଉର' କୁହାଯାଉଥିବା ଗ୍ରାମ ପଞ୍ଚାୟତର ବିସ୍ତୃତ ଶକ୍ତି ଥିଲା । ଏହାର ଅର୍ଥ ଉପରେ ମଧ୍ୟ ନିୟନ୍ତ୍ରଣ ଥିଲା । ଏହି ପଞ୍ଚାୟତର ଅନ୍ତର୍ଭୁକ୍ତ କେତେକ କାର୍ଯ୍ୟପରିଚାଳନା ସମିତି ଗ୍ରାମ ଶାସନର ବିଭିନ୍ନ ଦିଗର ଯତ୍ନ ନେଉଥିଲେ । ଚୋଳ ଲେଖନୀ/ ଲିପିଗୁଡ଼ିକ ମଧ୍ୟରୁ ଗୋଟିକରେ 'ସଭା'ଗୁଡ଼ିକର କାର୍ଯ୍ୟକାରୀତା ବିଷୟରେ ବିଶଦ ବିବରଣୀ ମିଳେ । ଚୋଳ ଶାସକମାନେ ମହାନ ନିର୍ମାଣକାରୀ ମଧ୍ୟ ଥିଲେ । ଚୋଳ ଶାସକମାନଙ୍କ ଅଧୀନରେ ଦ୍ରାବିଡ଼ ଢାଞ୍ଚାର ମନ୍ଦିର ସ୍ଥାପତ୍ୟ ଏହାର ଶୀର୍ଷରେ ପହଞ୍ଚିଥିଲା । ରାଜାରାଜେଶ୍ୱର ବା ବୃହଦେଶ୍ୱର ମନ୍ଦିର ଏହି ଢ଼ାଞ୍ଚାର ଅତି ସୁନ୍ଦର ଉଦାହରଣମାନଙ୍କ ମଧ୍ୟରେ ଅନ୍ୟତମ । ଏହି ସମୟ ମଧ୍ୟରେ ସ୍ଥାପତ୍ୟ କ୍ଷେତ୍ରରେ ବୃହତ୍ ସଫଳତା ସବୁ ଜଣେ ଲକ୍ଷ୍ୟ କରିପାରିବ ।

ଧାର୍ମିକ ଓ ଧର୍ମନିରପେକ୍ଷ ସାହିତ୍ୟରେ ବେଶ୍ ଉନ୍ନତି ମଧ୍ୟ ହୋଇଥିଲା । ଦେଶର ଅନେକ ଭାଗରେ ସଂସ୍କୃତ ରାଜଦରବାରର ଭାଷା ମଧ୍ୟ ହୋଇଥିଲା । ତାମିଲ ସାହିତ୍ୟ ମଧ୍ୟ ବଡ଼ ଧରଣର ଉନ୍ନତି କଲା । ଆଲବାର୍‌ମାନେ ଓ ନାୟାନାରମାନେ, ବୈଷ୍ଣବ ଓ ଶୈବ ସାଧୁମାନେ ଏହାକୁ ଦୀର୍ଘସ୍ଥାୟୀ ଅବଦାନ ଦେଲେ । ଦେଶର ଅଧିକାଂଶ ଭାଗରେ ସଂସ୍କୃତର ପ୍ରାଧାନ୍ୟ ରହିଥିବା ସତ୍ତ୍ୱେ, ଏହି ସମୟ ଅନେକ ଭାରତୀୟ ଭାଷା ସହିତ ସ୍ୱଷ୍ଟ ଲିପିର ଆରମ୍ଭକୁ ଚିହ୍ନିତ କରେ । ସଂକ୍ଷିପ୍ତରେ ଆମେ କହିପାରିବା ଯେ, ଭାରତ ଇତିହାସର ପ୍ରାଚୀନ କାଳ ଏକ ପରିସମାପ୍ତିକୁ ଆସିବା ବେଳକୁ ଭାରତ ସବୁକାଳ ପାଇଁ ବିଶେଷ ଗୁଣଥିବା ଏକ ସ୍ୱତନ୍ତ୍ର ଆକୃତି ବିଶିଷ୍ଟ ସଂସ୍କୃତି ବିକଶିତ କରି ସାରିଥିଲା ।

## ୩.୧୨ ବୈଦିକ ବ୍ରାହ୍ମଣ୍ୟ ଧର୍ମର ପୌରାଣିକ ହିନ୍ଦୁଧର୍ମକୁ ରୂପ ପରିବର୍ତ୍ତନ

ପ୍ରାଚୀନ ବ୍ରାହ୍ମଣ୍ୟ ବିଶ୍ୱାସର ଆଧୁନିକ ହିନ୍ଦୁଧର୍ମକୁ ରୂପ ପରିବର୍ତ୍ତନ ଗୁପ୍ତ ସମୟଠାରୁ ଆଗକୁ ସବୁଠାରୁ ଆଖି ଦୃଷ୍ଟିଆ ଲକ୍ଷଣ ବୋଲି ବିଚାର କରାଯାଇପାରେ । ବୌଦ୍ଧଧର୍ମ ଆଗରୁ ପାଇଲାଭଳି ରାଜକୀୟ ପୃଷ୍ଠପୋଷକତା ଆଉ ପାଇଲା ନାହିଁ । ବ୍ରହ୍ମଣ୍ୟଧର୍ମ ସାମ୍ନାକୁ ଆସି ସାରିଥିଲା । ହିନ୍ଦୁଧର୍ମର ଭାଗବତ ସଂପ୍ରଦାୟକୁ ଗୁପ୍ତ ଶାସକମାନେ ସ୍ୱତନ୍ତ୍ରଭାବେ ପୂର୍ଣ୍ଣତା ଯୋଗାଇଲେ । ସେମାନେ ସେମାନଙ୍କୁ ସ୍ୱୟଂ 'ଭାଗବତ' ବୋଲି କହିଲେ, ଭଗବାନ ବିଷ୍ଣୁଙ୍କୁ ପୂଜାକଲେ, ଅଶ୍ୱମେଧ ଯଜ୍ଞ କଲେ, ବ୍ରାହ୍ମଣଙ୍କୁ ବଡ଼ ଆକାରରେ ଦାନ ଦେଲେ ଓ ଅନେକ ମନ୍ଦିର ନିର୍ମାଣ କଲେ । ପୁରାଣଗୁଡ଼ିକ ଏହି ସମୟରେ ଶେଷରେ ସଂକଳନ କରାଗଲା । ବିଷ୍ଣୁ ଭକ୍ତିର ଦେବତା ରୂପେ ଉଛିତ ହେଲେ ଓ ଧର୍ମର ରକ୍ଷାକର୍ତ୍ତା ରୂପେ ପ୍ରତିନିଧିତ୍ୱ କଲେ ବୋଲି ଗଣା ହେଲେ । ତାଙ୍କୁ ନେଇ ଅନେକ କିମ୍ବଦନ୍ତୀ ହେଲା ଓ ତାଙ୍କର ସମ୍ମାନ ପାଇଁ 'ବିଷ୍ଣୁ ପୁରାଣ' ନାମରେ ଏକ ସଂପୂର୍ଣ୍ଣ ପୁରାଣ ସଂକଳନ କରାଗଲା । ସେହିପରି ଭାବରେ 'ବିଷ୍ଣୁସ୍ମୃତି' ନାମରେ ଏକ ଆଇନ ବହି ମଧ୍ୟ ତାଙ୍କରି ନାମ ଅନୁସାରେ କରାଗଲା । ସର୍ବୋପରି, ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀ ସୁଦ୍ଧା 'ଶ୍ରୀମଦ୍ ଭଗବତ ପୁରାଣ' ନାମକ ଏକ ପ୍ରସିଦ୍ଧ ବୈଷ୍ଣବ ରଚନା ହେଲା, ଯେ କୃଷ୍ଣଭକ୍ତି ଶିକ୍ଷା ଦେଲା । ଅଳ୍ପ କେତେକ ଗୁପ୍ତ ରାଜା ମଧ୍ୟ ଶିବ, ଧ୍ୱଂସର ଦେବତାଙ୍କର ପୂଜକ ଥିଲେ । ଭାଗବତ୍ ଧର୍ମ ଯେକି ମୂଳତଃ ବୌଦ୍ଧ ଓ ଜୈନ ଧର୍ମର ସମସାମୟିକ ଥିଲା ଓ ଏହାର ଜନ୍ମକୁ ଉପନିଷଦ୍ ସହିତ ଆରମ୍ଭ ହୋଇଥିବା ଭାବାଧାରା ପ୍ରତି ଅନୁଗୃହୀତ କରିଥିଲା, ଶୀର୍ଷରେ ପହଞ୍ଚିଲା ଏବଂ ଏହି ସମୟ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ହେଲା । ଉଚ୍ଚତମ ଦେବତା ବିଷ୍ଣୁଙ୍କର ଦଶଅବତାର ତତ୍ତ୍ୱ ଗ୍ରହଣ କରାଗଲା ଓ ସେମାନଙ୍କ ମଧ୍ୟରେ କୃଷ୍ଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଗଲା ।

ବିଷ୍ଣୁଙ୍କ ବ୍ୟତୀତ ବ୍ରହ୍ମା, ସୂର୍ଯ୍ୟ, କାର୍ତ୍ତିକେୟ, ଗଣେଶ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ଓ ଇନ୍ଦ୍ର, ବରୁଣ, ଯମ ଇତ୍ୟାଦି ସାନ ଦେବତାମାନଙ୍କ ପରି ଅନ୍ୟମାନେ ମଧ୍ୟ ପୂଜା ହେଲେ । ସର୍ପ, ଯକ୍ଷ, ଓ ଗନ୍ଧର୍ବମାନେ ମଧ୍ୟ ସମ୍ମାନିତ ହୋଇ ଚାଲିଲେ । ଏପରିକି ପ୍ରାଣୀ, ଉଭିଦ, ନଦୀ ଓ ପର୍ବତମାନେ ମଧ୍ୟ ସମ୍ମାନର ସହିତ ଦେଖାଗଲେ ଓ ବାରାଣସୀ ଏବଂ ପ୍ରୟାଗ ପରି ସହରଗୁଡ଼ିକ ତୀର୍ଥସ୍ଥାନ ହୋଇଗଲେ । ମୂର୍ତ୍ତିପୂଜା ଲୋକପ୍ରିୟ ହେଲା । ଏହିପରି ଭାବରେ ଆଧୁନିକ ହିନ୍ଦୁଧର୍ମର ସୁସ୍ପଷ୍ଟ ବିଶେଷତ୍ୱ ସୂଚକ ଲକ୍ଷଣଗୁଡ଼ିକ ଗୁପ୍ତ ସମୟରେ ରୂପରେଖ ନେଲା ।

ଯଦିଓ ବୌଦ୍ଧଧର୍ମ ଏହାର ପତନ ଆଡ଼କୁ ଯାଉଥିଲା, ତଥାପି ଏହାର ପରବର୍ତ୍ତୀ ଅବସ୍ଥାକୁ ଚଳାଇ ରଖିଥିଲା । ଅଜନ୍ତା ଓ ଏଲୋରାର କଳାତ୍ମକ ସୃଷ୍ଟି ବ୍ୟତୀତ, ଏହି ସମୟର ସାରନାଥ ବୁଦ୍ଧଙ୍କର ପ୍ରତିମୂର୍ତ୍ତିଗୁଡ଼ିକ ବୌଦ୍ଧଧର୍ମ ମଧ୍ୟ ବେଶ୍ ଲୋକପ୍ରିୟ ଥିଲା ବୋଲି ଦେଖାଏ । ଏପରିକି ଗୁପ୍ତ ସମୟରେ ଜୈନଧର୍ମ ମଧ୍ୟ କିଛି ପରବର୍ତ୍ତୀ ଅବସ୍ଥା ଜାହିର କରିଥିଲା ।

## ଶିକ୍ଷାର ଏକ ମହାନ କେନ୍ଦ୍ର ରୂପେ ନାଳନ୍ଦାର ଉଦ୍ରେକ

ହର୍ଷଙ୍କ ରାଜତ୍ୱ ସମୟରେ ନାଳନ୍ଦା ଶିକ୍ଷାର ଏକ ମହାନ୍ କେନ୍ଦ୍ର ହୋଇଥିଲା । ଜ୍ଞାନ ଆହରଣ କରିବା ପାଇଁ ପୃଥିବୀର ବିଭିନ୍ନ ଭାଗରୁ ଛାତ୍ରମାନେ ଏଠାକୁ ଆସୁଥିଲେ । ଯଦିଓ ନାଳନ୍ଦାର ସମସ୍ତ ଧ୍ୱଂସାବଶେଷ ମାଟି ପଥରର ଢୁହ ଏପର୍ଯ୍ୟନ୍ତ ଖୋଳା ଯାଇ ପାରିନାହିଁ, ତଥାପି କୋଠାଘରଗୁଡ଼ିକର ଏକ ବିଶାଳ ଜଟିଳ ଅଂଶର ପ୍ରମାଣ ଆବରଣମୁକ୍ତ ହୋଇଯାଇଛି । ଏଥିରୁ କେତେକ ଚାରି ମହଲା ଉଚ୍ଚତା ବିଶିଷ୍ଟ ଭଳି ଥିଲେ । ହ୍ୟୁଏନ୍‌ସାଂଙ୍କ ଅନୁଯାୟୀ ନାଳନ୍ଦା ୧୦,୦୦୦ ଭଳି ଛାତ୍ର ରଖୁଥିଲା । ଏହା ୨୦୦ ଗ୍ରାମର ରାଜସ୍ୱ ସାହାଯ୍ୟରେ ଚାଲୁଥିଲା ।

ଯଦିଓ ଏହି ବିରାଟ ସନ୍ୟାସୀ ସମ୍ବନ୍ଧୀୟ ଶିକ୍ଷାନୁଷ୍ଠାନ ମୂଳତଃ ମହାଯାନ ବୌଦ୍ଧ ଧର୍ମର ଶିକ୍ଷା ପାଇଁ ଏକ କେନ୍ଦ୍ର ଥିଲା, ତଥାପି ଧର୍ମନିରପେକ୍ଷ ବିଷୟବସ୍ତୁ ମଧ୍ୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ବ୍ୟାକରଣ, ତର୍କଶାସ୍ତ୍ର, epistemology (epidemiology = ରୋଗ ସଂକ୍ରମଣର ବିଜ୍ଞାନ) ଓ ବିଜ୍ଞାନ ଏଠାରେ ପଢ଼ାଯାଉଥିଲା । ଅନୁସନ୍ଧାନ ଓ ହେତୁବା ତର୍କ ବାଦ ପାଇଁ ମନର ବିକାଶ କରିବାକୁ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରାଯାଉଥିଲା । କ୍ରିୟାଶୀଳ ଆଲୋଚନା ଓ ତର୍କବିତର୍କ ହେଉଥିଲା । କନୌଜଠାରେ ଏକ ଦାର୍ଶନିକ ସମ୍ମିଳନୀରେ ଅଂଶ ଗ୍ରହଣ କରିବାକୁ ହର୍ଷ ନାଳନ୍ଦାର ହଜାର ହଜାର ଜ୍ଞାନୀ ସନ୍ୟାସୀଙ୍କୁ ନିମନ୍ତ୍ରଣ କରିଥିଲେ ବୋଲି କୁହାଯାଏ । ହ୍ୟୁଏନ୍‌ସାଂ ତାଙ୍କ ବିବୃତ୍ତିରେ ନାଳନ୍ଦାର ଏକ ବିଶଦ ବିବରଣୀ ଦେଇଛନ୍ତି ।

ଏହିପରି ଭାବରେ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟଟି ବୁଦ୍ଧି ସଂପାଦିତ କ୍ରିୟାର କେନ୍ଦ୍ର ହୋଇ ରହିଆସିଲା ।

### ପାଠଗତ ପ୍ରଶ୍ନାବଳୀ ୩.୩

୧. ଗୁପ୍ତ ମୁଦ୍ରାଗୁଡ଼ିକର ଲକ୍ଷଣ କ'ଣ ସବୁ ଥିଲା ?

---

୨. ଦଶାବତାର ମନ୍ଦିର କେଉଁଠାରେ ଅବସ୍ଥିତ ?

---

୩. ଉଦୟଗିରି ପର୍ବତମାଳାର ଗୁମ୍ଫା ମନ୍ଦିରଗୁଡ଼ିକ କେଉଁଥି ପାଇଁ ପ୍ରସିଦ୍ଧ ?

---

୪. ସୁଲତାନଗଞ୍ଜଠାରେ (ଭାଗଲପୁର ନିକଟବର୍ତ୍ତୀ) ମିଳିଥିବା ବୁଦ୍ଧଙ୍କର ବ୍ରୋଞ୍ଜ ମୂର୍ତ୍ତି କେତେ ଉଚ୍ଚତା ବିଶିଷ୍ଟ ଥିଲା ?

---

୫. ଗୁପ୍ତକଳାର ଚିତ୍ର ତୁମେ କେଉଁଠାରେ ପାଅ ?

---

୬. ହର୍ଷ ରାଜତ୍ୱ ସମୟରେ ଏକ ଦାର୍ଶନିକ ସମ୍ମିଳନୀ କେଉଁଠାରେ ହୋଇଥିଲା ।

---

## ଭାରତରେ ଖ୍ରୀଷ୍ଟଧର୍ମ

ପ୍ରଥା ଅନୁସାରେ, ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ସେଣ୍ଟ ଥମାସ୍‌ଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମ ଭାରତକୁ ଅଣାଯାଇଥିଲା । କିମ୍ବଦନ୍ତୀ ଅନୁସାରେ, ପାର୍ଥିୟାନ୍ ରାଜା ଗଣ୍ଡୋଫରେନ୍ସ (ସି.୧୯–୪୫ ଏ.ସି.) ଏକ କୁଶଳୀ ସ୍ଥପତି ଯେ କି ତାଙ୍କ ପାଇଁ ଏକ ନୂଆ ସହର ଗଢ଼ିବ, ଖୋଜିବା ପାଇଁ ସିରିଆକୁ ଜଣେ ବାର୍ତ୍ତାବହ ପଠାଇଲେ । ବାର୍ତ୍ତାବହ ଜଣକ ସେଣ୍ଟ ଥମାସ୍‌ଙ୍କ ସହିତ ଫେରିଲେ, ଯେ'କି ତାଙ୍କୁ ଓ ତାଙ୍କ ରାଜ ଦରବାରର ଅନେକ ସଭ୍ୟଙ୍କୁ ଖ୍ରୀଷ୍ଟଧର୍ମରେ ପରିବର୍ତ୍ତନ କରିଥିଲେ । କିମ୍ବଦନ୍ତୀର ସତ୍ୟାସତ୍ୟ ସନ୍ଦେହଜନକ । ଭାରତ ଓ ପଶ୍ଚିମ ଦେଶଗୁଡ଼ିକ ମଧ୍ୟରେ ବାରମ୍ବାର ସଂଘଟିତ ହେଉଥିବା ବାଣିଜ୍ୟ ଓ ଚଳନ (ଯିବା ଆସିବା) ଭଗବାନ ଖ୍ରୀଷ୍ଟଙ୍କର ଏହି ଶିଷ୍ୟଙ୍କୁ ଭାରତକୁ ଆଣିବାରେ ଦାୟୀ ବୋଲି ସବୁଠାରୁ ଅଧିକ ସମ୍ଭାବନା ଥିଲା । ବ୍ୟବସାୟୀ, ବଣିକ ଓ ଏପରିକି କାରୀଗରମାନେ ଲୋକପ୍ରିୟ ସ୍ଥଳଭାଗ ଓ ସାମୁଦ୍ରିକ ରାସ୍ତାରେ ବାରମ୍ବାର ଯାତ୍ରା କଲେ । ସେଣ୍ଟ ଥମାସ୍ ଭାରତର ଅନେକ ଭାଗରେ ଖ୍ରୀଷ୍ଟଧର୍ମ ଶିକ୍ଷା ଦେଲେ । ସେ ମାଇଲାପୁର (ମାଡ୍ରାସ ନିକଟବର୍ତ୍ତୀ)ଠାରେ ନିହତ ହେଲେ । ସେଣ୍ଟ ଥମାସଙ୍କର ସମାଧି ସେହି ଏକା ଜାଗାରେ ଏବେ ବି ମିଳିବ । ସିରିୟ ଖ୍ରୀଷ୍ଟୀୟାନ୍ ନାମରେ ଏକ ବଡ଼ ଖ୍ରୀଷ୍ଟ ସଂପ୍ରଦାୟ ଆଜି ମଧ୍ୟ କେରଳରେ ବାସ କରି ଆସୁଛନ୍ତି ।

ଖ୍ରୀଷ୍ଟ ଗୀର୍ଜାର ଦୁଇଟି ପ୍ରଧାନ ଭାଗ – ରୋମାନ୍ କାଥୋଲିକ ଗୀର୍ଜା ଓ ପ୍ରୋଟେଷ୍ଟାଣ୍ଟ ଗୀର୍ଜା ଅଛି । ଖ୍ରୀଷ୍ଟିଆନମାନଙ୍କର ପବିତ୍ର ଗ୍ରନ୍ଥ ହେଉଛି 'ବାଇବଲ' । ବାଇବଲ ଦୁଇଟି ଭାଗ ଧାରଣ କରିଛି : ପୁରାତନ ନିୟମ ଓ ନୂତନ ନିୟମ । ଆମ ଦେଶରେ କଥିତ ସମସ୍ତ ମୁଖ୍ୟ ଭାଷାରେ ଆଜିକାଲି ବାଇବଲ ମିଳୁଛି ।

ଆଜି ଆମର ଭାରତରେ ଦେଢ଼କୋଟିରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟିଆନ ଅଛନ୍ତି । କେତେକ ବଦାନ୍ୟ ଅନୁଷ୍ଠାନ ସେମାନଙ୍କର ପୃଷ୍ଠପୋଷକତାରେ ଆମ ଦେଶର ସମସ୍ତ ଭାଗରେ ଉନ୍ନତି କରୁଛନ୍ତି । ବୋଧହୁଏ ସବୁଠାରୁ ଅଧିକ ପ୍ରସିଦ୍ଧ ଖ୍ରୀଷ୍ଟୀଆନ ସମାଜସେବୀ ଥିଲେ ମଦର ଟେରେସା । ସେ ଆମ ଦେଶର ଗରୀବ ଓ ଗୃହହୀନଙ୍କର ମଙ୍ଗଳ ସାଧନ ପାଇଁ ଯଥେଷ୍ଟ ଅବଦାନ ଦେଇଛନ୍ତି ।

### ପାଠଗତ ପ୍ରଶ୍ନାବଳୀ ୩.୪

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

୧. ଖ୍ରୀଷ୍ଟଧର୍ମ ଭାରତକୁ କିପରି ଆସିଲା ?

______________________________

୨. ଖ୍ରୀଷ୍ଟ ଗୀର୍ଜାର ଭାଗଗୁଡ଼ିକ କ'ଣ କ'ଣ ?

______________________________

୩. ମଦର ଟେରେସା କିଏ ଥିଲେ ?

______________________________

୪. କାଂଚିପୁରମ୍‌ଠାରେ ପଲ୍ଲବଙ୍କ ଦ୍ୱାରା ନିର୍ମିତ ଦୁଇଟି ଛାଞ୍ଚ ସ୍ୱରୂପ ବ୍ୟବହୃତ ମନ୍ଦିରର ନାମ ଲେଖ ?

______________________________

୫. ପଲ୍ଲବ ଓ ଚୋଳମାନଙ୍କ ସମୟରେ ଭିନ୍ନ ଭିନ୍ନ ଢ଼ଙ୍ଗର ମନ୍ଦିର ସ୍ଥାପତ୍ୟ କ'ଣ ସବୁ ଥିଲା ?

---

୬. ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରର ନାମ ଲେଖ ?

---

୭. ଚୋଳ ସମୟର ଭାସ୍କର୍ଯ୍ୟର ଢଙ୍ଗକୁ କ'ଣ କୁହାଯାଉଥିଲା ?

---

୮. ମହାବଳୀପୁରମ୍ (ମାମଲ୍ଲାପୁରମ୍)ଠାରେ କେଉଁ ଢ଼ଙ୍ଗର କାର୍ଯ୍ୟ ତୁମେ ଦେଖିବାକୁ ପାଅ ?

---

## ତୁମେ କ'ଣ ଶିଖିଲ ?

- ସୁଦୂର ଖ୍ରୀ.ପୂ. ୭୦୦୦ରୁ ଏକ ଲମ୍ବା ସମୟକୁ ଆବୋରି ଭାରତର ଏକ ନିରବଚ୍ଛିନ୍ନ ଇତିହାସ ରହିଛି ।
- ହରପ୍ପାର ଅଧିବାସୀମାନେ ଯୋଜନାବଦ୍ଧ ସହର, ସ୍ୱାସ୍ଥ୍ୟରକ୍ଷା, ନିଷ୍କାସନ ବ୍ୟବସ୍ଥା ଓ ସୁପ୍ରଶସ୍ତ ରାସ୍ତାରେ ସଂପୂର୍ଣ୍ଣ ପ୍ରାଚୀନତମ ନଗରଗୁଡ଼ିକ ନିର୍ମାଣ କରିଥିଲେ ।
- କୃଷି ଗ୍ରାମ୍ୟ ଅଧିବାସୀଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୃତ୍ତି ଥିଲା । ବୈଦିକ ଲୋକମାନଙ୍କର ବିଭିନ୍ନ କ୍ଷେତ୍ର ଯଥା : ସାହିତ୍ୟ, ଧର୍ମ ଓ ଦର୍ଶନକୁ ବିରାଟ ଅବଦାନ ରହିଛି ।
- ପରବର୍ତ୍ତୀ ବୈଦିକ ଲୋକମାନଙ୍କ ବେଳକୁ ସମାଜ ଚାରିବର୍ଣ୍ଣରେ ବିଭକ୍ତ ହେଲା – ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ।
- ଗୁରୁତ୍ୱପୂର୍ଣ୍ଣ ଧର୍ମଗୁଡ଼ିକ ଯଥା – ହିନ୍ଦୁଧର୍ମ, ଜୈନଧର୍ମ ଓ ବୌଦ୍ଧଧର୍ମର ଉଦ୍ରେକ ହେଲା ଓ ସେମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଫଳରେ ଭାରତୀୟ ସଂସ୍କୃତିରେ ସମନ୍ୱୟ ବା ସଂଶ୍ଳେଷଣ ହେଲା ।
- ପ୍ରାଥମିକ ଅବସ୍ଥାର ବୈଦିକ ଜନତା ପ୍ରକୃତିର ଶକ୍ତିକୁ ପୂଜା କରୁଥିଲେ ଓ ଦେବତା ଓ ଦେବୀ ଭାବରେ ସେମାନଙ୍କୁ ବ୍ୟକ୍ତିତ୍ୱ ଦେଉଥିଲେ ।
- ଉତ୍ତର ଭାରତରେ ପ୍ରଥମ ବିଶାଳ ସାମ୍ରାଜ୍ୟ ମୌର୍ଯ୍ୟମାନେ ପ୍ରତିଷ୍ଠା କଲେ ଓ ମହାନ୍ ଅଶୋକଙ୍କ ଶାସନ ଅଧିନରେ ଏହା ଅନେକ କ୍ଷେତ୍ରରେ ଉଚ୍ଚକୁ ଉଠିଲା ।
- କଳା ଓ ସ୍ଥାପତ୍ୟକୁ ମୌର୍ଯ୍ୟମାନଙ୍କର ଅବଦାନ ଆଖିଦୃଷ୍ଟିଆ ଥିଲା ।
- ମନ୍ଦିର ସ୍ଥାପତ୍ୟ ଏହାର ଗୌରବର ଶିର୍ଷରେ ପହଞ୍ଚିଲା ପଲ୍ଲବମାନଙ୍କ ଅଧିନରେ, ଯେଉଁମାନେ କି ମହାନ ନିର୍ମାଣକାରୀ ଥିଲେ ।
- ଦେଓଗଡ଼ଠାରେ ଥିବା ଦଶାବତାର ମନ୍ଦିରରେ ଓ ଉଦୟଗିରି ମନ୍ଦିରର ଗୁହା ମନ୍ଦିରରେ ଗୁପ୍ତ କଳାର ନମୁନା ଦେଖାଯାଇପାରିବ ।

- ରାଜା ହର୍ଷ ଅତି ଦୁଃଖଦ ପରିସ୍ଥିତିରେ ତାଙ୍କ ପରିବାରକୁ ହରେଇଲା ପରେ ଥାନେଶ୍ୱରର ସିଂହାସନକୁ ଆସିଲେ ।
- ହର୍ଷଙ୍କ ଶାସନର ବିଶଦ ବିବରଣୀ ଦୁଇଜଣ ବ୍ୟକ୍ତି ଦେଇଛନ୍ତି । ଜଣେ ହେଉଛନ୍ତି ହ୍ୟୁଏନ୍‌ସାଂ – ଜଣେ ଚୀନା ପରିବ୍ରାଜକ, ଅନ୍ୟଜଣେ ବାଣଭଟ୍ଟ – ତାଙ୍କ ରାଜଦରବାରର କବି ।
- ହର୍ଷ ଜଣେ ଯୋଗ୍ୟ ଓ ଉଦାର ଶାସକ ଥିଲେ । ସେ ଅନେକ ମଙ୍ଗଳକର କାର୍ଯ୍ୟରେ ଲିପ୍ତ ଥିଲେ । ସେ ମହାନ୍ ସର୍ବସାଧାରଣ ସେବକମାନଙ୍କ ପାଇଁ ବୃତ୍ତି ଦେଉଥିଲେ, ଉଚ୍ଚ ଧୀଶକ୍ତି ସମ୍ପନ୍ନ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ପରିତୋଷିକ ଦେଉଥିଲେ ଓ ବିଭିନ୍ନ ସଂପ୍ରଦାୟକୁ ଉପହାର ଦେଇ ଧାର୍ମିକ କାର୍ଯ୍ୟକୁ ଉତ୍ସାହିତ କରୁଥିଲେ । ସେ ଅନେକ ଡାକ୍ତରଖାନା ଓ ବିଶ୍ରାମାଗାର ନିର୍ମାଣ କରିଥିଲେ । ନାଳନ୍ଦା ହର୍ଷଙ୍କ ରାଜତ୍ୱ ସମୟରେ ଶିକ୍ଷାର ଏକ ବିରାଟ କେନ୍ଦ୍ର ହେଲା ।
- ହର୍ଷ ମଧ୍ୟ ଜଣେ ସାହିତ୍ୟିକ ଥିଲେ । ସେ ନିଜେ ନାଟକମାନ ଲେଖୁଥିଲେ ଓ ତାଙ୍କ ଚାରିପଟେ ଜ୍ଞାନୀମାନଙ୍କୁ ସଂଗ୍ରହ କରି ରଖୁଥିଲେ ।
- ଚୋଳମାନଙ୍କର ସାଫଲ୍ୟ ମଧ୍ୟ ସେମାନଙ୍କର ସମୁଦ୍ର ଆରପାରିରେ ବିଜୟ ଓ ଗ୍ରାମ୍ୟ ସ୍ତରରେ ଶାସନ ପାଇଁ ଗଣତାନ୍ତ୍ରିକ ଅନୁଷ୍ଠାନ ସବୁ ବିକାଶରେ ରହିଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ଆର୍ଯ୍ୟମାନଙ୍କ ସଂସ୍କୃତିର ହରପ୍ପାମାନଙ୍କ ସହିତ କିପରି ପାର୍ଥକ୍ୟ କରିବ ?

୨. ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଜୈନଧର୍ମ ଓ ବୌଦ୍ଧଧର୍ମକୁ ଉଦ୍ରେକ କରିଥିବା ପରିସ୍ଥିତିଗୁଡ଼ିକୁ ବର୍ଣ୍ଣନା କର ।

୩. ଭାରତୀୟ ସଂସ୍କୃତି ଉପରେ ପାର୍ଶୀ ଆକ୍ରମଣର ପ୍ରଭାବ କ'ଣ ଥିଲା ?

୪. ପ୍ରାଚୀନ ଭାରତୀୟଙ୍କ ଉପରେ ମାସେଡୋନିୟ ଆକ୍ରମଣର ଫଳାଫଳ କ'ଣ ଥିଲା ?

୫. ପ୍ରାଚୀନ ଭାରତରେ ବୈଦିକ ବ୍ରାହ୍ମଣ୍ୟଧର୍ମର ପୌରାଣିକ ହିନ୍ଦୁଧର୍ମକୁ ପରିବର୍ତ୍ତନ କିପରି ହେଲା ?

୬. ଧାରାବାହିକ ସମ୍ରାଜ୍ୟର ଶାସନ କାଳରେ ଭାରତୀୟ ସଂସ୍କୃତିର ବିକାଶ ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୩.୧

୧. ସିନ୍ଧୁ ନଦୀ, ଘାଗରା ନଦୀ ଓ ଏହାର ଉପନଦୀଗୁଡ଼ିକର କୂଳରେ

୨. କୃଷି

୩. ଖ୍ରୀ.ପୂ. ୭୦୦୦ର ପୂର୍ବରୁ ବାଲୁଚିସ୍ଥାନର ମେହେରଗଡ଼ରେ ।

୪. ମୋହରଗୁଡ଼ିକ କେତେକ ରୂପର ଲିପି ଧାରଣ କରିଥିଲେ ।

୫. ଇଉନିକର୍ଣ୍ଣ ବୋଲି କୁହାଯାଉଥିବା ଏକ ଶିଙ୍ଗିଆ ଗଣ୍ଡା ମୋହରରେ ଥିଲା । ଏକ ନର୍ତ୍ତକୀ କନ୍ୟାର ବ୍ରୋଞ୍ଜ ଭାସ୍କର୍ଯ୍ୟଟିଏ ମହେଞ୍ଜୋଦାରୋରେ ମିଳିଥିଲା । ଏହା ଏହି ଲୋକମାନଙ୍କର ଭାସ୍କର୍ଯ୍ୟ କୌଶଳକୁ ପ୍ରତିପାଦନ କରେ ।

୬. ବେଦ – ଋଗ୍, ଅଥର୍ବ, ଶାମ, ଯଜୁର ଓ ବ୍ରାହ୍ମଣ, ଆରଣ୍ୟକ ଏବଂ ଉପନିଷଦ

୭. ଧର୍ମ, ଅର୍ଥ ଓ କାମ ଦ୍ୱାରା

୮. ବୈଦିକ ମନ୍ତ୍ର ଆବୃତ୍ତି କରି ଏହା କରାଯାଉଥିଲା ।

୯. ଅଶ୍ୱମେଧ, ରାଜସୂୟ, ବାଜପେୟ ଯଜ୍ଞ ମାନ ।

୧୦. ଏହା ଅଧିକତର ବିଧିବିଧାନଯୁକ୍ତ ହୋଇଗଲା । ଇନ୍ଦ୍ର, ଅଗ୍ନି, ବରୁଣ ଦେବତାମାନଙ୍କ ପରିବର୍ତ୍ତେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ଏକ ନୂତନ ତ୍ରିମୂର୍ତ୍ତି ପୂଜିତ ହେଲେ ।

୧୧. ଚେସ୍ (ସତରଞ୍ଜ), ରଥଦୌଡ଼ ଇତ୍ୟାଦି ଖେଳ

୧୨. ଅଂଗ, ମଗଧ, କୋଶଳ, କାଶୀ, କୁରୁ, ପାଞ୍ଚାଳ

୧୩. ଦୁଇ – ଶ୍ୱେତାମ୍ବର (ଶୁଭ୍ର ପରିହିତମାନେ), ଦିଗମ୍ବର (ଉଲଗ୍ନମାନେ)

୧୪. ୮ (ଆଠ)

୧୫. ଜୈନଧର୍ମରେ ସ୍ଥାନକଗୁଡ଼ିକ ଓ ବୌଦ୍ଧଧର୍ମର ବିହାରଗୁଡ଼ିକ

୧୬. ହୀନଯାନ, ମହାଯାନ, ବଜ୍ରଯାନ

୩.୨ ୧. ଆରିଆନ୍, ନୌସେନାଧ୍ୟକ୍ଷ ନିଅରକସ ଓ ମେଗାସ୍ଥିନିସ୍‌ଙ୍କ ଦ୍ୱାରା ଛଡ଼ାଯାଇଥିବା ଗ୍ରୀସୀୟ (ଗ୍ରୀକ୍) ବିବରଣ ।

୨. ଧର୍ମ ଓ ସୁଗୁଣଦ୍ୱାରା, ଅର୍ଥାତ୍ ଜନମଙ୍ଗଳ ଦ୍ୱାରା ଏକ ବିଜୟ ହିଁ ପ୍ରକୃତ ବିଜୟ ।

୩. ଗୋଟିଏ ସଂପ୍ରଦାୟର ସମ୍ମାନ ଅନ୍ୟ ଏକ ସଂପ୍ରଦାୟକୁ ସମ୍ମାନ ଦେବାରେ ଥାଏ ।

୪. ଲୌରିୟ ନନ୍ଦନଗଡ଼ (ବିହାର) ଠାରେ ।

୫. ପ୍ରସିଦ୍ଧ ଅଶୋକ ସ୍ତମ୍ଭରୁ ସାରନାଥଠାରେ ଥିବା ସ୍ତମ୍ଭର ଉପରିଭାଗ ।

୬. (କ) ଆପୋଲୋନୀୟ ମୁଖ ଗୁଡ଼ିକ (ଖ) କେଶ ବିନ୍ୟାସ (ଗ) ବସ୍ତ୍ର ସଜ୍ଜା

୭. (କ) ସେମାନେ ବୁଦ୍ଧଙ୍କର ମୁଖ ଓ ବାହ୍ୟ ଆକୃତି ଆରମ୍ଭ କଲେ ।

(ଖ) ଲମ୍ବା ଫଳ ଗୁଡ଼ିକରେ ଓ ପ୍ରସ୍ତର ମୁଖରେ ଲୋକକଥା ଚିତ୍ରିତ ହେଲା ।

(ଗ) ସେମାନେ ମୂର୍ତ୍ତି ମଧ୍ୟ ତିଆରି କଲେ ।

୩.୩ ୧. ଏକ ପାର୍ଶ୍ୱ ବିଭିନ୍ନ ସ୍ଥିତିରେ ରାଜାଙ୍କର ଚିତ୍ର ଓ ଅପର ପାର୍ଶ୍ୱ ଦେବୀ ତାଙ୍କର ସଂପର୍କିତ ଚିହ୍ନଗୁଡ଼ିକ ସହିତ ଧାରଣ କରିଛି ।

୨. ଦେଓଗଡ଼ଠାରେ

୩. ଗୁପ୍ତ କଳା

୪. ୨ ମିଟର ଉଚ୍ଚତା ବିଶିଷ୍ଟ





୫. (କ) ଅଜନ୍ତା ଗୁମ୍ଫା (ଅଉରଙ୍ଗାବାଦ)ର କାଛରେ ଥିବା କଳାକୃତି

(ଖ) ବାଘ ଗୁମ୍ଫା (ଗୋଆଲିଅର ନିକଟବର୍ତ୍ତୀ)

(ଗ) କନୌଜରେ

୩.୪ ୧. ସେଣ୍ଟ ଥମାସ୍ ଜଣେ କୁଶଳୀ ସ୍ଥପତି – ଜଣେ ଖ୍ରୀଷ୍ଟାବଲମ୍ବୀ ଥିଲେ । ସେ ଜଣେ ସ୍ଥପତି ଭାବରେ ୧୯୪୫ ଖ୍ରୀଷ୍ଟାବ୍ଦରେ ପାର୍ଥିୟାନ୍ ରାଜା ଗୋଣ୍ଡାଫର୍ନିସଙ୍କ ଦ୍ୱାରା ଦୈବାତ୍ ଡକା ହେଲେ । ସେଣ୍ଟ ଥମାସ ଅନେକ ସଭ୍ୟଙ୍କୁ ଖ୍ରୀଷ୍ଟ ଧର୍ମରେ ପରିବର୍ତ୍ତନ କଲେ ।

୨. (କ) ରୋମାନ୍ କ୍ୟାଥୋଲିକ ଚର୍ଚ୍ଚ (ଖ) ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ

୩. ଜଣେ ପ୍ରସିଦ୍ଧ ଖ୍ରୀଷ୍ଟ ଧର୍ମାବଲମ୍ବୀ ସମାଜସେବୀ ଯେ ଗରୀବ ଓ ଗୃହହୀନମାନଙ୍କ ପାଇଁ ମହାନ୍ କାର୍ଯ୍ୟ କରିଥିଲେ ।

୪. କାଳୀଦାସ ନାଥ ଓ ବୈକୁଣ୍ଠ ପେରୁମଲ ।

୫. ନାଗରା ଢ଼ାଞ୍ଚା ଓ ଦ୍ରାବିଡ଼ ଢାଞ୍ଚା ।

୬. ରାଜରାଜେଶ୍ୱର / ବୃହଦେଶ୍ୱର ମନ୍ଦିର

୭. ଦ୍ରାବିଡ଼ ଢାଞ୍ଚା

୮. ବାସ ଖୋଦିତ ମୂର୍ତ୍ତି

ମଡ୍ୟୁଲ – ୨

ବିଭିନ୍ନ ଯୁଗରେ ଇତିହାସ ଓ ସଂସ୍କୃତି

ଟିପ୍ପଣୀ

# ୪
# ମଧ୍ୟଯୁଗୀୟ ଭାରତ

ମଧ୍ୟଯୁଗରେ ପ୍ରଚଳିତ ହୋଇଥିବା ଧର୍ମ, ଲୋକକଳା ଓ ଭାଷାର ଉନ୍ନତି ଭାରତୀୟ ସମନ୍ୱିତ ସାଂସ୍କୃତିକ ଧାରାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ରୂପେ ଦଣ୍ଡାୟମାନ । ସୁଫୀବାଦର ଉତ୍‌ଥାନ ସହିତ ଶିଖ୍‌ଧର୍ମ ଓ ଭକ୍ତି ଆନ୍ଦୋଳନର ଏହି ବିକାଶ କ୍ଷେତ୍ରରେ ଯଥେଷ୍ଟ ଅବଦାନ ରହିଛି । ଚତୁଃପାର୍ଶ୍ୱକୁ ଦୃଷ୍ଟି ନିକ୍ଷେପ କଲେ ଇସଲାମ ଧର୍ମର ପ୍ରଭାବ ଆମେ ଭାରତୀୟ ସଂସ୍କୃତିର ଅନେକ କ୍ଷେତ୍ରରେ ଅନୁଭବ କରିବା । ତୁମେ ନିଶ୍ଚିତଭାବେ ଭାରତର କେତେକ ପ୍ରସିଦ୍ଧ କୀର୍ତ୍ତିସ୍ତମ୍ଭକୁ ଦେଖିଥିବ । ଏହି କୀର୍ତ୍ତିସ୍ତମ୍ଭଗୁଡ଼ିକ ଭାରତୀୟ ଓ ଇସଲାମିକ କଳା ସଂସ୍କୃତିର ମିଶ୍ରିତ ସ୍ମାରକୀ ଭାବରେ ଦଣ୍ଡାୟମାନ । ଲକ୍ଷ୍ୟ କରିବାର ପ୍ରକୃତ କଥା ହେଉଛି ଭାରତରେ ପ୍ରଚଳିତ ଧର୍ମଗୁଡ଼ିକ ଓ ଇସଲାମ ଧର୍ମ ପରସ୍ପରକୁ ପ୍ରଭାବିତ କରିଛନ୍ତି । ଏଥିସହିତ ଭାରତର ପ୍ରତ୍ୟେକ ଅଞ୍ଚଳ ବିଭିନ୍ନ ପ୍ରକାରର ଲୋକକଳା ପାଇଁ ପ୍ରସିଦ୍ଧିଲାଭ କରିଥିଲା । ଏହି ଲୋକକଳାର ବିକାଶ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଉତ୍କୃଷ୍ଟ ସୃଜନଶୀଳତାର ପରିପ୍ରକାଶ ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଭାରତୀୟ ସଂସ୍କୃତିର ଏକ ଉଲ୍ଲେଖନୀୟ ବିଭାଗରୂପେ ପରିଗଣିତ ହୋଇଥିଲା । ଆମେ ଭାବବିନିମୟ କରୁଥିବା ବିଭିନ୍ନ ଆଞ୍ଚଳିକ ଭାଷାଗୁଡ଼ିକର ବିକାଶ ମଧ୍ୟ ବେଶ୍ ଆକର୍ଷଣୀୟ ଢଙ୍ଗରେ ଏହି ସମୟରେ ସମ୍ଭବ ହୋଇପାରିଥିଲା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଢ଼ିସାରିବା ପରେ ତୁମେ କ'ଣ ଜାଣିପାରିବ :

- ମଧ୍ୟଯୁଗୀୟ ସମାଜ ସଂପର୍କରେ ଜାଣିବା,
- ଇସଲାମ ଧର୍ମ ଓ ସୁଫୀବାଦର ଉତ୍‌ଥାନ ସଂପର୍କରେ ଜାଣିବା,
- ମଧ୍ୟଯୁଗୀୟ ଭାରତର ରାଜନୈତିକ ସ୍ଥିତି ସଂପର୍କରେ ଅବଗତ ହେବା,
- ଭାରତୀୟ ଧର୍ମ ଉପରେ ଇସଲାମ ଧର୍ମର ପ୍ରଭାବ ସଂପର୍କରେ ଜାଣିବା,
- ଭକ୍ତି ଆନ୍ଦୋଳନର କ୍ରମବିକାଶ ସଂପର୍କରେ ଅବଗତ ହେବା,
- ମଧ୍ୟଯୁଗୀୟ ଲୋକକଳା, ଚିତ୍ରକଳା ଓ ସଂଗୀତ କଳାର ଅନୁଧ୍ୟାନ କରିବା,
- ଆଧୁନିକ ଭାରତୀୟ ଭାଷା ସମୂହର ବିକାଶ ସଂପର୍କରେ ଜାଣିବା,
- ଭାରତରେ ଶିଖ୍‌ଧର୍ମ ଓ ଶିଖ୍‌ଶକ୍ତିର ଉତ୍‌ଥାନ ସଂପର୍କରେ ଅବଗତ ହେବା, ଏବଂ
- ଦକ୍ଷିଣ ଭାରତରେ ଏହାର ପ୍ରଭାବ ସଂପର୍କରେ ଜାଣିବା ।

## ୪.୧ ଦିଲ୍ଲୀର ସୁଲତାନୀ ଶାସନରେ ସାମାଜିକ ଜୀବନ

ମୁସଲମାନ ଆକ୍ରମଣକାରୀମାନେ ଭାରତରେ ପହଞ୍ଚିବା ପରେ ସେମାନେ ଭାରତକୁ ନିଜର ଘର ବୋଲି ବିଚାରକରି ଭାରତୀୟ ସଂସ୍କୃତିକୁ ଆପଣାର କରିନେଇଥିଲେ । ପୋଷାକପତ୍ର, ଭାଷା, ଚଳଣି ଓ ଚିନ୍ତାଧାରା କ୍ଷେତ୍ରରେ ଉଭୟ ଉଭୟଙ୍କୁ ଯଥେଷ୍ଟ ଭାବରେ ପ୍ରଭାବିତ କରିଥିଲେ । ଏହାର ସବିଶେଷ ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା ।

### ସମାଜ

ଭାରତୀୟ ସମାଜ ଚାରିଗୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲା, ଯଥା :– ସମ୍ଭ୍ରାନ୍ତଗୋଷ୍ଠୀ ଉଲେମା ବା ପୁରୋହିତ, ମଧ୍ୟବିତ୍ତ ଶ୍ରେଣୀ ଏବଂ ସାଧାରଣ କୃଷକ ଓ ଜନସାଧାରଣ ।

### ସମ୍ଭ୍ରାନ୍ତଗୋଷ୍ଠୀ

ସୁଲତାନ ଏବଂ ତାଙ୍କର ନିକଟସଂପର୍କୀୟ, ସାମନ୍ତବର୍ଗ ଓ ଜମିଦାରମାନେ ଏହି ସମ୍ଭ୍ରାନ୍ତଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ । ଏହା ସହିତ ବିଭିନ୍ନ ହିନ୍ଦୁରାଜା, ବିଭିନ୍ନ ଗୋଷ୍ଠୀର ମୁଖ୍ୟ, ବ୍ୟବସାୟୀ ଗୋଷ୍ଠୀ ଏବଂ ମହାଜନ ସଂପ୍ରଦାୟ ମଧ୍ୟ ଏଥିରେ ସାମିଲ ଥିଲେ । ଆର୍ଥିକ ଦୃଷ୍ଟିରୁ ସେମାନେ ସମୃଦ୍ଧ ଏବଂ ସକଳ କ୍ଷମତାର ଅଧିକାରୀ ଥିଲେ । ପ୍ରକୃତରେ କହିବାକୁ ଗଲେ ସେମାନେ ତତ୍‌କାଳୀନ ସମୟରେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ଭାବରେ ପରିଗଣିତ ହେଉଥିଲେ । ଅତ୍ୟନ୍ତ ବିଳାସ ବ୍ୟସନରେ ସେମାନେ ନିଜ ଜୀବନକୁ ଉପଭୋଗ କରୁଥିଲେ । ସୁଲତାନଙ୍କ ଜୀବନଶୈଳୀ ଅତ୍ୟନ୍ତ ଚିତ୍ତାକର୍ଷକ ଓ ଏମାନଙ୍କଠାରୁ ଅଧିକ ଆକର୍ଷଣୀୟ ଥିଲା । ସୁଲତାନ ଖଲିଫା ନାମରେ ପରିଚିତ ଥିଲେ । ସିଂହାସନ ଆରୋହଣ ପରେ ସୁଲତାନଙ୍କ ନାମରେ ଖୁତ୍‌ବା ପାଠ କରାଯାଉଥିଲା ଏବଂ ସେମାନଙ୍କ ନାମରେ ମୁଦ୍ରା ପ୍ରଚଳନ କରାଯାଉଥିଲା । ଏହାପରେ ସେ ସୁଲତାନ ବା ଖଲିଫାର ମାନ୍ୟତା ପାଉଥିଲେ ଏବଂ ପାତ୍ର, ମନ୍ତ୍ରୀ ଓ କର୍ମଚାରୀଙ୍କ ଗହଣରେ ରାଜପ୍ରାସାଦରେ ବିଳାସମୟ ଜୀବନଯାପନ କରୁଥିଲେ । କେତେକ କ୍ଷେତ୍ରରେ ଉଲେମା ବା ପୁରୋହିତମାନଙ୍କର ଜୀବନଶୈଳୀ ମଧ୍ୟ ଏହିପରି ଥିଲା ।

### ଉଲେମା ବା ପୁରୋହିତ ଗୋଷ୍ଠୀ

ତତ୍‌କାଳୀନ ସମାଜରେ ଉଲେମା ବା ପୁରୋହିତମାନଙ୍କର ଉଚ୍ଚ ଆସନ ରହିଥିଲା । ହିନ୍ଦୁ ସମାଜରେ ସେମାନେ ପୁରୋହିତ ଓ ମୁସଲମାନ ସମାଜରେ ସେମାନେ ଉଲେମା ନାମରେ ପରିଚିତ ଥିଲେ । ସେମାନେ ନିଷ୍କର ଭୂ-ସମ୍ପତ୍ତି ଭୋଗକରି ବିଳାସମୟ ଜୀବନଯାପନ କରୁଥିଲେ । ସେମାନଙ୍କର ସୁଲତାନଙ୍କ ଉପରେ ଏବଂ ରାଜ୍ୟ ଶାସନରେ ଅଖଣ୍ଡ ପ୍ରଭାବ ରହିଥିଲା । ପ୍ରାୟ ସମଗ୍ର ମୁସଲିମ ଶାସନକାଳ ମଧ୍ୟରେ ଉଲେମାମାନେ ଯଥେଷ୍ଟ ପ୍ରଭାବଶାଳୀ ଥିଲେ । ଅବଶ୍ୟ, ଆଲ୍ଲାଉଦ୍ଦିନ୍ – ଖିଲିଜିଙ୍କ ଶାସନ ସମୟରେ ସେମାନଙ୍କର ଏହି ପ୍ରଭାବ ସାମାନ୍ୟ ହ୍ରାସ ପାଇଥିଲା ।

### ସହରୀ ଲୋକ

ସହରଗୁଡ଼ିକରେ ବାସ କରୁଥିବା ବ୍ୟବସାୟୀ, ବଣିକଗୋଷ୍ଠୀ ଓ କାରିଗରମାନେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ । ସେମାନଙ୍କର ଜୀବନଯାପନ ପ୍ରଣାଳୀ ଥିଲା ଆଡ଼ମ୍ବରହୀନ ଏବଂ ସ୍ୱଭାବତଃ ସେମାନେ ଥିଲେ ମିତବ୍ୟୟୀ । ଏହି ଗୋଷ୍ଠୀ ସହିତ ସମ୍ଭ୍ରାନ୍ତ, ରାଜକର୍ମଚାରୀ ଓ ଭକ୍ତି ଓ ସୁଫୀ ସନ୍ଥମାନେ ମଧ୍ୟ ସହରରେ ବାସ କରୁଥିଲେ । କାରିଗରମାନେ ସେମାନଙ୍କ ନିଜସ୍ୱ ଗୃହରେ ବାସ କରୁଥିଲେ । ବୁଣାକାର ଓ ବଣିଆମାନେ ସେମାନଙ୍କ ପାଇଁ

ଉଦ୍ଦିଷ୍ଟ କଲୋନୀରେ ବାସ କରୁଥିଲେ । ସେମାନେ ନିଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ସ୍ଥାନୀୟ ବଜାରରେ ବିକ୍ରୀ କରିବା ସହ ବାହାର ରାଜ୍ୟକୁ ମଧ୍ୟ ପଠାଉଥିଲେ । ସ୍ଥାନୀୟ ସରକାରୀ କାରଖାନାଗୁଡ଼ିକରେ ବିଭିନ୍ନ ସାମଗ୍ରୀ ଉତ୍ପାଦିତ ହେଉଥିଲା ଓ ସେଗୁଡ଼ିକ ମଧ୍ୟରୁ ଅନେକ ସାମଗ୍ରୀକୁ ସୁଲତାନମାନେ ଉପହାର ଭାବରେ ପ୍ରଦାନ କରୁଥିଲେ ।

## କୃଷକ

ସାଧାରଣ କୃଷକ ଗ୍ରାମରେ ବାସ କରୁଥିଲେ । ସେମାନଙ୍କର ଜୀବନଯାପନ ଶୈଳୀ ଅତ୍ୟନ୍ତ ନିମ୍ନମାନର ଥିଲା । କରଭାରରେ ସେମାନେ ନିଃସ୍ୱ ହୋଇପଡ଼ିଥିଲେ । ସୁଲତାନ ପରିବର୍ତ୍ତନ ହେଲେ କିମ୍ବା ଶାସନ ବ୍ୟବସ୍ଥା ବଦଳିଲେ ମଧ୍ୟ ସେମାନଙ୍କର ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟି ନଥିଲା ।

ଏହି ସମୟରେ ଜାତିପ୍ରଥା ଅତ୍ୟନ୍ତ କଠୋର ଥିଲା । ହିନ୍ଦୁ ଓ ମୁସଲିମ ସଂପ୍ରଦାୟ ମଧ୍ୟରେ ବିବାହ ନିଷିଦ୍ଧ ଥିଲା । ଉଭୟ ସଂପ୍ରଦାୟ ମଧ୍ୟରେ ଭାବର ଆଦାନ ପ୍ରଦାନରେ କୌଣସି ପ୍ରତିବନ୍ଧକ ନଥିଲା । ଯେଉଁମାନେ ଧର୍ମ ପରିବର୍ତ୍ତନ କରୁଥିଲେ ସେମାନେ ନିଜର ମୂଳଧର୍ମକୁ ମଧ୍ୟ ପାଳନ କରୁଥିଲେ । ହିନ୍ଦୁମାନେ ମୁସଲମାନମାନଙ୍କର ଏବଂ ମୁସଲମାନମାନେ ହିନ୍ଦୁମାନଙ୍କର ପର୍ବପର୍ବାଣୀକୁ ପାଳନ କରୁଥିଲେ । ଉଭୟ ସଂସ୍କୃତିର ପ୍ରଭାବ ସେମାନଙ୍କର ଖାଦ୍ୟ, ପୋଷାକ, ସଂଗୀତ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହୋଇଥିଲା ।

## ବାଣିଜ୍ୟ ବ୍ୟବସାୟ

ମଧ୍ୟଯୁଗୀୟ ଭାରତ ଶିଳ୍ପ ସମୃଦ୍ଧ ଥିଲା ଏବଂ ଅନେକ ଶିଳ୍ପ–ସମୃଦ୍ଧ ସହର ସୃଷ୍ଟି ହୋଇପାରିଥିଲା । ଏହି ସମୃଦ୍ଧିରେ ବଣିଆ, ମାର୍‌ୱାଡ଼ି ଓ ମୁଲତାନୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ବଣିକମାନେ ଚକଲଗା ଗାଡ଼ି ଦ୍ୱାରା ବିଭିନ୍ନ ସ୍ଥାନକୁ ଯାଇ ଜିନିଷପତ୍ର କିଣାବିକା କରୁଥିଲେ ।

ଆମଦାନୀ ଓ ରପ୍ତାନୀର ମୁଖ୍ୟ କେନ୍ଦ୍ର ଥିଲା ଦିଲ୍ଲୀ । ପୂର୍ବାଞ୍ଚଳରୁ ଚାଉଳ, କନୌଜରୁ ଚିନି, ଦୋଆବ ଅଞ୍ଚଳରୁ ଗହମ ଓ ଦକ୍ଷିଣାଞ୍ଚଳରୁ ରେଶମ ଆମଦାନୀ କରାଯାଉଥିଲା । ଧାତୁ ନିର୍ମିତ ପଦାର୍ଥ ହାତୀଦାନ୍ତ ଶିଳ୍ପ, ସ୍ୱର୍ଣ୍ଣ ଓ ରୌପ୍ୟର ବିଭିନ୍ନ ଗହଣା ଓ କାର୍ପାସ ଶିଳ୍ପ ପ୍ରଭୃତିର ପ୍ରତିଷ୍ଠାନ ବିଭିନ୍ନ ସ୍ଥାନରେ ଗଢ଼ିଉଠିଥିଲା । ପୂର୍ବ–ଆଫ୍ରିକା, ଆରବ ଏବଂ ଚୀନ୍ ଦେଶରୁ ଅନେକ ପଦାର୍ଥ ଦିଲ୍ଲୀରେ ପହଞ୍ଚିପାରୁଥିଲା । ପରିବ୍ରାଜକ ଇବନ୍–ବତୁତାଙ୍କ ମତରେ ଦିଲ୍ଲୀ ଏକ ଶିଳ୍ପ ସମୃଦ୍ଧ ଓ ଚିତାକର୍ଷକ ସହର ଥିଲା ।

## ଧର୍ମ

ମୁସଲମାନମାନଙ୍କ ଭାରତ ଆକ୍ରମଣ ସମୟରେ ଭାରତରେ ପ୍ରଚଳିତ ହିନ୍ଦୁ ଧର୍ମରେ ଅନେକ ଅନ୍ଧବିଶ୍ୱାସ ଓ ଦୁର୍ନିତି ସ୍ଥାନ ପାଇଥିଲା । ଫଳରେ ହିନ୍ଦୁଧର୍ମ ଜନପ୍ରିୟତା ହରାଇଥିଲା । କାରଣ ପୂର୍ବର ସେହି ସରଳ ହିନ୍ଦୁଧର୍ମରେ ଅର୍ଥହୀନ ପୂଜା ପଦ୍ଧତି ପଶୁବଳୀ ପ୍ରଥା ପ୍ରଚଳିତ ହୋଇଥିଲା ଓ ଜାତିପ୍ରଥା ମଧ୍ୟ ଜଟିଳ ହୋଇପଡ଼ିଥିଲା । ବ୍ରାହ୍ମଣମାନେ ସମାଜରେ ଶ୍ରେଷ୍ଠସ୍ଥାନ ଅଧିକାର କରି ନୀଚଜାତିକୁ ଘୃଣାଚକ୍ଷୁରେ ଦେଖିବାକୁ ଲାଗିଲେ । ଅପର ପକ୍ଷରେ ଇସଲାମ ଧର୍ମରେ ଏହିସବୁ ପ୍ରଥା ପ୍ରଚଳିତ ନଥିଲା । ଇସଲାମ ଧର୍ମ ସାମ୍ୟ, ଏକ–ଈଶ୍ୱର ଓ ଭାତୃତ୍ୱବାଦରେ ବିଶ୍ୱାସ କରୁଥିଲା । ଫଳରେ ଏହା ସମାଜରେ ନିଷ୍ପେଷିତ, ଘୃଣ୍ୟ ଓ ନୀଚ ଜାତିର ଲୋକଙ୍କୁ ଆକର୍ଷିତ କରିଥିଲା ।

ଭାରତରେ ଇସଲାମଧର୍ମର ପ୍ରବେଶ ଦେଶର ରାଜନୈତିକ ବ୍ୟବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ଘଟାଇପାରିନଥିଲେ ମଧ୍ୟ ଅନ୍ୟ ପକ୍ଷରେ ଏହା ଦେଶର ସମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିଥିଲା । ଫଳସ୍ୱରୂପ ଏହି ସଂପର୍କ ପରବର୍ତ୍ତୀ





ସମୟରେ ଭକ୍ତି ଓ ସୁଫୀ ଆନ୍ଦୋଳନର ସୂତ୍ରପାତ କରିଥିଲା । ଉଭୟ ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ଈଶ୍ୱର ଏକ ଏବଂ ଅଭିନ୍ନ । ଭକ୍ତି ଓ ପ୍ରେମ ମାଧ୍ୟମରେ ଈଶ୍ୱରପ୍ରାପ୍ତି ସମ୍ଭବ ହୋଇପାରିବ ।

## ୪.୨ : ସୁଫୀ ମତବାଦ

ମୁସଲମାନମାନେ ଅଷ୍ଟାଦଶ ଶତାବ୍ଦୀରେ ବ୍ୟବସାୟ କରିବା ପାଇଁ ଭାରତକୁ ଆସିଥିଲେ ମଧ୍ୟ ଭାରତୀୟ ସଂସ୍କୃତିର ମହନୀୟତାରେ ମୁଗ୍ଧ ହୋଇ ସବୁଦିନପାଇଁ ରହିଯାଇଥିଲେ । କେନ୍ଦ୍ରୀୟ ଓ ମଧ୍ୟ ଏସିଆରୁ ଆସିଥିବା ବଣିକମାନେ ଭାରତୀୟ ସଂସ୍କୃତି ଓ ବିଜ୍ଞାନ ବିଦ୍ୟାକୁ ନିଜ ଅଞ୍ଚଳରେ ପ୍ରସାର କରିଥିଲେ । ବିଦେଶାଗତ ମୁସଲମାନମାନେ ଭାରତର ବିଭିନ୍ନ ଅଞ୍ଚଳରେ ବୈବାହିକ ସଂପର୍କ ସ୍ଥାପନ କରି ଶାନ୍ତିରେ ବସବାସ କରିଥିଲେ । ସେମାନଙ୍କ ମଧ୍ୟରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ସମ୍ଭବ ହୋଇପାରିଥିଲା । ଉଭୟ ସଂପ୍ରଦାୟ ସେମାନଙ୍କ ପୋଷାକ, ଭାଷା, ଚଳଣି, ପର୍ବପର୍ବାଣୀ ଓ ଚନ୍ତାଧାରାରେ ପରସ୍ପରକୁ ପ୍ରଭାବିତ କରିପାରିଥିଲେ । ଫଳରେ ଇସଲାମ ଧର୍ମର ପ୍ରଭାବ ଭାରତୀୟ ସମାଜ ଓ ସଂସ୍କୃତି ଉପରେ ଗଭୀର ଭାବରେ ପରିଲକ୍ଷିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ମହାପୁରୁଷ ମହମ୍ମଦ ଓ ଇସଲାମ୍ ଧର୍ମ ସଂପର୍କରେ ଆଲୋଚନା କରାଯାଇପାରେ ।

ମହାପୁରୁଷ ମହମ୍ମଦ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଆରବଦେଶରେ ଇସଲାମଧର୍ମର ପ୍ରଚାର କରିଥିଲେ । ସେ ୫୭୧ ଖ୍ରୀଷ୍ଟାବ୍ଦରେ ଆରବର କୁରାଇସ ଆଦିବାସୀ ସଂପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ । ସେ ମକ୍‌କାରୁ ମଦିନାକୁ ୬୨୨ ଖ୍ରୀଷ୍ଟାବ୍ଦରେ ପଳାୟନ କରିଥିଲେ ଓ ସେହିଦିନଠାରୁ 'ହିଜ୍‌ରା' ଶବ୍ଦର ପ୍ରଚଳନ ଆରମ୍ଭ ହୋଇଥିଲା । ମୁସଲମାନମାନଙ୍କର ବିଶ୍ୱାସ ମୁତାବକ କୋରାନ୍ ହେଉଛି ଆଲ୍ଲାଙ୍କର ବାଣୀ ଯାହା ମହମ୍ମଦଙ୍କ ମୁଖରେ ପ୍ରକାଶିତ ହୋଇଥିଲା । ଏହା ଆଲ୍ଲାଙ୍କଠାରୁ ତାଙ୍କ ଦେବଦୂତ ଗାବ୍ରିଏଲଙ୍କ ମାଧ୍ୟମରେ ମହମ୍ମଦଙ୍କ ନିକଟରେ ପହଞ୍ଚିଥିଲା । ଏହା ବହୁଭାଷାରେ ଅନୁବାଦିତ ହୋଇଛି । ଇସଲାମ ଧର୍ମର ମୂଳନୀତି ହେଉଛି –

୧. ତଉହିଦ୍ (ଆଲ୍ଲାଙ୍କୁ ବିଶ୍ୱାସ କରିବା)

୨. ନମାଜ (ଦୈନିକ ପାଞ୍ଚଥର ପ୍ରାର୍ଥନା କରିବା)

୩. ରୋଜା (ରମଜାନ ମାସରେ ଉପବାସ କରିବା)

୪. ଜାକତ୍ (ବର୍ଷକୁ ଥରେ ସଞ୍ଚିତ ସମ୍ପତ୍ତିରୁ ଦାନ କରିବା)

୫. ହଜ୍ (ମକ୍‌କାକୁ ତୀର୍ଥଯାତ୍ରାରେ ଯିବା)

ମହାପୁରୁଷ ମହମ୍ମଦଙ୍କର ବାଣୀକୁ ଅତ୍ୟନ୍ତ ଯତ୍ନର ସହିତ 'ହାଦୀଥ୍' ବା 'ହଦୀସ୍' ରୂପରେ ସୁରକ୍ଷିତ ରଖାଯାଇଛି । ତାଙ୍କ ମୃତ୍ୟୁପରେ ଖଲିଫାମାନଙ୍କର ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଥିଲା । ସେମାନଙ୍କ ମଧ୍ୟରେ ଚାରିଜଣ ଖଲିଫା ପବିତ୍ର ଓ ଧର୍ମ ପରାୟଣ ବ୍ୟକ୍ତିଥିଲେ ।

ଇସଲାମ ଧର୍ମ ସାମ୍ୟବାଦ, ଭ୍ରାତୃତ୍ୱ ଓ ଏକେଶ୍ୱରବାଦର ପ୍ରଚାର କରିଥିଲା । ଭାରତରେ ଇସଲାମ ଧର୍ମର ପ୍ରବେଶ ସମସାମୟିକ, ପାରମ୍ପରିକ ସାମାଜିକ ଅବସ୍ଥା ଉପରେ ଗଭୀର ପ୍ରଭାବ ପକାଇଥିଲା । ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଣତି ଥିଲା ଭକ୍ତି ଓ ସୁଫୀ ଆନ୍ଦୋଳନର ଉଦ୍ଭବ ଓ ବିକାଶ । ଉଭୟ ମତବାଦ ଅନୁସାରେ ଈଶ୍ୱର ସର୍ବଶକ୍ତିମାନ ଓ ସବୁ ମନୁଷ୍ୟ ସମାନ । ଉତ୍ସର୍ଗୀକୃତ ଭକ୍ତିଭାବ ଦ୍ୱାରା ଈଶ୍ୱର ପ୍ରାପ୍ତି ବା ମୋକ୍ଷ ପ୍ରାପ୍ତି ସମ୍ଭବ ବୋଲି ସେମାନେ ବିଶ୍ୱାସ କରୁଥିଲେ ।



ଟିପ୍ପଣୀ

## ୪.୨.୧ ସୁଫୀବାଦର ଉତ୍‌ଥାନ

ସୁଫୀବାଦ ଏକ ସାଧାରଣ ଶବ୍ଦ ଯାହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀପାଇଁ ଉଦ୍ଦିଷ୍ଟ ଯେଉଁମାନେ ଉସଲାମୀୟ ରହସ୍ୟବାଦରେ ବିଶ୍ୱାସୀ ଥିଲେ । ଏହି ମୁସଲମାନ ରହସ୍ୟବାଦୀମାନେ ସୁଫୀ ନାମରେ ପରିଚିତ ଥିଲେ । ସୁଫୀମାନେ ସେମାନଙ୍କ ଧର୍ମୀୟ ବିଚାରଧାରାରେ ଖୁବ୍ ଉଦାରବାଦୀ ଥିଲେ । ସେମାନେ ସବୁଧର୍ମ ଏକ ବୋଲି ବିଶ୍ୱାସ କରୁଥିଲେ । ସଂଗୀତ ମାଧ୍ୟମରେ ସେମାନେ ଆଧାତ୍ମିକତାର ବାଣୀ ଓ ମନ୍ତ୍ର ପ୍ରଚାର କରୁଥିଲେ । ସୁଫୀବାଦ ସର୍ବପ୍ରଥମେ ଇରାନ୍‌ରେ ଜନ୍ମଲାଭ କରିଥିଲା ଓ ପରବର୍ତ୍ତୀ ସମୟରେ ତୁର୍କ–ଶାସନାଧୀନ ଭାରତର ଅନୁକୂଳ ପରିବେଶରେ ପ୍ରସାର ଲାଭ କରିଥିଲା । ସେମାନଙ୍କର ସଦ୍‌ଗୁଣାବଳୀ, ଧର୍ମପରାୟଣତା, ସହନଶୀଳତା, ସମ୍ବେଦନ–ଶୀଳତା, ସାମ୍ୟ ଓ ବନ୍ଧୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ବହୁ ହିନ୍ଦୁଧର୍ମାବଲମ୍ବୀଙ୍କୁ ଆକର୍ଷିତ କରିଥିଲା । ବିଶେଷକରି ନିମ୍ନବର୍ଗର ନିଷ୍ପେଷିତ ହିନ୍ଦୁମାନେ ମୁସଲମାନରେ ରୂପାନ୍ତରିତ ହୋଇଥିଲେ । ମଇନୁଦ୍ଦିନ୍ ଚିସ୍ତି, ନିଜାମୁଦ୍ଦିନ୍ ଆଉଲିଆ, ଫରିଦୁଦ୍ଦିନ୍ ଗଞ୍ଜ–ଇ–ସକାର ପ୍ରଭୃତି ସୁଫୀ ସନ୍ଥଗଣ ପ୍ରସିଦ୍ଧ ସନ୍ଥ ଭାବରେ ସମାଜରେ ଲାଭ କରିଥିବା ଆଦର, ସମ୍ମାନ ଓ ମର୍ଯ୍ୟାଦା ଅଦ୍ୟାବଧି ଅକ୍ଷୁର୍ଣ୍ଣ ରହିଛି । ସେମାନେ ମଧ୍ୟ ସେମାନଙ୍କର ଖାନ୍‌କା ଓ ଦରଘାର ପ୍ରତିଷ୍ଠା ପାଇଁ ଖ୍ରୀଷ୍ଟିଆନ୍ ଓ ବୌଦ୍ଧ ଭିକ୍ଷୁମାନଙ୍କଦ୍ୱାରା ପ୍ରଭାବିତ ହୋଇଥିଲେ । ସୁଫୀମାନଙ୍କର ଯାତ୍ରୀ ନିବାସ ଖାନ୍‌କା ଭାରତର ଉତ୍ତରାଞ୍ଚଳରେ ପ୍ରତିଷ୍ଠା କରାଯିବା ଫଳରେ ଇସଲାମ ଧର୍ମ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରସାରିତ ହୋଇଥିଲା । ମୁସଲମାନମାନଙ୍କର ସ୍ମୃତିସ୍ତମ୍ଭ 'ମଜାର' ଓ ପାନ୍ଥଶାଳା 'ତାକିଆ' ଇସଲାମ ଧର୍ମର ପ୍ରସାରରେ ସହାୟକ ହୋଇଥିଲା । ସୁଫିମାନେ ଉଭୟ ସମ୍ଭ୍ରାନ୍ତଶ୍ରେଣୀ ଓ ସାଧାରଣ ଜନତାଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ସମଗ୍ରମାନବ ସମାଜ ପାଇଁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନକୁ ସୁଫିସନ୍ଥମାନେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥିଲେ ।

ସୁଫି ସନ୍ଥମାନେ ପରମ୍ପରା ଅନୁସାରେ ସିଲସିଲା କ୍ରମରେ ସଂଗଠିତ ହେଉଥିଲେ । ଏହି ସିଲସିଲାଗୁଡ଼ିକ ସେମାନଙ୍କ ପ୍ରତିଷ୍ଠାତା ସୁଫିସନ୍ଥଙ୍କ ନାମରେ ନାମିତ ହୋଇଥିଲା । ସେମାନଙ୍କ ମଧ୍ୟରେ ଚିସ୍ତି, ସୁହରାୱର୍ଦ୍ଦୀ, କ୍ୱାଦି ଓ ନକ୍ସାବନ୍ଦୀ ସିଲସିଲାଗୁଡ଼ିକ ପ୍ରଧାନ । ଆଇନ୍–ଇ–ଆକବରୀ ଗ୍ରନ୍ଥର ପ୍ରଣେତା ଆବୁଲଫାଜଲଙ୍କ ବର୍ଣ୍ଣନା ଅନୁସାରେ ଭାରତରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ବେଳକୁ ପ୍ରାୟ ଚଉଦଟି ସିଲସିଲା ପ୍ରତିଷ୍ଠିତ ହୋଇଥିଲା । ପ୍ରତ୍ୟେକଟିର ନିଜସ୍ୱ ଖାନ୍‌କା ଥିଲା ଯାହା ସୁଫି ସନ୍ଥମାନଙ୍କର ଆଶ୍ରୟସ୍ଥଳୀ ଥିଲା ଓ ନିରାଶ୍ରୟମାନଙ୍କ ପାଇଁ ମଧ୍ୟ ଏଠାରେ ଆଶ୍ରୟର ବ୍ୟବସ୍ଥା ଥିଲା । ପରବର୍ତ୍ତୀକାଳରେ ଏହି ଆଶ୍ରୟସ୍ଥଳୀଗୁଡ଼ିକ ଶିକ୍ଷାର କେନ୍ଦ୍ରସ୍ଥଳୀ ଭାବରେ ବିକାଶଲାଭ କରିଥିଲା ।

ଆଜମୀର, ନାଗୌର, ଅଯୋଧାନ ବା ପାକ୍ ପଟ୍ଟନ (ଅଧୁନା ପାକିସ୍ତାନ ଅନ୍ତର୍ଗତ) ଆଦି ସ୍ଥାନ ସୁଫିସନ୍ଥମାନଙ୍କର ସାଧନାର ମୂଖ୍ୟ କେନ୍ଦ୍ର ଥିଲା । ସେମାନେ ମଧ୍ୟ ଗୁରୁ–ଶିଷ୍ୟ ବା ପୀର୍–ମୁରିଦି ପରମ୍ପରାର ଅୟମାରମ୍ଭ କରିଥିଲେ । ରହସ୍ୟପୂର୍ଣ୍ଣ ଆଧାତ୍ମିକ ଆନନ୍ଦ ଉପଲବ୍ଧି ନିମନ୍ତେ ସେମାନେ ପଦ୍ୟ ଓ ସଂଗୀତର ଆସର ଆୟୋଜନ କରୁଥିଲେ । ଏହାକୁ 'ସମା' କୁହାଯାଉଥିଲା । ଏହା ମୂଳତଃ ପାର୍ସୀ ଭାଷାରେ ଥିଲା ଓ ପରବର୍ତ୍ତୀ ସମୟରେ ହିନ୍ଦୀଇ ବା ହିନ୍ଦୁସ୍ଥାନୀକୁ ପରିବର୍ତ୍ତିତ ହୋଇଥିଲା । ସେମାନେ ଏକେଶ୍ୱରବାଦର ପ୍ରଚାର କରୁଥିଲେ । ନିର୍ଗୁଣ ଭକ୍ତି ଆନ୍ଦୋଳନର ପୁରୋଧାମାନେ ଯେପରି ଆତ୍ମୋତ୍ସର୍ଗ ମାର୍ଗକୁ ଅନୁସରଣ କରୁଥିଲେ ସୁଫିସନ୍ଥମାନେ ମଧ୍ୟ ଏହି ମାର୍ଗର ଅନୁସରଣକୁ ଗୁରୁତ୍ୱ ଦେଉଥିଲେ । ସଂଗୀତର ଆକର୍ଷଣ ସର୍ବଦା ସମସ୍ତଙ୍କୁ ଆପଣାର କରିଥାଏ । ସେହିପରି ଧିରେ ଧିରେ ସେମାନେ ହିନ୍ଦୁମାନଙ୍କୁ ଆକର୍ଷିତ କରିବା ଫଳରେ ବହୁସଂଖ୍ୟାରେ ହିନ୍ଦୁମାନେ ସେମାନଙ୍କ ଦରଘାକୁ ଦର୍ଶନ କରିବାକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସୁଫିବାଦ ଉପରେ ହିନ୍ଦୁଧର୍ମର ପ୍ରଭାବ ସିଦ୍ଧମାନଙ୍କ ରୂପ ଓ ଯୋଗ ମୁଦ୍ରାରେ ସୁଦୃଶ୍ୟ ଓ ସୁସ୍ପଷ୍ଟ ।





## ପାଠଗତ ପ୍ରଶ୍ନାବଳୀ ୪.୧

୧. ମହାପୁରୁଷ ମହମ୍ମଦଙ୍କ ମକ୍କାରୁ ମଦିନାକୁ ପଳାୟନ ପରେ କେଉଁ ଅବ୍ଦର ପ୍ରଚଳନ କରାଯାଇଥିଲା ?

______________________

୨. ରୋଜା କ'ଣ ?

______________________

୩. କେଉଁମାନେ ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ସେମାନଙ୍କର ସହନଶୀଳତା, ସାମ୍ୟଭାବ, ଧର୍ମପରାୟଣତା ଓ ସମ୍ବେଦନଶୀଳତା ବଳରେ ଇସଲାମ ଧର୍ମକୁ ଆଣି ପାରିଥିଲେ ?

______________________

୪. ଆଇନ୍-ଇ-ଆକବରୀର ପ୍ରଣେତା କିଏ ?

______________________

## ୪.୩ ରାଜନୈତିକ ପୃଷ୍ଠଭୂମି

ମାମଲୁକ ତୁର୍କମାନେ ଦିଲ୍ଲୀର ପ୍ରଥମ ସୁଲତାନ ଭାବରେ ୧୨୦୬-୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ ପରିଚାଳନା କରିଥିଲେ । ଖିଲିଜି, ତୋଗଲକ, ସୟିଦ୍ ଓ ଲୋଦୀ ବଂଶର ଶାସକମାନେ ଦିଲ୍ଲୀଠାରୁ ଉତ୍ତରଭାରତ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହି ଶାସକମାନଙ୍କୁ ସୁଲତାନ କୁହାଯାଉଥିଲା । ସୁଲତାନମାନେ ଖଲିଫାଙ୍କର ପ୍ରତିନିଧି ଭାବରେ ଶାସନ ପରିଚାଳନା କରୁଥିଲେ ବୋଲି ବିଶ୍ୱାସ କରାଯାଉଥିଲା । ଏହି ଖଲିଫାମାନେ ମୁସଲମାନମାନଙ୍କର ପାର୍ଥିବ ଓ ଆଧ୍ୟାତ୍ମିକ ଜଗତର ମୁଖ୍ୟ ପରିଚାଳକ ରୂପେ ବିବେଚିତ ହେଉଥିଲେ । ସ୍ଥାନୀୟ ଇମାମ୍‌ମାନଙ୍କ ଦ୍ୱାରା ପ୍ରତ୍ୟେକ ଶୁକ୍ରବାର ପ୍ରାର୍ଥନା ସଭାରେ ଏହି ସୁଲତାନ ଓ ଖଲିଫାଙ୍କ ନାମକୁ ସମ୍ବୋଧନ କରାଯାଉଥିଲା ଯାହାକୁ 'ଖୁତ୍‌ବା' ବୋଲି କୁହାଯାଉଥିଲା ।

୧୫୨୬ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ସୁଲତାନ୍ ଶାସନର ଅବସାନ ଘଟିଥିଲା । ମୋଗଲମାନେ ସେମାନଙ୍କୁ ବିତାଡ଼ିତ କରି ପ୍ରଥମେ ଆଗ୍ରା ଓ ପରେ ପରେ ଦିଲ୍ଲୀରେ ଶାସନ ଆରମ୍ଭ କରି ୧୭୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏକ ସୁଦୃଢ଼ ଶାସନ ପ୍ରତିଷ୍ଠା କରିଥିଲେ । ୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନାମକୁମାତ୍ର ପ୍ରତିନିଧିମୂଳକ ଶାସନଧାରା ଚାଲିଥିଲା ଓ ପରିଶେଷରେ ଏହି ରାଜବଂଶର ପରିସମାପ୍ତି ମଧ୍ୟ ଘଟିଥିଲା । ମୋଗଲ ଶାସକମାନେ କୌଣସି ଆନୁଷ୍ଠାନିକ ପଦ ପଦବୀ ଦାବି କରି ନଥିଲେ ମଧ୍ୟ ନିୟମିତ ଖଲିଫାଙ୍କ ପାଖକୁ ଉପଢୌକନ ପଠାଉଥିଲେ । ଏଥିସହିତ ସେମାନେ ଖୁତ୍‌ବା ପାଉଥିଲେ ଓ ସେମାନଙ୍କର ନାମ ଖୁତ୍‌ବାରେ ପଢ଼ାଯାଉଥିଲା ।

ଆଫଗାନ ଶାସକ ଶେରସାହ ମୋଗଲ ଶାସକ ହୁମାୟୁନଙ୍କୁ ପ୍ରତିରୋଧ କରି ତାଙ୍କୁ ଦିଲ୍ଲୀ ସିଂହାସନଠାରୁ ଦୀର୍ଘ ପନ୍ଦର ବର୍ଷ ପର୍ଯ୍ୟନ୍ତ (୧୫୪୦-୫୫) ଦୂରେଇ ରଖିଥିଲେ । ଶେରସାହଙ୍କ ଶାସନକାଳ ତାଙ୍କର ଅନେକ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରସିଦ୍ଧ ଥିଲା । ସେହି କାର୍ଯ୍ୟଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରଦେଶକୁ ରାସ୍ତା ନିର୍ମାଣ ପ୍ରଧାନ ଥିଲା । ସେହି ରାସ୍ତା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ସଡ଼କ-ଇ-ଆଜମ୍ ବା ଗ୍ରାଣ୍ଡଟ୍ରଙ୍କ୍ ରୋଡ଼ ଯାହା ସୋନାରଗ୍ରାମ (ଅଧୁନା ବଙ୍ଗଳାଦେଶ ଅନ୍ତର୍ଗତ) ଠାରୁ ଆଟ୍ଟୋକ୍ (ଅଧୁନା ପାକିସ୍ତାନ ଅନ୍ତର୍ଗତ) ପର୍ଯ୍ୟନ୍ତ ଭାୟା ଆଗ୍ରା ଓ





ଦିଲ୍ଲୀ ମଧ୍ୟ ଦେଇ ଦୀର୍ଘ ୧୫୦୦ କିଲୋମିଟର ବ୍ୟାପୀ ରହିଥିଲା । ଅନ୍ୟ ସଡ଼କଗୁଡ଼ିକ ମଧ୍ୟରେ ଆଗ୍ରାଠାରୁ ବରହାନ୍‌ପୁର ସଡ଼କ ପଥ, ଆଗ୍ରାଠାରୁ ମାରଓ୍ୱାର ସଡ଼କ ପଥ ଏବଂ ଲାହୋର ଠାରୁ ମୁଲତାନ ପର୍ଯ୍ୟନ୍ତ ପଡ଼କପଥ ପ୍ରଧାନ ଥିଲା । ଶେରସାହ ସ୍ୱର୍ଣ୍ଣ, ରୌପ୍ୟ ଓ ତମ୍ବା ମୁଦ୍ରା ମଧ୍ୟ ପ୍ରଚଳନ କରିଥିଲେ ଯାହାକି ମୋଗଲ ଶାସନ ସମୟରେ ମଧ୍ୟ ପ୍ରଚଳିତ ହୋଇଥିଲା ।

ଜଣେ ସଫଳ ଶାସକ ଭାବରେ ଆକବର ଜଣେ ସର୍ବଶ୍ରେଷ୍ଠ ମୋଗଲ ଶାସକ ରୂପେ ୧୫୫୬ ଖ୍ରୀଷ୍ଟାବ୍ଦରୁ ୧୬୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ନିଜର ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ପ୍ରଚାର କରିଥିଲେ । ସାଂପ୍ରଦାୟିକ ବିଦ୍ୱେଷକୁ ଦୃଢ଼ ହସ୍ତରେ ଦମନ କରିଥିଲେ । ଧର୍ମାନ୍ଧତା, କୁସଂସ୍କାରପୂର୍ଣ୍ଣ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମ ଚଳାଇଥିଲେ ଓ ଏହାର ଦୂରୀକରଣ ପାଇଁ ଆନ୍ତରିକ ଉଦ୍ୟମ କରିଥିଲେ । ସେ ହିନ୍ଦୁମାନଙ୍କ ସହିତ ଉଦାର ଓ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପ୍ରତିଷ୍ଠାରେ ଉନ୍ନତି ବିଧାନ କରିଥିଲେ । ତାଙ୍କର ସାମ୍ରାଜ୍ୟବାଦୀ ଚିନ୍ତାଧାରାର ସଫଳ ରୂପାୟନ ପାଇଁ ସେ ରାଜପୁତ ବଂଶ ସହ ବୈବାହିକ ସଂପର୍କ ସ୍ଥାପନ କରିଥିଲେ । ସମଗ୍ର ସାମ୍ରାଜ୍ୟରେ ରାଜନୈତିକ ଏକତା ପ୍ରତିଷ୍ଠା, ଶକ୍ତିଶାଳୀ କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ଓ ଏକ ପ୍ରକାର ପ୍ରଶାସନିକ ଧାରାର ପ୍ରଚଳନ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ଥିଲା । ଆକବରଙ୍କର କଳା, ସ୍ଥାପତ୍ୟ, ସାହିତ୍ୟ ଓ ଶିକ୍ଷା ପାଇଁ ଯଥେଷ୍ଟ ଅବଦାନ ଥିଲା । ଆକବର କଳା, ସ୍ଥାପତ୍ୟ, ସାହିତ୍ୟ ଓ ଶିକ୍ଷାର ସର୍ବଶ୍ରେଷ୍ଠ ପୃଷ୍ଠପୋଷକ ଥିଲେ । ସେ ଥିଲେ ଜଣେ ଧର୍ମ ନିରପେକ୍ଷ ସମ୍ରାଟ । ତେଣୁ ସେ ସବୁ ଧର୍ମର ସାରକଥା ସଂଗ୍ରହ କରି ଦିନ୍-ଇ-ଇଲାହୀ (Din-i-Ilahi) ନାମକ ଏକ ନୂତନ ଧର୍ମ ମତର ପ୍ରଚଳନ କରିଥିଲେ । ପ୍ରତ୍ୟେକ ଗୁରୁବାର ଦିନ ସବୁ ଧର୍ମର ପଣ୍ଡିତମାନେ ଏକତ୍ର ହୋଇ ଆକବରଙ୍କ ନିର୍ଦ୍ଦେଶରେ ଧର୍ମ ଆଲୋଚନାରେ ଅଂଶଗ୍ରହଣ କରୁଥିଲେ । ଏହା ଆଗ୍ରାସ୍ଥିତ ଫତେପୁର ସିକ୍ରିଠାରେ ପ୍ରତିଷ୍ଠିତ ଇବାଦତ୍‌ଖାନା ବା ଉପାସନା ଗୃହଠାରେ ଅନୁଷ୍ଠିତ ହେଉଥିଲା । ନିଜର ବିଶେଷ ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ୍ୟ ଆକବର ରାଜ୍ୟର ଜ୍ଞାନୀ ଓ ଗୁଣୀ ବ୍ୟକ୍ତିଙ୍କର ଯଥେଷ୍ଟ ଆଦର ସମ୍ମାନ କରୁଥିଲେ । ତାଙ୍କ ରାଜଦରବାରରେ ସ୍ଥାନ ପାଇଥିବା ନଅଜଣ ପଣ୍ଡିତ ନବରତ୍ନ ନାମରେ ପରିଚିତ ଥିଲେ । ସେମାନେ ଥିଲେ ମୁଲ୍ଲାଦୋ ପ୍ୟାଜା, ହକିନ୍ ହମାମ, ଅବଦୁର ରହିମ ଖାନ୍-ଇ-ଖାନନ୍, ଅବୁଲ ଫଯାଲ, ତାନସେନ୍, ରାଜାଟୋଡରମଲ୍ଲ, ରାଜା ମାନସିଂହ, ଫୟାଜୀ ଏବଂ ବୀରବଲ । ଆକବରଙ୍କ ଉଦାରବାଦୀ ଓ ସହନଶୀଳ କାର୍ଯ୍ୟକଳାପ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ ଜାହାଙ୍ଗୀର ଓ ଶାହଜାହାନ୍‌ଙ୍କ ଦ୍ୱାରା ଅନୁସୃତ ହୋଇଥିଲେ ମଧ୍ୟ ଆଉରେଙ୍ଗଜେବ୍‌ଙ୍କ ସମୟରେ ଏହା ଆଦୌ ଅନୁସୃତ ହୋଇନଥିଲା ।

ଆଉରେଙ୍ଗଜେବ୍‌ଙ୍କ ଅଦୂରଦର୍ଶୀ ରାଜନୀତି ଓ ଅସରନ୍ତି ଯୁଦ୍ଧ (ବିଶେଷ କରି ଦକ୍ଷିଣ-ଭାରତରେ) ଶେଷରେ ମୋଗଲ ସାମ୍ରାଜ୍ୟର ପତନର ଅନ୍ୟତମ କାରଣ ହୋଇଥିଲା ।

ଦାକ୍ଷିଣାତ୍ୟରେ ମରହଟ୍ଟାମାନଙ୍କର ଅଭ୍ୟୁଦୟ, ନାଦିରଶାହ ଓ ଅହମ୍ମଦ ଶାହ ଅବଦଲୀଙ୍କ ଭାରତ ଆକ୍ରମଣ ଜନିତ ଅସ୍ଥିରତା, ସମ୍ଭ୍ରାନ୍ତ ରାଜକର୍ମଚାରୀଙ୍କ ମଧ୍ୟରେ ଆଭ୍ୟନ୍ତରୀଣ କଳହ, ଉତ୍ତର-ପଶ୍ଚିମ ଭାରତରେ ଶିଖ୍ ଶକ୍ତିର ଅଭ୍ୟୁଦୟ ବିଶାଳ ମୋଗଲ ସାମ୍ରାଜ୍ୟର ଅବଶିଷ୍ଟାଂଶକୁ ସମୂଳେ ଧ୍ୱଂସ କରିଥିଲା । ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତ ସେ ପର୍ଯ୍ୟନ୍ତ ବିଶ୍ୱର ସର୍ବବୃହତ୍ ରପ୍ତାନୀକାରୀ ଓ ବିଭବଶାଳୀ ଦେଶରୂପେ ପ୍ରତିଷ୍ଠା ଅର୍ଜନ କରିଥିଲା । ତଥାପି ଭାରତ ଆଧୁନିକ ବିଶ୍ୱ ପ୍ରଗତିଧାରାର ବହୁ ପଛରେ ପଡ଼ିରହିଥିଲା ।

## ୪.୪ ସାଂସ୍କୃତିକ ବିକାଶ

କଳା ଓ ସ୍ଥାପତ୍ୟର ବିକାଶ କ୍ଷେତ୍ରରେ ଏହି ଯୁଗର ଶାସକମାନେ ଯଥେଷ୍ଟ ଯତ୍ନବାନ ଥିଲେ । ସାଂସ୍କୃତିକ ସମ୍ମିଶ୍ରଣର ଧାରା ଓ ବୈଶିଷ୍ଟ୍ୟର ପ୍ରମାଣ ସ୍ୱରୂପ, ମଧ୍ୟଯୁଗର କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଏହା ପ୍ରତିଭାତ ହୋଇଥିଲା ।





ଫଳରେ ହିନ୍ଦୁ ଓ ମୁସଲିମ୍ ନିର୍ମାଣ ଶୈଳୀର ସମନ୍ୱୟରେ ଏକ ନୂତନ ଇଣ୍ଡୋ-ଇସ୍‌ଲାମୀୟ ଶୈଳୀର ପରିପ୍ରକାଶ ଘଟିଥିଲା । ଏହି ନୂତନ ଶୈଳୀର ସ୍ଥାପତ୍ୟର ପାର୍ଥକ୍ୟ ସୂଚକ ଲକ୍ଷଣଗୁଡ଼ିକ (କ) ଗମ୍ବୁଜ, (ଖ) ସୁଉଚ୍ଚ ଅଗ୍ରଭାଗ, (ଗ) ଅର୍ଦ୍ଧବୃତ୍ତାକାର ନିର୍ମାଣ ଓ (ଘ) ଖିଲାଣଯୁକ୍ତ ଉଚ୍ଚ ଗୋଲାକାର ଗମ୍ବୁଜ ମଧ୍ୟରେ ନିହିତ ଥିଲା ।

ମୋଗଲ ଶାସକଗଣ ପ୍ରକୃତିର ଉପାସକ ଥିଲେ । ମନୋରମ ଦୁର୍ଗ ଓ ସୁସଜ୍ଜିତ ଉଦ୍ୟାନ ନିର୍ମାଣରେ ସେମାନେ ଆନନ୍ଦ ଉପଲବ୍ଧି କରୁଥିଲେ । ଏହି କ୍ରମରେ ଶାଲିମାରବାଗ୍ ଓ ନିଶାତ୍‌ବାଗ୍‌ଠାରେ ନିର୍ମିତ ମୋଗଲ ଉଦ୍ୟାନଗୁଡ଼ିକ ଆମ ସାଂସ୍କୃତିକ ପରମ୍ପରାର ସର୍ବୋତ୍କୃଷ୍ଟ ଉଦାହରଣ । ଏଠାରେ ଥିବା ଜଳଫୁଆରା ଓ କୃତ୍ରିମ ଝରଣାଗୁଡ଼ିକ କୋଣକୁ କୋଣ ଛକ ଚିହ୍ନିତ ଆକାରରେ ସଜ୍ଜିତ କରାଯାଇଥିଲା । ଏହି ଉଦ୍ୟାନଗୁଡ଼ିକ ବିଭିନ୍ନ ସ୍ତର ଦେଇ ବିସ୍ତୃତ ଥିଲା । ଜଳଧାରାଗୁଡ଼ିକ ଉପରୁ ତଳକୁ ଖସୁଥିଲାବେଳେ ଛୋଟ ଛୋଟ ସ୍ରୋତରେ ବିଭକ୍ତ ହେଉଥିଲା ଓ ଏହାର ପୃଷ୍ଠଭୂମିରେ ଆଲୋକ ବର୍ତ୍ତିକା ପ୍ରଜ୍ୱଳିତ ହୋଇ କ୍ଷୀଣ ଆଲୋକ ପ୍ରଦାନ କରୁଥିଲା ଯାହା ପରିବେଶକୁ ସୌନ୍ଦର୍ଯ୍ୟମୟ କରୁଥିଲା । ଏହି ଜଳଧାରା ଢ଼ାଲୁ ପଥର ପାହାଚ ଦେଇ ମଧ୍ୟ ଧିରେ ଧିରେ ପ୍ରବାହିତ ହେଉଥିଲା । ଶାଲିମାର ବାଗ୍, ଉଦ୍ୟାନରେ ଏହି ସୁବିଧା ଦେଖିବାକୁ ମିଳିଥିଲା । ଏହା ବର୍ତ୍ତମାନ ପାକିସ୍ଥାନର ଲାହୋରଠାରେ ଅବସ୍ଥିତ । ଏହି ଲାହୋର ଉଦ୍ୟାନଟି ତ୍ରି-ସ୍ତରୀୟ ।  ଭାରତରେ ଏହାଠାରୁ ଉତ୍କୃଷ୍ଟ ଉଦାହରଣ କାଲ୍‌କା-ଚଣ୍ଡିଗଡ଼ ରୋଡ ପିଞ୍ଜୋର ଉଦ୍ୟାନଠାରେ ସପ୍ତ-ସ୍ତରୀୟ ବଗିଚା ଦେଖିବାକୁ ମିଳିଥାଏ । ଏହା ଇଂରେଜ ଶାସକମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ସେମାନେ ଏଭଳି ଏକ ତ୍ରି-ସ୍ତରୀୟ ଉଦ୍ୟାନ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତିଭବନଠାରେ ଭାଇସ-ରିଗାଲଲଜରେ ନୂଆକରି ନିର୍ମାଣ କରିଥିଲେ । ପୁନଶ୍ଚ, ଏହି ଶୈଳୀର ଅନୁସରଣରେ ମହୀଶୂରର ବୃନ୍ଦାବନ ଗାର୍ଡେନ୍ ମଧ୍ୟ ବିଂଶ ଶତାବ୍ଦୀରେ ନିର୍ମିତ ହୋଇଥିଲା ।

ପିଏତ୍ରାଦୁରା ବା ଶ୍ୱେତ-ମର୍ମର ମାର୍ବଲ ପଥରଖଣ୍ଡ ଉପରେ ଚିତ୍ରିତ ରଙ୍ଗୀନ୍ ପଥରର ସୂକ୍ଷ୍ମ କାରୁକାର୍ଯ୍ୟ ମଣ୍ଡିତ କଳାନୈପୁଣ୍ୟ, ସମ୍ରାଟ ଶାହାଜାହାନଙ୍କ ସମୟରେ ଅତ୍ୟନ୍ତ ଆଦର ଲାଭ କରିଥିଲା । ଏହି କଳାକୃତିର ଉତ୍କୃଷ୍ଟ ଉଦାହରଣ ଦିଲ୍ଲୀର ଲାଲକିଲ୍ଲା ଓ ଆଗ୍ରାର ତାଜମହଲଠାରେ ଦୃଶ୍ୟମାନ ହୋଇଥାଏ । ଏହାବ୍ୟତୀତ ଏହି କଳାକୃତି ଓ ନିର୍ମାଣର ସ୍ମାରକୀ ସ୍ୱରୂପ ଫତେପୁର ସିକ୍ରୀର ଦୁର୍ଗ ପରିସର, ଆଗ୍ରା, ଦିଲ୍ଲୀ ଓ ଲାହୋରର ମସଜିଦ୍, ଦୁର୍ଗ ପ୍ରଭୃତି ଆଜି ମଧ୍ୟ ଆମର ସାଂସ୍କୃତିକ ଐତିହ୍ୟର ଗୁରୁତ୍ୱପୂର୍ଣ୍ଣ ବିଭବ ରୂପେ ପରିଗଣିତ । ଏହି ସମୟରେ ଇତିହାସର ପୃଷ୍ଠା ମଣ୍ଡନ କରି ଅନେକ ମସଜିଦ୍ ଗମ୍ବୁଜ ଓ ରାଜାମାନଙ୍କର ସମାଧି-ସୌଧ ଏବଂ ଦରଘାର ନିର୍ମାଣ କାହାଣୀ ସ୍ଥାପତ୍ୟ ଜଗତରେ ପ୍ରାଧାନ୍ୟ ବିସ୍ତାର କରି ଭୂ-ଭାଗର ଶୋଭାବର୍ଦ୍ଧନ କରିଥିଲା ।

## ମୁଦ୍ରା

ମୁଦ୍ରା ଅନୁଧ୍ୟାନ ବିଦ୍ୟାକୁ ମୁଦ୍ରାତତ୍ତ୍ୱ (Numismatic) କୁହାଯାଇଥାଏ, ଯାହା ଅତୀତର ଯେ କୌଣସି ଯୁଗର ଇତିହାସ ସମ୍ବନ୍ଧରେ ଉତ୍ତମ ଓ ଉପଯୋଗୀ ତଥ୍ୟ ପ୍ରଦାନ କରିଥାଏ । ମୁସଲମାନ ଶାସନ କାଳରେ ପ୍ରଚଳିତ ମୁଦ୍ରାଗୁଡ଼ିକ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେଗୁଡ଼ିକର ଢ଼ାଞ୍ଚା, ନିର୍ମାଣ ଶୈଳୀ ଓ ସଂକେତ ତତ୍‌କାଳୀନ ସମୟର ଯଥେଷ୍ଟ ସୂଚନା ପ୍ରଦାନ କରିଥାଏ । ମୁଦ୍ରାଗୁଡ଼ିକର ଅଭିଲେଖରୁ ଅନେକ ସମୟରେ ତତ୍‌କାଳୀନ ଶାସକ, ସେମାନଙ୍କ ବଂଶ ପରିଚୟ ଓ ସାମ୍ରାଜ୍ୟ ପରିସୀମା ସଂପର୍କରେ ସୂଚନା ମଧ୍ୟ ମିଳିଥାଏ । ମହମ୍ମଦ ତୋଗଲକ୍‌ଙ୍କ ସମୟରେ ଅନ୍ୟୁନ ପଚିଶ ପ୍ରକାର ବିଭିନ୍ନ ମୁଦ୍ରା ଦିଲ୍ଲୀ, ଦୌଲତାବାଦ ଓ ଅନ୍ୟାନ୍ୟ ପ୍ରାଦେଶିକ ରାଜ୍ୟରେ ଅବସ୍ଥିତ ମୁଦ୍ରାଶାଳାରେ ନିର୍ମିତ ହୋଇଥିଲା ।





## ପାଠଗତ ପ୍ରଶ୍ନାବଳୀ ୪.୨

୧. ଖଳିଫା ଓ ସୁଲତାନଙ୍କ ନାମ ______________ ରେ ପଢ଼ାଯାଉଥିଲା ।

୨. ______________ ଜଣେ ଆଫଗାନ ଶାସକ ଯିଏ ମୋଗଲ ଶାସକ ହୁମାୟୁନଙ୍କୁ ପ୍ରତିରୋଧ କରି ୧୫ ବର୍ଷ ଧରି ଦିଲ୍ଲୀ ସିଂହାସନରୁ ଦୂରେଇ ରଖିଥିଲେ ।

୩. ନିଜର ସାମ୍ରାଜ୍ୟବାଦୀ ଇଚ୍ଛାକୁ ପୂରଣ କରିବାପାଇଁ ଆକବର ______________ ରାଜବଂଶ ସହିତ ବୈବାହିକ ସଂପର୍କ ସ୍ଥାପନ କରିଥିଲେ ।

୪. ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ______________ ନାମରେ ବ୍ରିଟିଶ ଶାସକ ସମୟରେ ନାମିତ ହୋଇଥିଲା ।

୫. ପିଏତ୍ରାଦୂରା ବା ରଙ୍ଗୀନ୍ ମାର୍ବଲ ପ୍ରସ୍ତର ଉପରେ ସୂକ୍ଷ୍ମ ଚିତ୍ରକଳା ______________ଙ୍କ ସମୟରେ ଲୋକପ୍ରିତା ହାସଲ କରିଥିଲା ।

## ୪.୫ ଭକ୍ତି ଆନ୍ଦୋଳନ

ସୁଫୀ ମତବାଦ ଭଳି ଭକ୍ତି ମତବାଦ ମଧ ସେ ସମୟରେ ଦେଖିବାକୁ ମିଳିଥିଲା । ସେମାନଙ୍କ ଧର୍ମମତ ସହ ସୁଫୀ ମତବାଦର ଅନେକ ସାମଞ୍ଜସ୍ୟ ଥିଲା । ଏହି ଭକ୍ତିମତବାଦର ସନ୍ଥମାନେ ଦୀର୍ଘଦିନ ଧରି ଧାର୍ମିକ ଶିକ୍ଷାଦେଇ ଆସିଥିଲେ । ଗ୍ରାମାଞ୍ଚଳର କାରିଗର ଓ ବ୍ୟବସାୟୀ ଗୋଷ୍ଠୀଙ୍କ ମଧ୍ୟରେ ଭକ୍ତି ଆନ୍ଦୋଳନର ସନ୍ଥମାନେ ଗଭୀର ପ୍ରଭାବ ପକାଇ ପାରିଥିଲେ ।

ଉଭୟ ସୁଫୀ ଓ ଭକ୍ତି ଆନ୍ଦୋଳନ ପ୍ରେମ ଓ ଭକ୍ତି ଉପରେ ପ୍ରତିଷ୍ଠିତ ଥିଲା । ସେମାନଙ୍କର ମୁଖ୍ୟ ବିଶ୍ୱାସ ଥିଲା ଈଶ୍ୱର ଚିର ଶାଶ୍ୱତ । ଆତ୍ମା ଓ ପରମାତ୍ମା ମଧ୍ୟରେ ସଂଯୋଗ ରକ୍ଷା କରିବା ଭକ୍ତି ଆନ୍ଦୋଳନର ପ୍ରକୃତ ଲକ୍ଷ୍ୟ । ଏହାକୁ ପାଳନ କରିବା ପାଇଁ ଜଣେ ଗୁରୁ ବା ପୀରଙ୍କର ଆବଶ୍ୟକତା ଥିଲା ।

ଭକ୍ତି ଆନ୍ଦୋଳନର ସନ୍ଥମାନେ ସମାଜରେ ପ୍ରଚଳିତ ଅର୍ଥହୀନ ପୂଜାପଦ୍ଧତି ଓ ଧର୍ମୀୟ ଜଟିଳତା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥିଲେ । ସେମାନେ ଜାତିପ୍ରଥାକୁ ଘୃଣା କରିବା ସହ ଧର୍ମୀୟ କାର୍ଯ୍ୟରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିଥିଲେ । ସମସ୍ତ ପ୍ରକାର ଧର୍ମ ପ୍ରଚାର ଆଞ୍ଚଳିକ କଥିତ ଭାଷାରେ କରାଯାଉଥିଲା । ଏହା ସର୍ବସାଧାରଣଙ୍କର ବୋଧଗମ୍ୟ ହୋଇପାରିଥିଲା ।

ଭକ୍ତି ଆନ୍ଦୋଳନର ସନ୍ଥମାନେ ଭିନ୍ନ ଭିନ୍ନ ପୃଷ୍ଠଭୂମିରୁ ଆସିଥିଲେ । ସାଧାରଣତଃ ସମାଜର ନିମ୍ନଶ୍ରେଣୀରୁ ଆସିଥିବା ଏହି ସନ୍ଥମାନେ ଭକ୍ତି ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଥିଲେ ।

ଏହି ଭକ୍ତି ଆନ୍ଦୋଳନ ଦକ୍ଷିଣ ଭାରତରେ ସଂଗଠିତ ହୋଇଥିଲା । ଏହାର ସ୍ପଷ୍ଟ ପ୍ରତିଛବି ତାମିଲନାଡୁର ନୟନାର ଓ ଅଲୱାର ସଂପ୍ରଦାୟ ଦ୍ୱାରା ରଚିତ ଭାବବ୍ୟଞ୍ଜକ ପଦାବଳୀରେ ଦେଖିବାକୁ ମିଳିଥାଏ । ଏହାର ବିଶଦ୍ ବର୍ଣ୍ଣନା ଅନ୍ୟ ଅଧାୟରେ କରାଯାଇଅଛି ।

### ଗୁରୁ ନାନକ

ଗୁରୁ ନାନକ ଏକ କ୍ଷତ୍ରିୟ ପରିବାରରେ ଲାହୋର ନିକଟବର୍ତ୍ତୀ ତଲୱାଣ୍ଡି ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ଏହି ସ୍ଥାନକୁ ଆଧୁନିକ ନାନକାନା ସହିତ ଚିହ୍ନିତ କରାଯାଏ । ଉଚ୍ଚ-ଶିକ୍ଷାରେ ମନ ନଦେଇ ନାନକ ବାଲ୍ୟକାଳରୁ



ସର୍ବଦା ସୁଫୀ ସାଧୁସନ୍ଥଙ୍କ ସହ ମିଶି ଆନନ୍ଦିତ ହେଉଥିଲେ । ଏହି ଆଗ୍ରହ ଯୋଗୁଁ ସେ ଦିନେ ହଠାତ୍ ଗୃହତ୍ୟାଗୀ ହୋଇ ସାଧୁସନ୍ଥମାନଙ୍କ ସହ ମିଶିଥିଲେ । ସେ ରଚନା କରିଥିବା ସ୍ତୋତ୍ର ଓ ପ୍ରାର୍ଥନାଗୁଡ଼ିକୁ ସେ ମଧୁର ସ୍ୱରରେ ‘ରବାବ୍’ ବାଦ୍ୟଯନ୍ତ୍ର ବଜାଇ ଗାନ କରୁଥିଲେ । ତାଙ୍କ ରଚିତ ପ୍ରାର୍ଥନାଗୁଡ଼ିକ ଏବେ ମଧ ଅତ୍ୟନ୍ତ ଲୋକପ୍ରିୟ । ଈଶ୍ୱରଙ୍କ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ ଉପରେ ସେ ଗୁରୁତ୍ୱ ଦେଉଥିଲେ । ବିଭିନ୍ନ କର୍ମକାଣ୍ଡ, ମୂର୍ତ୍ତିପୂଜା, ତୀର୍ଥଯାତ୍ରା ଓ ବଳି ପ୍ରଥାକୁ ସେ ମୂଲ୍ୟହୀନ ବୋଲି ବର୍ଣ୍ଣନା କରି ଏକମାତ୍ର ଈଶ୍ୱରଭକ୍ତିକୁ ପରମଧର୍ମ ବୋଲି ପ୍ରଚାର କରିଥିଲେ । ନିଜର ସଦ୍‌ଚରିତ୍ର ଓ ଶୁଦ୍ଧ ଆଚରଣ ମଧ ଈଶ୍ୱର ପ୍ରାପ୍ତିରେ ସହାୟକ ହୋଇପାରିବ ବୋଲି ସେ କହୁଥିଲେ । ଜଣେ ବ୍ୟକ୍ତି ସାଂସାରିକ ଜୀବନଯାପନ କରିବା ସହିତ ପବିତ୍ର ଜୀବନଯାପନ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

## ରାମାନୁଜ


ଦାକ୍ଷିଣାତ୍ୟରେ ପ୍ରଥମେ ରାମାନୁଜ ଲୋକମାନଙ୍କର ସାଧାରଣ କଥିତ ଭାଷାରେ ଭକ୍ତିବାଦ ପ୍ରଚାର କରିଥିଲେ । ତାଙ୍କର ପ୍ରିୟ ଶିଷ୍ୟ ଥିଲେ ରାମାନନ୍ଦ । ସେ ନିଜର ଗୁରୁଙ୍କ ବାଣୀକୁ ସମଗ୍ର ଉତ୍ତର ଭାରତରେ ପ୍ରଚାର କରିଥିଲେ ।



## ରାମାନନ୍ଦ

ରାମାନନ୍ଦ ଆଲ୍‌ହାବାଦଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ବାରାଣସୀଠାରେ ନିଜର ଶିକ୍ଷା ଗ୍ରହଣ କରିଥିଲେ । ହିନ୍ଦୁ ଧର୍ମରେ ପ୍ରବେଶ କରିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବାକୁ ସେ ଚେଷ୍ଟା କରିଥିଲେ । କେହି ଉଚ୍ଚ ଜାତିରେ ବା ନୀଚ ଜାତିରେ ଜନ୍ମ ହୋଇଥିଲେ ମଧ ଈଶ୍ୱରଙ୍କର ସମସ୍ତେ ସନ୍ତାନ । ଶିଷ୍ୟ ଗ୍ରହଣ କରିବାରେ ତାଙ୍କ ପାଖରେ ଧର୍ମ, ଜାତି ଓ ଲିଙ୍ଗର ପ୍ରତିବନ୍ଧକ ନଥିଲା । ଉଦାହରଣ ସ୍ୱରୂପ, ତାଙ୍କର ଶିଷ୍ୟ କବୀର ଥିଲେ ତନ୍ତୀ, ସାଧନ ଥିଲେ ଜଣେ କଂସେଇ, ରବିଦାସ ଥିଲେ ଜଣେ ମୋଚି ଏବଂ ସେନା ଥିଲେ ଜଣେ ନାପିତ ।

## କବୀର



କବୀର ଥିଲେ ସନ୍ଥ ରାମାନନ୍ଦଙ୍କ ପ୍ରିୟ ଶିଷ୍ୟ । ନାନକଙ୍କ ପରି ସେ ମଧ୍ୟଯୁଗୀୟ ଧର୍ମାନ୍ଧତା ମୂଳରେ କୁଠାରାଘାତ କରିଥିଲେ । ହିନ୍ଦୁ ଓ ମୁସଲମାନ ସଂପ୍ରଦାୟ ମଧ୍ୟରେ ସ୍ନେହ ଓ ସଦ୍‌ଭାବ ପ୍ରତିଷ୍ଠା କରିବା ତାଙ୍କର ମହାନ୍ ଲକ୍ଷ୍ୟଥିଲା । ସେ ଗୋଟିଏ ଗରୀବ ମୁସଲମାନ୍ ତନ୍ତୀ ପରିବାରରେ ଜନ୍ମ ଗ୍ରହଣ କରିଥବଲେ । କବୀର ପ୍ରତିମା ପୂଜା, ତୀର୍ଥଯାତ୍ରା ଓ ପବିତ୍ର ନଦୀରେ ସ୍ନାନ କରିବାର ପରମ୍ପରାକୁ ବିରୋଧ କରି କେବଳ ଭକ୍ତି ଓ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କୁ ଅନୁଭବ

କରିବାର ବାଣୀ ପ୍ରଚାର କରିଥିଲେ । ଈଶ୍ୱର ଭକ୍ତି ଦ୍ୱାରା ଉଭୟ ଧର୍ମାବଲମ୍ବୀମାନଙ୍କୁ ଏକତାବଦ୍ଧ କରି ଗୋଟିଏ ଧର୍ମ ପ୍ରଚଳନ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ସମଗ୍ର ବିଶ୍ୱର ସ୍ରଷ୍ଟା ଈଶ୍ୱର ହେଉଛନ୍ତି ଏକ ଓ ଅଭିନ୍ନ ବୋଲି ସେ ବିଶ୍ୱାସ କରୁଥିଲେ । ତାଙ୍କ ପାଇଁ ଈଶ୍ୱରଙ୍କ ନାମ ଥିଲା ଅନେକ ଯଥା – ରାମ, ଗୋବିନ୍ଦ, ହରି, ଆଲ୍ଲାହା ଇତ୍ୟାଦି । ହିନ୍ଦୀଭାଷାରେ ରଚିତ ତାଙ୍କର ପଦାବଳୀକୁ ଦୋହା କୁହାଯାଉଥିଲା ଓ ଏହା ଖୁବ୍ ପ୍ରଭାବଶାଳୀ ଥିଲା ।

## ଚୈତନ୍ୟ ମହାପ୍ରଭୁ



ଅନ୍ୟତମ ପ୍ରବକ୍ତା ଶ୍ରୀଚୈତନ୍ୟ ମହାପ୍ରଭୁ ବଙ୍ଗଳାର ନବଦ୍ୱୀପରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ସେ ଥିଲେ ପରମ ଭକ୍ତ । ନିଜେ ଜଣେ ବ୍ରାହ୍ମଣ ହୋଇଥିଲେ ମଧ୍ୟ ବ୍ରାହ୍ମଣମାନଙ୍କର କର୍ମକାଣ୍ଡ, ପୂଜା ପଦ୍ଧତି ଓ ଜାତିପ୍ରଥାକୁ ବିରୋଧ କରିଥିଲେ । ତାଙ୍କ ମତରେ ଈଶ୍ୱରଙ୍କ ଆଗରେ ସମସ୍ତେ ଥିଲେ ସମାନ । କେବଳ ଭକ୍ତି ଓ ପ୍ରେମ ଦ୍ୱାରା ଈଶ୍ୱରପ୍ରାପ୍ତି ସମ୍ଭବ ହୋଇପାରିବ । ନାମ ସଂକୀର୍ତ୍ତନ ଥିଲା ତାଙ୍କ ଧର୍ମ ପ୍ରଚାରର ମାଧ୍ୟମ ।

## ମୀରାବାଈ



ଭକ୍ତି ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ମୀରାବାଈ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କର ପରମ ଭକ୍ତ ଥିଲେ । ଶ୍ରୀ ଚୈତନ୍ୟଙ୍କ ପରି ସେ ମଧ୍ୟ କୃଷ୍ଣ ପ୍ରେମ ପ୍ରଚାରରେ ମନୋନିବେଶ କରିବା ସହ କୃଷ୍ଣଙ୍କ ନାମ ସଂକୀର୍ତ୍ତନକୁ ଗୁରୁତ୍ୱ ଦେଇଥିଲେ ।

## ନାମଦେବ

ନାମଦେବ ପେଷାରେ ଜଣେ ଦରଜୀ ଥିଲେ । ସେ ମରାଠୀ ଭାଷାରେ ଅନେକ ପଦ୍ୟ ଓ ସ୍ତୋତ୍ର ରଚନା କରିଥିଲେ ।

## ଭକ୍ତି ଆନ୍ଦୋଳନର ଲୋକପ୍ରିୟତା

ଭକ୍ତି ଆନ୍ଦୋଳନ କିପରି ଲୋକପ୍ରିୟତା ହାସଲ କରିଥିଲା ? ଏହାର କାରଣ ଥିଲା ଜାତିପ୍ରଥାର ବିରୋଧ ଓ ସମାଜରେ ବ୍ରାହ୍ମଣମାନଙ୍କର ଗୁରୁତ୍ୱ ହ୍ରାସ । ସମାଜ ମଧ୍ୟରେ ଏକତା ଓ ଭ୍ରାତୃତ୍ୱର ଆବଶ୍ୟକତାକୁ ଭକ୍ତି ଆନ୍ଦୋଳନ ଗୁରୁତ୍ୱ ପ୍ରଦାନ କରିଥିଲା । ସୁଫୀ ସନ୍ଥମାନେ ମଧ୍ୟ ଏହି ମନ୍ତ୍ର ପ୍ରଚାର କରିଥିଲେ ।

ସମସ୍ତ ଭକ୍ତି ଆନ୍ଦୋଳନର ପ୍ରବକ୍ତାମାନେ ଈଶ୍ୱର ଏକ ଓ ଅଭିନ୍ନ ବୋଲି ଗୁରୁତ୍ୱ ଦେଇଥିଲେ । କେବଳ ଭକ୍ତି ଓ ପ୍ରେମ ଦ୍ୱାରା ଈଶ୍ୱରଙ୍କୁ ପାଇହେବ । ଅନ୍ଧବିଶ୍ୱାସ, ଧର୍ମାନ୍ଧତା ଓ ଧର୍ମୀୟ ଜଟିଳତାକୁ ସେମାନେ ଅଗ୍ରାହ୍ୟ କରିଥିଲେ ।

ଉତ୍ତର–ଭାରତରେ ଏହି ଭକ୍ତି ଆନ୍ଦୋଳନ ନିର୍ଗୁଣ ଭକ୍ତି ଓ ସଗୁଣଭକ୍ତି ନାମରେ ଦୁଇଟି ଧାରାରେ ବିଭକ୍ତ ହୋଇଥିଲା । ନିର୍ଗୁଣ ଭକ୍ତି ଭାବର ସମର୍ଥକମାନେ ଈଶ୍ୱରଙ୍କୁ ରାମ, ଗୋବିନ୍ଦ, ହରି ଓ ରଘୁନାଥ ନାମରେ ବିଶ୍ୱାସ କରୁଥିଲେ । କବୀର ଓ ନାନକ ଥିଲେ ଏ ନିର୍ଗୁଣ ଭକ୍ତି ଆନ୍ଦୋଳନର ପ୍ରବକ୍ତା । ସଗୁଣ ଭକ୍ତି ଭାବର ସମର୍ଥକମାନେ ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ଓ ଦେବକୀ, ବସୁଦେବଙ୍କ ପୁତ୍ର କୃଷ୍ଣଙ୍କୁ ଈଶ୍ୱର ରୂପେ ଗ୍ରହଣ କରିଥିଲେ । ଏହି ସଗୁଣ ଭକ୍ତି ଚେତନାକୁ ଭିତ୍ତି କରି କବି ତୁଳସୀ ଦାସ ତାଙ୍କ ରାମଚରିତ ମାନସ ଗ୍ରନ୍ଥ ଓ ଅନ୍ଧ କବି ସୁର ଦାସ ତାଙ୍କର

ସୁରସାଗର ଗ୍ରନ୍ଥ ରଚନା କରିଥିଲେ । ମୁସଲମାନ କବି ରସଖାନ୍ ମଧ୍ୟ ଏହି ସୁଗୁଣ ଭକ୍ତିବାଦର ଦୃଢ଼ ସମର୍ଥକ ଥିଲେ ।

ପ୍ରଥମତଃ ଭକ୍ତି ଆନ୍ଦୋଳନ ଫଳରେ ସମଗ୍ର ଦେଶରେ ଏକେଶ୍ୱରବାଦର ପ୍ରଚାର ହେବାସହ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ଓ ସଦ୍‌ଭାବ ପ୍ରତିଷ୍ଠା ସମ୍ଭବ ହୋଇପାରିଥିଲା । ଏହି ଆନ୍ଦୋଳନ ସୂଚେଇ ଦେଇଥିଲା ଯେ, ଜାତି ଜାତି ମଧ୍ୟରେ ବିଭେଦ ନାହିଁ । ଦ୍ୱିତୀୟତଃ, ଈଶ୍ୱରଙ୍କ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ ଭାବ ଲୋକମାନଙ୍କୁ ବହୁପରିମାଣରେ ପ୍ରଭାବିତ କରିଥିଲା । ତୃତୀୟତଃ, ଏହି ଆନ୍ଦୋଳନ ଲୋକମାନଙ୍କ ନୈତିକ ଚରିତ୍ରରେ ଅନେକ ପରିବର୍ତ୍ତନ ଆଣିପାରିଥିଲା ।

ଏହାବ୍ୟତୀତ, ଭକ୍ତି ଆନ୍ଦୋଳନର ଗୁରୁ ବା ସନ୍ଥମାନଙ୍କର ବ୍ୟକ୍ତିତ୍ୱ ଭାରତୀୟ ସମାଜ ଉପରେ ଗଭୀର ପ୍ରଭାବ ପକାଇଥିଲା ।

ଭକ୍ତି ଆନ୍ଦୋଳନର ବ୍ୟାପକତା ପରିପ୍ରେକ୍ଷୀରେ ଭାରତବର୍ଷରେ ଅନେକ ଆଧ୍ୟାତ୍ମିକ ଗୁରୁମାନଙ୍କର ଆବିର୍ଭାବ ଘଟିଥିଲା । ଜନସାଧାରଣଙ୍କ ଆଧ୍ୟାତ୍ମିକ ଚେତନାକୁ ପରିପୁଷ୍ଟ କରି ସେମାନଙ୍କୁ ନୀତିବାନ ଓ କର୍ମନିଷ୍ଠ କରିବା ଏହି ଆଧ୍ୟାତ୍ମିକ ଗୁରୁମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶ୍ୱାସ କରାଯାଉଥିଲା ଯେ ଈଶ୍ୱର ସତ୍ତା ଉପଲବ୍ଧ ପାଇଁ ଗୁରୁହିଁ ଏକମାତ୍ର ମାଧ୍ୟମ । ସେ ହିଁ କେବଳ ମନୁଷ୍ୟକୁ ଭକ୍ତିମାର୍ଗରେ ଅଭିନିବେଶ କରିପାରିବେ । ଭାରତବର୍ଷରେ ଗୁରୁ-ଶିଷ୍ୟର ଏହି ମହାର୍ଘ୍ୟ ପରମ୍ପରାରୁ 'ପାହୁଲ'ର ସୃଷ୍ଟି ହୋଇଥିଲା । 'ପାହୁଲ'ର ଅର୍ଥ ହେଉଛି ପବିତ୍ର ଜଳ । ଈଶ୍ୱରପ୍ରାପ୍ତି ଉଦ୍ଦେଶ୍ୟରେ ଗୁରୁଙ୍କ ନିକଟରେ ଶରଣାପନ୍ନ ଶିଷ୍ୟମାନଙ୍କୁ ଆର୍ଶୀବାଦସ୍ୱରୂପ ଅଭିମନ୍ତ୍ରିତ ଜଳ (ପାହୁଲ) ପ୍ରଦାନ କରାଯାଉଥିଲା ।

ମଧ୍ୟଯୁଗୀୟ ସନ୍ଥମାନଙ୍କର ରଚିତ ପଦ୍ୟାବଳୀ ଓ ସଂଗୀତଗୁଡ଼ିକ ଏହି ଭକ୍ତିଭାବ ଧାରାକୁ ବୃଦ୍ଧି କରିବାରେ ସହାୟକ ହୋଇଥିଲା । ସେମାନଙ୍କ ରଚିତ ଗୀତ୍ ଓ କୱାଲି ଜନମାନସକୁ ପ୍ରଭାବିତ କରିବା ସହ ସେମାନଙ୍କୁ ଏକତାବଦ୍ଧ କରିବାରେ ସହାୟକ ହୋଇଥିଲା । ତେଣୁ ଭକ୍ତି ଆନ୍ଦୋଳନ ଆଞ୍ଚଳିକ ଭାଷା ଓ ସାହିତ୍ୟର ବିକାଶ ପାଇଁ ପଥ ପରିଷ୍କାର କରିଥିଲା ।

## ପାଠଗତ ପ୍ରଶ୍ନବଳୀ ୪.୩

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ –

୧. ଭକ୍ତି ଆନ୍ଦୋଳନର ଦୁଇଟି ମୁଖ୍ୟଧାରାର ନାମ କ'ଣ ?

______________________________

୨. ଜଣେ ନିର୍ଗୁଣ ଓ ଜଣେ ସଗୁଣ ଭକ୍ତିବାଦର କବିଙ୍କ ନାମ ଲେଖ ।

______________________________

## ୪.୬ ଲୋକ କଳାର ବିକାଶ

ଗ୍ରାମାଞ୍ଚଳର ଲୋକମାନେ ସେମାନଙ୍କର ସୃଜନଶୀଳତାକୁ ପ୍ରଦର୍ଶନ କରିବାକୁ ବିଭିନ୍ନ କ୍ଷେତ୍ରରେ ସୁବିଧା ସୁଯୋଗ ପାଉଥିଲେ । କୃଷିକାର୍ଯ୍ୟ ସହ ସଂପୃକ୍ତ ଅନେକ କାର୍ଯ୍ୟ ପ୍ରଣାଳୀ ଯଥା – ଜମି ଚାଷ କରିବା, ଚାରା ରୋପଣ

କରିବା, କପା ତୋଳିବା, ଅନାବନା ଅନାବଶ୍ୟକ ଉଦ୍ଭିଦକୁ ଅପସାରଣ କରିବା ସହ ସାମାଜିକ ଉତ୍ସବଗୁଡ଼ିକରେ ନାଚିବା ଓ ଗାଇବା ପାଇଁ ସୁଯୋଗ ପାଉଥିଲେ । ତୁମେ ଏହି କାର୍ଯ୍ୟ ସହ ପରିଚିତ କି ? ହଁ, ତୁମେ ଆଜିକାଲି ଯେଉଁ ପର୍ବପର୍ବାଣୀ, ରୀତିନୀତି, ଆନନ୍ଦ ଉତ୍ସବ ପାଳନ କରୁଅଛ, ତାହା କେଉଁ ପ୍ରାଚୀନ କାଳରୁ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଧାରା ମଧ ଦେଇ ଗତିକରି ଆସିଛି । ଫସଲ ଅମଳ ସମୟ ଓ ବର୍ଷାର ଆଗମନ କାଳକୁ ନୃତ୍ୟ, ଗୀତ, ଆମୋଦ ପ୍ରମୋଦର ସମୟ ବୋଲି ମନେ କରାଯାଉଥିଲା । ଏହି ସମୟରେ ଦେବତାଙ୍କୁ ଆବାହନ କରାଯାଇ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଉଥିଲା । ଏହି ବର୍ଷା ଋତୁରେ ଦୋଳିଖେଳ ଅନ୍ୟ ଏକ ଆକର୍ଷଣ ଥିଲା । ଗ୍ରାମାଞ୍ଚଳରେ ନାରୀମାନେ ଗୀତଗାଇ ଦୋଳି ଖେଳିବା ଓ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମିଳିମିଶି ସୂତାକାଟିବା ଏକ ସାଧାରଣ ଦୃଶ୍ୟ ଥିଲା । ଏହି ଆନନ୍ଦ ବିଭୋର କର୍ମମୁଖର ଜୀବନଯାତ୍ରା ଶୈଳୀ ଭାରତର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ସମାନ ଥିଲା ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ସମୟରେ ପ୍ରତ୍ୟେକ ଅଞ୍ଚଳ ତା'ର ଆଞ୍ଚଳିକତାକୁ ନେଇ ନିଜସ୍ୱ ବହୁବିଧ ବିଚିତ୍ର ନୃତ୍ୟ ଶୈଳୀ ପ୍ରଦର୍ଶନ କରୁଥିଲେ । ତେଣୁ ଗରବା, କାଲବେଲିଆ, ଭାଙ୍ଗଡ଼ା, ଗିଦ୍‌ଧା, ବାଉଁଶନାଚ, ଲବଣୀ ଓ ଆହୁରି ଅସଂଖ୍ୟ ନୃତ୍ୟ ଜନ୍ମ ନେଇଥିଲା । ଏହି ନୃତ୍ୟଗୁଡ଼ିକ ମଧ୍ୟରୁ ଅନେକ ସାଧାରଣତନ୍ତ୍ର ଦିବସ ଓ ଅନ୍ୟାନ୍ୟ ଉତ୍ସବମାନଙ୍କରେ ପ୍ରଦର୍ଶିତ ହୋଇଥାଏ ।

ନାରୀ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉନଥିଲା । ଶିକ୍ଷା ନାରୀମାନଙ୍କର ଅପରିହାର୍ଯ୍ୟ ଆବଶ୍ୟକତା ବୋଲି ମଧ ବିବେଚନା କରାଯାଉନଥିଲା । କିନ୍ତୁ ଏହା ଅନ୍ୟାନ୍ୟ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ନିମନ୍ତେ ପ୍ରତିବନ୍ଧକ ହୋଇନଥିଲା । ସେମାନେ ସୂକ୍ଷ୍ମସୂଚୀ ଶିଳ୍ପକଳା (needlework)ରେ ସେମାନଙ୍କର ସୃଜନଶୀଳତାକୁ ପ୍ରଦର୍ଶିତ କରୁଥିଲେ । ରାଜସ୍ଥାନୀ ଝିଅମାନେ ଓଢ଼ଣୀ, ଜାମା ଓ ଘାଗରା ପ୍ରଭୃତିରେ ସୁନ୍ଦର ସୂଚୀ କାମର ନକ୍ସା ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ରାଜସ୍ଥାନୀମାନେ ମଧ ବାନ୍ଧକଳାର ଉତ୍କୃଷ୍ଟ ନମୁନା ଛାଡ଼ିଯାଇଛନ୍ତି ଯାହା ଉଭୟ ପୁରୁଷ ଓ ନାରୀମାନଙ୍କର ବ୍ୟବହୃତ ପୋଷାକପତ୍ରରେ ବୁଣାଯାଉଥିଲା । ଆଜିମଧ ରାଜସ୍ଥାନୀମାନେ ସବୁଠାରୁ ଅଧିକ ରଙ୍ଗବେରଙ୍ଗ ପୋଷାକ ପରିଧାନ କରୁଥିବାର ଦେଖିବାକୁ ମିଳିଥାଏ । ସେମାନଙ୍କର ଆଡ଼ମ୍ବରପୂର୍ଣ୍ଣ ଜୀବନ ଶୈଳୀ ଆମେ ସେମାନଙ୍କର ଭାରବାହୀ ପଶୁ ଘୋଡ଼ା, ବଳଦ, ଓଟ ଓ ହାତୀମାନଙ୍କୁ ସଜ୍ଜିତ କରୁଥିବାର ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ହୃଦୟଙ୍ଗମ କରିପାରିବା । ପଞ୍ଜାବର ଝିଅମାନେ ସୁନ୍ଦର ଫୁଲକାରୀ କାମସବୁ ସୃଷ୍ଟି କରୁଥିଲେ । ଲକ୍ଷ୍ନୌ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜାମା, ସାଲୱାର, ଓଢ଼ଣୀ ଓ ଶାଢ଼ୀର ସୁନ୍ଦର ଚିକନ୍ କାମ କରାଯାଉଥିଲା । ଏହାର ପ୍ରାଚୀନତା ଓ ଅସ୍ତିତ୍ୱ ସଂପର୍କରେ ଭରତ (୫ମ ଶତାବ୍ଦୀ) ତାଙ୍କ ନାଟ୍ୟ ଶାସ୍ତ୍ରରେ ଉଲ୍ଲେଖ କରିଯାଇଛନ୍ତି । ଏହା ପ୍ରଥମେ ନାଟ୍ୟଶିଳ୍ପୀ ଓ କଳାକାରମାନେ ବ୍ୟବହାର କରୁଥିଲେ ବୋଲି ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ବର୍ଣ୍ଣିତ । ମହାରାଷ୍ଟ୍ରର ତାମ୍‌ସା ଓ ଲବଣୀ, ମହାରାଷ୍ଟ୍ରର ପାଣ୍ଡବାଣୀ, ଉତ୍ତର ଭାରତର ମେରାସିସ ମାଧମରେ ସେମାନଙ୍କର କଳା କୌଶଳକୁ ସାମାନ୍ୟ ପରିବର୍ତ୍ତନ କରି ପ୍ରଦର୍ଶନ କରୁଥିଲେ ଓ ନିଜସ୍ୱ ଶୈଳୀରେ ଏହାର ବିକାଶ କରିଥିଲେ । ସେହିପରି କଣ୍ଢେଇ ନାଚବାଲା, ଚାରଣ କବି ଓ ମୂକ ଅଭିନେତାମାନେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇ ସେମାନଙ୍କ କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କୁ ଆମୋଦିତ କରୁଥିଲେ । ଶାରୀରିକ ଖେଳ ପ୍ରଦର୍ଶନ କରୁଥିବା ଓ ମ୍ୟାଜିକ୍ ବିଦ୍ୟା ପ୍ରଦର୍ଶନ କରୁଥିବା ଲୋକମାନେ ସ୍ଥାନ ସ୍ଥାନ ବୁଲି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରୁଥିଲେ । କେତେକ ସ୍ଥାନରେ ସମରକଳାର ବିକାଶ ହୋଇଥିଲା ବେଳେ ସାରା ଭାରତରେ ମୁଷ୍ଟିଯୁଦ୍ଧ ଓ ମଲ୍ଲଯୁଦ୍ଧର ଲୋକପ୍ରିୟତା ଅତି ପ୍ରାଚୀନକାଳରୁ ପ୍ରଚଳିତ ଥିଲା ।

## ପାଠଗତ ପ୍ରଶ୍ନବଳୀ ୪.୪

୧. ଯେ କୌଣସି ଦୁଇଟି ଲୋକନୃତ୍ୟର ନାମ ଲେଖ ।

___

୨. ଗୋଟିଏ ପ୍ରସିଦ୍ଧ ସୂଚୀଶିଳ୍ପକଳା ଯାହା ଭାରତରେ ବିକଶିତ ହୋଇଥିଲା, ତା'ର ନାମ ଲେଖ ।

___

## ୪.୭ ଚିତ୍ରକଳା

ଇସଲାମୀୟ ସଂସ୍କୃତିକୁ ପ୍ରଭାବିତ କରିଥିବା ଅନ୍ୟତମ ଉପାଦାନ ହେଉଛି ଚିତ୍ରକଳା । ହୁମାୟୁନ ବାରବର୍ଷରୁ ଊର୍ଦ୍ଧ୍ୱକାଳ ଜଣେ ଶରଣାର୍ଥୀଭାବରେ ପାରସ୍ୟରେ ବସବାସ କରୁଥିଲେ । ୧୫୫୫ ଖ୍ରୀଷ୍ଟାବ୍ଦରେ ସେ ଦିଲ୍ଲୀର ସିଂହାସନ ଆରୋହଣ କରିବାପରେ ସେ ନିଜ ସାଙ୍ଗରେ ପାରସ୍ୟରୁ କିଛି ଚିତ୍ରକରଙ୍କୁ ଭାରତ ଆଣିଥିଲେ । ସେମାନଙ୍କ ମଧ୍ୟରୁ ମୀରସୟଦ ଅଲ୍ଲୀ ଓ ଅବଦୁସ ସମାଦ ଚିତ୍ରକଳା ଜଗତର ଯଥେଷ୍ଟ ପୁଷ୍ଟିସାଧନ କରିଥିଲେ । ୧୨୦୦ ଚିତ୍ର ସ୍ଥାନ ପାଇଥିବା ଦାସ୍ତାନ୍-ଇ-ଅମୀର ହମଜା ଏହାର ଉଦାହରଣ । ଏହି ସମୟରେ ଅନେକ ରେଖାଚିତ୍ର ଓ କ୍ଷୁଦ୍ର ଚିତ୍ର ପ୍ରସ୍ତୁତ କରାଯାଇଥିଲା । ଚିତ୍ରକଳା ସହ ଅନେକ ଚିତ୍ରକାର ସଂଗୀତକୁ ମିଶ୍ରଣ କରି ବିଭିନ୍ନ ରାଗକୁ ଆଧାର କରି ଚିତ୍ର ଅଙ୍କନ କରିଥିଲେ । ଋତୁଚକ୍ରର ଚିତ୍ର ମଧ୍ୟ ସେମାନେ ଆଙ୍କୁଥିଲେ । ଏହି ସମୟର ଚିତ୍ରକରମାନେ ଚିତ୍ର ଅଙ୍କନରେ ଅଦ୍ଭୁତ ପାରଦର୍ଶିତା ଦେଖାଇଥିଲେ ।

ଆକବର, ଜାହାଙ୍ଗୀର ଓ ଶାହଜାହାନ୍ ଚିତ୍ରକଳାର ମହାନ୍ ପୃଷ୍ଠପୋଷକ ଥିବାରୁ ମୋଗଲ ଶିଳ୍ପକଳାର ଅଭ୍ୟୁଦୟ ଘଟିଥିଲା । ପ୍ରଜାବତ୍ସଳ ଶାସକ ଭାବରେ ଆକବର ଚିତ୍ରକଳାକୁ ପ୍ରୋତ୍ସାହିତ କରିଥିଲେ । ସେ ଅନେକ ହିନ୍ଦୁ ଚିତ୍ରକରଙ୍କୁ ନିଜ ଦରବାରରେ ନିଯୁକ୍ତି ଦେଇଥିଲେ । ସେମାନଙ୍କ ମଧ୍ୟରେ ଦଶୱନ୍ତ ଏବଂ ବସୱାନ୍ ଲାଲ ପ୍ରମୁଖ ଥିଲେ । ଫଳରେ ପରବର୍ତ୍ତୀ ସମୟରେ ଭାରତୀୟ ଓ ପାରସିକ ଚିତ୍ରଶୈଳୀର ସମ୍ମିଶ୍ରଣ ସମ୍ଭବ ହୋଇଥିଲା । ଇଉରୋପୀୟମାନଙ୍କର ଭାରତୀୟ ଚିତ୍ରକଳା ଉପରେ ପ୍ରଭାବ ମଧ୍ୟ ପରିଲକ୍ଷିତ ହୋଇଥିଲା ।

ମୋଗଲ ଚିତ୍ରକଳା ଜାହାଙ୍ଗୀରଙ୍କ ସମୟରେ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ସମ୍ରାଟ ଜାହାଙ୍ଗୀର ନିଜେ ମଧ ଜଣେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଥିଲେ । ବିଖ୍ୟାତ ଚିତ୍ରଶିଳ୍ପୀ ଉସ୍ତାଦ୍ ଓ ଆବୁଲ ହାସାନ୍ ତାଙ୍କ ରାଜଦରବାରର ଶୋଭାମଣ୍ଡନ କରିଥିଲେ । ଚିତ୍ରଶିଳ୍ପୀ ମନସୁର କ୍ଷୁଦ୍ରପ୍ରତିକୃତି ଅଙ୍କନରେ ଅପ୍ରତିଦ୍ୱନ୍ଦୀ ଥିଲେ ଓ ପ୍ରସିଦ୍ଧି ଅର୍ଜନ କରିଥିଲେ । ପରବର୍ତ୍ତୀ ସମୟରେ ନିଜର ରାଜନୈତିକ ଅଭିସନ୍ଧି ନିମିତ୍ତ ସଙ୍ଗୀତ ଓ ଚିତ୍ରକଳାର ପୃଷ୍ଠପୋଷକତା ବନ୍ଦ କରିଦେଇଥିଲେ । କେତେକ ପ୍ରାଦେଶିକ ଶାସକ ସେମାନଙ୍କ ପୂର୍ବ ସୂରୀମାନଙ୍କ ପଦାଙ୍କ ଅନୁସରଣ କରି ଚିତ୍ରକରମାନଙ୍କୁ ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ଯୋଗାଇ ଦେଇଥିଲେ । ଫଳରେ ମୋଗଲ ଚିତ୍ରକଳା ବ୍ୟତୀତ ରାଜପୁତ ଓ ପାହାଡ଼ୀ ଚିତ୍ରକଳା ଶୈଳୀର ବିକାଶ ସମ୍ଭବ ହୋଇପାରିଥିଲା । ଏପରିକି ତତ୍‌କାଳୀନ ଉଚ୍ଚବର୍ଗର ସମ୍ଭ୍ରାନ୍ତ ଶ୍ରେଣୀର ଲୋକାମନେ କଳାକାର ଓ ଚିତ୍ରକରମାନଙ୍କୁ ପୃଷ୍ଠପୋଷକତା ଯୋଗାଇ ଦେଇଥିଲେ । ଫଳରେ ଧନୀକ ଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ବାସଗୃହ ହାବେଲୀ ବା ବୃହତ୍ ଅଟ୍ଟାଳିକା ସମୂହ ଓ ମନ୍ଦିରଗୁଡ଼ିକ ସୁନ୍ଦର କାରୁକାର୍ଯ୍ୟ ବିମଣ୍ଡିତ ହୋଇଥିଲା । ରାଜସ୍ଥାନର ଏହି ରାଜକୀୟ ଅଟ୍ଟାଳିକା ସମୂହ ଆଜି ସମଗ୍ର ବିଶ୍ୱର ପର୍ଯ୍ୟଟକମାନଙ୍କୁ ବିପୁଳ ସଂଖ୍ୟାରେ ଆକର୍ଷିତ କରୁଛି । ତୁମେ ଯଦି ସେହି ଅଞ୍ଚଳର ହୋଇଥିବ, ସେଗୁଡ଼ିକୁ ଦେଖିପାରିବ ।

ଏହି ମୋଗଲ ଚିତ୍ରକଳା ଷୋଡ଼ଶ ଓ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଗୋଟିଏ ନୂତନ ଭାରତ-ପାରସିକ କ୍ଷୁଦ୍ର ଚିତ୍ରାକୃତି ଅଙ୍କନ ଶୈଳୀର ଜନ୍ମ ଓ ବିକାଶରେ ସହାୟକ ହୋଇଥିଲା । ମୋଗଲ ଦରବାରର ଚିତ୍ରକରମାନେ ପ୍ରାକୃତିକ ଚିତ୍ରାବଳୀ ସହିତ ମଣିଷ ଓ ପାରମ୍ପରିକତାର ମିଶ୍ରଣ ଘଟାଇଥିଲେ । ସେମାନେ ଯେତେବେଳେ ଭାରତର ପାରମ୍ପରିକ ଚିତ୍ରଶୈଳୀ ସଂସ୍ପର୍ଶରେ ଆସିଲେ ସେମାନେ ଅଧିକ ଜୀବନ୍ତ ରୂପେ ଚିତ୍ର ଆଙ୍କିବାକୁ ସକ୍ଷମ ହୋଇପାରିଥିଲେ । କ୍ଷୁଦ୍ର ପ୍ରତିକୃତି ଅଙ୍କନକଳାରେ ମଧ୍ୟ ଉଲ୍ଲେଖନୀୟ ସଫଳତା ପରିଦୃଷ୍ଟ ହୋଇଥିଲା । ଚିତ୍ରଶିଳ୍ପୀମାନେ ମାସିକ ଦରମାରେ ନିଯୁକ୍ତି ପାଇଥିଲେ । ସେମାନେ ଚିତ୍ର ମାଧ୍ୟମରେ ବିଷୟବସ୍ତୁର ଉପସ୍ଥାପନା କରି ତିନିଗୋଟି ରଚନାତ୍ମକ ସୃଷ୍ଟିକୁ ଲୋକଲୋଚନକୁ ଆଣିଥିଲେ । ସେଗୁଡ଼ିକ ହେଉଛି ଚେଙ୍ଗିଜ୍‌ନାମା, ଜାଫରନାମା ଓ ରାମାୟଣ ।

## ୪.୮ ସଙ୍ଗୀତ

ମୋଗଲ ସମ୍ରାଟ ଆକବର, ଜାହାଙ୍ଗୀର ଓ ଶାହଜାହାନ୍ ଅନେକ ସଙ୍ଗୀତଜ୍ଞଙ୍କୁ ପୃଷ୍ଠପୋଷକତା ଯୋଗାଇ ଦେଇଥିଲେ । ଆକବରଙ୍କ ରାଜଦରବାରରେ ପ୍ରତିଷ୍ଠା ଅର୍ଜନ କରିଥିବା ସଙ୍ଗୀତଜ୍ଞ ତାନସେନ୍ ଶାସ୍ତ୍ରୀୟ ରାଗ ଗାୟନ କରୁଥିଲେ । ଏହି ସଙ୍ଗୀତଜ୍ଞମାନେ ସମ୍ରାଟଙ୍କୁ ଭିନ୍ନ ଭିନ୍ନ ସମୟରେ, ଭିନ୍ନ ଭିନ୍ନ ଋତୁରେ ସମୟୋପଯୋଗୀ ରାଗ ସଙ୍ଗୀତ ଗାନକରି ଆନନ୍ଦ ପ୍ରଦାନ କରୁଥିଲେ ।

ଭାରତରେ ତୁର୍କ-ଆଫଗାନ ଶାସନ କାଳରେ, ଭାରତୀୟ ଓ ଇରାନୀୟ ସଙ୍ଗୀତ ଧାରାର ଏକତ୍ରୀକରଣ ଆରମ୍ଭ ହୋଇଥିଲା । ମୋଗଲ ଶାସନ ସମୟରେ ଏହା ଅଧିକ ବିକାଶ ଲାଭ କରିଥିଲା । ସବୁଠାରୁ କୌତୁହଳର ବିଷୟ ଏହା ଯେ ଆଉରେଙ୍ଗଜେବ୍ ସଙ୍ଗୀତର ପରିପନ୍ଥୀ ଥିଲେ । କିନ୍ତୁ ତାଙ୍କ ଶାସନ ସମୟରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ସର୍ବାଧିକ ପୁସ୍ତକ ପାର୍ସୀ ଭାଷାରେ ଲେଖାଯାଇଥିଲା । ହିନ୍ଦୁସ୍ଥାନୀ ସଙ୍ଗୀତ ନାମରେ ଏକ ନୂତନ ସଙ୍ଗୀତ ଉତ୍ତର-ଭାରତରେ ସୃଷ୍ଟି ହୋଇଥିଲା । ଏହି ସଙ୍ଗୀତ ମଣିଷର ବିଭିନ୍ନ ମାନସିକ ଅବସ୍ଥା ଉପରେ ପ୍ରଭାବ ପକାଇ ପାରୁଥିବା ଏକ ସୁମଧୁର ସଙ୍ଗୀତ ଥିଲା । ରାଗରାଗିଣୀଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯାଇଥିଲା । ଖୟାଲ, ଠୁମ୍‌ରୀ ଓ ଗଜଲର ସୃଷ୍ଟି ଏହି ସମୟରେ ହୋଇଥିଲା । ମୋଗଲ ଦରବାରର ତାନ୍‌ସେନ୍ ଏହି ସଙ୍ଗୀତର ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞ ଥିଲେ । ସେହିପରି ଦକ୍ଷିଣ ଭାରତରେ ମଧ୍ୟ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିର ବିକାଶ ସମ୍ଭବ ହୋଇଥିଲା । ସାଧାରଣ ଲୋକମାନେ ପାରମ୍ପରିକ ଭାବରେ ସେମାନଙ୍କର ଲୋକସଙ୍ଗୀତ ଓ ଲୋକଗାଥାକୁ ସ୍ମୃତିଚାରଣ ନିମନ୍ତେ ସେମାନଙ୍କର ସ୍ଥାନୀୟ ମୁଖ୍ୟଗାୟକ, ଆଲ୍‌ହାଉଦାଲ, ଦୁଲ୍ଲଭଟି, ଜୟମଲ ଫତାଙ୍କ କଣ୍ଠରେ ଜୀବନ୍ତ କରି ରଖିଥିଲେ ।

### ଭାରତ-ମୋଗଲ ସଂସ୍କୃତି

ମୋଗଲ ସମ୍ରାଟମାନେ ଆଫଗାନ୍‌ମାନଙ୍କର ଉପାଧି 'ସୁଲତାନ'କୁ ପରିତ୍ୟାଗ କରି ନିଜକୁ ବାଦ୍‌ଶାହା ବା ସମ୍ରାଟ ଏବଂ ଦୀନ୍-ଇ-ପନାହ ବା ବିଶ୍ୱାସର ସୁରକ୍ଷା ଅଧିକାରୀ ଭାବରେ ଘୋଷଣା କରିଥିଲେ । ରାଜତନ୍ତ୍ରକୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହ ଲୋକମାନଙ୍କର ବିଶ୍ୱାସଭାଜନ ହେବାକୁ ସେମାନେ ପ୍ରଜାମାନଙ୍କୁ 'ଝରୋଖାଦର୍ଶନ' ମାଧ୍ୟମରେ ଦର୍ଶନ ଦେଉଥିଲେ । ଲୋକମାନେ ରାଜଦରବାରରେ ଅର୍ଦ୍ଧନମିତ ହୋଇ ସମ୍ରାଟଙ୍କୁ ସମ୍ମାନ କରିବାର ପରମ୍ପରା ପ୍ରଚଳିତ ଥିଲା । ସମ୍ରାଟଙ୍କ ନିକଟରେ ସମସ୍ତ ରାଜନୈତିକ କ୍ଷମତା ଓ ଧର୍ମ ସମ୍ବନ୍ଧୀୟ କ୍ଷମତା କେନ୍ଦ୍ରୀଭୂତ ହୋଇଥିଲା ।

## ୪.୯ ଆଧୁନିକ ଭାରତୀୟ ଭାଷା ସମୂହର ବିକାଶ

ଏହି ସମୟରେ ବହୁ ଭାରତୀୟ ଭାଷା ସମୂହର ଉତ୍ଥାନ ଏକ ଉଲ୍ଲେଖନୀୟ ଘଟଣା । ଦିଲ୍ଲୀର ଚତୁଃପାର୍ଶ୍ୱକୁ କେନ୍ଦ୍ରକରି ଉର୍ଦ୍ଦୁଭାଷାର ସୃଷ୍ଟି ହୋଇଥିଲା । ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ଆଲ୍ଲାଉଦ୍ଦିନ୍ ଖିଲିଜିଙ୍କ ଦାକ୍ଷିଣାତ୍ୟ





ଅଭିଯାନ ସମୟରେ ନିୟୋଜିତ ସୈନ୍ୟବାହିନୀର ସେନା ଛାଉଣୀରେ ସୈନ୍ୟମାନେ ଉର୍ଦ୍ଦୁଭାଷା ବ୍ୟବହାର କରିଥିଲେ । ପରବର୍ତ୍ତୀ ସମୟରେ ଦାକ୍ଷିଣାତ୍ୟର ବିଜାପୁର ଓ ଗୋଲକୁଣ୍ଡା ରାଜ୍ୟଦ୍ୱୟ ଉର୍ଦ୍ଦୁଭାଷାର ଉତ୍ପତ୍ତିସ୍ଥଳ ରୂପେ ପରିଚିତ ହୋଇଥିଲା । ପରେ ଏହି ଭାଷାରେ ବ୍ୟାକରଣ ଯୁକ୍ତହୋଇ ଏକ ସ୍ୱତନ୍ତ୍ର ଭାଷାରେ ପରିଣତ ହୋଇଥିଲା ।

ସମୟକ୍ରମେ ଶିକ୍ଷିତ ବ୍ୟକ୍ତିମାନଙ୍କ ଦ୍ୱାରା ଏହି ଭାଷା ବ୍ୟବହୃତ ହେଲା । ପ୍ରସିଦ୍ଧ କବି ଅମୀର ଖୁସ୍ରୁ ଉର୍ଦ୍ଦୁ ଭାଷାରେ ଅନେକ କବିତା ରଚନା କରିଥିଲେ ଓ ଭାଷାର ଲୋକପ୍ରିୟତା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀ ମଧ୍ୟରେ ଏହି ଭାଷାରେ କବିତା ବ୍ୟତୀତ ସୁନ୍ଦର ଗଦ୍ୟ, କ୍ଷୁଦ୍ରଗଳ୍ପ, ଉପନ୍ୟାସ ଓ ନାଟକ ପ୍ରଭୃତି ରଚିତ ହୋଇଥିଲା । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଉର୍ଦ୍ଦୁଭାଷା ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ବ୍ୟବହୃତ ହୋଇଥିଲା ଯାହା ସ୍ୱାଧିନତା ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ଉର୍ଦ୍ଦୁ ସହିତ ପ୍ରାୟ ଅନ୍ୟ ସମସ୍ତ ଭାରତୀୟ ଭାଷା ବଙ୍ଗଳା, ଆସାମୀ, ଓଡ଼ିଆ, ଖାରୀବୋଲି, ପଞ୍ଜାବୀ, ଗୁଜୁରାଟୀ, ମରାଠୀ, କାଶ୍ମିରୀ ଓ ସିନ୍ଧି ସହିତ ଦକ୍ଷିଣ ଭାରତର ଚାରୋଟି ଭାଷା ଯଥା – ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲୟାଲମ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା ।

## ୪.୧୦ ନୂତନ ଧର୍ମ ବିଶ୍ୱାସ

ଏହି ଯୁଗରେ ଦୁଇଟି ନୂତନ ଧର୍ମ ବିଶ୍ୱାସ ଭାବେ ଶିଖ୍ ଧର୍ମ ଓ ଜୋରାଷ୍ଟ୍ରୀୟ ଧର୍ମ ଭାରତରେ ବିକାଶ ଲାଭ କରିଥିଲା । କୁସଂସ୍କାରପୂର୍ଣ୍ଣ ହିନ୍ଦୁ ଓ ଇସଲାମ ଧର୍ମରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ସଂସ୍କାର ଆନ୍ଦୋଳନ ଭାରତରେ ଆରମ୍ଭ ହୋଇଥିଲା ।

### ଶିଖ୍ ଧର୍ମ

ଶିଖ୍‌ମାନେ ମୁଖ୍ୟତଃ ପଞ୍ଜାବର ଅଧିବାସୀ ଓ ଆମ ଜନସଂଖ୍ୟାର ଏକ ବୃହତ୍ ଅଂଶର ଅଧିକାରୀ ଥିଲେ । ସଂସ୍କାର ବିରୋଧୀ ରକ୍ଷଣଶୀଳ ଶିଖ୍‌ମାନେ ବିଶ୍ୱାସ କରୁଥିଲେ ଯେ ଏହି ଧର୍ମ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇ ନାନକଙ୍କ ପାଖକୁ ଆସିଛି, ଯାହାଙ୍କର ଆତ୍ମସତ୍ତା ଦ୍ୱିତୀୟ ଓ ପରବର୍ତ୍ତୀ ଗୁରୁମାନଙ୍କ ପାଖରେ ଅବସ୍ଥାନ କରିଅଛି । ଏହି ପ୍ରକ୍ରିୟା ଦଶମ ଗୁରୁ ଗୋବିନ୍ଦ ସିଂହଙ୍କ ପର୍ଯ୍ୟନ୍ତ ଚାଲିଥିଲା ବୋଲି ବିଶ୍ୱାସ କରାଯାଇଥାଏ । ଗୁରୁ ଗୋବିନ୍ଦ ସିଂହ ଆଦିଗ୍ରନ୍ଥକୁ ବା ଗୁରୁ ଗ୍ରନ୍ଥ ସାହେବ ନାମରେ ଯାହା ଲୋକପ୍ରିୟ ଓ ବିଖ୍ୟାତ ତାଙ୍କର ଗୁରୁଭାବେ ସମ୍ମାନ କରିବାକୁ ଆଦେଶ ଦେଇଥିଲେ । କିନ୍ତୁ ଇତିହାସ ଓ ଧର୍ମ ଦର୍ଶନର ଛାତ୍ରମାନେ ବିଶ୍ୱାସ ଓ ଚିନ୍ତା କରନ୍ତି ଯେ, ଏହି ଧର୍ମର ଉତ୍ପତ୍ତି, ଜନ୍ମ ଓ ବିକାଶର ଚେର ଭକ୍ତି ଆନ୍ଦୋଳନର ନିର୍ଗୁଣ ତତ୍ତ୍ୱ ମଧ୍ୟରେ ନିହିତ । ଶିଖ୍‌ମାନେ ମୁଖ୍ୟତଃ ନିରାକାର ବ୍ରହ୍ମର ଉପାସକ । ସମଗ୍ର ବିଶ୍ୱରେ ମାନବ ଏକତା ଓ ସମାନତା ସହ ପାହୁଲ ପରମ୍ପରା ନିମିତ୍ତ ଗୁରୁର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ ଶିଖ୍ ଧର୍ମର ବିଶେଷତ୍ୱ । କେତେକ ସମୟରେ ଗୁରୁ ପଦରେ ତାଙ୍କ ପୁତ୍ରଙ୍କୁ ଓ କେତେକ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଶିଷ୍ୟକୁ ଅଧିଷ୍ଠିତ କରାଯାଉଥିଲା । ପଞ୍ଚମ ଗୁରୁ ଅର୍ଜୁନ ଦେବ ଶିଖମାନଙ୍କୁ ତିନୋଟି ଜିନିଷ ପ୍ରଦାନ କରିଥିଲେ । ପ୍ରଥମଟି ହେଉଛି ଆଦିଗ୍ରନ୍ଥର ନିର୍ଦ୍ଦିଷ୍ଟ ଆକୃତି ଯାହା ପାଞ୍ଚଜଣ ଗୁରୁ ଓ ତାଙ୍କ ସହ ସଂପର୍କିତ ସନ୍ୟାସୀମାନଙ୍କର ଅଭିମତରେ ପରିପୁଷ୍ଟ । ଦ୍ୱିତୀୟଟି ହେଉଛି ବୈଶିଷ୍ଟ୍ୟ ସୂଚକ ଲିପି ଯାହା ଗୁରୁମୁଖୀ ପାଇଁ ଉଦ୍ଦିଷ୍ଟ ଯେଉଁଥିରେ ଆଦିଗ୍ରନ୍ଥ ରଚିତ । ସର୍ବଶେଷରେ ହରମନ୍ଦିର ସାହିବ ବା ସ୍ୱର୍ଣ୍ଣ ମନ୍ଦିର ଓ ଅମୃତସରସ୍ଥିତ ଅକାଳତକତ ଯାହା ଶିଖ ଧର୍ମର ସର୍ବୋଚ୍ଚ ସ୍ଥାନ ଯେଉଁଠୁ ସମସ୍ତ ଶିଖ ଧର୍ମାବଲମ୍ବୀମାନଙ୍କ ପାଇଁ ନିର୍ଦ୍ଦେଶ ଦିଆଯାଏ, ତାହା ପାଇଁ ସ୍ଥାନ ନିରୂପଣ ଓ ଭିତ୍ତିସ୍ଥାପନ ପାଇଁ ଆଦେଶ ପ୍ରଦାନ।

ଦଶମ ଗୁରୁ ଗୋବିନ୍ଦ ସିଂହ ୧୬୯୯ ଖ୍ରୀଷ୍ଟାବ୍ଦରେ ଖାଲସା ସୃଷ୍ଟି କରିଥିଲେ । ଖାଲ୍‌ସା ଶବ୍ଦର ଅର୍ଥ ହେଉଛି ନିର୍ମଳ ବା 'The Pure' ସେ ମଧ୍ୟ 'କ' ଅକ୍ଷରରେ ୫ଟି ପ୍ରତିଜ୍ଞା ପାଳନ କରିବାକୁ ଶିଖ୍‌ମାନଙ୍କୁ ଆଦେଶ ଦେଇଥିଲେ । ସେଗୁଡ଼ିକ ହେଉଛି – (୧) କେଶ (ଲମ୍ବା କେଶ ଓ ଦାଢ଼ି), (୨) କଙ୍ଗା (ପାନିଆ), (୩) କଡ଼ା (ଧାତୁ ନିର୍ମିତ ବଳା), (୪) କୃପାଣ (ଖଣ୍ଡା ବା ଖଡ୍‌ଗ) ଓ (୫) କାଛା (ଆଣ୍ଠୁ ଉପରକୁ ଲମ୍ବିଥିବା ଅନ୍ତର୍ବାସ) । ମୌଳିକଭାବେ ଏହା ଶିଖ୍‌ମାନଙ୍କର ଯୋଦ୍ଧା ବେଶ ଯାହା ସେମାନଙ୍କର ସ୍ୱତନ୍ତ୍ରତାର ପରିଚୟ ଦେଇଥାଏ । ଏହା ସହିତ ତାଙ୍କର ମୃତ୍ୟୁ ପରେ ଆଦିଗ୍ରନ୍ଥ ଶିଖମାନଙ୍କର ଗୁରୁରୂପେ ମାନ୍ୟତା ଲାଭ କରିବ ଓ ସମଗ୍ର ଶିଖ୍ ଜାତି ଏହି ପବିତ୍ର ଗ୍ରନ୍ଥକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ସେ ପୁନର୍ବାର ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

ସଙ୍ଗୀତ ଶିଖ୍‌ଧର୍ମରେ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଅଛି । ସଙ୍ଗୀତ ମାଧ୍ୟମରେ ଜଣେ ସ୍ୱର୍ଗୀୟ ଆଧ୍ୟାତ୍ମିକ ଆନନ୍ଦ ଉପଲବ୍ଧ କରିପାରିବ ବୋଲି ସେମାନଙ୍କର ବିଶ୍ୱାସ ଥିଲା ।

## ଜୋରୋଷ୍ଟ୍ରାରବାଦ

ପାର୍ସୀ ବା ଜୋରୋଷ୍ଟାରିଆନ୍ ଧର୍ମ ଜୋରୋଷ୍ଟାରଙ୍କ ଦ୍ୱାରା ଖ୍ରୀ:ପୂ: ଅଷ୍ଟମ ଶତାବ୍ଦୀରେ ପ୍ରଥମେ ପ୍ରତିଷ୍ଠିତ ହୋଇଥିଲା । ସେ ପାରସ୍ୟ ଅଞ୍ଚଳରେ ଏକେଶ୍ୱରବାଦର ପ୍ରଚାର କରିଥିଲେ । ସେ ଭଲ ଓ ଖରାପର ପ୍ରତିନିଧି ଭାବରେ ଆହୁଆ ମଜଦା (Ahua Majda) ଓ ଆହୁଆ ମଣିଷ (Ahua Man)ଙ୍କ ଉପସ୍ଥିତିରେ ଅଗ୍ନିର ଉପାସନା ପାଇଁ ଉପଦେଶ ଦେଇଥିଲେ । ସେ ମଧ୍ୟ ଦୟାଶୀଳତା ଓ ବଦାନ୍ୟତା ସଂପର୍କରେ ଶିକ୍ଷାଦାନ କରୁଥିଲେ । ତାଙ୍କର ପ୍ରଚାରିତ ସମସ୍ତ ଧର୍ମବାଣୀ ଜେନ୍ଦାଭେସ୍ତା (Zenda Vesta)ରେ ଲିପିବଦ୍ଧ ହୋଇ ରହିଛି ।

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ମୁସଲମାନମାନେ ଏହି ଅଞ୍ଚଳକୁ ଅଧିକାର କରିବା ବେଳକୁ ତାଙ୍କର ଏହି ଧର୍ମ ସମଗ୍ର ପାରସ୍ୟ ଅଞ୍ଚଳରେ ବ୍ୟାପିଯିବା ସହ ନିଜର ସ୍ଥିତି ସୁଦୃଢ଼ କରିପାରିଥିଲା । ଅଧିକାଂଶ ପାର୍ସୀ ଲୋକ ପୃଥିବୀର ବିଭିନ୍ନ ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ସେମାନେ ଭାରତକୁ ଆସି ଗୁଜୁରାଟର ନୌସାରୀ ଅଞ୍ଚଳରେ ସ୍ଥାୟୀ ବସବାସ କରିବା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ସେମାନେ ସମଗ୍ର ଭାରତର ବିଭିନ୍ନ ଅଞ୍ଚଳକୁ ବ୍ୟାପି ଯାଇଥିଲେ । ଭାରତୀୟ ସଂସ୍କୃତିକୁ ସେମାନଙ୍କର ଅବଦାନ ଅବର୍ଣ୍ଣନୀୟ ।

ଦାଦାଭାଇ ନାରୋଜୀ ଭାରତୀୟ ଜାତୀୟତାବାଦୀ ନେତାମାନଙ୍କ ମଧ୍ୟରେ ଜଣେ ପାର୍ସୀ ବ୍ୟକ୍ତି ଥିଲେ । "ଇଂରେଜମାନେ ଭାରତୀୟମାନଙ୍କୁ ଶୋଷଣ କରୁନାହାନ୍ତି ବରଂ ଭାରତକୁ ଓ ଭାରତୀୟଙ୍କୁ ସଭ୍ୟ କରୁଛନ୍ତି" – ଇଂରେଜମାନଙ୍କର ଏହି ଫମ୍ପା ଅନ୍ତଃସାର ଶୂନ୍ୟ ମନ୍ତବ୍ୟର ଅସଲ ସ୍ୱରୂପକୁ ସେ ଲୋକମାନଙ୍କ ପାଖରେ ଖୋଲି ଦେଇଥିଲେ । ଏହି ସଂପ୍ରଦାୟର ଅନ୍ୟ ଜଣେ ବିଶିଷ୍ଟ ବ୍ୟକ୍ତି ଜାମସେଦଜୀ ଟାଟା ଭାରତର ଅଗ୍ରଗଣ୍ୟ ଶିଳ୍ପପତି ଭାବେ ପ୍ରତିଷ୍ଠିତ । ସେ ଭାରତରେ ଏକ ଲୌହ ଓ ଇସ୍ପାତ କାରଖାନା ପ୍ରତିଷ୍ଠା କରିଥିଲେ । ଯାହା ଉନ୍ନତି ପଥରେ ବର୍ତ୍ତମାନ ଆଗେଇ ଚାଲିଛି । ଏଥିପାଇଁ ତାଙ୍କୁ ବ୍ରିଟିଶ ଇସ୍ପାତ ମିଲ କର୍ତ୍ତୃପକ୍ଷଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପାର୍ସୀମାନେ ବହୁ ସଂଖ୍ୟାରେ ସାଧାରଣ ଦାତବ୍ୟ ଅନୁଷ୍ଠାନମାନ ପ୍ରତିଷ୍ଠା କରୁଥିଲେ । ଏହା ଏକ ଧର୍ମାନ୍ତରିତ ଧର୍ମ ନୁହେଁ ଏବଂ କୌଣସି ପରିସ୍ଥିତିରେ କୌଣସି ନୂତନ ଅନୁପ୍ରବେଶକାରୀ ମଧ୍ୟ ଗ୍ରହଣୀୟ ନୁହଁନ୍ତି – ଏହା ଥିଲା ଏହି ଧର୍ମର ମୂଳମନ୍ତ୍ର ।

ଏହିପରି ଆମେ ଦେଖିପାରିବା ଯେ ଭାରତୀୟ ସାଂସ୍କୃତିକ ସ୍ରୋତ କ୍ରମାଗତ ଭାବରେ ସମସ୍ତ ନୂତନ ଆଗନ୍ତୁକମାନଙ୍କୁ ଆପଣେଇ ନେଇଛି ଯାହାର ପରିଣାମ ସ୍ୱରୂପ ପାରସ୍ପରିକ ସାଂସ୍କୃତିକ ଭାବ ବିନିମୟ ସମ୍ଭବ ହେବା ସହ ଭାରତୀୟ ସଂସ୍କୃତିର ଚାରିତ୍ରିକ ବୈଶିଷ୍ଟ୍ୟକୁ ବହୁ ଆୟତନ ବିଶିଷ୍ଟ, ବହୁ ଭାଷାଭାଷୀ ଓ ବହୁଧର୍ମ ବିଶ୍ୱାସର ଏକ ମିଶ୍ରିତ ସ୍ୱରୂପ ପ୍ରଦାନ କରିଛି ।

## ପାଠଗତ ପ୍ରଶ୍ନବଳୀ ୪.୫

୧. ____________ ଖାଲସାର ପ୍ରତିଷ୍ଠାତା ଓ ପାଞ୍ଚଟି 'କ'ର ପ୍ରବର୍ତ୍ତକ ।

୨. ____________ ମାନେ ଅଗ୍ନିର ଉପାସକ, ଭଲ ଓ ଖରାପର ଦେବତାରେ ବିଶ୍ୱାସୀ ଓ ଦୟାଶୀଳତା ଏବଂ ବଦାନ୍ୟତାର ପ୍ରୋତ୍ସାହକ ଥିଲେ ।

## ୪.୧୧ ଦକ୍ଷିଣ ଭାରତ

ଖ୍ରୀଷ୍ଟୀୟ ନବମରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଚୋଳ ନାମକ ଏକ ରାଜବଂଶ ଦକ୍ଷିଣ ଭାରତର ଚୋଳମଣ୍ଡଳମ ଅଞ୍ଚଳକୁ ଶାସନ କରୁଥିଲେ । ସେମାନଙ୍କର ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଥିଲା । ଏହା ସହିତ ଏକ ଶକ୍ତିଶାଳୀ ନୌବାହିନୀ ଚୋଳ ବଂଶର ଅନ୍ୟତମ ଆକର୍ଷଣ ଥିଲା । ଏହି ବଂଶର ଶାସକ ରାଜେନ୍ଦ୍ର ଚୋଳ ଇଣ୍ଡୋନେସିଆର କେତେକ ଦ୍ୱୀପପୁଞ୍ଜକୁ ମଧ୍ୟ ଜୟ କରିଥିବାର ଜଣାଯାଏ । ଚୋଳ ଶାସକମାନେ ଗ୍ରାମାଞ୍ଚଳର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ଯଥେଷ୍ଟ ଉନ୍ନତି ବିଧାନ କରିଥିଲେ । ଏପରିକି ବୌଦ୍ଧ ଓ ଜୈନଧର୍ମର ମଧ୍ୟ ପ୍ରଭୂତ ଉନ୍ନତି ଏହି ସମୟରେ ଘଟିଥିଲା । ସେମାନଙ୍କର ପୃଷ୍ଠପୋଷକତାରେ ସାହିତ୍ୟ, ଚିତ୍ରକଳା, ଭାସ୍କର୍ଯ୍ୟ ଓ ଧାତବ ଢ଼ଳେଇ କାର୍ଯ୍ୟ ଉନ୍ନତିର ଚରମ ସୋପାନରେ ପହଞ୍ଚିପାରିଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଗୋଟିଏ ନୂତନ ରାଜ୍ୟ ବିଜୟନଗର (ଯାହା ବର୍ତ୍ତମାନ କର୍ଣ୍ଣାଟକ ନାମରେ ପରିଚିତ) ବିକାଶ ଲାଭ କରିଥିଲା । ଏହି ରାଜ୍ୟର ଉତ୍ତରରେ ତୁଙ୍ଗଭଦ୍ରା ନଦୀର ଅପର ପାର୍ଶ୍ୱରେ ଏକ ନୂତନ ମୁସଲମାନ ରାଜ୍ୟ ବାହାମନୀ ଓ ବିଜୟନଗର ରାଜ୍ୟଦ୍ୱୟ ମଧ୍ୟରେ ଶତ୍ରୁତା ରାୟଚୁର ଦୋଆବ୍ ଅଞ୍ଚଳକୁ ନେଇ ସୃଷ୍ଟି ହୋଇଥିଲା । ଚୋଳମଣ୍ଡଳମ୍ ଅଞ୍ଚଳରେ ତାମିଲ ଭାଷା ଲୋକପ୍ରିୟ ଥିଲା । କର୍ଣ୍ଣାଟକରେ କନ୍ନଡ଼, ଆନ୍ଧ୍ରରେ ତେଲୁଗୁ, ଓ କେରଳରେ ମାଳୟାଲମ ଭାଷା ବିକାଶ ଲାଭ କରିବା ସହିତ ଭିନ୍ନ ଭିନ୍ନ ଭାଷା ପାଇଁ ଭିନ୍ନ ଭିନ୍ନ ଲିପି ବ୍ୟବହୃତ ହେଉଥିଲା । କଥିତ ଭାଷା ରୂପେ ସମଗ୍ର ଅଞ୍ଚଳରେ ତାମିଲ ଭାଷା ପ୍ରଚଳିତ ଥିଲା । କାରଣ ତାମିଲ ଥିଲା ସବୁଠାରୁ ପ୍ରାଚୀନ ଭାଷା । କିନ୍ତୁ ମଧ୍ୟଯୁଗରେ ଏହି ଚାରୋଟି ଭାଷା ସ୍ପଷ୍ଟ ଓ ସ୍ୱତନ୍ତ୍ର ଭାବରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଥିଲେ । ସେ ଯାହା ହେଉନା କାହିଁକି, ଚତୁର୍ଦ୍ଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ବିଜୟନଗର ରାଜ୍ୟ ଏକ ସମୃଦ୍ଧ ରାଜ୍ୟର ମାନ୍ୟତା ପାଇଥିଲା । କେତେକ ବୈଦେଶିକ ଶକ୍ତି ଯେଉଁମାନେ ଏହି ସମୟସୀମା ମଧ୍ୟରେ ଏହି ଅଞ୍ଚଳକୁ ପରିଭ୍ରମଣରେ ଆସିଥିଲେ, ସେମାନେ ରାଜା, ରାଜ୍ୟ, ସହର ଓ ଲୋକମାନଙ୍କର ଅଜସ୍ର ପ୍ରଶଂସା କରିଯାଇଛନ୍ତି । ବିଜୟନଗର ରାଜ୍ୟର ଧ୍ୱଂସାବଶେଷରୁ ହାମ୍ପି ଆଜି ମଧ୍ୟ ସମଗ୍ର ପୃଥିବୀକୁ ଆଲୋକିତ କରୁଛି ।

ଚୋଳ ରାଜବଂଶର ଶାସନ କାଳରେ କାଞ୍ଚି ଏକ ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ରୂପେ ପରିଚିତ ଥିଲା । ବିଜୟ ନଗରର ଶାସକମାନେ ମଧ୍ୟ କଳା ଓ ଶିକ୍ଷାର ମହାନ୍ ପୃଷ୍ଠପୋଷକ ଥିଲେ ।

## ତୁମେ କ'ଣ ଶିଖିଲ ?

- ପ୍ରାଥମିକ ପର୍ଯ୍ୟାୟରେ ତୁର୍କୀ ଶାସକ (୧୨୦୬-୧୫୨୬)ମାନଙ୍କୁ ସୁଲତାନ ବୋଲି କୁହାଯାଉଥିଲା । ସେମାନେ ଖଲିଫାଙ୍କ ପ୍ରତିନିଧି ଭାବେ ଖଲିଫାଙ୍କ ତରଫରୁ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ ।

- ମୋଗଲମାନେ ଦିଲ୍ଲୀରୁ ସୁଲତାନମାନଙ୍କୁ ବିତାଡ଼ିତ କରିଥିଲେ । ସେମାନେ କଳା, ସଙ୍ଗୀତ ଓ ସ୍ଥାପତ୍ୟର ପୃଷ୍ଠପୋଷକ ଥିଲେ । ଆହୁରି ମଧ୍ୟ ୧୭୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେମାନେ ଭାରତରେ ଶାସନ କରିଥିଲେ । ସେମାନେ ମଧ୍ୟ ଅନେକ ପ୍ରାସାଦ ନିର୍ମାଣ କରିଥିଲେ । ୧୭୦୭ ପରେ ମୋଗଲ ଶାସନ ଦୁର୍ବଳ ହୋଇଯିବାରୁ ସେମାନଙ୍କ ମଧ୍ୟରେ ସଂହତି ନଷ୍ଟ ହୋଇଥିଲା । ଫଳରେ, ଏହି ଦୁର୍ବଳତାର ସୁଯୋଗ ନେଇ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଏକ ବିକଳ୍ପ ରାଜନୈତିକ ଶକ୍ତି ଭାବରେ ମୁଣ୍ଡଟେକିବାକୁ ସୁଯୋଗ ପାଇଥିଲା ।
- ସୁଫୀ ସନ୍ଥମାନେ ସେମାନଙ୍କର ଧର୍ମପରାୟଣତା, ସହନଶୀଳତା, ଦୟାଶୀଳତା ଓ ସାମ୍ୟଭାବର ଚେତନା ନିମିତ୍ତ ଭାରତୀୟମାନଙ୍କର ଆଚରଣ ଉପରେ ଗଭୀର ପ୍ରଭାବ ପକାଇଥିଲେ ।
- ଚତୁର୍ଦ୍ଦଶ ଓ ଷୋଡ଼ଶ ଶତାବ୍ଦୀର ଭକ୍ତି ଆନ୍ଦୋଳନରେ ନିର୍ଗୁଣ ଓ ସଗୁଣ ନାମକ ଦୁଇଟି ଭକ୍ତିଧାରା ବିକାଶ ଲାଭ କରିଥିଲା ।
- ଜନସାଧାରଣ ସେମାନଙ୍କ ନିଜ ଅଞ୍ଚଳର ପାରମ୍ପରିକ ସ୍ଥାନୀୟ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତର ବିକାଶ ସାଧନ କରିଥିଲେ ।
- ଭାରତର ମଧ୍ୟଯୁଗରେ ଉର୍ଦ୍ଦୁ ଭାଷାର ସୃଷ୍ଟି ଓ ବିକାଶ ସମ୍ଭବ ହୋଇଥିଲା । ଏହି ସମୟରେ ମଧ୍ୟ ବର୍ତ୍ତମାନର ମରାଠୀ, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲୟାଲମ ଭାଷା ସବୁ ଦକ୍ଷିଣ ଭାରତରେ ଏବଂ ଆସାମୀ, ବଙ୍ଗଳା, ହିନ୍ଦୀ ବା ଖରି-ବୋଲି, ପଞ୍ଜାବୀ, ଗୁଜୁରାଟୀ ଇତ୍ୟାଦି ଭାଷା ଉତ୍ତର ଭାରତରେ ବିକାଶ ଲାଭ କରିଥିଲା ।
- ଗୁରୁନାନକ ଶିଖ୍‌ଧର୍ମ ପ୍ରତିଷ୍ଠା କରିଥିଲେ । ଗୁରୁ ଅର୍ଜୁନ ଦେବ ବର୍ତ୍ତମାନର ଗୁରୁମୁଖୀ ଲିପିକୁ ଚୂଡ଼ାନ୍ତ ରୂପ ପ୍ରଦାନ କରିଥିଲେ । ପବିତ୍ର ଆଦିଗ୍ରନ୍ଥର ମଧ୍ୟ ସେ ସୃଷ୍ଟିକର୍ତ୍ତା ଥିଲେ । ଅମୃତସରର ହରମନ୍ଦିର ପ୍ରତିଷ୍ଠା ପାଇଁ ସେ ସ୍ଥାନ ନିରୂପଣ କରିଥିଲେ ।
- ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରେ ଜୋରୋଷ୍ଟ୍ରାରଙ୍କ ଦ୍ୱାରା ଜୋରୋଷ୍ଟ୍ରୀୟ ମତବାଦ ସୃଷ୍ଟି ହୋଇଥିଲା ।
- ଚୋଳ ବଂଶୀୟ ଶାସକମାନେ ବଙ୍ଗଳାର କିଛି ଅଂଶ ଓ ଇଣ୍ଡୋନେସିଆର କେତେକ ଦ୍ୱୀପପୁଞ୍ଜ ଜୟ କରିଥିଲେ ।
- କାଞ୍ଚିପୀଠ ଏକ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ରର ମାନ୍ୟତା ଲାଭ କରିଥିଲା ।
- ବିଜୟନଗର ସାମ୍ରାଜ୍ୟର ଧ୍ୱଂସାବଶେଷ କର୍ଣ୍ଣାଟକର ହାମ୍ପୀ ନାମକ ସ୍ଥାନରେ ଆବିଷ୍କୃତ ହୋଇଛି । ଆନ୍ଧ୍ରରେ ବାହାମନୀ ରାଜ୍ୟର ସୃଷ୍ଟି ହୋଇଥିଲା ।
- ତତ୍‌କାଳୀନ ଭାରତୀୟ ସମାଜ ଚାରିଗୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲା, ଯଥା – ସମ୍ଭ୍ରାନ୍ତଶ୍ରେଣୀ, ପୁରୋହିତ ବା ଉଲେମା ଶ୍ରେଣୀ, ମଧ୍ୟବିତ୍ତ ଶ୍ରେଣୀ ଓ ସାଧାରଣ କୃଷକ ଶ୍ରେଣୀ ।
- ଉଭୟ ବହିଃର୍ଦ୍ଦେଶୀୟ ଓ ଅନ୍ତର୍ଦ୍ଦେଶୀୟ ବାଣିଜ୍ୟ କାରବାର ପ୍ରଚଳିତ ଥିବା ସହ ଶିଳ୍ପ କ୍ଷେତ୍ରରେ ଦିଲ୍ଲୀ ଯଥେଷ୍ଟ ସମୃଦ୍ଧିଶାଳୀ ଥିଲା ।
- ଭାରତୀୟ ସମାଜିକ ଜୀବନକୁ ଇସ୍‌ଲାମ୍ ଧର୍ମ ଯଥେଷ୍ଟ ପ୍ରଭାବିତ କରିଥିଲା । ଫଳସ୍ୱରୂପ ଭକ୍ତି ଓ ସୁଫୀ ଆନ୍ଦୋଳନର ସୂତ୍ରପାତ ଘଟିଥିଲା ।

- ଚିସ୍ତୀ, ଫିର୍ଦ୍ଦୁଶୀ ଓ ନିଜାମୁଦ୍ଦିନ୍ ଆଉଲିଆ ପ୍ରଭୃତି ପ୍ରସିଦ୍ଧ ସୁଫୀ ସନ୍ଥଙ୍କ ଆବିର୍ଭାବ ଘଟିଥିଲା ।
- ଭକ୍ତି ଆନ୍ଦୋଳନରେ ଗୁରୁନାନକ, ରାମାନୁଜ, ରାମାନନ୍ଦ, କବୀର, ଚୈତନ୍ୟ, ମୀରାବାଈ ଏବଂ ନାମଦେବଙ୍କ ଭଳି ପ୍ରସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ଘଟିଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ମଧ୍ୟଯୁଗରେ ଭାରତର ରାଜନୈତିକ ସ୍ଥିତିର ବିବରଣୀ ଦିଅ ।

୨. ହିନ୍ଦୁଧର୍ମ ଉପରେ ଇସଲାମ ଧର୍ମର ପ୍ରଭାବ ଆଲୋଚନା କର ।

୩. ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିବା କ୍ଷେତ୍ରରେ ଭକ୍ତି ଆନ୍ଦୋଳନର ଭୂମିକାକୁ ପରୀକ୍ଷଣ କର ।

୪. ଆଧୁନିକ ଭାରତୀୟ ଭାଷା ସମୂହର ବିକାଶ ସଂପର୍କରେ ବିବରଣୀ ପ୍ରଦାନ କର ।

୫. ନୂତନ ଶିଖ୍ ଓ ଜୋରୋଷ୍ଟ୍ରୀୟ ଧର୍ମ ବିଶ୍ୱାସର ସୃଷ୍ଟି ଓ ବିକାଶର ଧାରା ସଂପର୍କରେ ଆଲୋଚନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୪.୧**

୧. ହିଜାରୀ ଅବ୍ଦର ଆରମ୍ଭ

୨. ରମଜାନ ମାସର ଉପବାସକୁ ରୋଜା କୁହାଯାଏ ।

୩. ସୁଫୀ

୪. ଆବୁଲ ଫାଜଲ

**୪.୨**

୧. ଖୁତ୍‌ବା

୨. ଶେରସାହ

୩. ରାଜପୁତ

୪. ଭାଇସ-ରିଗାଲ ଲଜ୍

୫. ଶାହଜାହାନ୍

**୪.୩**

୧. ନିର୍ଗୁଣ ଓ ସଗୁଣ ଭକ୍ତି ହେଉଛି ଭକ୍ତି ଆନ୍ଦୋଳନର ଦୁଇଟି ମୁଖ୍ୟ ଧାରା ।

୨. ନାନକ ଓ କବୀର (ଯେ କୌଣସି ଜଣେ) ନିର୍ଗୁଣ କବି ଓ ତୁଳସୀ ଦାସ ଓ ସୁର ଦାସ (ଯେ କୌଣସି ଜଣେ) ସଗୁଣ କବି ।

**୪.୪**

୧. ଗର୍‌ବା, କାଲବେଲିଆ, ଭାଙ୍ଗ୍‌ଡ଼ା (ଯେ କୌଣସି ଦୁଇଟି)

୨. ପଞ୍ଜାବର ଫୁଲକରୀ, ଲକ୍ଷ୍ନୌର ଚିକନ କାର୍ଯ୍ୟ (ଯେ କୌଣସି ଗୋଟିଏ)

**୪.୫**

୧. ଗୁରୁ ଗୋବିନ୍ଦ ସିଂହ

୨. ଜୋରୋଷ୍ଟ୍ରୀୟ

**୪**

# ଆଧୁନିକ ଭାରତ

ଆମ ଦେଶର ଇତିହାସକୁ ନିର୍ବିଘ୍ନରେ ତିନି ଭାଗରେ ବିଭକ୍ତ କରାଯାଇପାରିବ ଯଥା – ପ୍ରାଚୀନ ଯୁଗ, ମଧ୍ୟ ଯୁଗ ଓ ଆଧୁନିକ ଯୁଗ । ମାନବ ସମାଜର ପୃଥିବୀରେ ସହାବସ୍ଥାନ ସମୟରୁ ପ୍ରାଚୀନ ଯୁଗର ପ୍ରାରମ୍ଭ ହୋଇଥିଲା । ପୂର୍ବ ଅଧ୍ୟାୟରେ ତୁମେମାନେ ମଧ୍ୟଯୁଗର ଘଟଣାବଳୀ ଯଥା – ଅଷ୍ଟମ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପାଠ କରିଛ । ଏବେ ଆମେ ଆଧୁନିକ ଯୁଗ ବିଷୟରେ ପଢ଼ିବା । ଆମେମାନେ ଜାଣିପାରୁଥିବା ଶେଷ ଦୁଇ ଯୁଗର ସାମାଜିକ, ଅର୍ଥନୀତି, ରାଜନୀତି ଓ ସଂସ୍କୃତି ମଧ୍ୟରେ ବହୁତ ପ୍ରଭେଦ ରହିଛି । ଏହି ପ୍ରଭେଦଗୁଡ଼ିକ ଆମ ଜୀବନ ଶୈଳୀକୁ ପ୍ରଭାବିତ କରିବା ସହ ଅଗ୍ରଗତି ଓ ଉନ୍ନତି ମଧ୍ୟ କରିଆସିଛି । ମନେ ପକାଇବା ସେମାନଙ୍କୁ ଯେଉଁମାନେ ବିଦେଶରୁ ଭାରତକୁ ଆସି ଭାରତକୁ ବାସସ୍ଥଳୀ କରିଛନ୍ତି ଯଥା – ତୁର୍କ, ଆଫଗାନ ଓ ମୋଗଲ । କିନ୍ତୁ ବ୍ରିଟିଶ୍ ଉପନିବେଶ ଶାସକମାନଙ୍କ ପାଇଁ ସବୁବେଳେ ଏହି ମାଟି ବିଦେଶ ଅଟେ । ତଥାପି ସେମାନେ ସୁଦୂରପ୍ରସାରି ଛାପ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନ ଉପରେ ଛାଡ଼ିଯାଇଛନ୍ତି ଯାହାକି ସେମାନଙ୍କ ସ୍ୱାର୍ଥ ରକ୍ଷା କରିପାରିଛି । ତୁମେ ଯଦି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନକୁ ଦେଖିବ ଭାରତୀୟ ସ୍ଥାପତ୍ୟ ଉପରେ ବ୍ରିଟିଶ୍ ପ୍ରଭାବର ଏକ ସ୍ପଷ୍ଟ ଛବି ପାଇପାରିବ । କୋଲକାତା, ମୁମ୍ବାଇ ଓ ଦେଶର ଅନ୍ୟାନ୍ୟ କେତେକ ଭାଗରେ ଅଟ୍ଟାଳିକାମାନଙ୍କରେ ଏହି ଢାଞ୍ଚାର ପୁନରାବୃତ୍ତି ହୋଇଥିବା ଦେଖିବ । ଏହି ସବୁ ଗୁଡ଼ିକ ବର୍ତ୍ତମାନ ଆମର ସାଂସ୍କୃତିକ ପରମ୍ପରାର ଏକ ଅଂଶ ବିଶେଷ ହୋଇପଡ଼ିଛି । ଏହି ସ୍ଥାପତ୍ୟ କଳାର ଅବଶେଷ ବ୍ୟତୀତ ଏକ ସମବ୍ୟବସ୍ଥା ବିଶିଷ୍ଟ ସରକାର, ପାଶ୍ଚାତ୍ୟ ଭାବଧାରା ଉପରେ ପ୍ରତିଷ୍ଠିତ ଶିକ୍ଷା ପ୍ରଣାଳୀ, ବିଜ୍ଞାନ ଓ ଦର୍ଶନ ମଧ୍ୟ ଏହି ଔପନିବେଶିକ ରାଜ୍ୟଟି ଦେଇଯାଇଛି । ତୁମେ ଜାଣିବା ପାଇଁ ଅତି କୌତୁହଳର ବିଷୟ ହେବ ଯେ, ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ସାମାଜିକ ଓ ଧାର୍ମିକ ସଂସ୍କାରମୂଳକ ଆନ୍ଦୋଳନଗୁଡ଼ିକ ଏକ ଆଧୁନିକ ଭାରତ ଗଢ଼ିବାରେ ମଧ୍ୟ ସାହାଯ୍ୟ କରିଥିଲା । ଭାରତୀୟ ଭାଷାଗୁଡ଼ିକରେ ସମସ୍ତ ଆଧୁନିକ ସାହିତ୍ୟ ଇଂରାଜୀ ଶିକ୍ଷାର ପ୍ରସାର ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେଲା ଓ ଏହାର ମାଧ୍ୟମରେ ପାଶ୍ଚାତ୍ୟ ଭାବଧାରା ଓ ଅନୁଷ୍ଠାନଗୁଡ଼ିକ ସହିତ ଭାରତର ଅନ୍ତରଙ୍ଗ ସଂପର୍କ ହୋଇପାରିଲା ।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ିବା ପରେ ତୁମେମାନେ –

- ଅଷ୍ଟାଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଜଗତରେ ଘଟିଥିବା ଘଟଣାବଳୀ ଓ ଭାରତ ଉପରେ ସେଗୁଡ଼ିକର ପ୍ରଭାବ ବିଷୟରେ ଜାଣିପାରିବ ;
- ଅଷ୍ଟାଦଶ ଶତାବ୍ଦୀର ଭାରତରେ ଶେଷ ବର୍ଷଗୁଡ଼ିକୁ ବର୍ଣ୍ଣନା କରିବାକୁ ସକ୍ଷମ ହେବ;

- ଏହି ସମୟ ମଧ୍ୟରେ ହିନ୍ଦୁ ଓ ମୁସଲମାନମାନଙ୍କର ସାମାଜିକ ଅବସ୍ଥାକୁ ପରୀକ୍ଷା କରିପାରିବ ।
- ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଭଳି ଅନ୍ୟ କେତେକ ସାମାଜିକ ଓ ଧାର୍ମିକ ସଂସ୍କାରକଙ୍କର ଅବଦାନଗୁଡ଼ିକୁ ତାଲିକା କରିପାରିବ ।
- ଛାପାଖାନା ଓ ଖବରକାଗଗୁଡ଼ିକର ଲୋକମାନଙ୍କ ମଧ୍ୟରେ ଜାତୀୟତା ଜାଗ୍ରତ କରିବାର ଭୂମିକା ଉପଲବ୍ଧି କରିବା ସମ୍ଭବପର ହେବ ।
- ସ୍ୱାଧୀନତା ପାଇଁ ଭାରତର ସଂଗ୍ରାମକୁ ଉପଲବ୍ଧି କରିପାରିବ ।

## ୫.୧ ପାଶ୍ଚାତ୍ୟର ଉତ୍‌ଥାନ ଓ ଭାରତ ଉପରେ ଏହାର ପ୍ରଭାବ

୧୪୫୦ ରୁ ଆଗକୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିକାଶ ଇଉରୋପର ଆକୃତିକୁ ପରିବର୍ତ୍ତନ କରିଥିଲା : (କ) ଛାପାକଳର ଉଦ୍‌ଭାବନ, (ଖ) ରିନାସାଁ (ଜନସାଧାରଣ ଯେତେବେଳେ ନୂତନ ସଂସ୍କାର ଇତ୍ୟାଦିକୁ ଆପଣେଇବାକୁ ଆଗ୍ରହୀ ହେଲେ) ଓ ସଂସ୍କାରମୂଳକ ଆନ୍ଦୋଳନଗୁଡ଼ିକର ଆରମ୍ଭ ଓ ପ୍ରସାର ଏବଂ (ଗ) ନୂତନ ବାଣିଜ୍ୟ ପଥର ଆବିଷ୍କାର । ତାହାପରଠାରୁ ବିଜ୍ଞାନ, ଆବିଷ୍କାର ପାଇଁ ଅନୁସନ୍ଧାନ ଓ ଆଗ୍ନେୟାସ୍ତ୍ର ବିଦ୍ୟା କ୍ଷେତ୍ରରେ ଇଉରୋପ ବିଶାଳ ଅଗ୍ରଗତି ଲାଭ କଲା । ଅତିଶିଘ୍ର ସେମାନଙ୍କର ସେନାବାହିନୀ ଓ ନୌବାହିନୀ ପୃଥିବୀରେ ସର୍ବୋତ୍କୃଷ୍ଟ ହେଲା । ବୈଜ୍ଞାନିକ ଶିକ୍ଷା ପ୍ରସାର କରିବାକୁ ଆରମ୍ଭ କଲା । ଏହିପରି ଭାବରେ ତର୍କ ଓ ବିବେକ କସଟି ପଥର ହୋଇଗଲା, ଯାହା ଉପରେ ବି ପୁରୁଣା ବିଶ୍ୱାସ, ଧାରଣା ଓ ଜ୍ଞାନର ପରଖ ହେଲା ।

ଏହି ଇଉରୋପୀୟ ଦେଶଗୁଡ଼ିକ ମଧ୍ୟରେ, ପର୍ତ୍ତୁଗୀଜ ଓ ତା'ପରେ ଡଚ୍, ଫରାସୀ ଓ ଶେଷରେ ବ୍ରିଟିଶ୍‌ମାନେ ଭାରତରୁ ବାଣିଜ୍ୟକୁ ନିୟନ୍ତ୍ରଣ କରିବାର ଏକ ଜାତି ମଧ୍ୟରେ ପ୍ରବେଶ କଲେ । ବ୍ରିଟିଶ୍‌ମାନେ ଶେଷରେ ଖାଲି ବାଣିଜ୍ୟକୁ ନିୟନ୍ତ୍ରଣ କରିବାରେ ସଫଳ ହେବା ସହିତ ଦେଶକୁ ମଧ୍ୟ ନିୟନ୍ତ୍ରଣ କଲେ । ପ୍ରାୟ ଦୁଇ ଶତାବ୍ଦୀ ଧରି ଭାରତ ବ୍ରିଟିଶ୍ ପ୍ରାଧାନ୍ୟ ଅଧୀନରେ ରହିଲା, ତା'ର ସମଗ୍ର ମାନବ ସମ୍ବଳକୁ ଲଗାମଛଡ଼ା ଭାବରେ ଶୋଷଣ କରାଗଲା ଓ ତା'ର ସଂପଦ ଶାସକ ଜାତିର ସୁବିଧା ପାଇଁ ବୁହାହେଲା । ତାଙ୍କର ଆହୁରି ଅଧିକ ସ୍ୱାର୍ଥ ପାଇଁ ଭାରତରେ ରହିଥିବା ସାମାଜିକ ଓ ରାଜନୈତିକ ପରିସ୍ଥିତିକୁ ମଧ୍ୟ ବ୍ରିଟିଶମାନେ ବ୍ୟବହାର କଲେ । ମୋଗଲ ସାମ୍ରାଜ୍ୟର ପତନ ପରେ ବହୁଳ ସଂଖ୍ୟାରେ ରାଜ୍ୟଗୁଡ଼ିଏ ଉଦ୍‌ଭବ ହେଲେ । ବ୍ରିଟିଶ୍‌ମାନେ ଏହି ପରିସ୍ଥିତିର ସୁଯୋଗ ନେଲେ ଓ ଜଣେ ଶାସକ ଆଉ ଜଣେ ଶାସକ ବିରୁଦ୍ଧରେ ଯୁଦ୍ଧ କଲେ ବା ଜଣେ ବଳପୂର୍ବକ ଅଧିକାର କରୁଥିବା ବ୍ୟକ୍ତିଙ୍କୁ ସିଂହାସନ ପାଇବା ପାଇଁ ସମର୍ଥନ କଲେ । ବ୍ରିଟିଶମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ନୀତିକୁ ମହୀଶୂରର ଟିପୁ ସୁଲତାନ ଯଦିଓ ବ୍ୟବହାର କରିବାକୁ ଚେଷ୍ଟା କଲେ, ଅର୍ଥାତ୍ ଫରାସୀ ଓ ବ୍ରିଟିଶ୍‌ଙ୍କ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦୀତା ଓ ଶତ୍ରୁତାକୁ ବ୍ୟବହାର କଲେ, ସେ ବ୍ରିଟିଶଙ୍କର ଉଚ୍ଚ କୂଟନୀତି ଓ ଆଗ୍ନେୟ ଶକ୍ତି ସହିତ ସମକକ୍ଷ ହୋଇ ପାରିଲେନି ।

ଭାରତ ଉପରେ ଇଂରେଜମାନଙ୍କର ପ୍ରଭୁତ୍ୱ ପର୍ଯ୍ୟାୟକ୍ରମେ ଗଢ଼ିଉଠିଥିଲା । ପ୍ରଥମ ସ୍ତର ଭାରତୀୟ ବାଣିଜ୍ୟକୁ ହସ୍ତଗତ କରିବାକୁ ଗଠିତ ହୋଇଥିଲା । ସେମାନେ ଭାରତୀୟ ଦ୍ରବ୍ୟକୁ ଅତି ନିମ୍ନ ମୂଲ୍ୟରେ କିଣିଲେ ଓ ପାଶ୍ଚାତ୍ୟ ବଜାରରେ ଅତି ଉଚ୍ଚ ମୂଲ୍ୟରେ ବିକିଲେ, ତାହାଦ୍ୱାରା କୃଷକମାନଙ୍କୁ କିଛି ନଦେଇ ପ୍ରଚୁର ଲାଭ କଲେ । ଏଥିରେ ସେମାନେ ଭାରତୀୟ ସେଠ୍ ଓ ଗୁମାସ୍ତାମାନଙ୍କର ସାହାଯ୍ୟ ପାଇଲେ । ଦ୍ୱିତୀୟ ପର୍ଯ୍ୟାୟରେ ଇଂରେଜମାନେ ସେମାନଙ୍କର ରପ୍ତାନୀ ଲକ୍ଷ୍ୟ ହାସଲକୁ ସୁହାଇଲା ଭଳି ଢଙ୍ଗରେ ଉତ୍ପାଦନ କର୍ମଗୁଡ଼ିକୁ ନିୟନ୍ତ୍ରଣ କଲେ । ଏହି ପ୍ରକ୍ରିୟାରେ ସେମାନେ ଭାରତୀୟ ଶିଳ୍ପଗୁଡ଼ିକୁ ସଫଳତାର ସହିତ ଧ୍ୱଂସ କଲେ । ଏପରି ହେଲା କାରଣ, ଭାରତ



ଟିପ୍ପଣୀ

ସେମାନଙ୍କ ଦ୍ରବ୍ୟର ଏକ ଶକ୍ତିଶାଳୀ କ୍ରେତା ଥିଲା । ତୃତୀୟ ସ୍ତରଟି ଇଂରେଜ ସାମ୍ରାଜ୍ୟବାଦ ଓ ଔପନିବେଶିକ ଶୋଷଣର ଏକ ତୀବ୍ର ସ୍ତର ଥିଲା ଯେତେବେଳେ ଭାରତ ଇଂରେଜମାନଙ୍କ ଅର୍ଥନୈତିକ ଲାଭ ପୂରଣ ପାଇଁ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଉଥିଲା ।

ବାଣିଜ୍ୟ ମାଧମରେ ଲାଭ କରିବା ପାଇଁ ଇଂରେଜମାନେ ଭାରତକୁ ଆସିଥିଲେ । ଧିରେ ଧିରେ ଦେଶର ରାଜନୈତିକ ଓ ଅର୍ଥନୈତିକ ନିୟନ୍ତ୍ରଣ ହାସଲ କଲେ । ଖ୍ରୀ.ପୂ ୧୭୫୭ରେ ପଲାସୀ ଯୁଦ୍ଧ ପରେ, ସେମାନେ ବଙ୍ଗଳାର ପ୍ରକୃତ ପ୍ରଭୁ ହୋଇଗଲେ । ସେମାନଙ୍କର ବାଣିଜ୍ୟ ଓ ବିଦେଶୀ ଜିନିଷର ରପ୍ତାନୀ ବଢ଼ାଇବା ପାଇଁ ସେମାନେ ବଙ୍ଗଳା ଉପରେ ରାଜନୈତିକ ନିୟନ୍ତ୍ରଣକୁ ଉପଯୋଗ କଲେ । ସେମାନେ ବାଣିଜ୍ୟରେ ଭାରତୀୟ ତଥା ବିଦେଶୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପ୍ରତିଯୋଗୀତା ହୋଇ ନପାରିବା ପାଇଁ ଅପସାରିତ କରିଦେଲେ । ସେମାନେ କଞ୍ଚା କପାର ବିକ୍ରୀକୁ ଏକଚାଟିଆ କରିଦେଲେ ଓ ବଙ୍ଗଳାର ବୁଣାକାରମାନଙ୍କ ଉପରେ ଅତ୍ୟଧିକ ମୂଲ୍ୟ ଦେବା ଲାଗୁ କଲେ । ସେମାନଙ୍କର ନିଜର ଶିଳ୍ପକୁ ରକ୍ଷା କରିବା ପାଇଁ ସେମାନେ ବ୍ରିଟେନକୁ ପ୍ରବେଶ କରୁଥିବା ଭାରତୀୟ ଦ୍ରବ୍ୟ ଉପରେ ପ୍ରଚୁର ଶୁଳ୍କ ଧାର୍ଯ୍ୟ କଲେ ।

ଇଉରୋପରେ ଶିଳ୍ପ ବିପ୍ଳବ ଆସିବା ସହିତ ଭାରତୀୟ ଶିଳ୍ପଗୁଡ଼ିକ ଅତ୍ୟନ୍ତ କଠିନ ଆଘାତ ପାଇଲେ । ୧୮୧୩ ସୁଦ୍ଧା ଭାରତୀୟ ହସ୍ତଶିଳ୍ପ ଉଭୟ ଘରୋଇ ତଥା ବିଦେଶ ବଜାର ହରାଇଲା । ଯନ୍ତ୍ରପାତି ବ୍ୟବହୃତ ହେଉଥିବା ଇଂରେଜ କାରଖାନା ଜାତ ଉତ୍ପାଦଗୁଡ଼ିକ ସହିତ ଭାରତୀୟ ଦ୍ରବ୍ୟଗୁଡ଼ିକ ପ୍ରତିଯୋଗୀତା କରିପାରିଲା ନାହିଁ ।

ଅପର ପକ୍ଷରେ, ଇଂରେଜ ବଣିକମାନେ ପ୍ରଚୁର ପରିମାଣର ସଂପତ୍ତି ଠୁଳ କରି ସାରିଥିଲେ, ଯାହାକୁ କି ସେମାନେ ବର୍ତ୍ତମାନ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠା ପାଇଁ ଖଟେଇଲେ । ଇଷ୍ଟ–ଇଣ୍ଡିଆ–କଂପାନୀ ସେମାନଙ୍କର ଶିଳ୍ପ ଭିତ୍ତିଭୂମିକୁ ଅର୍ଥ ଯୋଗାଇବାରେ ଓ ବିସ୍ତାର କରିବାରେ ସାହାଯ୍ୟ କଲା । ଏହି ସମୟରେ ଇଂଲଣ୍ଡରେ ଗୋଟିଏ ଶ୍ରେଣୀର ଉତ୍ପାଦନକାରୀ ଥିଲେ, ଯେଉଁମାନେ କି ବାଣିଜ୍ୟ ଅପେକ୍ଷା ଉତ୍ପାଦନ କରିବାରେ ବେଶୀ ଉପକୃତ ହେଉଥିଲେ । ସେମାନେ ଭାରତରୁ ଅଧିକତର କଞ୍ଚାମାଲ ପାଇବା ସହିତ ସେମାନଙ୍କର ସୁସଂପନ୍ନ ଦ୍ରବ୍ୟମାନ ଭାରତକୁ ପଠେଇବାରେ ଆଗ୍ରହୀ ଥିଲେ । ୧୭୯୩ ରୁ ୧୮୧୩ ମଧରେ, ଏହି ଇଂରେଜ ଉତ୍ପାଦନକାରୀମାନେ କଂପାନୀ, ଏହାର ବାଣିଜ୍ୟରେ ଇଷ୍ଟ–ଇଣ୍ଡିଆ–କଂପାନୀର ଏକଚାଟିଆ କାରବାରକୁ ହଟେଇବାରେ ସଫଳ ହେଲେ । ଏଥିସହିତ ଭାରତ ଶିଳ୍ପମୂଳକ ଇଂଲଣ୍ଡର ଏକ ଅର୍ଥନୈତିକ ଉପନିବେଶ ହୋଇଗଲା ।

ଫଳସ୍ୱରୂପ, ଇଂରେଜର ଯନ୍ତ୍ରନିର୍ମିତ ଦ୍ରବ୍ୟଗୁଡ଼ିକ ତୁଳନାତ୍ମକ ଭାବେ ଶସ୍ତା ହେବାରୁ, ଭାରତୀୟ ହସ୍ତନିର୍ମିତ ଦ୍ରବ୍ୟଗୁଡ଼ିକ ବିଲୋପର ସମ୍ମୁଖୀନ ହେଲା । ଭାରତରେ ପ୍ରବେଶ କରିବା ପାଇଁ ଏହି ଦ୍ରବ୍ୟଗୁଡ଼ିକର ମୁକ୍ତ ପ୍ରବେଶ ବା ଅତ୍ୟନ୍ତ ନିମ୍ନ ବାଣିଜ୍ୟ ଶୁଳ୍କ ଥିଲା । ଭାରତୀୟଙ୍କୁ ଆଧୁନିକୀକରଣ କରିବାକୁ ପଡ଼ିଲା, ଯେମିତି ସେମାନେ ପାଶ୍ଚାତ୍ୟ ଦ୍ରବ୍ୟ ପ୍ରତି ରୁଚି ବଢ଼ାଇପାରିବେ ଏବଂ ସେଗୁଡ଼ିକୁ କିଣି ପାରିବେ ।

ଭାରତୀୟ ବାଣିଜ୍ୟର ସ୍ୱାର୍ଥ ପାଇଁ ଆଦୌ ଯତ୍ନଶୀଳ ନଥିବା ଇଂରେଜମାନଙ୍କ ହାତରେ ଶୋଷଣ ଫଳରେ ଭାରତୀୟ ଶିଳ୍ପକୁ ବହୁତ କଷ୍ଟ ଭୋଗିବାକୁ ପଡ଼ିଲା । ଏହି ସମୟ ମଧରେ ସେମାନେ ଭାରତୀୟ ବାଣିଜ୍ୟକୁ ରକ୍ଷା କଲେ ନାହିଁ, କି ଦେଶରେ କୌଣସି ନୂତନ ପ୍ରଯୁକ୍ତିବିଦ୍ୟା ଭର୍ତ୍ତି କଲେ ନାହିଁ । ଯେତେବେଳେ ବିଦେଶୀ ଦ୍ରବ୍ୟକୁ ମୁକ୍ତ ପ୍ରବେଶ ଦିଆଗଲା, ଭାରତୀୟ ହସ୍ତଶିଳ୍ପ ରୁଗ୍ଣ ହୋଇଗଲା । ଅପରପକ୍ଷରେ, ଯେତେବେଳେ ଭାରତୀୟ ହସ୍ତଶିଳ୍ପ ଇଂଲଣ୍ଡରେ ପ୍ରବେଶ କଲା ସେଗୁଡ଼ିକ ଉପରେ ପ୍ରଚୁର କର ଲାଗୁହେଲା । ଭାରତୀୟ ଚିନିକଳଗୁଡ଼ିକ ଯେତେବେଳେ ବ୍ରିଟେନ୍‌କୁ ଚିନି ପଠାଇଲେ ଏହାର ମୂଳ ମୂଲ୍ୟର ତିନିଗୁଣ ଶୁଳ୍କ ଦେଲେ । ଏଣୁ, ଭାରତରୁ ବାଣିଜ୍ୟ ପ୍ରାୟ ବନ୍ଦ ହୋଇଗଲା ।

୧୮୧୩ ସୁଦ୍ଧା ଭାରତ ଇଂରେଜ ଦ୍ରବ୍ୟର ଏକ ଉତ୍ତମ ଗ୍ରାହକ ଓ କଞ୍ଚାମାଲର ଏକ ଧନୀ ଯୋଗାଣକାରୀ ହୋଇଗଲା ।

ଇଂଲଣ୍ଡ ଯେହେତୁ ବାଣିଜ୍ୟିକ ଲାଭ ପାଇଁ ଭାରତକୁ ଶୋଷଣ କରିବାକୁ ଚାହୁଁଥିଲା, ଅର୍ଥାତ୍, କଞ୍ଚାମାଲ କିଣି ଓ ସୁସଂପନ୍ନ ଦ୍ରବ୍ୟ ବିକି, ସେମାନେ ବାଷ୍ପଚାଳିତ ଜାହାଜ ଓ ରେଳପଥ ଭାରତରେ ଆରମ୍ଭ କଲେ । ରେଳପଥ ଇଂରେଜମାନଙ୍କ ପାଇଁ ଏକ ବିଶାଳ ବଜାର ଖୋଲିଦେଲା ଓ ଭାରତୀୟ କଞ୍ଚାମାଲ ବିଦେଶକୁ ରପ୍ତାନୀ ପାଇଁ ସୁବିଧା କରିଦେଲା ।

ତୁମେ ଜାଣକି ୧୮୫୩ରେ ପ୍ରଥମ ରେଳରାସ୍ତା ବମ୍ବେରୁ ଥାନେକୁ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିଲା । ରେଳରାସ୍ତାଗୁଡ଼ିକ କଞ୍ଚାମାଲ ଉତ୍ପାଦନ କରୁଥିବା ଅଞ୍ଚଳଗୁଡ଼ିକ ସହିତ ରପ୍ତାନୀକାରୀ ବନ୍ଦରଗୁଡ଼ିକୁ ସଂଯୋଗ କରିଥିଲା । ଫଳସ୍ୱରୂପ ଭାରତୀୟ ବଜାର ଇଂରେଜ ଦ୍ରବ୍ୟରେ ଭାସିଉଠିଲା ।

ତୁମେ ଜାଣକି, ଜାତୀୟତା ଜାଗରଣରେ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରିଥିଲା । ସେଗୁଡ଼ିକ ଜନତାଙ୍କୁ ସେମାନଙ୍କର ଧାରଣା ବା ଭାବନାକୁ ଏକାଠି କରିବାରେ ସାହାଯ୍ୟ କରିଥିଲା, ଯେଉଁଟାକି ଇଂରେଜମାନେ କେବେହେଲେ ପୂର୍ବାନୁମାନ କରିନଥିଲେ । ଏହା ଶ୍ଳେଷାତ୍ମକ ନୁହେଁକି ?

ଆହୁରି ମଧ୍ୟ ତୁମେ ଜାଣକି, ୧୯୫୩ରେ ଡେଲହାଉସି ପ୍ରଥମ ତାର ପଥ (ଟେଲିଗ୍ରାଫ ଲାଇନ) କଲିକତାରୁ ଆଗ୍ରା ଓ ଡାକସେବା ଭାରତରେ ପ୍ରଚଳନ କରିଥିଲେ !

## ପାଠଗତ ପ୍ରଶ୍ନାବଳୀ ୫.୧

୧. ଭାରତ ଉପରେ ରାଜନୈତିକ ନିୟନ୍ତ୍ରଣ ପାଇବାରେ କିଏ ସଫଳ ହୋଇଥିଲେ ?

______________________________

୨. ଭାରତୀୟ ଶାସକମାନଙ୍କ ମଧ୍ୟରେ କିଏ ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତାର ଉପଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସଫଳ ହୋଇନଥିଲେ ?

______________________________

୩. ଭାରତରେ ଇଂରେଜ ପ୍ରାଧାନ୍ୟର କେତୋଟି ସ୍ତର ଦେଖାଯାଇପାରିବ ?

______________________________

## ୫.୨ ଅଷ୍ଟାଦଶ ଶତାବ୍ଦୀରେ ଭାରତ : ଅର୍ଥନୀତି, ସମାଜ ଓ ସଂସ୍କୃତି

ଅଷ୍ଟାଦଶ ଶତାବ୍ଦୀରେ ଭାରତ ଅନେକ ବିଷମତା ଓ ପରସ୍ପର ବିରୋଧାଭାସର ଏକ ଛବି ଥିଲା ।

ଅର୍ଥନୈତିକ ଦୃଷ୍ଟିରୁ କୃଷି ଲୋକମାନଙ୍କର ପ୍ରଧାନ ଜୀବିକା ଥିଲା । ଶାସକମାନେ ଅନବରତ ଯୁଦ୍ଧରେ ଲିପ୍ତ ରହୁଥିବାରୁ, ଜମିର କୃଷି ଉପଯୋଗୀ ଅବସ୍ଥାର ଉନ୍ନତି କରିବାକୁ ସେମାନଙ୍କର ସମୟ ନଥିଲା ।

ମୋଗଲମାନଙ୍କ ଆଗମନରେ ବୈଦେଶିକ ବାଣିଜ୍ୟର ଉନ୍ନତି ଓ ବୃଦ୍ଧି ହେଉଥିଲା । ପାର୍ଶୀ ଉପସାଗରୀୟ ଅଞ୍ଚଳରୁ ଭାରତ ମୋତି, କଞ୍ଚା ସିଲ୍କ (ରେଶମ), ଉଲ, ଖଜୁରୀ, ଶୁଖିଲା ଫଳ ଆମଦାନୀ କରୁଥିଲା, ଆରବ ଦେଶରୁ

କଫି, ସୁନା, ଔଷଧ ଓ ମହୁ ଆଣୁଥିଲା, ଚୀନରୁ ଚା, ଚିନାମାଟି ଓ ସିଲ୍କ ଭାରତକୁ ଆସୁଥିଲା, ବିଳାସପୂର୍ଣ୍ଣ ଦ୍ରବ୍ୟମାନ ମଧ୍ୟ ତିବ୍ବତ, ସିଙ୍ଗାପୁର, ଇଣ୍ଡୋନେସିଆ ଦ୍ୱୀପପୁଞ୍ଜ, ଆଫ୍ରିକା ଓ ଇଉରୋପରୁ ଦେଶ ଭିତରକୁ ଆସୁଥିଲା ।

ଭାରତୀୟମାନେ କଞ୍ଚା ରେଶମ, ରେଶମ କପଡା, ନୀଳ, ଚିନି, ଗୋଲମରିଚ ଓ ଅନ୍ୟାନ୍ୟ ଅନେକ ଜିନିଷ ରପ୍ତାନୀ କରୁଥିଲେ । ସମଗ୍ର ପୃଥିବୀରେ ଭାରତର କପା (ସୂତା) ଲୁଗା ପ୍ରସିଦ୍ଧ ଥିଲା । ବାଣିଜ୍ୟରେ ଏପରି ଏକ ଅନୁକୂଳ ଭାରସାମ୍ୟ ସତ୍ତ୍ୱେ, ଅନବରତ ଯୁଦ୍ଧ ହେତୁ ଭାରତର ଅର୍ଥନୈତିକ ପରିସ୍ଥିତିର ଉନ୍ନତି ହୋଇପାରିଲା ନାହିଁ । ଦେଶ ଭିତରେ ଶିଖ, ଜାଠ, ମରାଠାଙ୍କର ବିଦ୍ରୋହ ହେଲା ଓ ବାହାରୁ ନାଦିରଶାହ (୧୭୩୯ ଖ୍ରୀଷ୍ଟାବ୍ଦ) ଓ ଅହମଦ୍‌ଶାହ ଅବ୍‌ଦଲ୍ଲୀ (୧୭୬୧)ଙ୍କ ଭଳି ବୈଦେଶିକ ଆକ୍ରମଣ ସବୁ ସାଧାରଣ ହୋଇଗଲା ।

ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ଫ୍ରାନ୍‌ସ, ଇଂଲଣ୍ଡ, ପର୍ତ୍ତୁଗାଲ ଓ ସ୍ପେନ୍ ଭଳି ଇଉରୋପୀୟ ଦେଶଗୁଡ଼ିକ ଭାରତ ସହିତ ବାଣିଜ୍ୟ କରିବାକୁ ଆଗ୍ରହୀ ଥିଲେ । ସେମାନେ ଦେଶରେ ଅଧିକତର ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିବାରେ ସାହାଯ୍ୟ କଲେ ଓ ଶେଷରେ ଏହାର ଅର୍ଥନୀତିକୁ ଧ୍ୱଂସ କରିଦେଲେ । କିନ୍ତୁ, ଏତିକି ବେଳକୁ ସୁନ୍ଦର ହସ୍ତଶିଳ୍ପର ଏକ ଦେଶ ବୋଲି ଭାରତର ଖ୍ୟାତି ସାରା ବିଶ୍ୱରେ ପ୍ରଚାରିତ ହୋଇଯାଇଥିଲା ।

ସାମାଜିକ ସ୍ତରରେ ଲୋକମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନରେ ନମୁନା ବା ଆଦର୍ଶର ଏକତା ନଥିଲା । ସେମାନେ ହିନ୍ଦୁ ହୁଅନ୍ତୁ ବା ମୁସଲମାନ, ସେମାନଙ୍କ ମଧ୍ୟରେ ଅଞ୍ଚଳ, ଗୋଷ୍ଠୀ, ଭାଷା ଓ ଜାତିକୁ ଭିତ୍ତି କରି ବିଭାଜନ ଥିଲା । ବିବାହ, ଖାଦ୍ୟ, ଏକତ୍ରଭୋଜନ ଓ ବୃତ୍ତି ନିର୍ବାଚନରେ ମଧ୍ୟ ଜାତିଆଣ ନିୟମ ପାଳନ କରାଯାଉଥିଲା । ଯେ କୌଣସି ବ୍ୟକ୍ତି ନିୟମ ଉଲଂଘନ କଲେ ତାକୁ ସମାଜରୁ ବାସନ୍ଦ କରାଯାଉଥିଲା ।

ବିଜ୍ଞାନ କ୍ଷେତ୍ରରେ ଯେଉଁ ଭାରତ ଏତେ ଆଗୁଆ ଥିଲା ଏତେବେଳକୁ ତା'ର ଗଣିତ ଓ ବିଜ୍ଞାନକୁ ଅବହେଳା କରି ସାରିଥିଲା । ସେମାନେ ପାଶ୍ଚାତ୍ୟ ଜଗତ ଆଗେଇଥିବା ବିଜ୍ଞାନ କ୍ଷେତ୍ରରେ ଅଜ୍ଞ ଥିଲେ ।

ସେହି ସମୟରେ ଶିକ୍ଷକମାନେ ସମାଜରେ ସମ୍ମାନିତ ହେଉଥିଲେ । ପରମ୍ପରାରେ ଶିକ୍ଷା ଉତ୍ତୁଙ୍ଗ ଶିଖରରେ ଥିଲା । ଛାତ୍ରମାନଙ୍କୁ ଗଣିତ ସହିତ ପଢ଼ିବା ଓ ଲେଖିବା ଶିଖା ହେଉଥିଲା । ଝିଅମାନେ କ୍ୱଚିତ୍ ବିଦ୍ୟାଳୟକୁ ଯାଉଥିଲେ । ରାଜ୍ୟଦ୍ୱାରା ଶିକ୍ଷାର ପୃଷ୍ଠପୋଷକତା ନହୋଇ ସ୍ଥାନୀୟ ଶାସକ, ସମ୍ଭ୍ରାନ୍ତ ବଂଶର ସଭ୍ୟ ଓ ବଦାନ୍ୟ ଚାନ୍ଦାଦାତାମାନଙ୍କ ଦ୍ୱାରା ହେଉଥିଲା ।

## ହିନ୍ଦୁ ମୁସଲମାନ ସଂପର୍କ

ଦୁଇ ଧର୍ମାବଲମ୍ବୀ ଲୋକମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଥିଲା । ଧର୍ମୀୟ ସହିଷ୍ଣୁତା ଅଭ୍ୟାସ କରାଯାଉଥିଲା । ଯୁଦ୍ଧଗୁଡ଼ିକ ଧର୍ମ କାରଣରୁ ନୁହେଁ ବରଂ ରାଜନୈତିକ ଓ ସ୍ୱାର୍ଥପରତା କାରଣରୁ ହେଉଥିଲା । ଉଭୟ ସଂପ୍ରଦାୟର ସଭ୍ୟମାନେ ପରସ୍ପର ମେଳା ମହୋତ୍ସବରେ ଭାଗ ନେଉଥିଲେ । ଅନେକ ହିନ୍ଦୁଙ୍କର ମୁସଲମାନ ସାଧୁସନ୍ଥଙ୍କ ଉପରେ ଆସ୍ଥା ଥିଲା, ଅନେକ ମୁସଲମାନମାନଙ୍କର ମଧ୍ୟ ହିନ୍ଦୁ ଦେବାଦେବୀ ଓ ସାଧୁସନ୍ଥଙ୍କ ପାଇଁ ସମାନ ଭାବରେ ସମ୍ମାନ ଥିଲା । ପ୍ରକୃତରେ ଦେଖିଲେ ଉଚ୍ଚ ବର୍ଗର ହିନ୍ଦୁ ଓ ମୁସଲମାନମାନଙ୍କ ସେମାନଙ୍କ ନିଜ ସମ୍ପ୍ରଦାୟର ନୀଚବର୍ଗଙ୍କ ତୁଳନାରେ ଅନେକ ଜିନିଷ ସମାନ ଓ ସାଧାରଣ ଥିଲା । ଏହାଛଡ଼ା ମୁସଲମାନମାନେ ହିନ୍ଦୁ ଢାଞ୍ଚା ଓ ସଂସ୍କୃତିକୁ ଏତେ ଭଲଭାବରେ ଗ୍ରହଣ କରିନେଇଥିଲେ ଯେ ଗୋଟିକୁ ଅନ୍ୟ ଠାରୁ ପୃଥକ୍ କରିବା କଷ୍ଟସାଧ୍ୟ ଥିଲା ।

ଟିପ୍ପଣୀ

## ୫.୩ ସାମାଜିକ ଅବସ୍ଥା

ଶତାବ୍ଦୀର ଗତି ପରିବର୍ତ୍ତନ ବେଳକୁ ମହିଳାମାନଙ୍କ ଅବସ୍ଥା ବିଷୟରେ ଆନନ୍ଦିତ ହେବାର କିଛି ନଥିଲା । ଗୋଟିଏ କନ୍ୟା ସନ୍ତାନର ଜନ୍ମକୁ ଦୁର୍ଭାଗ୍ୟ ବୋଲି ବିଚାର କରାଯାଉଥିଲା । ଝିଅମାନଙ୍କୁ ପିଲାଦିନରୁ ବିବାହ କରାଇ ଦିଆଯାଉଥିଲା । ବହୁପତ୍ନୀ ଗ୍ରହଣକୁ ଅନୁମତି ଦିଆଯାଉଥିଲା । ସଂପତ୍ତି କିମ୍ବା ଛାଡପତ୍ର ପାଇଁ ମହିଳାମାନଙ୍କର ଅଧିକାର ନଥିଲା ।

ଚିରନ୍ତନ ବୈଧବ୍ୟ ସମାଜର ଆଦେଶ ଥିଲା, ବିଶେଷକରି ଉଚ୍ଚବର୍ଗମାନଙ୍କ ମଧ୍ୟରେ । ଏହି ବିଧବାମାନେ ରଙ୍ଗୀନ ଲୁଗାପଟା ପିନ୍ଧି ପାରୁନଥିଲେ ବା ବିବାହକର୍ମକୁ ଯାଇପାରୁନଥିଲେ । ଯେହେତୁ ସେମାନଙ୍କ ଉପସ୍ଥିତିକୁ ଅଶୁଭ ବିଚାର କରାଯାଉଥିଲା । ଏହିସବୁ ବାଲ୍ୟବିବାହ ସାଧାରଣ ହୋଇଥିବାରୁ କେବେକେବେ ଏମିତିକି ଶିଶୁକନ୍ୟାମାନେ ବିଧବା ହୋଇଯାଉଥିଲେ ଓ ଅପରାଧୀ ସାବ୍ୟସ୍ତ ହୋଇ ଚିରନ୍ତନ ବୈଧବ୍ୟ ଭିତରକୁ ଯାଉଥିଲେ ।

ଭିନ୍ନ ଜାତି ମଧ୍ୟରେ ବିବାହକୁ ଅନୁମତି ଦିଆଯାଉନଥିଲା । ଏପରିକି ସେତେବେଳେ ଚଳୁଥିବା ସାମାଜିକ ପ୍ରଥା ନୀଚ ବର୍ଗର ଜଣେ ବ୍ୟକ୍ତିଙ୍କୁ ଉଚ୍ଚବର୍ଗର ଜଣେ ବ୍ୟକ୍ତିଙ୍କ ସହିତ ଖାଇବାକୁ ମଧ୍ୟ ଅନୁମତି ଦେଉନଥିଲା । ମୁସଲମାନ ମହିଳାମାନଙ୍କର ଅବସ୍ଥା ମଧ୍ୟ ସେହି ଏକା ପରି ଥିଲା । ପର୍ଦ୍ଦାପ୍ରଥା, ବହୁ ପତ୍ନୀ ଗ୍ରହଣ, ଅଶିକ୍ଷା ଓ ସଂପତ୍ତି ଅଧିକାର ପ୍ରଥା ପାଇଁ ସେମାନେ ବହୁ କଷ୍ଟର ସମ୍ମୁଖୀନ ହେଉଥିଲେ ।

## ୫.୪ ସାମାଜିକ ଓ ଧାର୍ମିକ ସଂସ୍କାରକଗଣ

ଇଷ୍ଟ ଇଣ୍ଡିଆ କଂପାନୀର କର୍ମଚାରୀମାନଙ୍କ ସହିତ ଖ୍ରୀଷ୍ଟୀୟାନ ପାଦ୍ରୀମାନେ ଡୁବନ (ଖ୍ରୀଷ୍ଟଧର୍ମାଭିଷେକ) ବିବାହ, ସମାଧି ଦେବା ଓ ଗୀର୍ଜାସେବା ସମୟରେ ସେମାନଙ୍କର ଧର୍ମୀୟ ବିଧିବିଧାନ କରିବା ପାଇଁ ଭାରତକୁ ଆସିଲେ । କିନ୍ତୁ ଏହି ପାଦ୍ରୀମାନେ କମ୍ପାନୀର ଅଣଖ୍ରୀଷ୍ଟ କର୍ମଚାରୀମାନଙ୍କୁ ମଧ୍ୟ ଖ୍ରୀଷ୍ଟଧର୍ମ ଦୀକ୍ଷା ଦେବାକୁ ଶୀଘ୍ର ଆରମ୍ଭ କରିଦେଲେ । ଧିରେ ଧିରେ ସେମାନେ ଭାରତୀୟ ପିଲା ଯୋଗ ଦେଉଥିବା ବିଦ୍ୟାଳୟମାନ ଖୋଲିବାକୁ ଆରମ୍ଭ କଲେ । ଏହି ଧର୍ମପ୍ରଚାରକମାନେ ଖ୍ରୀଷ୍ଟ ନୀତିବାକ୍ୟ ଓ ସାହିତ୍ୟ ପ୍ରଚାର କରିବା ପାଇଁ ଛାପାଖାନା ଓ ପତ୍ରିକାମାନ ମଧ୍ୟ ଆରମ୍ଭ କଲେ ।

ଖ୍ରୀଷ୍ଟୀୟାନ ପ୍ରଚାର ସହିତ ଇଂରାଜୀ ଶିକ୍ଷା ମଧ୍ୟ ଆରମ୍ଭ କରାଗଲା । ଯାହାର କି ଭାରତର ସମାଜ ଓ ଅର୍ଥନୀତି ଉପରେ ଏକ ବିଶାଳ ପ୍ରଭାବ ରହିଲା । ଇଂରେଜ ରାଜନୈତିକ ଓ ଶାସନର ଆବଶ୍ୟକତା ପୂରଣ ପାଇଁ ଇଂରାଜୀ ପ୍ରବେଶ କରାଇବାର ଉଦ୍ଦେଶ୍ୟ ଯଦିଓ ଥିଲା, ଏହା ଭାରତୀୟମାନଙ୍କ ପାଇଁ ପାଶ୍ଚାତ୍ୟକୁ ଦ୍ୱାର ଉନ୍ମୁକ୍ତ କରିଦେଲା । ସେମାନେ ଉଦାରତା, ହେତୁବାଦ, ଗଣତନ୍ତ୍ର, ସମତା ଓ ସ୍ୱାଧୀନତାର ନୂତନ ଧାରଣା ସବୁ ଆହରଣ କଲେ । ଇଂରାଜୀ ଶିକ୍ଷାପ୍ରାପ୍ତ ଭାରତୀୟମାନଙ୍କର ଇଂରାଜୀଭାଷା ଏକ ସାଧାରଣ କଥିତ ମିଶ୍ର ଭାଷା ଶୀଘ୍ର ହୋଇଗଲା ଓ ଏକ ଦୃଢ଼ଭାବେ ବାନ୍ଧି ରଖିବା ଶକ୍ତି ଭଳି କାମ କଲା ।

### ରାମ ମୋହନ ରାୟ

ରାମ ମୋହନ ରାୟ ଭାରତରେ ଆଧୁନିକ ଯୁଗର ଅଗ୍ରଦୂତ ଭାବରେ ଜଣାଶୁଣା । ଗ୍ରୀକ୍ ଓ ଲାଟିନ ସମେତ କେତେକ ଭାଷାରେ ସେ ଦକ୍ଷତା ହାସଲ କରିଥିଲେ । ହିନ୍ଦୁସମାଜର ସଂସ୍କାର ଓ ଭାରତର ପୁନର୍ଜାଗରଣରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେତେବେଳେ ହିନ୍ଦୁମାନଙ୍କ ମଧ୍ୟରେ ସାମାଜିକ ପ୍ରକ୍ରିୟାଗୁଡ଼ିକ ବୃହତ୍ ସଂଖ୍ୟାରେ ଚଳୁଥିବାରୁ ଧାର୍ମିକ ଅନୁମୋଦନ ଦାବୀ କରୁଥିଲା । ରାଜା ରାମମୋହନ ରାୟ ଏହା ସତ୍ୟ ନୁହେଁ ବୋଲି ଦେଖାଇବା





ପାଇଁ ଧର୍ମ ପୁସ୍ତକଗୁଡ଼ିକରୁ ବିସ୍ତୃତ ଭାବରେ ଉଦ୍ଧୃତ କଲେ । 'ସତୀ' ଏହି ତାଲିକାର ସବୁଠାରୁ ଆଗରେ ଥିଲା । ଜଣେ ବିଧବା ତା'ର ମୃତ ସ୍ୱାମୀର ଚିତାଗ୍ନିରେ ଉତ୍ସର୍ଗ ହେବା ସତୀପ୍ରଥା ଥିଲା, ଯେଉଁଟାକି ବଙ୍ଗ ଓ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ଏକ ସ୍ୱପ୍ରକ୍ରିୟା ହୋଇଯାଇଥିଲା । ରାମ ମୋହନ ରାୟ ଏହା ବିରୁଦ୍ଧରେ ଯଷ୍ଟି ଧରିଥିଲେ ଓ ଶେଷରେ ଏହାକୁ ସଂପୂର୍ଣ୍ଣ ରୂପେ ବନ୍ଦ କରାଇଦେଲେ । ସେ ବ୍ରାହ୍ମ ସମାଜ ପ୍ରତିଷ୍ଠା କଲେ, ଯାହା ତାଙ୍କର ହେତୁବାଦ ଓ ସାମାଜିକ ସମତା ନୀତିର ବାର୍ତ୍ତା ବହନ କଲା । ତାଙ୍କର ଅନୁଗତମାନେ ଜଣେ ସର୍ବୋଚ୍ଚ ଈଶ୍ୱର (ଏକେଶ୍ୱରବାଦ)ଙ୍କର ପୂଜା / ଉପାସନାରେ ବିଶ୍ୱାସ କଲେ ଓ ମୂର୍ତ୍ତିପୂଜା, ବହୁ ଈଶ୍ୱରବାଦ ଓ ବିଧିବିଧାନକୁ ବିରୋଧ କଲେ ।

ରାଜା ରାମମୋହନ ରାୟଙ୍କ ପରେ ଦେବେନ୍ଦ୍ରନାଥ ଟାଗୋର (୧୮୧୭–୧୯୦୫) ବ୍ରାହ୍ମ ସମାଜର ନେତା ହେଲେ । ସେ ବ୍ରାହ୍ମ ସମାଜକୁ ନୂତନ ଜୀବନ ଦେବା ପାଇଁ ଚେଷ୍ଟା କଲେ ଓ ରାଜା ରାମମୋହନ ରାୟଙ୍କ ଭାବଧାରା ପ୍ରଚାର କଲେ ।

କେଶବ ଚନ୍ଦ୍ର ସେନ (୧୮୩୮–୧୮୮୪) ଟାଗୋରଙ୍କଠାରୁ ନେତୃତ୍ୱ ଗ୍ରହଣ କଲେ । ଏହିସବୁ ସମୟରେ ସମାଜ ବ୍ୟକ୍ତିଗତ ସ୍ୱାଧୀନତା, ଜାତୀୟ ଏକତା, ସମସ୍ତ ସାମାଜିକ ଅନୁଷ୍ଠାନ ଓ ସାମାଜିକ ସଂପର୍କର ଗଣତାନ୍ତ୍ରିକରଣ ଉପରେ ଯୋର ଦେଇଥିଲା । ଜାତୀୟ ଜାଗରଣର ପରିପ୍ରକାଶ ପାଇଁ ବ୍ରାହ୍ମ ସମାଜ ପ୍ରଥମ ସଂଗଠିତ ହୋଇଥିଲା ।

## ପ୍ରାର୍ଥନା ସମାଜ ଓ ରାଣାଦେ

୧୮୬୭ରେ ଡା. ଆତ୍ମାରାମ ପାଣ୍ଡୁରଙ୍ଗଙ୍କ ଦ୍ୱାରା ବମ୍ବେରେ ପ୍ରାର୍ଥନା ସମାଜ ପ୍ରତିଷ୍ଠିତ ହୋଇଥିଲା । ଭିନ୍ନ ଜାତି ମଧ୍ୟରେ ଖାଇବା, ଭିନ୍ନ ଜାତି ମଧ୍ୟରେ ବିବାହ, ବିଧବା ବିବାହ ଓ ଅନେକ ମହିଳା ତଥା ଦବି ଯାଇଥିବା ବର୍ଗର ଉନ୍ନତି ଭଳି ସାମାଜିକ ସଂସ୍କାରଗୁଡ଼ିକୁ ସେମାନେ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ । ରାଣାଦେଙ୍କ ଅନୁସାରେ ଧର୍ମରେ ଅନମନୀୟତା ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ତରରେ ସଫଳତାକୁ ଅନୁମତି ଦେବ ନାହିଁ । ସେ ଈଶ୍ୱରଙ୍କର ଏକତ୍ୱକୁ ବିଶ୍ୱାସ କରୁଥିଲେ ଓ ମୂର୍ତ୍ତିପୂଜା ତଥା ଜାତିପ୍ରଥାକୁ କୋହଳ କଲେ ।

## ରାମକୃଷ୍ଣ ପରମ ହଂସ

ଭାରତୀୟ ସମାଜକୁ ନୂତନ ଆଧ୍ୟାତ୍ମିକ ପ୍ରେରଣା ଦେବା ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ରାମକୃଷ୍ଣ ମିଶନ ପ୍ରତିଷ୍ଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ରାମକୃଷ୍ଣ ପରମହଂସ ବୋଲି ଜଣାଶୁଣା ହୋଇଥିବା ଗଦାଧର ଚଟ୍ଟୋପାଧ୍ୟାୟଙ୍କର ସେ ଜଣେ ଶିଷ୍ୟ ଥିଲେ ।

ରାମକୃଷ୍ଣ ପରମହଂସଙ୍କର ଉପଦେଶକୁ ବିବେକାନନ୍ଦ ଶେଷ ଆକୃ ତି ଦେଇଥିଲେ । ସେ ସ୍ୱାଧୀନତା, ସ୍ୱାଧୀନଚିନ୍ତା ଓ ସମାନତାର ପକ୍ଷ ସମର୍ଥନ କରିଥିଲେ । ସବୁଧର୍ମର ଏକକୀତ୍ୱ ଉପରେ ସେ ଯୋର ଦେଉଥିଲେ । ଚିନ୍ତା ଓ ଭାବନାର ସବୁଠାରୁ ବିବେକାନୁମୋଦିତ ପ୍ରଥା ବୋଲି ବିଚାର କରୁଥିବା ବେଦାନ୍ତ ଦର୍ଶନକୁ ସେ ଅଗ୍ରସର କରାଇଥିଲେ ।

## ଥିଓସଫିକାଲ ସୋସାଇଟି ଓ ଆନିବେସାନ୍ତ

ମ୍ୟାଡାମ୍ ଏଚ.ପି.ବ୍ଲାଭାଟସ୍କି (୧୮୩୭–୯୧)ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଥିଓସଫିକାଲ ସୋସାଇଟି ଓ ଅନ୍ୟମାନଙ୍କ ସମେତ କଲୋନେଲ ଏଚ୍.ଏସ୍. ଓଲକଟ୍‌ଙ୍କ ଦ୍ୱାରା ମଧ୍ୟ ସଂସ୍କାର ଆନ୍ଦୋଳନ ଶକ୍ତିଶାଳୀ ହୋଇଥିଲା ।





ଆନି ବେସାନ୍ତ ପ୍ରାଚୀନ ଭାରତୀୟ ଧର୍ମ, ଦର୍ଶନ ଓ ତତ୍ତ୍ୱର ଅଧ୍ୟୟନକୁ ଉନ୍ନୀତ କରାଇଥିଲେ । ଶିକ୍ଷାକୁ ଉତ୍ସାହିତ କରିବା ପାଇଁ ମଧ୍ୟ ସେ କେନ୍ଦ୍ରୀୟ ହିନ୍ଦୁ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

## ନାରାୟଣ ଗୁରୁ

ନାରାୟଣ ଗୁରୁ ଦକ୍ଷିଣ ଭାରତର ଜଣେ ମହାନ ସନ୍ଥ ଥିଲେ । ସେପ୍ଟେମ୍ବର ୧୮୫୪ରେ ସେ କେରଳରେ ଜନ୍ମ ଗ୍ରହଣ କରିଥିଲେ । ଜଣେ ସ୍ଥାନୀୟ ଶିକ୍ଷକଙ୍କଠାରୁ ସେ ପ୍ରାଥମିକ ଶିକ୍ଷାପ୍ରାପ୍ତ ହୋଇଥିଲେ । ମାଲୟାଲାମ୍, ସଂସ୍କୃତ ଓ ତାମିଲରେ ସେ ପାରଦର୍ଶୀ ହୋଇଥିଲେ । ତାଙ୍କର କୈଶୋରରୁ ସେ ତାଙ୍କ ହୃଦୟକୁ ସଂସାର ତ୍ୟାଗ ପଥରେ ରଖିଥିଲେ । ତାଙ୍କ ପିତାମାତାଙ୍କ ମୃତ୍ୟୁ ପରେ ପ୍ରକୃତ ଜ୍ଞାନ ଅନୁସନ୍ଧାନରେ ସେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ସେ ଚଟ୍ଟାମ୍ପୀ ସ୍ୱାମୀଗାଲଙ୍କ ସଂସ୍ପର୍ଶରେ ଆସିଲେ । ସେମାନେ ମହାନ୍ ସାଥି ହୋଇଗଲେ । ସାଧୁବ୍ୟକ୍ତିମାନଙ୍କର ସେବା କରି, ଏକୁଟିଆ ସ୍ଥାନରେ ଧ୍ୟାନ କରି ଓ ତୀର୍ଥସ୍ଥାନମାନ ଗଢ଼ି ସେମାନେ ସେମାନଙ୍କର ସମୟ ଅତିବାହିତ କରୁଥିଲେ ।

ଉଭୟ ସ୍ୱାମୀଗାଲ ଓ ନାରାୟଣ ଗଭୀର ଭାବେ ବୁଝିଥିଲେ ଯେ, କେରଳର ସର୍ବାଙ୍ଗୀନ ଉନ୍ନତି ନାୟାର ଓ ଏଝାଭା ସମ୍ପ୍ରଦାୟର ଶୁଭେଚ୍ଛା ଓ ସହଯୋଗ ଯେଉଁଥିରେ କି ସେମାନେ ଯଥାକ୍ରମେ ଜନ୍ମ ଗ୍ରହଣ କରିଥିଲେ, ଉପରେ ନିର୍ଭର କରେ । ଏହି ଦୁଇ ସଂପ୍ରଦାୟ ମଧ୍ୟରେ ଥିବା ମତଭେଦ କେରଳକୁ ଧ୍ୱଂସ କରିଦେବାର ଭୟ ସୃଷ୍ଟି କରୁଥିଲା । ଦୁଇ ସଂପ୍ରଦାୟକୁ ଏକାଠି କରିବା ପାଇଁ କାମ କରିବାକୁ ସେମାନେ ସ୍ଥିର କଲେ ।

ନାରାୟଣ ଗୁରୁ ଜଣେ ସାମାଜିକ ତଥା ଧାର୍ମିକ ସଂସ୍କାରକ ଥିଲେ । ସେ ଜଣେ ସନ୍ୟାସୀର ଜୀବନଯାପନ କରିଥିଲେ ଓ କେରଳର ଅଧିବାସୀମାନଙ୍କର ଆଧ୍ୟାତ୍ମିକ ତଥା ସାମାଜିକ ଜୀବନର ଉନ୍ନତି ପାଇଁ ଅନେକ କାମ କରିଥିଲେ ।

## ମୁସଲମାନ ସଂସ୍କାର ଆନ୍ଦୋଳନ

ମୁସଲମାନମାନଙ୍କ ମଧ୍ୟରେ ସାର୍ ସୟଦ୍ ଅହମଦ୍ ଖାନ୍ ସବୁଠାରୁ ସମୁନ୍ନତ ସାମାଜିକ ସଂସ୍କାରକ ଥିଲେ । ସେ ଗଭୀରଭାବେ ବୁଝିଥିଲେ ଯେ କେବଳ ଆଧୁନିକ ଶିକ୍ଷା ପ୍ରାପ୍ତ ହେଲେ ମୁସଲମାନମାନେ ଉନ୍ନତି କରିପାରିବେ । ଧର୍ମୀୟ ଅସହିଷ୍ଣୁତା, ଅଜ୍ଞତା ଓ ଅବିବେକୀତାର ବିରୁଦ୍ଧରେ ସୟଦ ଅହମଦ୍ ଖାନ୍ ଥିଲେ । ସେ ପର୍ଦ୍ଦା, ବହୁ ପତ୍ନୀ ଗ୍ରହଣ ଓ ସହଜ ଛାଡ଼ପତ୍ରକୁ ପ୍ରକାଶ୍ୟରେ ନିନ୍ଦା କରୁଥିଲେ । ସୟଦ ଅହମଦ୍ ଖାନ୍ ଆଲିଗଡ ଆନ୍ଦୋଳନ ଆରମ୍ଭ କରିଥିଲେ । ସେ ଆଲିଗଡରେ ମହମ୍ମଦିଆନ୍-ଆଲ୍ଲା-ଓରିଏନ୍ଟାଲ କଲେଜ ପ୍ରତିଷ୍ଠା କରିଥିଲେ । ବିଜ୍ଞାନ ଓ ସଂସ୍କୃତି ପ୍ରଚାର ପାଇଁ ଏକ କେନ୍ଦ୍ର ହେବା ଏହାର ଉଦ୍ଦେଶ୍ୟ ଥିଲା । ପରବର୍ତ୍ତୀ ସମୟରେ ଏହା ଆଲିଗଡ-ମୁସଲମାନ ୟୁନିଭରସିଟି (ବିଶ୍ୱବିଦ୍ୟାଳୟ) ଭାବରେ ଜନ୍ମ ନେଲା ।

ମୁସଲମାନ ପୁନରୁଦ୍ଧାରରେ ଆଲିଗଡ ଆନ୍ଦୋଳନ ସାହାଯ୍ୟ କଲା । ଏହା ସେମାନଙ୍କୁ ଏକ ସାଧାରଣ ଭାଷା-ଉର୍ଦ୍ଦୁ ଦେଲା । ଉର୍ଦ୍ଦୁରେ କାମଗୁଡ଼ିକୁ ଏକାଠି କରିବା ପାଇଁ ଏକ ମୁସଲମାନ ଛାପାଖାନା ମଧ୍ୟ ବିକଶିତ ହେଲା । ଦୁର୍ଭାଗ୍ୟବଶତଃ ସୟଦ୍ ଅହମଦ୍ ତାଙ୍କର ଶେଷବର୍ଷଗୁଡ଼ିକରେ ଜାତୀୟ ଆନ୍ଦୋଳନରେ ଯୋଗ ନଦେବା ପାଇଁ ଭାରତୀୟ ମୁସଲମାନମାନଙ୍କୁ ଉତ୍ସାହିତ କଲେ । ସେ ଅନୁଭବ କଲେ ଯେ, ରାଜନୀତି ନୁହେଁ ଶିକ୍ଷା ସେମାନଙ୍କର ଆବଶ୍ୟକତା ଥିଲା । ଗୋଟିଏ ବାଟରେ ସେ ସାଂପ୍ରଦାୟିକତା ଓ ଭିନ୍ନତାକୁ ଏହି ଅବସ୍ଥାରେ ଉତ୍ସାହିତ କଲେ ।





## ସାମାଜିକ ସଂସ୍କାର

ତୁମେ ଜାଣ କି ପ୍ରାୟ ସମସ୍ତ ଧାର୍ମିକ/ଧର୍ମୀୟ ସଂସ୍କାରକମାନଙ୍କର ସାମାଜିକ ସଂସ୍କାର ଆନ୍ଦୋଳନ ପ୍ରତି ମଧ୍ୟ ଅବଦାନ ଥିଲା ? ଏହାର କାରଣ ଜାତିଆଣ ପ୍ରଥା ଓ ଲିଂଗଭେଦ ଭଳି ପଛୁଆ ଭାବଧାରା ପାଇଁ ଅତୀତରେ ଧାର୍ମିକ ଅନୁମୋଦନ ଥିଲା । ସମାଜ ସଂସ୍କାର ଆନ୍ଦୋଳନଗୁଡ଼ିକର ଦୁଇଟି ମୁଖ୍ୟ ଲକ୍ଷ୍ୟ ଥିଲା ଯଥା – (କ) ମହିଳାମାନଙ୍କର ବନ୍ଧନରୁ ମୁକ୍ତି ଓ ପୁରୁଷଙ୍କ ସହିତ ସେମାନଙ୍କୁ ସମାନତା ଦେବା, (ଖ) ଜାତିଗତ କଠୋରତାର ଉଚ୍ଛେଦ, ବିଶେଷକରି ଅସ୍ପୃଶ୍ୟତା ଉଚ୍ଛେଦ ଓ ଦଳିତ ବର୍ଗର ଉନ୍ନତି ।

## ମହିଳାମାନଙ୍କର ବନ୍ଧନରୁ ମୁକ୍ତି

ଆଜିକାର ଭାରତୀୟ ସମାଜର ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ମହିଳାମାନଙ୍କର ସ୍ଥିତିରେ । ଆଇନ ଦ୍ୱାରା ସଅଳ ବିବାହ (ବାଲ୍ୟବିବାହ) ବିଧିକୁ ଦୂରେଇ ଦେବା ପାଇଁ ରାଜ୍ୟ ଏବଂ ସଂସ୍କାରକମାନଙ୍କ ଦ୍ୱାରା ଚେଷ୍ଟା କରାଯାଇଛି । ଶିକ୍ଷାରେ ଅଧିକତର ସୁବିଧା ଓ ସାମାଜିକ ଅପବ୍ୟବହାର ଭଳି ସମସ୍ତ ସମ୍ଭାବ୍ୟ ଉପାୟରେ ସେମାନଙ୍କ ଭାଗ୍ୟର ଉନ୍ନତି ପାଇଁ ମହିଳାମାନେ ଉଦ୍ୟମ କରିବାରେ ଆଗ୍ରହୀ ହୋଇଛନ୍ତି । ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ରାଜନୈତିକ ସଚେତନତାର ବୃଦ୍ଧି ଘଟିଛି । ୧୯୩୦ରେ ପୁଅମାନଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ୧୮ ଓ ଝିଅମାନଙ୍କର ୧୪ରେ ନିର୍ଦ୍ଦିଷ୍ଟ କରାଯାଇ ଶାରଦା ଆଇନ୍ ପ୍ରଚଳନ କରାଯାଇଥିଲା । ତୁମେ ଜାଣ କି ମହର୍ଷି କାର୍ବେ ନାରୀଶିକ୍ଷା କ୍ଷେତ୍ରରେ ତାଙ୍କର ମହାନ୍ କାର୍ଯ୍ୟପାଇଁ ଭାରତ ରତ୍ନ ଉପାଧି ପାଇଥିଲେ ? ସେ ବାଳିକାମାନଙ୍କ ପାଇଁ ବିଦ୍ୟାଳୟ ତଥା ବିଧବା ଓ ପରିତ୍ୟକ୍ତାମାନଙ୍କ ପାଇଁ କର୍ମଗୃହମାନ ଆରମ୍ଭ କରିଥିଲେ । ଏହି ଆନ୍ଦୋଳନ ଶୀଘ୍ର ତ୍ୱରାନ୍ୱିତ ହେଲା ଓ ମହିଳାମାନଙ୍କ ପାଇଁ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ଖୋଲା ହେଲା ।

## ଜାତିପ୍ରଥା ବିରୁଦ୍ଧରେ ସଂଗ୍ରାମ

ରାମକୃଷ୍ଣ ମିଶନ ଓ ଆର୍ଯ୍ୟ ସମାଜ ଦ୍ୱାରା ଏହି କ୍ଷେତ୍ରରେ ପ୍ରଭୁତ କାର୍ଯ୍ୟ କରାଯାଇଥିଲା । ଆର୍ଯ୍ୟ ସମାଜର ବିଶେଷ ଭାବରେ ସେମାନଙ୍କର 'ଶୁଦ୍ଧି ଆନ୍ଦୋଳନ' ଦ୍ୱାରା ଏହା ପ୍ରତି ବିରାଟ ଅବଦାନ ରହିଥିଲା, ଅର୍ଥାତ୍ ଏକ ରକମର ପବିତ୍ରକରଣ ଯାହା ଦ୍ୱାରା ଯେଉଁ ହିନ୍ଦୁମାନେ ଇସ୍‌ଲାମ ବା ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତିତ ହୋଇଥିଲେ ସେମାନଙ୍କର ନିଜ ଧର୍ମକୁ ଫେରି ଆସିପାରିବେ । ପଛୁଆବର୍ଗଙ୍କର ପ୍ରବକ୍ତା ଥିଲେ ବି.ଆର.ଆମ୍ବେଦକର ଓ ମହାତ୍ମା ଗାନ୍ଧୀ । ସେମାନଙ୍କର ସୁବିଧା ପାଇଁ ଆମ୍ବେଦକର ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ଖୋଲିଥିଲେ । ଅପର ପକ୍ଷରେ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟମାନଙ୍କର ପ୍ରବକ୍ତା ବିଜେତା ହେଲେ, ଯେଉଁମାନଙ୍କୁ କି ସେ 'ହରିଜନ' ବୋଲି କହିଲେ । ସେ ମନ୍ଦିରଗୁଡ଼ିକୁ ସେମାନଙ୍କ ପାଇଁ ଉନ୍ମୁକ୍ତ ରଖିବାକୁ ତଥା ସେମାନଙ୍କ ପ୍ରତି ସମାନ ଆଚରଣ କରିବାକୁ କହିଲେ ।

ଏପରିକି, ସ୍ୱାଧୀନ ଭାରତର ସମ୍ବିଧାନ ଏହି ଆନ୍ଦୋଳନକୁ ଆଇନଗତ ଓ ସାମ୍ବିଧାନିକ ସମର୍ଥନ ଦେଇଛି । ଅସ୍ପୃଶ୍ୟତାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ସାଧାରଣରେ ନିନ୍ଦା କରାହେଲା । କିନ୍ତୁ ଆମର ଇପସିତ ଲକ୍ଷ୍ୟ ସଂପୂର୍ଣ୍ଣ ସମାନତା ଓ ନିରପେକ୍ଷତାର ଭୂମି ଉପରେ ପର୍ଯ୍ୟବେସିତ ଏକ ସମାଜ, ଏକ ସମାଜ ଯେଉଁଠାରେ କି ସମସ୍ତ ସଭ୍ୟ – ଯେ କୌଣସି ସାମାଜିକ ବା ଅର୍ଥନୈତିକ ପୃଷ୍ଠପଟରୁ ଆସିଥିବା ପୁରୁଷ ବା ସ୍ତ୍ରୀ – ଆନନ୍ଦିତ ହେବେ ଓ ସେମାନଙ୍କର ଆବଶ୍ୟକତା ପୂରଣ ହେଉଥିବ, ଏହା ହାସଲ କରିବା ପାଇଁ ଆମକୁ ଆହୁରି ଅନେକ ପଥ ଯିବାକୁ ପଡ଼ିବ ଏବଂ ଏପରି ଏକ ପରିସ୍ଥିତି ଆଣିବା ପାଇଁ ଆମ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ।





## ସ୍ୱାମୀ ଦୟାନନ୍ଦ

ସ୍ୱାମୀ ଦୟାନନ୍ଦଙ୍କର ସବୁଠାରୁ ବଡ଼ ସମ୍ପଦ ଥିଲା ତାଙ୍କର ସଂସ୍କୃତ ଭାଷା ଓ ବେଦ ଉପରେ ଦକ୍ଷତା । ସେ ଅନୁଭବ କରୁଥିଲେ ଯେ, ଶତାବ୍ଦୀ ଶତାବ୍ଦୀ ଧରି ହିନ୍ଦୁ ସମାଜକୁ ପଶି ଆସିଥିବା ଅଯୁତ ସାମାଜିକ ଓ ଧାର୍ମିକ କଳୁଷିତ ପଦାର୍ଥଗୁଡ଼ିକ କେବଳ ବେଦରେ ପ୍ରକୃତ ଜ୍ଞାନର ଅଭାବ ପାଇଁ । ତେଣୁ, ସେ ବିବାଦୀୟ ବିଷୟ ପ୍ରତିମା ପୂଜା ଓ ନାରୀଶିକ୍ଷା ପାଇଁ ହିନ୍ଦୁ ସମାଜ ପାଖରେ ଦାବୀ କରିଥିଲେ ।

୧୮୭୫ରେ ସେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବେଦର ପ୍ରକୃତ ଜ୍ଞାନ ପ୍ରଚାର କରିବା ଓ ଏହା ନାମରେ ପରବର୍ତ୍ତୀ ସମୟରେ ହିନ୍ଦୁ ସମାଜକୁ ପଶିଆସିଥିବା ସମସ୍ତ କଳୁଷିତ ପଦାର୍ଥକୁ ଦୂର କରିବା । ସେ ଅସ୍ପୃଶ୍ୟତାକୁ ବିରୋଧ କରୁଥିଲେ । ସେହି ସମାନ ଭାବରେ ସେ ବହୁ ଈଶ୍ୱରବାଦ, ଅବତାରବାଦ ଓ ବିଧିବିଧାନବାଦକୁ ବିରୋଧ କରୁଥିଲେ । ତାଙ୍କର ଧ୍ୱନି ଥିଲା 'ବେଦକୁ ଫେରିଯାଅ' ଯାହାର ପ୍ରଭୁତ୍ୱ ସେ ଗ୍ରହଣ କରିଥିଲେ ।

ଭାରତ ଇତିହାସରେ ପ୍ରଥମ ଥର ପାଇଁ ତାଙ୍କ ପୃଷ୍ଠପୋଷକତାରେ ବେଦଗୁଡ଼ିକ ଭାରତରେ ଛପା ହେଲା । ବ୍ୟକ୍ତିଗତ ଭାବରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା 'ସତ୍ୟାର୍ଥ ପ୍ରକାଶ' (ସତ୍ୟର ଆଲୋକ) ।

୧୮୮୩ରେ ସ୍ୱାମୀ ଦୟାନନ୍ଦ ଏକ ଘଟଣାବହୁଳ ଜୀବନ ପରେ ତାଙ୍କର ଦେହ ତ୍ୟାଗ କରିଥିଲେ । ତାଙ୍କ ଅନୁଚରମାନେ ଏକ ଦୟାନନ୍ଦ–ଆଂଗ୍ଲୋ–ବେଦିକ (DAV) ବିଦ୍ୟାଳୟ ଓ ମହାବିଦ୍ୟାଳୟ ୧୮୮୬ରେ ଲାହୋର (ବର୍ତ୍ତମାନ ପାକିସ୍ଥାନରେ) ସେ ଆରମ୍ଭ କଲେ । ଏହି ଡି.ଏ.ଭି. ଆନ୍ଦୋଳନ ତାଙ୍କର କାର୍ଯ୍ୟକୁ ସେତେବେଳଠାରୁ ଅଗ୍ରଗାମୀ କରାଇଛି ଓ ବର୍ତ୍ତମାନ ୭୫୦ ରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ଏକ ଛତ୍ରତଳେ କାର୍ଯ୍ୟ କରିଚାଲିଛି ।

ଦୁଇ ଅଗ୍ରଦୂତ ବ୍ୟତୀତ ଅନ୍ୟାନ୍ୟ ଯଥା– ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାଧାକାନ୍ତ ଦେବ, ଥିଓସଫି ସୋସାଇଟି ଓ ଆର୍ଯ୍ୟ ସମାଜ ଭଳି ଅନ୍ୟାନ୍ୟ ସମଭାବରେ ଅତିପରିଚିତ ବ୍ୟକ୍ତିତ୍ୱ ଓ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟାବଳୀର ଫଳସ୍ୱରୂପ ଏକ ବିରାଟ ସଂଖ୍ୟାରେ ପୂର୍ବ ଓ ଉତ୍ତର–ପୂର୍ବ ଭାରତର ଜନସାଧାରଣ ଜାଗ୍ରତ ହେଲେ ଏବଂ ଇଂରେଜମାନଙ୍କ ସହାୟତାରେ ଅନେକ ସାମାଜିକ ଖଳତାକୁ ନିଷିଦ୍ଧ କରାଗଲା ।

## ଜ୍ୟୋତିରାଓ ଗୋବିନ୍ଦ ରାଓ ଫୁଲେ (୧୮୨୭–୯୦)

'ଜ୍ୟୋତିବା' ବୋଲି ଲୋକପ୍ରିୟତାରେ ଜଣାଶୁଣା ଜ୍ୟୋତିରାଓ ଗୋବିନ୍ଦ ରାଓ ଫୁଲେ 'ମାଳି'ମାନଙ୍କର ଏକ ନୀଚ ଜାତିରେ ପୁନେରେ (୧୮୨୭) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଅନୁସାରେ ଶିକ୍ଷାର ମାଧ୍ୟମ ହିଁ ନୀଚ ଜାତିମାନଙ୍କର ଓ ମହିଳାମାନଙ୍କର ଭାଗ୍ୟରେ ଉନ୍ନତି ଆଣିବା ପାଇଁ ଏକମାତ୍ର ରାସ୍ତା । ଏଣୁ, ସେ ବିଶେଷ ଭାବରେ ନୀଚବର୍ଗ ପାଇଁ ଏକ ବିଦ୍ୟାଳୟ ଖୋଲିଲେ ଓ ୧୮୭୩ରେ 'ସତ୍ୟଶୋଧକ ସମାଜ' ମଧ୍ୟ ଖୋଲିଲେ । ସେତେବେଳର ଅସ୍ପୃଶ୍ୟ ଓ ପଛୁଆ ବର୍ଗର ଜନତାଙ୍କ ପାଇଁ ସାମାଜିକ ନ୍ୟାୟ ପାଇବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ତାଙ୍କର ଏହି କାର୍ଯ୍ୟ ପାଇଁ ପରବର୍ତ୍ତୀ ସମୟରେ ତାଙ୍କୁ ପରିଚୟ ମିଳିଲା ଓ ସେ ପୁନା ମୁନିସିପାଲିଟିକୁ ଜଣେ ସଭ୍ୟ ଭାବରେ ନିର୍ବାଚିତ ହେଲେ ।

## ପଣ୍ଡିତା ରମା ବାଈ (୧୮୫୮–୧୯୨୨)

ଭାରତରେ ବିଶେଷ କରି ମହାରାଷ୍ଟ୍ରରେ ଏହି ସମୟରେ ମହିଳା ସମାଜ ସଂସ୍କାରକମାନଙ୍କ ନାମ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନାମ ଥିଲା ପଣ୍ଡିତା ରମାବାଈ । ତାଙ୍କ ପିତାମାତାଙ୍କ ମୃତ୍ୟୁ ପରେ ସେ ଓ ତାଙ୍କ ଭାଇ ପୁରାଣଗୁଡ଼ିକ





ଉପରେ ପ୍ରବଚନ ଦେଇ ଦେଇ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରି ଚାଲିଲେ । ଫଳରେ ଜଣେ ଅଧ୍ୟୟନ ଓ ଧାର୍ମିକ ବକ୍ତା ଭାବରେ ତାଙ୍କର ଖ୍ୟାତି ସୁଦୂରପ୍ରସାରୀ ହେଲା, ଏମିତିକି କୋଲକାତା ପଣ୍ଡିତମାନେ ସହରବାସୀଙ୍କୁ ସମ୍ବୋଧନ କରିବାକୁ ତାଙ୍କୁ ନିମନ୍ତ୍ରଣ ମଧ୍ୟ କଲେ । ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଜ୍ଞାନ ଓ ବାଗ୍ମିତାରେ ଚମତ୍କୃତ ହେଲେ । ଏଣୁ ଜନତା ତାଙ୍କୁ 'ପଣ୍ଡିତା' ଜ୍ଞାନୀ ମହିଳାଙ୍କୁ ପ୍ରଦାନ କରାଯାଇଥିବା ଏକ ସଂଜ୍ଞା କହିବାକୁ ଆରମ୍ଭ କଲେ ।

୧୮୮୨ରେ ରମାବାଈ ପୁନେକୁ ଫେରିଗଲେ । ସ୍ୱାଭାବିକ ଭାବରେ ସେ 'ପ୍ରାର୍ଥନା ସମାଜ' ମହାରାଷ୍ଟ୍ରରେ 'ବ୍ରହ୍ମ ସମାଜ'ର ବାର୍ତ୍ତା ପ୍ରସାର କରୁଥିବା ଏକ ସଂସ୍କାର ସମାଜ ଆଡକୁ ଆକୃଷ୍ଟ ହେଲେ । ଏଠାରେ ମଧ୍ୟ ସେ ନାରୀମାନଙ୍କ ଅବସ୍ଥାର ଉନ୍ନତି କରିବାରେ ଏକାଗ୍ର ହେଲେ । ୧୮୯୦ରେ ସେ 'ଶାରଦା ସଦନ' ବୋଲି ବିଧବାମାନଙ୍କ ପାଇଁ ଏକ ଗୃହ ଆରମ୍ଭ କଲେ ।

ପଶ୍ଚିମ ଭାରତରେ ସମାଜ ସଂସ୍କାର ପାଇଁ କାର୍ଯ୍ୟ କରିଥିବା ଅନ୍ୟାନ୍ୟ ସୁପରିଚିତ ବ୍ୟକ୍ତିତ୍ୱ ହେଲେ ମହାଦେବ ଗୋବିନ୍ଦ ରାଣାଦେ, ଆର.ଜି. ଭଣ୍ଡାରକର, ଦାଦାଭାଇ ନାରୋଜୀ, ବେହେରାମଜୀ ମାଲବାରୀ ।

## ୫.୫ ଛାପାଖାନା ଏବଂ ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟର ଜନ୍ମ

୧୭୯୮ରେ, ଶିଳାମୁଦ୍ରଣ ବିଦ୍ୟା ଉଦ୍ଭାବନ ହେଲା । ଏକ ଲିପି, ଏକ ଛବି ବା ଏକ ଚିତ୍ରାଙ୍କନ ଛାପିବା ପାଇଁ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ପ୍ରସ୍ତରର ପୃଷ୍ଠକୁ ଉପଯୋଗ କଲା । ଏହି ଉପାୟରେ ସମାନ ବିଷୟବସ୍ତୁର ବହୁ ସଂଖ୍ୟାରେ ନକଲମାନ ଛାପା ଯାଇପାରିଲା । ପ୍ରାୟ ୧୮୨୦ ରୁ ଆଗକୁ ଶହ ଶହ କ୍ଷୁଦ୍ର ପୁସ୍ତିକା ଓ ବହିମାନ ଛପା ହେଲା, ଯେଉଁଗୁଡ଼ିକ କି ଭାରତର ବର୍ଦ୍ଧିଷ୍ଣୁ ସାକ୍ଷର ଜନତାଙ୍କ ଆବଶ୍ୟକତାକୁ ଯୋଗାଇ ଦିଆଗଲା । ଏହା ପାଶ୍ଚାତ୍ୟ ଜଗତ ଭାରତକୁ ପ୍ରଦାନ କରିଥିବା ସବୁଠାରୁ ବଡ଼ ଆଶୀର୍ବାଦ । ଫଳରେ ଊନବିଂଶ ଶତାବ୍ଦୀର ଶେଷସୁଦ୍ଧା, ଜନମତକୁ ପ୍ରଭାବିତ କରିବା ପାଇଁ ଛାପାଖାନା ଶକ୍ତିଶାଳୀ ହୋଇଯାଇଥିଲା ।

ନୂତନ ଛାପାଖାନାଗୁଡ଼ିକ ମୂଲ୍ୟବାନ ହୋଇନଥିବାରୁ, ସେଗୁଡ଼ିକର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଗଲା । ଏହା ପ୍ରତିବଦଳରେ ବିଭିନ୍ନ ଭାରତୀୟ ଭାଷାରେ ସାହିତ୍ୟ ସୃଷ୍ଟି କରିବାକୁ ବହୁ ସଂଖ୍ୟାରେ ଲେଖକମାନଙ୍କୁ ଉତ୍ସାହିତ କଲା । ସେମାନଙ୍କର ମୌଳିକ କାର୍ଯ୍ୟାବଳୀ ତଥା ଅନୁବାଦଗୁଡ଼ିକ ଏବଂ ଉତ୍କୃଷ୍ଟ ପ୍ରାଚୀନ ଭାରତୀୟ ଓ ପାଶ୍ଚାତ୍ୟ ସାହିତ୍ୟ ସହିତ ଖାପ ଖୁଆଇବା ଆମର ସଂସ୍କୃତି ପରମ୍ପରାକୁ ଉନ୍ନତ କରିବାରେ ସାହାଯ୍ୟ କଲା । ଏହା ଭାରତୀୟମାନଙ୍କର ଜାଗରଣରେ ସାହାଯ୍ୟ କଲା ।

ସାପ୍ତାହିକ, ପାକ୍ଷିକ ପତ୍ରିକାମାନ ଓ ଦୈନିକ ଖବରକାଗଜ ପ୍ରାୟ ପ୍ରତ୍ୟେକ ଭାଷାରେ ପ୍ରକାଶିତ ହେଲା । ଯଦିଓ ସମ୍ବାଦପତ୍ର ପାଠକମାନଙ୍କର ସମୁଦାୟ ସଂଖ୍ୟା ଇଉରୋପୀୟ ଦେଶମାନଙ୍କରେ ସେମାନଙ୍କର ସଂଖ୍ୟାଠାରୁ ତୁଳନାତ୍ମକ ଭାବେ କମ୍ ଥିଲା, ଉପନ୍ୟାସ, ପ୍ରବନ୍ଧ ଓ କବିତା ରୂପରେ ଏକ ସଂପୂର୍ଣ୍ଣ ନୂତନ ଶ୍ରେଣୀର ଜାତୀୟ ସାହିତ୍ୟ ଜାତୀୟତାକୁ ପୁନର୍ଜୀବିତ କରିବା ସୁସ୍ପଷ୍ଟ ଭୂମିକା ଗ୍ରହଣ କଲା । ବଙ୍କିମ ଚନ୍ଦ୍ରଙ୍କର 'ଆନନ୍ଦ ମଠ', ଦୀନବନ୍ଧୁ ମିତ୍ରଙ୍କର 'ନୀଳଦର୍ପଣ', ଭର୍ତ୍ତେନ୍ଦୁ ହରିଶ୍ଚନ୍ଦ୍ରଙ୍କର 'ଭାରତ ଦୁର୍ଦ୍ଦଶା', ଆସାମୀ ଭାଷାରେ ଲକ୍ଷ୍ମୀନାଥ ବେଜବରୁଆଙ୍କର କୃତୀ, ତାମିଲରେ ସୁବ୍ରମଣ୍ୟମ୍ ଭାରତୀଙ୍କର ଲେଖା ଓ ଉର୍ଦ୍ଦୁ ଭାଷାରେ ଆଲତାଫ୍ ହୁସେନଙ୍କର କୃତୀମାନ ଭାରତୀୟଙ୍କ ମନକୁ ଚହଲାଇ ଦେଲା ।

### ସମ୍ବାଦପତ୍ରଗୁଡ଼ିକର ଭୂମିକା

ଏହିପରି ଭାବରେ, ଊନବିଂଶ ଶତାବ୍ଦୀର ଶେଷ ସୁଦ୍ଧା ଭାରତରେ ଛାପାଖାନା ଜନମତର ସୃଷ୍ଟି, ପ୍ରସାର, ପ୍ରଭାବ ଓ ତୀକ୍ଷ୍ଣକରି ଏକ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର ହୋଇଯାଇଥିଲା ।

ଫଳତଃ ସରକାରୀ କର୍ମପଦ୍ଧତି ଓ ମୁଖ୍ୟସାମାଜିକ ଏବଂ ଅର୍ଥନୈତିକ ଘଟଣାବଳୀ ଉପରେ ଆଲୋଚନା, ସମାଲୋଚନା ଓ ମନ୍ତବ୍ୟ ପ୍ରଦାନ କରି ସମ୍ବାଦପତ୍ରଗୁଡ଼ିକ ଇଂରେଜ ବିରୋଧୀ ଭାବନାକୁ ବିସ୍ତାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କଲେ । ଏହା ଏକ ସର୍ବଭାରତୀୟ ସଚେତନା ସୃଷ୍ଟି କରିବାରେ ଓ ଭାରତବାସୀଙ୍କୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଶିକ୍ଷା ଦେବାରେ ସାହାଯ୍ୟ କଲା ।

କେତେକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦପତ୍ର :

| | | |
|---|---|---|
| ବଙ୍ଗ | – | ଦି ହିନ୍ଦୁ ପାଟ୍ରିଅଟ୍ (ଇଂରାଜୀ) |
| | | ଦି ଅମୃତ ବଜାର ପତ୍ରିକା (ଇଂରାଜୀ) |
| ବମ୍ବେ | – | ମହାରଥା (ଇଂରାଜୀ), କେଶରୀ (ମରାଠୀ) |
| ମାଡ୍ରାସ୍ | – | ଦି ହିନ୍ଦୁ (ଇଂରାଜୀ), ସ୍ୱଦେଶ ମିତ୍ରନ୍ (ତାମିଲ) |
| ପଞ୍ଜାବ | – | ଦି ଟ୍ରିବ୍ୟୁନ୍ (ଇଂରାଜୀ), କୋହିନୁର, ଅଖବାର ଆମ୍ (ଉର୍ଦ୍ଦୁ) |

## ୫.୬ ସ୍ୱାଧୀନତାଠାରୁ ଭାରତ

ସ୍ୱାଧୀନ ଭାରତ ମଧ୍ୟ ତା'ର ସଫଳ ସମ୍ପାଦନଗୁଡ଼ିକ ପାଇଁ ଉପଯୁକ୍ତ ଭାବେ ଗର୍ବୀତା ହୋଇପାରେ । ଏକ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ଉତ୍ତମ ଭିତ୍ତି ସ୍ଥାପନ ସ୍ୱାଧୀନ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳ ସମ୍ପାଦନ । ସ୍ୱାଧୀନତାଠାରୁ ପାଳିତ ହେଉଥିବା ସଂସଦୀୟ ଶାସନ ରୀତି ସମୟର ପରଖ ରୂପରେ ଦଣ୍ଡାୟମାନ ଓ ଆଜି ଭାରତ ପୃଥିବୀର ବୃହତ୍ତମ ସଂସଦୀୟ ଗଣତନ୍ତ୍ର । ପୂର୍ବରୁ ଥିବା ରାଜକୀୟ ରାଜ୍ୟଗୁଡ଼ିକ ଭାରତୀୟ ସଂଘ ସହିତ ମିଳିତ ହେବା ଅନ୍ୟ ଏକ ମୁଖ୍ୟ ସାଫଲ୍ୟ । ରାଜ୍ୟଗୁଡ଼ିକର ପୁନଃ ସଂଗଠନ ଏବେ ମଧ୍ୟ ଘଟିଚାଲିଥିବା ଏକ ଧାରା ଏବଂ ନୂଆ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଜନତାର ଆବଶ୍ୟକତା ଓ ଇଚ୍ଛା ଅନୁଯାୟୀ ଗଠିତ ହେଉଛି । ଦେଶର ସାମାଜିକ ନ୍ୟାୟ ସହିତ ଅର୍ଥନୈତିକ ବୃଦ୍ଧିକୁ ନିଶ୍ଚିତ କରିବା ପାଇଁ ସ୍ୱାଧୀନତା ପରେ ଅର୍ଥନୈତିକ ଯୋଜନା ଆରମ୍ଭ କରାଯାଇଛି । ଫଳରେ ଅର୍ଥନୈତିକ ବିକାଶ ସ୍ତରରେ, ନିର୍ଦ୍ଦିଷ୍ଟ ଭାବରେ କୃଷି ଓ କୃଷିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଭାରତ ଯଥେଷ୍ଟ ଆଗେଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ମଧ୍ୟ ଭାରତ ପ୍ରଶଂସନୀୟ ଭାବରେ ପ୍ରଗତି କରିଛି । ଉଚ୍ଚ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ମଧ୍ୟ ସେ ଦ୍ରୁତ ଗତିରେ ଅତି ବିକଶିତ ଦେଶମାନଙ୍କ ସହିତ ମିଶି ପାରୁଛି । ତା'ର ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା ଏବଂ କୂଟନୀତିକ ସ୍ଥିତି ପାଇଁ ଭାରତର ସ୍ୱର ଆଜି ଆନ୍ତର୍ଜାତିକ ସଭାରେ ସମ୍ମାନର ସହିତ ଶୁଣାଯାଉଛି । ଭାରତ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ ହେବା କଥା, ଆଜି ସେହି ଏକାଭଳି ବହୁଳ ଭାବେ ଗ୍ରହଣୀୟ ହେଉଛି ।

### ୫.୬.୧ ଜାତୀୟତାବାଦୀ ଆନ୍ଦୋଳନ – ଆରମ୍ଭ

ଇଂରେଜମାନଙ୍କର ସାମ୍ରାଜ୍ୟବାଦୀ ଔପନିବେଶିକତ୍ୱ ପ୍ରତ୍ୟେକ ସ୍ତରରେ ଭାରତର ପଛେଇଯିବାର ମୁଖ୍ୟ କାରଣ ଥିଲା । ଏହି ସତ୍ୟକୁ ବର୍ତ୍ତମାନ ଭାରତୀୟମାନେ ଗଭୀର ଭାବେ ଅନୁଭବ କରୁଛନ୍ତି । ଇଂରେଜ ଲୋଭ ଓ ନିସ୍ପୃହତାର ସବୁଠାରୁ ଖରାପ ଶିକାର ଥିଲେ କୃଷକ ଓ କର୍ମଜୀବୀମାନେ । ଶିଳ୍ପପତି ଓ ପୁଞ୍ଜିପତିମାନେ ମଧ୍ୟ ଇଂରେଜଶାସନରେ ସନ୍ତୁଷ୍ଟ ନଥିଲେ । ଏହି ସମୟରେ ବୁଦ୍ଧିଜୀବୀମାନେ ଏକ ଆଖିଦୃଶିଆ ଭୂମିକା ନେଲେ । ଇଂରେଜ ଶାସନର ପ୍ରକୃତ ଧର୍ମ ଜାଣିବାରେ ସେମାନେ ହିଁ ପ୍ରଥମ । ସେମାନଙ୍କର ପ୍ରାରମ୍ଭିକ ଆଶା ଯେ, ଇଂରେଜମାନେ ଉଦାର



ଟିପ୍ପଣୀ

ଶାସକ ଏ ଆଶା ହୋଇଗଲା । ସେମାନେ ବର୍ତ୍ତମାନ ଅନୁଭବ କରୁଛନ୍ତି ଯେ, ଇଂରେଜମାନେ ଲୋଭୀ ଓ ସ୍ୱାର୍ଥପର ଥିଲେ । କେବଳ ନିଜର ବ୍ୟକ୍ତିଗତ ଓ ଇଂଲଣ୍ଡର ସାଧାରଣ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେଉଥିଲେ । ଊନବିଂଶ ଶତାବ୍ଦୀ ସୁଦ୍ଧା ସମସ୍ତ ଭାରତୀୟ ଅନୁଭବ କରି ସାରିଥିଲେ ଯେ, ସେମାନଙ୍କର ସମସ୍ତଙ୍କର ଜଣେ ସାଧାରଣ ଶତ୍ରୁ ହେଉଛନ୍ତି ଇଂରେଜମାନେ ଯେଉଁମାନେ କି ନିଜର ସୁଖସୁବିଧା ପାଇଁ ଭାରତକୁ ଧ୍ୱଂସ କରିବାକୁ ଯାଉଛନ୍ତି – ଏଥିରେ ସମସ୍ତେ ଏକଯୁଟ ହୋଇଥିଲେ । ଇଂରେଜମାନେ ଦେଶ ଶାସନ ଓ ଅର୍ଥନୈତିକ ଏକୀକରଣରେ ସାହାଯ୍ୟ କରିଥିଲେ । ସେମାନେ ଯୋଗାଯୋଗ ପ୍ରଣାଳୀର ରେଳରାସ୍ତା, ଡାକତାର ଆରମ୍ଭ କଲେ ତଥା ରାସ୍ତା ଓ ମୋଟର ପରିବହନର ଉନ୍ନତି କଲେ, ଯେଉଁଗୁଡ଼ିକର ଏହି ଏକୀକରଣ ପ୍ରତି ଅବଦାନ ରହିଲା । ଇଂରେଜମାନଙ୍କ ସହିତ ଭାରତକୁ ଆସିଥିବା ପାଶ୍ଚାତ୍ୟ ଚିନ୍ତାଧାରା ଓ ଶିକ୍ଷା ଭାରତୀୟ ଜନସାଧାରଣଙ୍କର ସଚେତନତା ଜାଗ୍ରତ କରାଇବାରେ ସାହାଯ୍ୟ କଲା । ଗଣତନ୍ତ୍ର, ମାନବିକତା, ଜାତୀୟତା ଓ ସାର୍ବଭୌମତ୍ୱର ଆଧୁନିକ ଧାରଣାସବୁ ଭାରତୀୟମାନଙ୍କୁ ଜାତୀୟତା ଦିଗ୍‌ଦର୍ଶନ ଦେବାକୁ ଆରମ୍ଭ କଲା । ଜାତୀୟତାବାଦୀ ଭାବଧାରାକୁ ପ୍ରସାର କରିବାରେ ଛାପାଖାନା ଓ ସାହିତ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ । ଅନେକ ଦେଶପ୍ରେମୀ ଲେଖକ ଥିଲେ, ଯେଉଁମାନେ କି ସେମାନଙ୍କ  ଲେଖା ଦ୍ୱାରା ଜନତାକୁ ପ୍ରେରଣା ଦେଲେ । ଊନବିଂଶ ଶତାବ୍ଦୀରେ ଭାରତର ପ୍ରାଚୀନ ଗୌରବର ମଧ୍ୟ ପୁନରୁତ୍‌ଥାନ ହେଲା । ଏହା କିଛି ସୁଶିକ୍ଷିତ ଇଉରୋପୀୟଙ୍କ ନେତୃତ୍ୱରେ ପରିଚାଳିତ ହେଲା, ଯେଉଁମାନେ କି ଭାରତର ଅତୀତ ବିଷୟ ଅଧ୍ୟୟନ କରୁଥିଲେ ଓ ଏହାର ଗଭୀରତା ଓ ଗୌରବକୁ ବାହାରକୁ ଆଣିଲେ । କେତେକ ଖ୍ୟାତିସମ୍ପନ୍ନ ଶିକ୍ଷିତ ଭାରତୀୟ ମଧ୍ୟ ଦେଶରେ ଏହା ବିଷୟରେ ସଚେତନତା ପ୍ରସାର କରି ଏହି ପୁନରୁତ୍ଥାନରେ ସାହାଯ୍ୟ କଲେ । ଭାରତରେ ଇଂରେଜ ଶାସକମାନଙ୍କର ଜାତିଗତ ଅହଂକାର ଓ ପାତରଅନ୍ତର ବିଚାର, ଇଲବଟ୍ ବିଲ ବିରୋଧରେ ଉତ୍ତେଜନା ସୃଷ୍ଟି ଲର୍ଡ ଲିଟନ୍‌ଙ୍କର ଭାରତ ବିରୋଧୀ ବ୍ୟବସ୍ଥାମାନ ଓ ଅନେକ ଭାରତୀୟ ଦୁର୍ଭିକ୍ଷରେ ମରୁଥିବାବେଳେ ଭାରତରେ ଅପବ୍ୟୟୀ ଇଂରେଜ ରାଜାଙ୍କର ଦରବାର ବସିବା – ସମସ୍ତ ଘଟଣା ଭାରତୀୟଙ୍କ ମଧ୍ୟରେ ଇଂରେଜ ବିରୋଧୀ ଭାବନାକୁ ବଢ଼ାଇଦେବା ଦିଗରେ ଆଗେଇ ନେଲା । ଊନବିଂଶ ଶତାବ୍ଦୀରେ ଦେଶରେ ଜାତୀୟତାବାଦୀ ଭାବନାର ପ୍ରସାରର ଏ ସମସ୍ତ ଗୁଡ଼ିଏ କାରଣ ହୋଇଗଲା । ଭାରତୀୟ ଜାତୀୟ କଂଗ୍ରେସର ଆବିର୍ଭାବ ସହିତ ଏହି ଭାବଧାରା ଏକ ଜାତୀୟତାବାଦୀ ଆନ୍ଦୋଳନର ରୂପ ନେଲା । ଭାରତୀୟ ଜାତୀୟ କଂଗ୍ରେସର ଇତିହାସ ଭାରତରେ ଜାତୀୟତାବାଦୀ ଆନ୍ଦୋଳନର ଇତିହାସ ହୋଇଗଲା । କଂଗ୍ରେସ ଏହି ସମୟ ମଧ୍ୟରେ ବିଶେଷ ରାଜନୈତିକ ସଫଳତା ପାଇଲା ନାହିଁ ଅର୍ଥାତ୍ ଏହା ଆରମ୍ଭର ପ୍ରଥମ ୨୦ ବର୍ଷ ଭିତରେ । କିନ୍ତୁ ରାଜନୈତିକ ସଚେତନତା ଓ ଏକତାର ଭାବଧାରା ସୃଷ୍ଟି କରିବାରେ ଏହା ସଫଳ ହେଲା । ଏହି ଅବସ୍ଥାକୁ ଜାତୀୟ ଆନ୍ଦୋଳନରେ ନରମପନ୍ଥୀମାନଙ୍କର ଯୁଗ ବୋଲି କୁହାଯାଇପାରେ ।

'ମୁସଲିମ୍ ଲିଗ୍'ର  ଗଠନକୁ ଇଂରେଜୀ ରଣନୀତିରେ – 'ବିଭାଜନ କର ଓ ଶାସନ କର'ର ପ୍ରଥମ ଫଳ ବୋଲି ବିବେଚନା କରାଯାଏ । ଇଂରେଜମାନେ ଖୁସି ଥିଲେ ଯେ, ସେମାନେ ୬୨ ଅୟୁତ ମୁସଲମାନଙ୍କୁ ହିନ୍ଦୁମାନଙ୍କଠାରୁ ଭିନ୍ନ କରିବାରେ ସଫଳ ହୋଇଥିଲେ । ଏହିପରି ଭାବେ ସାଂପ୍ରଦାୟିକତା ଦୁଷ୍ଟ ରାକ୍ଷସ ଆମ ଦେଶରେ ଉଦ୍ରେକ ହେଲା ।

## ଗୃହ ଆଇନ୍ ଆନ୍ଦୋଳନ (ଦି ହୋମ୍ ରୁଲ ମୁଭମେଣ୍ଟ)

ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪ରେ ଆରମ୍ଭ ହେଲା । କଂଗ୍ରେସ ଇଂରେଜଙ୍କୁ ସମର୍ଥନ କରିବାକୁ ସ୍ଥିର କଲା । ଏହା ବିଶ୍ୱାସ କରାଯାଉଥିଲା ବିଶେଷକରି ନରମପନ୍ଥୀମାନଙ୍କ ଦ୍ୱାରା ଯେ, ଯୁଦ୍ଧ ପରେ ଇଂରେଜମାନେ ଭାରତକୁ ସ୍ୱାଧୀନତା ମଞ୍ଜୁର କରି ଅନୁଗୃହୀତ କରିବେ । କିନ୍ତୁ ଶୀଘ୍ର ଏହା ଅନୁଭବ କରାହେଲା ଯେ, ଉପନିବେଶ ଗୁଡ଼ିକୁ ରଖାଯିବା





ପାଇଁ ଯୁଦ୍ଧ କରାଯାଉଥିବାରୁ ଏହି ଆଶା ପୂରଣ ହେବ ନାହିଁ । ଫଳସ୍ୱରୂପ ୧୯୧୫-୧୬ ଭିତରେ ଦୁଇଟି 'ହୋମ ରୁଲ୍ ଲିଗ୍' ପ୍ରତିଷ୍ଠିତ ହେଲା । ଗୋଟିଏ ପୁନାରେ ତିଳକଙ୍କ ଦ୍ୱାରା ଆରମ୍ଭ ହେଲା ଓ ଅନ୍ୟଟି ମାଡ୍ରାସ୍‌ରେ । ଆନି ବେସାନ୍ତଙ୍କ ଦ୍ୱାରା ଏହି ଲିଗ୍‌ଗୁଡ଼ିକ ସ୍ୱରାଜ ବା ନିଜ ସରକାର ପାଇବାରେ ଲକ୍ଷ୍ୟ ରଖିଥିଲେ । ସେମାନେ ଭାରତୀୟ ଜାତୀୟତାବାଦୀମାନଙ୍କୁ ହାସଲ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦେଇଥିଲେ । ଲକ୍ଷ୍ୟ ହାସଲ ପାଇଁ ଏହି ଆନ୍ଦୋଳନ ହିଂସାତ୍ମକ ବା ବୈପ୍ଳବିକ ପଦ୍ଧତିକୁ ଏଡ଼ାଇ ଦେଇଥିଲେ । ହୋମରୁଲ୍ ଲିଗ୍ ଗୁଡ଼ିକ କଂଗ୍ରେସର ସାହାଯ୍ୟକାରୀ ଏକକ ଭଳି କାର୍ଯ୍ୟ କରୁଥିଲେ ।

## ୫.୬.୨ ୧୯୦୫ – ୧୯୧୮ ପର୍ଯ୍ୟାୟ

ଆମ ଜାତୀୟ ଆନ୍ଦୋଳନରେ ୧୯୦୫ ଓ ୧୯୧୮ ମଝିର ପର୍ଯ୍ୟାୟକୁ ଚରମପନ୍ଥୀମାନଙ୍କର ଯୁଗ ବୋଲି କୁହାଯାଏ । ଭାରତର ରାଜନୈତିକ ଲକ୍ଷ୍ୟର ସଂଜ୍ଞା ନିରୂପଣ କରିବାରେ ଅସଫଳତା, ନରମ ଓ ନିଷ୍ଫଳ ପ୍ରଣାଳୀର ଉପଯୋଗ ଓ ଆନ୍ଦୋଳନକୁ ଏକ ଗଣ ଆନ୍ଦୋଳନ କରିବାରେ ଅସଫଳତା ଭିତ୍ତିରେ ଚରମପନ୍ଥୀମାନେ ନରମପନ୍ଥୀଙ୍କୁ ସମାଲୋଚନା କଲେ । ପ୍ରତ୍ୟକ୍ଷ ରାଜନୈତିକ କାର୍ଯ୍ୟାନୁଷ୍ଠାନ ଓ ସାମ୍ବିଧାନିକ ସଂସ୍କାର ବଦଳରେ ସ୍ୱରାଜ ବା ସ୍ୱାୟତ୍ତ ଶାସନ ଦାବୀ କରିବାରେ ଚରମପନ୍ଥୀମାନେ ବିଶ୍ୱାସ କରୁଥିଲେ । ଚରମପନ୍ଥୀଙ୍କର ମୌଳିକ ପ୍ରଭେଦ ସୁପରିଚିତ ତ୍ରୟ – ଲାଲ୍, ବାଲ୍, ପାଲ୍, ଅର୍ଥାତ୍ ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଳକ ଓ ବିପିନ୍ ଚନ୍ଦ୍ର ପାଲଙ୍କଦ୍ୱାରା ଚାଳିତ ହୋଇ ଅଗ୍ରଗାମୀ ହେଲା । ବଙ୍କିମ ଚନ୍ଦ୍ର, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ଅରବିନ୍ଦ ଘୋଷ ସେମାନଙ୍କର ମତ ଓ ଧର୍ମୋପଦେଶ ଦ୍ୱାରା ଚରମପନ୍ଥୀ ଦର୍ଶନକୁ ଉତ୍ସାହିତ କଲେ । ଭାରତରେ କର୍ଜନଙ୍କ ଦମନ ନୀତି, ଯେଉଁଟାକି ସାମ୍ପ୍ରଦାୟିକତା ଦିଗରେ 'ବିଭାଜନ ଓ ଶାସନ' କରିବା ପାଇଁ ବଙ୍ଗଳାକୁ ଭାଗ ଭାଗ କରି ଶେଷସୀମାରେ ପହଞ୍ଚିଲା ଆନ୍ଦୋଳନର ତତ୍‌କାଳ କାରଣ ହୋଇପଡ଼ିଲା । ବଙ୍ଗଳାର ବିଭାଜନ ବିରୋଧରେ ଏକ ଆନ୍ଦୋଳନ ସେତେବେଳେ ହୋଇଥିଲା । ବିଦେଶୀ ସରଞ୍ଜାମର 'ବୟକଟ୍' ବର୍ଜନ ଓ 'ସ୍ୱଦେଶୀ' ବା ଦେଶରେ ତିଆରି ହେଉଥିବା ସରଞ୍ଜାମର ଗ୍ରହଣ ଉପାୟମାନ ଗ୍ରହଣ କରାଗଲା । 'ବୟକଟ' ଓ 'ସ୍ୱଦେଶୀ' ଶୀଘ୍ର ପ୍ରସାର ହେଲା ଓ ଦେଶବ୍ୟାପୀ ଆନ୍ଦୋଳନ ଚାଲିଲା । ମହିଳାମାନଙ୍କ ସମେତ ସମାଜର ସମସ୍ତ ଶ୍ରେଣୀ ଆନ୍ଦୋଳନରେ ସକ୍ରିୟ ହୋଇ ଉଠିଲେ । ଏହା ଏକ ଗଣ ଆନ୍ଦୋଳନ ହୋଇଗଲା । ଏହାକୁ ଚପାଇ ଦେବା ପାଇଁ ଇଂରେଜ ସରକାର ସମସ୍ତ ପ୍ରକାରର ହିଂସାତ୍ମକ ଦମନ ଉପାୟର ଉପଯୋଗ କଲା ।

## ୫.୬.୩ ୧୯୧୯ – ୧୯୩୪ ପର୍ଯ୍ୟାୟ

ମଣ୍ଟେଗୁ – ଚେମ୍ସ୍‌ଫୋର୍ଡ ସଂସ୍କାର ଭାରତ ଆଇନ୍ ୧୯୧୯ର ସରକାର ସହିତ ପ୍ରଦେଶଗୁଡ଼ିକରେ 'ଡାୟାରକି' ବା ଦ୍ୱୈତ ଶାସନ ଆରମ୍ଭ କଲେ । ନରମପନ୍ଥୀମାନେ ଏ ସଂସ୍କାରକୁ ସ୍ୱାଗତ କଲାବେଳେ ଚରମପନ୍ଥୀମାନେ ବିରୋଧ କଲେ । ରାଜନୈତିକ ହିଂସାକୁ ଦମନ କରିବା ପାଇଁ ରାଓଲତ ଆଇନ୍ ମଧ୍ୟ କାର୍ଯ୍ୟକାରୀ ହେଲା । ଏହି ସନ୍ଧିକ୍ଷଣରେ ଭାରତ ସ୍ୱାଧୀନତାର ରାଜନୈତିକ ବାତାବରଣରେ ଆଉ ଜଣେ ନୂତନ ମୁଖ୍ୟ ଆବିର୍ଭୂତ ହେଲେ । ଏଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧି, ଯେ କି କଂଗ୍ରେସର ଉଚ୍ଚତମ ନେତୃତ୍ୱରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ପ୍ରତି ଆଚରଣ କରାଯାଉଥିବା ବର୍ଣ୍ଣ ବୈଷମ୍ୟ ବିରୁଦ୍ଧରେ ହେଉଥିବା ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ । ସେ ସତ୍ୟାଗ୍ରହ (ସତ୍ୟଶକ୍ତି ବା ପ୍ରେମ ଶକ୍ତି ବା ଆତ୍ମାଶକ୍ତି) ନାମକ ରାଜନୈତିକ ଅସ୍ତ୍ରର ଉପଯୋଗ କରିଥିଲେ । ଭାରତରେ ତାଙ୍କର ପ୍ରଥମ ବିଜୟୋଲ୍ଲାସ ଥିଲା ଚମ୍ପାରଣ ସତ୍ୟାଗ୍ରହ । ଏହା ସ୍ୱାଧୀନତା ସଂଗ୍ରାମର ତୃତୀୟ ସ୍ତରର ଆରମ୍ଭ, ଯାହାକୁ ଗାନ୍ଧିଯୁଗ ବୋଲି କୁହାଯାଇପାରେ ।



ଟିପ୍ପଣୀ

ରାଓଲାଟ ଆଇନ୍ ବିରୁଦ୍ଧରେ ଏକ ଆନ୍ଦୋଳନ ଆରମ୍ଭ ହେଲା । କିନ୍ତୁ ଗାନ୍ଧି ଏଥିରୁ ଓହରିଗଲେ, କାରଣ ହିଂସାର ଉଦ୍ରେକ ହେଲା । ସେ କଠୋର ଭାବରେ ହିଂସାର ବିରୋଧ କରୁଥିଲେ । ୧୯୧୯ ଏପ୍ରିଲ ମାସ ୧୩ ତାରିଖ ଦିନ ଅମୃତସରଠାରେ ଜାଲିଆନ୍‌ୱାଲା ବାଗ୍ ଗଣହତ୍ୟା ଘଟିଥିଲା । ଜେନେରାଲ ଡାୟାରଙ୍କ ଆଦେଶରେ ସହସ୍ରାଧିକ ଜନତା ନିହତ ହୋଇଥିଲେ । ୧୯୧୯ ନଭେମ୍ବରରେ 'ଖିଲାଫତ୍' ଆନ୍ଦୋଳନ ଆରମ୍ଭ ହେଲା । ଲକ୍ଷ୍ୟ ଥିଲା ତୁର୍କୀ ଘଟଣାରେ ମୁସଲମାନମାନଙ୍କ ଉପରେ ହୋଇଥିବା ଅନ୍ୟାୟକୁ ସଜାଡିବା ପାଇଁ ସରକାରଙ୍କ ଉପରେ ଚାପ ପକାଇବା । ଖିଲାଫତ ଆନ୍ଦୋଳନ ଗାନ୍ଧିଙ୍କର ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ସହିତ ମିଶିଗଲା । ସେ ମାର୍ଚ୍ଚ ୧୦, ୧୯୨୦ରେ ତାଙ୍କର ଅହିଂସା ଅସହଯୋଗ ଦର୍ଶନକୁ ବୁଝାଇ ଏକ ବିଜ୍ଞପ୍ତି ବାହାର କଲେ । ସେ ଇଂରେଜଙ୍କର ଚାକିରୀ, ଦରବାର, ବିଦ୍ୟାଳୟ, ମହାବିଦ୍ୟାଳୟ, ଉତ୍ସବ ଓ ଦ୍ରବ୍ୟ ସମେତ ଯେକୌଣସି ଜିନିଷର ବର୍ଜନ ପାଇଁ ଏକ ବିସ୍ତୃତ କର୍ମସୂଚୀ ରଖିଲେ । ଏକ ରଚନାତ୍ମକ କର୍ମସୂଚୀ ଭିତରେ ସ୍ୱଦେଶୀ ଦ୍ରବ୍ୟର ଆରମ୍ଭ, ଅସ୍ପୃଶ୍ୟତା ନିବାରଣ ଓ ହିନ୍ଦୁମୁସଲମାନ ଏକତାର ଆରମ୍ଭ ହେଲା । ସି.ଆର୍.ଦାସ ଓ ମୋତିଲାଲ ନେହେରୁ ଏହି ବ୍ୟବସ୍ଥାକୁ 'ସ୍ୱରାଜ ପାର୍ଟି' ଅଧୀନରେ ପରିଷଦ ଭିତରୁ ଭାଙ୍ଗିଦେବାକୁ ଯୋଜନା କଲେ । କିନ୍ତୁ ଏହା ତିନିବର୍ଷ ମଧ୍ୟରେ ଅସଫଳ ହେଲା । ୧୯୨୨ରେ ବିପ୍ଳବାତ୍ମକ କାର୍ଯ୍ୟ ପୁନର୍ଜିବୀତ ହେଲା ଓ ୧୯୩୪ ପର୍ଯ୍ୟନ୍ତ ଏଠି ସେଠି ବିଭିନ୍ନ ଜାଗାରେ ଘଟି ଚାଲିଲା । ଭଗତ୍ ସିଂ, ଚନ୍ଦ୍ରଶେଖର ଆଜାଦ, ରାଜଗୁରୁ, ସୁଖଦେବ, ବିସ୍ମିଲ, ଆସଫାକ୍‌ଲ୍ଲା ଓ ଆହୁରି ଅନେକ ଆଖିଦୃଶିଆ ବିପ୍ଳବୀମାନଙ୍କ ମଧ୍ୟରେ ଥିଲେ । ଏମ୍.ଏନ୍. ରୟ, ଡାଙ୍ଗେ ଓ ମୁଜାଫରଙ୍କ ଭଳି ବିପ୍ଳବୀ ସାମ୍ୟବାଦୀମାନେ ଥିଲେ । ମିରଟ୍ ଷଡଯନ୍ତ୍ର ଘଟଣାରେ କେତେକ ସାମ୍ୟବାଦୀଙ୍କୁ ଦୀର୍ଘକାଳ ଦଣ୍ଡ ଦିଆଯାଇଥିଲା । ୧୯୧୯ରେ ସାଇମନ୍ କମିଶନ୍ ଗଠିତ ହେଲା ଓ ରାଜନୈତିକ ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଭାରତକୁ ପଠାହେଲା । କମିଶନ୍‌ରେ କୌଣସି ଭାରତୀୟଙ୍କୁ ରଖାଯାଇ ନଥିବାରୁ ଏହା ଯେଉଁଠାକୁ ଗଲା ପ୍ରତ୍ୟେକ ସ୍ଥାନରେ ଏହା ଅହିଂସା, କିନ୍ତୁ ତିକ୍ତ ପ୍ରତିବାଦର ସାମ୍ନା କଲା । ଲାହୋରରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାକୁ ନେତୃତ୍ୱ ଦେଲାବେଳେ ଲାଲା ଲାଜପତ୍‌ରାଏ ପାଇଥିବା ଲାଠିମାଡରେ କ୍ଷତ ବିକ୍ଷତ ହୋଇ ମରିଗଲେ । ୧୯୨୮ରେ ନେହେରୁ ରିପୋର୍ଟ ନାମରେ ଭାରତ ପାଇଁ ଏକ ସମ୍ବିଧାନର ବାହ୍ୟ ଆକାର ତିଆରି କରାଗଲା । ୧୯୨୯ରେ କଂଗ୍ରେସର ଲାହୋର ସେସନ୍‌ରେ ପୂର୍ଣ୍ଣସ୍ୱରାଜ ସ୍ଲୋଗାନ ଲକ୍ଷ୍ୟ ଭାବରେ ଗ୍ରହଣ କରାଗଲା । ୧୯୩୦ ଜାନୁୟାରୀ ୨୬ ସ୍ୱାଧୀନତା ଦିବସ ଭାବରେ ପାଳନ କରାଗଲା । ୬ ଏପ୍ରିଲ ୧୯୩୦ରେ ଗାନ୍ଧି ଦାଣ୍ଡିଯାତ୍ରା ନାମରେ ଲୋକପ୍ରିୟ ଲବଣ ସତ୍ୟାଗ୍ରହ ଆରମ୍ଭ କଲେ । ୧୯୩୪ ପର୍ଯ୍ୟନ୍ତ ଆଇନ୍ ଅମାନ୍ୟ ଆନ୍ଦୋଳନ ଚାଲିଲା । ଇତି ମଧ୍ୟରେ ଗୋଲ ଟେବୁଲ ବୈଠକ ବସିଥିଲା । କିନ୍ତୁ ଆନ୍ଦୋଳନ ବନ୍ଦ ରଖିବାକୁ ହେଲା । ୧୯୩୪ ଅକ୍ଟୋବରରେ ଗାନ୍ଧି କଂଗ୍ରେସରୁ ଅବସର ନେଲେ । ଗାନ୍ଧି 'ପତିତ' ଓ ଅସ୍ପୃଶ୍ୟ ବର୍ଗର ଅବସ୍ଥା ହାତକୁ ନେଲେ ଯେଉଁମାନଙ୍କୁ କି ସେ 'ହରିଜନ' ବୋଲି କହିଲେ । ହରିଜନ ସେବକ ସଂଘ ପ୍ରତିଷ୍ଠିତ ହେଲା ।

## ୫.୬.୪ ସ୍ୱାଧୀନତା ହାସଲ

୧୯୩୫ରେ ଭାରତ ସରକାର ଆଇନ୍ ଲାଗୁ ହେଲା । ସର୍ବଭାରତୀୟ ସଂଗଠନର ଏକ ଧାରଣାର ଏହା ଉଦ୍ରେକ କରାଇଲା । ପ୍ରାଦେଶିକ ସ୍ୱାୟତ୍ତ ଶାସନ ଆରମ୍ଭ ହେଲା । ଜନସଂଖ୍ୟାର ମାତ୍ର ୧୪ ଶତକଡା ଭୋଟ୍ ଦେଇ ପାରିଲେ । ଅନ୍ୟମାନଙ୍କ ମଧ୍ୟରେ ମୁସଲମାନ, ଶିଖ୍, ଭାରତୀୟ ଖ୍ରୀଷ୍ଟିୟାନ, ଆଂଗ୍ଲୋଇଣ୍ଡିଆନ୍ ଓ ଇଉରୋପୀୟମାନଙ୍କ ପାଇଁ ଭିନ୍ନ ଭିନ୍ନ ନିର୍ବାଚନ ମଣ୍ଡଳୀ ଯୋଗାଇ ଦିଆଗଲା । ଆଇନ୍‌ଟି ଜାତୀୟ ଏକତାର ଆବିର୍ଭାବକୁ ହତୋତ୍ସାହିତ (ବିରୋଧ) କଲା ଓ ପୃଥକୀକରଣ ଓ ସାମ୍ପ୍ରଦାୟିକତାକୁ ଉତ୍ସାହିତ କଲା । କଂଗ୍ରେସ ଏହି ଆଇନ୍‌କୁ ନାପସନ୍ଦ କଲା, କିନ୍ତୁ ନିର୍ବାଚନରେ ଭାଗ ନେବାକୁ ସ୍ଥିର କଲା । ୧୯୩୭ରେ ନିର୍ବାଚନ ହେଲା । ଏଗାରଟି ପ୍ରଦେଶରୁ





ସାତଟିରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏହା ଅନେକ ବାଟରେ ଲୋକମାନଙ୍କୁ ଆଶ୍ୱସ୍ତ କଲା । ସମାଜବାଦୀ ବିଶ୍ୱାସ କଂଗ୍ରେସ ଭିତରେ ତଥା ବାହାରେ ବଢ଼ିଗଲା । ନେହେରୁ ଓ ବୋଷଙ୍କ ଭଳି ମୁଖ୍ୟ କଂଗ୍ରେସ ନେତାମାନେ ମଧ୍ୟ ସମାଜବାଦୀ ଧାରଣା ଦ୍ୱାରା ପ୍ରଭାବିତ ହେଲେ । ଇଂରେଜ ନୀତି ବିଭାଜନ କର ଓ ଶାସନ କର ସାମ୍ୟବାଦକୁ ବାଟ କଢ଼େଇଲା । ଇଂରେଜ ଶାସକମାନେ ଗୋଟିଏ ସଂପ୍ରଦାୟକୁ ଅନ୍ୟ ଏକ ବିରୁଦ୍ଧରେ ଖେଳେଇବାକୁ ଆରମ୍ଭ କଲେ । ସେମାନେ ମୁସଲମାନମାନଙ୍କୁ ସନ୍ତୁଷ୍ଟ କରି ଓ 'ସଂଖ୍ୟାଲଘୁ ଅଧିକାର' ଭାବରେ ସୁଖ ସୁବିଧା ମାଗିବା ପାଇଁ ଉସକାଇ ଉଦୀୟମାନ ଜାତୀୟତାକୁ ପ୍ରତିରୋଧ କରିବାକୁ ଚେଷ୍ଟା କଲେ । ଭାରତୀୟମାନଙ୍କୁ ବିଭାଜନ କରିବା ଓ ଜାତୀୟ ଏକତାକୁ ଦୁର୍ବଳ କରିବାର ସେହି ସମାନ ଲକ୍ଷ୍ୟରେ ସାଂପ୍ରଦାୟିକ ନିର୍ବାଚନ ମଣ୍ଡଳୀ ଗୁଡ଼ିକ ହୋଇଥିଲା । ସାଂପ୍ରଦାୟିକତାର ଫଳରେ, ୧୯୩୮ରେ ଦୁଇଜାତି ମତବାଦର ଉଦ୍ରେକ ହେଲା ଓ ଜିନ୍ନାଙ୍କ ଦ୍ୱାରା ୧୯୪୦ରେ ସ୍ପଷ୍ଟ ଭାବରେ ଉଚ୍ଚାରିତ ହେଲା । ଅଣମୁସଲମାନ ସାଂପ୍ରଦାୟିକତା କେବେହେଲେ ମୁସଲମାନ ସାଂପ୍ରଦାୟିକତା ଭଳି ଏତେ ଗୁରୁତର ଆକାର ଧାରଣ କରିନଥିଲା । ଏହା ବରଂ ମୁସଲମାନ ସଂପ୍ରଦାୟ ପ୍ରତି ଏକ ପ୍ରତିକ୍ରିୟା ଥିଲା । ୧୯୩୩ରେ ବନାରସଠାରେ ହିନ୍ଦୁ ମହାସଭାର ଏକ ଅଧିବେଶନ ବସିଲା । ସ୍ୱାମୀ ଦୟାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଓ ତାହା ଅଧୀନରେ ଥିବା ଶୁଦ୍ଧି ଆନ୍ଦୋଳନ ହିନ୍ଦୁ ସମ୍ପ୍ରଦାୟକୁ ନିର୍ମଳ ଓ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ଥିଲା । ଡ. ହେଡ୍‌ଗେୱାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର.ଏସ୍.ଏସ୍) ପ୍ରତିଷ୍ଠା କଲେ । ହିନ୍ଦୁ ଜନତାଙ୍କୁ ଜାଗ୍ରତ ଓ ସଂଗଠିତ କରିବାକୁ ତଥା ସେମାନଙ୍କ ଭିତରେ ପ୍ରଚଣ୍ଡ ଜାତୀୟତାବୋଧ ଭରି ଦେବାକୁ ଏହା ଉଦ୍ଦିଷ୍ଟ ଥିଲା । 'ଶାଖା' କଳା କୌଶଳ ଏହି ଉଦ୍ଦେଶ୍ୟ ପାଇଁ ଉଦ୍ରେକ ହେଲା । ୧୯୩୯ରେ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା, କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ଦାବୀ କଲା । କ୍ରିପ୍‌ସ୍ ମିଶନ୍ ୧୯୪୨ରେ ଯୁଦ୍ଧ ଶେଷରେ ଭାରତକୁ 'ସ୍ୱାୟତ୍ତ ଶାସନ' ମର୍ଯ୍ୟାଦା ଯାଚିଲା । କଂଗ୍ରେସ ଏହାକୁ ପ୍ରତ୍ୟାଖାନ କଲା । ୧୯୪୨ ଅଗଷ୍ଟରେ ଗାନ୍ଧି ଓ କଂଗ୍ରେସ ଦ୍ୱାରା ପୂର୍ଣ୍ଣ ସ୍ୱାଧୀନତା ପାଇଁ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ କରାଗଲା । ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ମଧ୍ୟ ଆନ୍ଦୋଳନଟି ଏହି ସମୟରେ ସକ୍ରିୟ ଥିଲା । ଉଭୟ ହିଂସ୍ର ଓ ଅହିଂସ ଆନ୍ଦୋଳନ ଅସଫଳ ହେଲା, କିନ୍ତୁ ଇଂରେଜଙ୍କର ହୃଦବୋଧ ହେଲା ଯେ, ସେମାନଙ୍କୁ ଶୀଘ୍ର ଛାଡ଼ିବାକୁ ପଡ଼ିବ । ୧୯୪୩ରେ ସିଙ୍ଗାପୁରଠାରେ ସୁଭାଷ ଚନ୍ଦ୍ର ବୋଷ ଓ ରାସ ବିହାରୀ ବୋଷ ଇଣ୍ଡିଆନ ଇଣ୍ଡିପେଣ୍ଡେନ୍ସ ଲିଗ୍ ଓ ଭାରତୀୟ ଜାତୀୟ ସେନା, ଯାହାକୁ ଆଜାଦ୍ ହିନ୍ଦ୍ ଫୌଜ ବୋଲି ମଧ୍ୟ କୁହାଯାଏ ଆରମ୍ଭ କଲେ । ଜାପାନୀମାନଙ୍କ ସାହାଯ୍ୟରେ ଆଜାଦ୍ ହିନ୍ଦ୍ ଫୌଜ୍ ଭାରତର ସୀମାରେ ପହଞ୍ଚିଲା ଓ କୋହିମାକୁ ଅଧିକାର କଲା । କିନ୍ତୁ ସେଠାରେ ସବୁ ଓଲଟ ପାଲଟ ହୋଇଗଲା ଓ ଇଂରେଜ ସେନା ଦ୍ୱାରା ଜାପାନ ପରାସ୍ତ ହେଲା । ୧୯୪୫ ଅଗଷ୍ଟରେ ଯେତେବେଳେ ସୁଭାଷ ଚନ୍ଦ୍ର ବୋଷ ଏକ ବିମାନ ଦୁର୍ଘଟଣାରେ ନିହତ ହେଲେ ବୋଲି ବିବୃତି ଦିଆଗଲା ଭାରତୀୟ ଜାତୀୟ ସେନା ଆନ୍ଦୋଳନର ମଧ୍ୟ ପୂର୍ଣ୍ଣପତନ ହୋଇଗଲା । ଯୁଦ୍ଧ ଶେଷରେ ୧୯୪୬ ଆରମ୍ଭରେ ଭାରତରେ ନିର୍ବାଚନ ହେଲା । କଂଗ୍ରେସ ଅଧିକାଂଶ ଆସନ ଜିତିଲା । ଭାରତୀୟଙ୍କୁ କ୍ଷମତା ହସ୍ତାନ୍ତର ତ୍ୱରାନ୍ୱିତ କରିବାକୁ ମାର୍ଚ୍ଚ ୧୯୪୬ରେ ଭାରତକୁ ମନ୍ତ୍ରୀ ପରିଷଦ ଆସିଲା । ମେ ମାସ ୧୬ ତାରିଖରେ ଏହାର ସୁପାରିସ ଏହା ପ୍ରକାଶ କଲା । କ୍ଷମତାର ସର୍ବଶେଷ ହସ୍ତାନ୍ତର ପାଇଁ କ୍ୟାବିନେଟ ମିଶନ୍ ପ୍ଲାନ (ମନ୍ତ୍ରୀ ପରିଷଦ ଯୋଜନା) ଏକ ବିସ୍ତୃତ ଯୋଜନା ହୋଇଥିଲା । କଂଗ୍ରେସ ଓ ମୁସଲିମଲିଗ୍ ମଧ୍ୟରେ ଏହି ଯୋଜନା ଉପରେ ମତାନ୍ତର ହେଲା । ଘଟଣା କ୍ରମେ ଏକ କ୍ଷଣସ୍ଥାୟୀ ସରକାର ଗଢ଼ିବା ପାଇଁ ଭାଇସରୟ ନେହେରୁଙ୍କ ଅଧିନରେ କଂଗ୍ରେସକୁ ନିମନ୍ତ୍ରଣ କଲେ । ମୁସଲିମ୍ ଲିଗ୍ କ୍ରୋଧାନ୍ଧ ହୋଇପଡ଼ିଲା ଓ ସାଂପ୍ରଦାୟିକ ଦଙ୍ଗା ଏବଂ ପ୍ରଚୁର ରକ୍ତପାତ ଏହାର ଫଳାଫଳ ହେଲା । ଅସ୍ଥାୟୀ ସରକାର କିଛି କରିପାରିଲା ନାହିଁ, କାରଣ, ଲିଗ୍ ସହଯୋଗ କଲା ନାହିଁ ଏବଂ ସେମାନଙ୍କର ଦାବୀ ଏକ ଭିନ୍ନ ମୁସଲମାନ ଦେଶ – ପାକିସ୍ଥାନ ପାଇଁ ଜିଦ୍ ଧରି ବସିଲା । ବ୍ରିଟିଶ ପ୍ରଧାନମନ୍ତ୍ରୀ



ଟିପ୍ପଣୀ

ଅଟ୍‌ଲି ଫେବୃୟାରୀରେ ଜୁନ୍ ୧୯୪୮ ସୁଦ୍ଧା କ୍ଷମତା ହସ୍ତାନ୍ତର ପାଇଁ ଯୋଜନା ପ୍ରକାଶ କଲେ । ଏଥିପାଇଁ ବ୍ୟବସ୍ଥା କରିବାକୁ ମାର୍ଚ୍ଚରେ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କୁ ଭାରତକୁ ପଠାଗଲା । ଅନେକ ଚାପ ପାଇଁ ବିଶେଷ କରି ବିସ୍ତୃତ ସାଂପ୍ରଦାୟିକ ରକ୍ତପାତ ଏବଂ ଲିଗ୍ ଓ ଜିନ୍ନାଙ୍କର ସାଲିସବିହୀନ ପ୍ରବୃତ୍ତି ପାଇଁ କଂଗ୍ରେସକୁ ଭାରତ ବିଭାଜନକୁ ଗ୍ରହଣ କରିବାକୁ ପଡ଼ିଲା । ବିଭାଜନ ପରେ ୧୫ ଅଗଷ୍ଟ ୧୯୪୭ରେ ଭାରତ ସ୍ୱାଧୀନ ହେଲା । ଠିକ୍ ମଧ୍ୟରାତ୍ରରେ (୧୪–୧୫ ଅଗଷ୍ଟ) କ୍ଷମତା ହସ୍ତାନ୍ତର ହେଲା ।

## ପାଠଗତ ପ୍ରଶ୍ନାବଳୀ ୫.୨

୧. ପ୍ରସ୍ତର ଉପରେ ଏକ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଚଟାଣ ଉପରେ ଏକ ଲିପି ମୁଦ୍ରଣ ହେଉଥିବାର ପ୍ରଣାଳୀକୁ କ'ଣ କୁହାଯାଏ ?

______________________________

୨. 'ଆନନ୍ଦମଠ'ର ଲେଖକ କିଏ ?

______________________________

୩. 'ବେଦ ଫେରିଯାଅ' ଧ୍ୱନି କିଏ ଦେଇଥିଲେ ?

______________________________

୪. ଜ୍ୟୋତିବା ଫୁଲେ 'ସତ୍ୟେଶୋଧକ ସମାଜ' କେବେ ଆରମ୍ଭ କରିଥିଲେ ?

______________________________

## ତୁମେ କ'ଣ ଶିଖିଲ ?

- ଛାପାକଳର ଉଦ୍ଭାବନ, ଇଉରୋପରେ ନବଜାଗରଣ ଓ ସଂସ୍କାର ଜ୍ଞାନର ପ୍ରସାରକୁ ବାଟ କଢ଼ାଇଲା ଯାହାକି ମୂଳତତ୍ତ୍ୱକୁ ପ୍ରଶ୍ନ କରିବା ପାଇଁ ଜନତାକୁ ଉତ୍ସାହିତ କଲାଭଳି ଘଟଣାବଳୀ ।
- ଭାରତର ପାଶ୍ଚାତ୍ୟ ସହିତ ସଂପର୍କର ପ୍ରକୃତ ଓ ବିଧିବଦ୍ଧ ଫଳାଫଳ ଥିଲା, ଯେହେତୁ ଅନେକ ଗୁଡ଼ିଏ ଧାର୍ମିକ ଓ ସାମାଜିକ ସଂସ୍କାର ଯାହା ସାମାଜିକ କଳୁଷ, ଯଥା – ସତୀପ୍ରଥା, ବାଲ୍ୟବିବାହ, ବିଧବା ପୁନର୍ବିବାହକୁ ବାରଣ, ନିରକ୍ଷରତା, କନ୍ୟାଭ୍ରୁଣହତ୍ୟା ଓ ଜାତିପ୍ରଥାକୁ ଆପତ୍ତି କରିବାକୁ ବାଟ କଢ଼ାଇଲା ।
- ସ୍ୱାମୀ ଦୟାନନ୍ଦ ଜଣେ ମହାନ ବୈଦିକ ଶିକ୍ଷାର୍ଥୀଙ୍କର ଅନୁଗାମୀମାନେ ୧୮୭୫ରେ ଆର୍ଯ୍ୟସମାଜ ପ୍ରତିଷ୍ଠା କଲେ ଏବଂ ଅସ୍ପୃଶ୍ୟତା, ବହୁଈଶ୍ୱରବାଦ ଓ ମୂର୍ତ୍ତିପୂଜା ବିରୋଧରେ ସଂଗ୍ରାମ କଲେ ଏବଂ ମହିଳାମାନଙ୍କ ପାଇଁ ସମାନ ମର୍ଯ୍ୟାଦାର ପକ୍ଷ ସମର୍ଥନ କଲେ ।
- ୧୭୯୮ରେ ପ୍ରସ୍ତର ମୁଦ୍ରଣର ଉଦ୍ଭାବନ ଏକ ମାଇଲଖୁଣ୍ଟ ଥିଲା, ଯେହେତୁ ଏହା ଭାରତୀୟମାନଙ୍କୁ ଅନେକ ସହରରେ ଛାପାକଳ ବସେଇବାରେ ସାହାଯ୍ୟ କଲା ଏବଂ ସମ୍ବାଦପତ୍ର ଓ ପତ୍ରପତ୍ରିକାମାନ ଆରମ୍ଭ କଲା । ଆଧୁନିକ ଭାରତୀୟ ଭାଷାଗୁଡ଼ିକର ବିପୁଳ ବୃଦ୍ଧି ଦିଗକୁ ମଧ୍ୟ ଏହା ବାଟ କଢ଼େଇଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ଇଉରୋପରେ ନବଜାଗରଣ ଓ ସଂସ୍କାର ଆନ୍ଦୋଳନର ଭାରତ ଉପରେ ପ୍ରଭାବଗୁଡ଼ିକ ବର୍ଣ୍ଣନା କର ।

୨. ସଂସ୍କାର ଆନ୍ଦୋଳନରେ ଆର୍ଯ୍ୟ ସମାଜର ଭୂମିକାକୁ ପରଖ କର ।

୩. ଶିକ୍ଷା କ୍ଷେତ୍ରରେ ଦୟାନନ୍ଦ ସରସ୍ୱତୀଙ୍କର ଅବଦାନ କ'ଣ ଥିଲା ?

୪. ପ୍ରସ୍ତର ମୁଦ୍ରଣ କ'ଣ ? ଭାରତୀୟ ଭାଷାଗୁଡ଼ିକର ବୃଦ୍ଧିରେ ଏହା କିପରି ଭାବରେ ସହାୟକ ହୋଇଛି ?

୫. ଭାରତୀୟମାନଙ୍କୁ ଜାଗ୍ରତ କରିବାରେ ରାଜା ରାମମୋହନ ରାୟଙ୍କର ଭୂମିକା ଲେଖ ।

୬. ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଉପରେ ଏକ ରଚନା ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୫.୧
୧. ଇଂଲଣ୍ଡ
୨. ମହୀଶୂରର ଟିପୁ ସୁଲତାନ
୩. ତିନୋଟି ସ୍ତର

୫.୨
୧. ଶିଳାମୁଦ୍ରଣ
୨. ବଙ୍କିମ ଚନ୍ଦ୍ର
୩. ସ୍ୱାମୀ ଦୟାନନ୍ଦ
୪. ୧୮୭୩